# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଡିସେମ୍ବର ୨୮/୨୦୧୯ (୨୦ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, December 28 / 2019 ★★

୧୬ଶ ଭାଗ ୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**‘ଗୁଡ୍ ନ୍ୟୁଜ୍’ରେ ରେକର୍ଡ କରିବେ ଅକ୍ଷୟ**

ଅକ୍ଷୟ କୁମାର ଅଭିନୀତ ‘କେସରୀ’, ‘ମିଶନ୍ ମଙ୍ଗଲ୍’ ଏବଂ ‘ହାଉସ୍‌ଫୁଲ୍-୪’ ପରେ ‘ଗୁଡ୍ ନ୍ୟୁଜ୍’ ଆସିଛି। ଏହା ହିଟ୍ ହେଲେ ଅକ୍ଷୟ ନିଜ ଶ୍ୱଶୁର ରାଜେଶ୍ ଖାନ୍ନାଙ୍କ ରେକର୍ଡ ଭାଙ୍ଗିବେ ।

୧୪

୧୯

**ଶାନ୍ତନୁଙ୍କ ପ୍ରଥମ ଶତକ**

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଉତ୍ତରାଖଣ୍ଡ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି ଓଡ଼ିଶାର ଶାନ୍ତନୁ ମିଶ୍ର।



# ମାର୍ଚ୍ଚ ୩ରୁ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

- ମାର୍ଚ୍ଚ ୪ରୁ କଳା ଓ ବାଣିଜ୍ୟ ପରୀକ୍ଷା
- ଜାନୁୟାରୀ ୨୭ରୁ ପ୍ରାକ୍ଟିକାଲ
- ସବୁ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ

ମାର୍ଚ୍ଚ ୩ରୁ ଆରମ୍ଭ ହେବ ଚଳିତବର୍ଷର ଯୁକ୍ତ ଦୁଇ ପରୀକ୍ଷା । ଏ ନେଇ ଶୁକ୍ରବାର ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ମାର୍ଚ୍ଚ ୩ରୁ ଯୁକ୍ତ ୨ ବିଜ୍ଞାନ ଥିଓରି ପରୀକ୍ଷା ଆରମ୍ଭ ହୋଇ ସେହି ମାସ ୨୮ରେ ଶେଷ ହେବ। ସେହିପରି ଯୁକ୍ତ ୨ ବାଣିଜ୍ୟ ଏବଂ କଳା ପରୀକ୍ଷା ମାର୍ଚ୍ଚ ୪ରୁ ଆରମ୍ଭ ହୋଇ ଯଥାକ୍ରମେ ସେହି ମାସ ୨୬ ଓ ୨୭ ତାରିଖରେ ଶେଷ ହେବ। ମାର୍ଚ୍ଚ ୧୬ରୁ ଧନ୍ଦାମୂଳକ ଶିକ୍ଷା ବିଭାଗର ପରୀକ୍ଷା ଆରମ୍ଭ ହୋଇ ୨୮ ଯାଏ ଚାଲିବ। ଜାନୁୟାରୀ ୨୭ରୁ ଫେବୃୟାରୀ ୫ ପର୍ଯ୍ୟନ୍ତ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ବିଭାଗର ପ୍ରାକ୍ଟିକାଲ ପରୀକ୍ଷା ହେବ। ଚଳିତବର୍ଷ ମୋଟ ୩ ଲକ୍ଷ ୪୯ ହଜାର ୧୫୪ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ଉଚ୍ଚ ମାଧ୍ୟମିକ ପରିଷଦର ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ସୂଚନା ଦେଇଛନ୍ତି।

କଳା ବିଭାଗରେ ସର୍ବାଧିକ ୨ ଲକ୍ଷ ୧୮ ହଜାର ୮୩୮ ଜଣ ପରୀକ୍ଷା ଦେବାକୁ ଥିବାବେଳେ ବିଜ୍ଞାନରେ ୯୭ ହଜାର ୫୩୬ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେହିଭଳି ବାଣିଜ୍ୟରେ ମୋଟ ୨୫ ହଜାର ୭୭୦ ଓ ଧନ୍ଦାମୂଳକ ଶିକ୍ଷା ବିଭାଗରେ ୭ ହଜାର ୧୭ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ମାର୍କ ଅନୁଯାୟୀ ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ଶେଷ ହେବ। ପରିଷଦ ପକ୍ଷରୁ ଜାରି କାର୍ଯ୍ୟସୂଚୀ ଅନୁଯାୟୀ, ମାର୍ଚ୍ଚ ୩ରେ ବିଜ୍ଞାନ ବିଭାଗର ମାତୃଭାଷା(ଓଡ଼ିଆ) ପରୀକ୍ଷା ଥିବାବେଳେ ୬ରେ ଇଂଲିଶ, ୧୧ରେ ଗଣିତ, ୧୪ରେ ପଦାର୍ଥ ବିଜ୍ଞାନ, ୧୭ରେ ରସାୟନ ବିଜ୍ଞାନ, ୧୮ରେ ଭୂତତ୍ତ୍ୱ ବିଜ୍ଞାନ, ୨୦ରେ କମ୍ପ୍ୟୁଟର ସାଇନ୍ସ, ବାୟୋଟେକ୍, ଇଲେକ୍ଟ୍ରୋନିକ୍ସ ଓ ୨୩ରେ ଜୀବ ବିଜ୍ଞାନ ପରୀକ୍ଷା ରହିଛି। ସେହିଭଳି ୨୪ରେ ଉଭୟ କଳା ଓ ବିଜ୍ଞାନ ବିଭାଗର ଅର୍ଥନୀତି, ୨୫ରେ କଳା ଓ ବିଜ୍ଞାନ ବିଭାଗର ପରିସଂଖ୍ୟାନ(ଷ୍ଟାଟିଷ୍ଟିକ୍ସ), ୨୭ରେ କଳା ଓ ବିଜ୍ଞାନର ଭୂଗୋଳ ବିଷୟର ପରୀକ୍ଷା ରହିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଜୀବ ବିଜ୍ଞାନ ପରୀକ୍ଷାର୍ଥୀ ଦୁଇଟି ସିଟିଂରେ ପରୀକ୍ଷା ଦେବାକୁ ସ୍ଥିର ହୋଇଥିବାବେଳେ ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ମଧ୍ୟରେ ଉଦ୍ଭିଦ ବିଜ୍ଞାନ ଏବଂ ୧୧ଟା ୫୦ରୁ ଅପରାହ୍ନ ୧ଟା ୨୦ ପର୍ଯ୍ୟନ୍ତ ପ୍ରାଣୀ ବିଜ୍ଞାନ ପରୀକ୍ଷା ହେବ।

ସେହିଭଳି ମାର୍ଚ୍ଚ ୪ରେ କଳା ଓ ବାଣିଜ୍ୟ ବିଭାଗର ମାତୃଭାଷା(ଓଡ଼ିଆ) ଓ ୭ରେ ଇଂଲିଶ ପରୀକ୍ଷା ହେବ। ୧୧ରେ କଳା ବିଭାଗର ଗଣିତ ଓ ଗୃହ ବିଜ୍ଞାନ, ୧୨ରେ ରାଜନୀତି ବିଜ୍ଞାନ, ୧୬ରେ ଇତିହାସ, ୧୮ରେ ଶିକ୍ଷା/ଭାରତୀୟ ସଙ୍ଗୀତ/ମନୋବିଜ୍ଞାନ, ୧୯ରେ ଅନ୍ୟାନ୍ୟ ଭାଷା(ଓଡ଼ିଆ, ହିନ୍ଦୀ, ☞ପୃଷ୍ଠା–୪

# ବିପିସିଏଲ୍ ଏଲ୍‌ପିଜି ବଟ୍‌ଲିଂ ପ୍ଲାଣ୍ଟ ଲୋକାର୍ପିତ



ବଲାଙ୍ଗୀର ବରକାନୀଠାରେ ବିପିସିଏଲ ଏଲପିଜି ବଟ୍‌ଲିଂ ପ୍ଲାଣ୍ଟର ଲୋକାର୍ପଣ ଉତ୍ସବରେ ବାମରୁ ବିପିସିଏଲ କମ୍ପାନୀ ସିଏମ୍‌ଡି ଡି. ରାଜକୁମାର, ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ।

- ବାର୍ଷିକ ୪୨ ଲକ୍ଷ ଏଲ୍‌ପିଜି ବଟ୍‌ଲିଂ ଉତ୍ପାଦନ କ୍ଷମତା
- ଉଦ୍‌ଘାଟନ କଲେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ
- ଏକ ଭାରତ, ଶ୍ରେଷ୍ଠ ଭାରତର ପ୍ରଥମ ପଦକ୍ଷେପ: ରାଜ୍ୟପାଳ
- ଗୋଡି ଖଟିବା ମାନସିକତା ଛାଡି ଚାକିରି ଦେବାକୁ ଚିନ୍ତା କରିବା : ଧର୍ମେନ୍ଦ୍ର
- ଖରାପ ପାଗ ଯୋଗୁ ଆସିପାରିଲେନି ଉପରାଷ୍ଟ୍ରପତି
- ରାୟପୁରରୁ ଦେଲେ ଶୁଭେଚ୍ଛା ବାର୍ତ୍ତା

ବଲାଙ୍ଗୀର ଅଫିସ,୨୭।୧୨

ବଲାଙ୍ଗୀର ସହର ଉପକଣ୍ଠ ବରକାନୀଠାରେ ଭାରତ ପେଟ୍ରୋଲିୟମ୍ ନିଗମ ଲିମିଟେଡ (ବିପିସିଏଲ) ପକ୍ଷରୁ ନିର୍ମିତ ଏଲ୍‌ପିଜି ବଟ୍‌ଲିଂ ପ୍ଲାଣ୍ଟକୁ ଶୁକ୍ରବାର ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକାର୍ପଣ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପ୍ଲାଣ୍ଟର ଉଦ୍‌ଘାଟନ କରିଛନ୍ତି। ନବନିର୍ମିତ ପ୍ଲାଣ୍ଟ ପରିସରରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡିଶାର ଉଚ୍ଚଶିକ୍ଷା ଓ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ବଲାଙ୍ଗୀର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର ଏବଂ ବିପିସିଏଲ କମ୍ପାନୀ ସିଏମ୍‌ଡି ଡି.ରାଜକୁମାର ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେଇ ରାଷ୍ଟ୍ର ଉଦ୍ଦେଶ୍ୟରେ ପ୍ଲାଣ୍ଟକୁ ସମର୍ପଣ କରିବାର କାର୍ଯ୍ୟକ୍ରମ ଥିଲା। ଉପରାଷ୍ଟ୍ରପତି ନାଇଡୁ ନୂଆଦିଲ୍ଲୀରୁ ରାୟପୁର ପର୍ଯ୍ୟନ୍ତ ବିମାନରେ ଆସିଥିଲେ ମଧ୍ୟ ଖରାପ ପାଗ ଯୋଗୁ ବଲାଙ୍ଗୀରରେ ପହଞ୍ଚି ପାରି ନ ଥିଲେ । ତେବେ ରାୟପୁରରୁ ଉପରାଷ୍ଟ୍ରପତି ନାଇଡୁ ଫୋନ୍ ଯୋଗେ ତାଙ୍କର ଶୁଭେଚ୍ଛା ବାର୍ତ୍ତା ଜଣାଇଥିଲେ। ବଟ୍‌ଲିଂ ପ୍ଲାଣ୍ଟ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ବଡ଼ ଅଗ୍ରଗତି ଦେବ । ପଶ୍ଚିମ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଏହି ପ୍ଲାଣ୍ଟ ସହାୟକ ହେବ ବୋଲି ଉପରାଷ୍ଟ୍ରପତି ତାଙ୍କ ଅଡିଓ ବାର୍ତ୍ତାରେ କହିଛନ୍ତି।

ରାଜ୍ୟପାଳ ଲାଲ ତାଙ୍କ ଉଦ୍‌ବୋଧନରେ ଏହି ପ୍ଲାଣ୍ଟ ‘ଏକ ଭାରତ ଶ୍ରେଷ୍ଠ ଭାରତ’ର ଅଂଶବିଶେଷ ଓ ପୂର୍ବୋଦୟରୁ ଭାରତ ଉଦୟର ସ୍ୱପ୍ନକୁ ସାକାର କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବକ୍ତବ୍ୟ ପ୍ରାରମ୍ଭରେ ନିର୍ଦ୍ଧାରିତ ସମୟର ୫ ମାସ ପୂର୍ବରୁ ପ୍ଲାଣ୍ଟ ସମ୍ପୂର୍ଣ୍ଣ ହୋଇଥିବାରୁ ବିପିସିଏଲ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ। ଏହି ପ୍ଲାଣ୍ଟ ଅଞ୍ଚଳର ☞ପୃଷ୍ଠା–୪

# ବାୟୁସେନାରୁ ଅବସର ନେଲା ମିଗ୍–୨୭

ଯୋଧପୁର,୨୭।୧୨(ପି.ଟି.)



କାର୍‌ଗିଲ୍ ଯୁଦ୍ଧବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବା ଯୁଦ୍ଧବିମାନ ମିଗ୍–୨୭ ଶୁକ୍ରବାର ବାୟୁସେନାରୁ ଅବସର ନେଇଛି। ରାଜସ୍ଥାନର ଯୋଧପୁର ଏୟାରବେସ୍‌ରେ ଥିବା ମିଗ୍ ସ୍କ୍ୱାଡ୍ରନ୍ ବାୟୁସେନାରୁ ସେବା ନିବୃତ୍ତ ହୋଇଛି। ଫଳରେ ଗୋଟିଏ ଯୁଗର ଅନ୍ତ ଘଟିଛି। ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବାୟୁସେନାକୁ ସେବା ଯୋଗାଇ ଆସିଥିବା ମିଗ୍–୨୭ ଶୁକ୍ରବାର ଯୋଧପୁର ଏୟାର ବେସ୍‌ରୁ ଶେଷ ଉଡ଼ାଣ ଭରିଥିଲା। ଏହି କାର୍ଯ୍ୟକ୍ରମରେ ଏୟାର ମାର୍ଶାଲ ଏସ୍.କେ. ଗୋଟିଆ ଉପସ୍ଥିତ ଥିଲେ। ୧୯୮୫ରେ ଏହି ଲଢୁଆ ବିମାନ ବାୟୁସେନାରେ ସାମିଲ ହେବା ପରେ ଏହାର ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ ପରିଣତ ହୋଇଥିଲା। କାର୍ଗିଲ ଯୁଦ୍ଧରେ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଏହାକୁ ବାୟୁସେନା ପାଇଲଟମାନେ ‘ବାହାଦୁର’ ନାଁ ଦେଇଥିଲେ।

# ସେଲ୍‌ଫି ବେଳେ ଯୁବକଙ୍କୁ କଚାଡ଼ିଲା ଦନ୍ତା

କୁଆମରା, ୨୭।୧୨ (ଡି.ଏନ୍.ଏ.)

ହାତୀ ଦେଖିବାକୁ ଯାଇ ଜଣେ ଯୁବକ ମୋବାଇଲରେ ସେଲ୍‌ଫି ନେବା ବେଳେ ମାଡ଼ି ଆସିଲା ବିପଦ। ୫୦୦ ମିଟର ପର୍ଯ୍ୟନ୍ତ ଗୋଡାଇଲା ଦନ୍ତାହାତୀ। ଶୁଣ୍ଢରେ ତାଙ୍କୁ ଉଠାଇ ଫିଙ୍ଗିଦେଲା କିଛି ଦୂରକୁ । ସୌଭାଗ୍ୟବଶତଃ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଥିଲେ ଏହି ଯୁବକ। ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ଜୟପୁର ପଞ୍ଚାୟତର ଦାମାସାହି ଗ୍ରାମ ନିକଟରେ ଶୁକ୍ରବାର ଏହି ଘଟଣା ଘଟିଛି। ସେଲ୍‌ଫି ଉଠାଉଥିବା ଏହି ଯୁବକଙ୍କ ପରିଚୟ ଜଣାପଡ଼ି ନାହିଁ।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଞ୍ଚଳରୁ ୭ଟି ହାତୀ କୁଆମରା ବନାଞ୍ଚଳକୁ ବୁଧବାର ରାତିରେ ପଶି ଆସିଥିଲେ। କଡଦା ଗ୍ରାମର ଚାଷ ଜମିରେ ପଶି ବ୍ୟାପକ କ୍ଷୟକ୍ଷତି କରିଥିଲେ। ଗୁରୁବାର କୁଆମରା ଫରେଷ୍ଟର ଧ୍ରୁବଚରଣ ବସନ୍ତିଆଙ୍କ ତତ୍ତ୍ୱାବଧାନ ଓ ଗ୍ରାମ ଲୋକଙ୍କ ସହାୟତାରେ ହାତୀ ପଲଙ୍କୁ ନୀଳଗିରି ଅଞ୍ଚଳକୁ ଘଉଡାଇ ଦିଆଯାଇଥିଲା। ☞ପୃଷ୍ଠା–୪

**ଆଇଏସ୍ଏଲ୍ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ବିଜୟୀ**

........୧୮........

**ଆଜିର ସମ୍ପାଦକୀୟ**

**ଇସ୍ତଫା ଧାରା**


Vencobb Fresh Chicken — Taste the difference!

27.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 87 | 141 | 151 |
| CTC | 84 | 137 | 147 |
| DKL | 88 | 142 | 152 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 89 | 144 | 154 |
| BHM | 90 | 145 | 155 |

*Conditions Apply

Issued in the Interest of Consumers









ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ), ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍ପିଆର୍)କୁ ସରକାର ତ୍ରିଶୂଳ ଭଳି ଜନସାଧାରଣଙ୍କ ବିରୋଧରେ ପ୍ରୟୋଗ କରୁଛନ୍ତି।
-ବ୍ରିନ୍ଦା କରାଟ, ସିପିଏମ୍ ନେତ୍ରୀ



## ମନମୋହନଙ୍କ ଅମଳରେ ପାକିସ୍ତାନରୁ ଅନୁପ୍ରବେଶ କରୁଥିଲେ

# ଆଲିଆ, ମାଲିଆ, ଜମାଲିଆ

ଶିମ୍ଲା/ନୂଆଦିଲ୍ଲୀ,୨୭।୧୨

୧୦ ବର୍ଷ ଧରି କଂଗ୍ରେସ ସରକାର ଚାଲିଥିଲା। ସୋନିଆ ମନମୋହନଙ୍କ ସରକାର ବେଳେ ପାକିସ୍ତାନରୁ ଆଲିଆ, ମାଲିଆ ଓ ଜମାଲିଆମାନେ ରୀତିମତ ଆସି ଆମ ଯବାନଙ୍କ ମୁଣ୍ଡ କାଟି ନେଇଯାଉଥିଲେ। ଦେଶର ପ୍ରଧାନମନ୍ତ୍ରୀ ସେତେବେଳେ ପଦୁଟିଏ କହୁ ନ ଥିଲେ। ସେମାନେ ସୀମାକୁ ମୁକୁଳା ଛାଡ଼ି ଚାଲିଯାଇଥିଲେ। ନରେନ୍ଦ୍ର ମୋଦି ସରକାର କ୍ଷମତାକୁ ଆସିବା ପରେ ପାକିସ୍ତାନ ଭାବିଥିଲା ସବୁକିଛି ପୂର୍ବଭଳି ଚାଲିବ। ପାକିସ୍ତାନୀମାନେ ଜାଣି ନ ଥିଲେ ଯେ, ଏହା କଂଗ୍ରେସ



ସରକାର ନୁହେଁ, ଏହା ହେଉଛି ଭାଜପା ସରକାର। ନାଗରିକତ୍ୱ ଆଇନକୁ ନେଇ ଦେଶବ୍ୟାପୀ ଆନ୍ଦୋଳନକୁ କଂଗ୍ରେସ ପ୍ରସଙ୍ଗ କରିଥିବାବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ

### ଶାହାବାଣ

- ସୀମାକୁ ମୁକୁଳା ଛାଡ଼ିଯାଇଥିଲେ ସୋନିଆ-ମନମୋହନ
- ଯବାନଙ୍କ ମୁଣ୍ଡ କାଟି ନେଇ ଯାଉଥିଲେ ପାକିସ୍ତାନୀ
- ମୋଦି ସରକାର ଆସିବା ପରେ ବନ୍ଦ ହୋଇଛି ଏସବୁ
- କାହାର ନାଗରିକତ୍ୱ ଛଡ଼ାଇବ ନାହିଁ ସିଏଏ

ସିଂଙ୍କୁ ଏଭଳି ଭାଷାରେ ବାଣ ମାରିଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହା। ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଶୁକ୍ରବାର କଂଗ୍ରେସ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ହିମାଚଳପ୍ରଦେଶରେ ଭାଜପା ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ରାଜଧାନୀ ଶିମ୍ଲାସ୍ଥିତ ରିଜ୍ ମଇଦାନରେ ଆୟୋଜିତ ଏକ ସଭାରେ ଯୋଗଦେଇ ଶାହା କହିଛନ୍ତି, ସଂଶୋଧିତ ନାଗରିକତ୍ୱ ଆଇନକୁ ନେଇ କଂଗ୍ରେସ ଲୋକଙ୍କୁ ବିଭ୍ରାନ୍ତ କରୁଛି। ମୁସ୍‌ଲିମମାନେ ସେମାନଙ୍କ ନାଗରିକତ୍ୱ ହରାଇବେ ବୋଲି କଂଗ୍ରେସ ଏବଂ କମ୍ପାନୀ ଗୁଜବ ବିସ୍ତାର କରୁଛି। ଏହି ଆଇନ କାହାର ନାଗରିକତ୍ୱ ଛଡ଼ାଇ ନେବନାହିଁ। ଏହି ଆଇନର କୌଣସି ସ୍ଥାନରେ କାହାର ନାଗରିକତ୍ୱ ପ୍ରତ୍ୟାହାର ସମ୍ପର୍କିତ ଗୋଟିଏ ହେଲେ ଧାଡ଼ି ରହିଥିଲେ ରାହୁଲ ବାବା ତାହା ଦେଖାନ୍ତୁ। ରାହୁଲଙ୍କୁ ମୁଁ ଚ୍ୟାଲେଞ୍ଜ କରୁଛି। ସେହିପରି ମନମୋହନ ସିଂଙ୍କ ଅମଳରେ ପାକିସ୍ତାନରୁ ନିୟମିତ ଭାବେ 'ଆଲିଆ-ମାଲିଆ-ଜମାଲିଆ' ଭାରତରେ ଅନୁପ୍ରବେଶ କରି ଆମ ଯବାନମାନଙ୍କୁ ହତ୍ୟା କରୁଥିଲେ। ମୋଦି ସରକାର ଆସିବା ପରେ ଆମେ ତାକୁ ବନ୍ଦ କରିଦେଇଛୁ। ଧାର୍ମିକ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଅଧିକାରଗୁଡ଼ିକର ସୁରକ୍ଷା ପାଇଁ ନେହେରୁ-ଲିଆକତଙ୍କ ଚୁକ୍ତିକୁ କାର୍ଯ୍ୟକାରୀ କରିବାରେ ପାକିସ୍ତାନ ବିଫଳ ହୋଇଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ପାର୍ଲାମେଣ୍ଟରେ ନାଗରିକତ୍ୱ ବିଲ୍‌କୁ ଗୃହୀତ କରାଇଛି ବୋଲି ଶାହା କହିଛନ୍ତି।

## ମୋଦିଙ୍କ ମିଛ ଧରାପକାଇଲେ ଗୋଗୋଇ

ଗୁଆହାଟୀ,୨୭।୧୨

### ଅଟକ କେନ୍ଦ୍ର ନିର୍ମାଣ ପାଇଁ ଦେଇଥିଲେ ୪୬ କୋଟି



ଦେଶରେ ଅଟକ କେନ୍ଦ୍ର ନାହିଁ ବୋଲି ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିବାବେଳେ ଏହାକୁ ନେଇ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇ ପ୍ରଶ୍ନ ଉଠାଇଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରୁ ବେଆଇନ ଶରଣାର୍ଥୀମାନଙ୍କ ପାଇଁ ଅଟକ କେନ୍ଦ୍ର ନିର୍ମାଣ ନିମନ୍ତେ ରାଜ୍ୟଗୁଡ଼ିକୁ କୁହାଯାଇଥିଲା। ଯେଉଁ ବିଦେଶୀମାନେ ବେଆଇନ ଭାବେ ପ୍ରବେଶ କରିଥିବା ଅଭିଯୋଗରେ ଜେଲ୍ ଅବଧି ପୂରଣ କରିସାରିଛନ୍ତି, ସେମାନଙ୍କୁ ଉକ୍ତ ଅଟକ କେନ୍ଦ୍ରରେ ରଖିବା ପାଇଁ ନିଷ୍ପତ୍ତି ହୋଇଥିଲା। ମୋଦି କ୍ଷମତାକୁ ଆସିବା ପରେ ଆସାମରେ ୩୦୦୦ ଲୋକ ରହିବା ଭଳି ଦେଶର ସର୍ବବୃହତ୍ ଅଟକ କେନ୍ଦ୍ର ନିର୍ମାଣ ଲାଗି ୪୬ କୋଟି ଟଙ୍କା ଦେଇଥିଲେ। ସେ ଏକଥା କିପରି ଭୁଲିଗଲେ ବୋଲି ଗୋଗୋଇ ପ୍ରଶ୍ନ କରିଛନ୍ତି। ୨୦୦୧ରୁ ୨୦୧୬ ଆସାମରେ କ୍ଷମତାସୀନ ଥିବା ଗୋଗୋଇଙ୍କ ସରକାର ଗୁଆହାଟୀ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଘୋଷିତ ବିଦେଶୀମାନଙ୍କ ଲାଗି ଅଟକ କେନ୍ଦ୍ର ନିର୍ମାଣ କରିଥିଲେ। ଏନ୍ଆର୍ସି ବିବାଦରୁ ବର୍ତ୍ତିବା ପାଇଁ ଏବେ ପ୍ରଧାନମନ୍ତ୍ରୀ ମିଛ କହୁଛନ୍ତି। ବେଆଇନ ଶରଣାର୍ଥୀ ଚିହ୍ନଟ କରିବା ଓ ସେମାନଙ୍କୁ ଅଟକ ରଖିବାରେ ଧର୍ମକୁ କାରଣ ଭାବେ ନିଆଯାଇ ନ ଥିଲା। ତେଣୁ ଅଟକ କେନ୍ଦ୍ରଗୁଡ଼ିକରେ ମୁସଲମାନଙ୍କ ଅପେକ୍ଷା ଅଧିକ ହିନ୍ଦୁ ଅଟକ ରହିଥିଲେ। ନୂଆ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ସେମାନଙ୍କୁ ଛାଡ଼ିଦେବା ପାଇଁ ୩ ବର୍ଷ ପରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## 'ଏନ୍ଆର୍ସି-ଏନ୍ପିଆର୍ ଗରିବଙ୍କ ଉପରେ ଟାକ୍ସ'

ନୂଆଦିଲ୍ଲୀ,୨୭।୧୨(ପି.ଟି.): ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ), ଜାତୀୟ ନାଗରିକତ୍ୱ ପଞ୍ଜିକା (ଏନ୍ଆର୍ସି) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍ପିଆର୍)କୁ ନେଇ ଶାସକ ଭାଜପା ଓ ବିରୋଧୀ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ଥମିବାର ନାଁ ନେଉନାହିଁ। ଏହି ପ୍ରସଙ୍ଗରେ ଦୁଇଦଳ ପକ୍ଷରୁ ଆରୋପ-ପ୍ରତ୍ୟାରୋପ ଜାରି ରହିଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏନ୍ଆର୍ସି ଏବଂ ଏନ୍ପିଆର୍‌କୁ ଲୋକଙ୍କ ଉପରେ ଏକ ଟିକସ ବୋଝ ବୋଲି ଅଭିହିତ କରିଥିବାବେଳେ ତାଙ୍କୁ ଏବର୍ଷର ସର୍ବଶ୍ରେଷ୍ଠ ମିଛୁଆ ବୋଲି କହିଛି ଭାଜପା। ଛତିଶଗଡ଼ ରାଜଧାନୀ ରାୟପୁରରେ



ରାହୁଲ ଗାନ୍ଧୀ



ପ୍ରକାଶ ଜାଭଡେକର

ଶୁକ୍ରବାର ଜାତୀୟ ଆଦିବାସୀ ନୃତ୍ୟୋତ୍ସବ ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ରାହୁଲ କହିଛନ୍ତି, ଏନ୍ଆର୍ସି ହେଉ କି ଏନ୍ପିଆର୍, ଏହା ଗରିବ ଲୋକଙ୍କ ଉପରେ ଏକ ଟାକ୍ସ। ବ୍ୟାଙ୍କକୁ ଗଲେ ନିଜ ଆକାଉଣ୍ଟରୁ ଟଙ୍କା ଉଠାଇ ହେଉନାହିଁ। ଗରିବ ଲୋକେ ଅଫିସରମାନଙ୍କ ନିକଟକୁ ଗଲେ ନିଜ ଦସ୍ତାବିଜ ଦେଖାଇବା ସହ ଲାଞ୍ଚ ଦେବାକୁ ପଡୁଛି। ଗରିବଙ୍କ ପକେଟରୁ କୋଟି କୋଟି ଟଙ୍କା ଛଡ଼ାଇ ନିଆଯାଇ ସମାନ ୧୫ ଜଣଙ୍କୁ ଦିଆଯାଉଛି। ଏହା ହେଉଛି ସତ୍ୟତା। ଏହା ହିଁ ଗରିବଙ୍କ ଉପରେ ଆକ୍ରମଣ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ବୁଝିପାରୁନାହାନ୍ତି

### ରାହୁଲ ଏବର୍ଷର ସର୍ବଶ୍ରେଷ୍ଠ ମିଛୁଆ: ଭାଜପା

ଏବଂ ଦେଶର ସମୟ ବରବାଦ ହେଉଛି ବୋଲି ରାହୁଲ ସମାଲୋଚନା କରିଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି, ରାହୁଲ ହେଉଛନ୍ତି '୨୦୧୯ର ସବୁଠୁ ବଡ଼ ମିଛୁଆ'। ରାହୁଲଙ୍କ ମନ୍ତବ୍ୟ ପାଇଁ କଂଗ୍ରେସ ଓ ତାଙ୍କ ପରିବାରକୁ ଲଜ୍ଜିତ ହେବାକୁ ପଡ଼ିଛି। କଂଗ୍ରେସ ଦେଶରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ କରୁଛି। ନାଗରିକତ୍ୱ ଆଇନ ଏବଂ ଏନ୍ପିଆର୍ ଉପରେ ଲୋକେ ସରକାରଙ୍କୁ ସମର୍ଥନ କରନ୍ତୁ ବୋଲି ଜାଭଡେକର ଅନୁରୋଧ କରିଛନ୍ତି।



ସିଏଏ, ଏନ୍ଆର୍ସି ଏବଂ ଏନ୍ପିଆର୍ ପ୍ରତ୍ୟାହାର ସହ ଭୀମ ଆର୍ମି ନେତା ଚନ୍ଦ୍ରଶେଖର ଆଜାଦଙ୍କ ମୁକ୍ତି ଦାବିରେ ଦିଲ୍ଲୀରେ ବିକ୍ଷୋଭରତ ସମର୍ଥକ।

## ଜାମା ମସ୍‌ଜିଦ ବାହାରେ ସିଏଏ ବିରୋଧୀ ବିକ୍ଷୋଭ

ନୂଆଦିଲ୍ଲୀ,୨୭।୧୨(ପି.ଟି.): ପ୍ରବଳ ଥଣ୍ଡାକୁ ଖାତିର ନ କରି ପୁରୁଣା ଦିଲ୍ଲୀର ଜାମା ମସ୍‌ଜିଦ ବାହାରେ ଶତାଧିକ ଲୋକ ରୁଣ୍ଡ ହୋଇ ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ କଂଗ୍ରେସ ନେତା ଅଲକା ଲାମ୍ବା, ଦିଲ୍ଲୀର ପୂର୍ବତନ ବିଧାୟକ ସୋଏବ୍ ଇକ୍‌ବାଲ ପ୍ରମୁଖ ଯୋଗଦେଇଥିଲେ। ବେରୋଜଗାରି ଦେଶର ବଡ଼ ସମସ୍ୟା ହୋଇଥିବାବେଳେ ଏହାକୁ ଅଣଦେଖା କରି ପ୍ରଧାନମନ୍ତ୍ରୀ ଏନ୍ଆର୍ସି ପାଇଁ ଲୋକଙ୍କୁ ଧାଡ଼ିରେ ଛିଡ଼ା କରାଇବାକୁ ଉଦ୍ୟମ କରୁଛନ୍ତି । ଦେଶ ଓ ସମ୍ବିଧାନ ପାଇଁ ଗଣତନ୍ତ୍ରର ସ୍ୱର ଉଠାଇବା ଜରୁରୀ ବୋଲି ଲାମ୍ବା କହିଥିଲେ। ଶୁକ୍ରବାର ନମାଜ ପାଠ ପାଇଁ ଆସିଥିବା ଲୋକମାନେ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ।

## ସିଏଏ ସପକ୍ଷ ଓ ବିପକ୍ଷରେ ରାଲି

ମୁମ୍ବାଇ,୨୭।୧୨(ପି.ଟି.): ମୁମ୍ବାଇରେ ଶୁକ୍ରବାର ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍ସି) ସପକ୍ଷ ଓ ବିପକ୍ଷରେ ରାଲି କରାଯାଇଥିଲା। ଦକ୍ଷିଣ ମୁମ୍ବାଇର ଆଜାଦ ମଇଦାନରେ ଛାତ୍ରୀଛାତ୍ର ଓ ସାମାଜିକ କର୍ମୀମାନେ ଉପରୋକ୍ତ ଆଇନ ବିରୋଧରେ ବିକ୍ଷୋଭ କରିଥିଲେ। ଅନ୍ୟପକ୍ଷରେ ଅଗଷ୍ଟ କ୍ରାନ୍ତି ମଇଦାନଠାରେ ସିଏଏ ସପକ୍ଷ ରାଲିରେ ହଜାର ହଜାର ଲୋକ ସାମିଲ ହୋଇଥିଲେ। ଭାଜପାର ସମ୍ବିଧାନ ସମ୍ମାନ ମଞ୍ଚ ପକ୍ଷରୁ କ୍ରାନ୍ତି ମଇଦାନ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ମଞ୍ଚ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସିଏଏ ସପକ୍ଷ ରାଲିର ଆୟୋଜନ କରାଯାଇଥିଲା। ସୂଚନାଯୋଗ୍ୟ ଗତ ୧୯ରେ ଅଗଷ୍ଟ କ୍ରାନ୍ତି ମଇଦାନରେ ଅଣଭାଜପା ଦଳର କର୍ମୀ, ଛାତ୍ରୀଛାତ୍ର ସିଏଏକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶୋଭାଯାତ୍ରା

ନୂଆଦିଲ୍ଲୀ,୨୭।୧୨(ପି.ଟି.)

### ବିକ୍ଷୋଭକାରୀଙ୍କୁ ଅଟକାଇଲା ପୋଲିସ

ସଂଶୋଧିତ ନାଗରିକତ୍ୱ ଆଇନକୁ ବିରୋଧ ଏବଂ ଭୀମ୍ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦଙ୍କ ମୁକ୍ତି ଦାବିକରି ଶୁକ୍ରବାର ଶତାଧିକ ଲୋକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାସଭବନ ଅଭିମୁଖେ ଯାଉଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ଓ ଡ୍ରୋନ୍ ସର୍ଭିଲେନ୍ସ ମୁତୟନ ସତ୍ତ୍ୱେ ଭୀମ୍ ଆର୍ମୀ ସଦସ୍ୟଙ୍କ ସମେତ ବିକ୍ଷୋଭକାରୀମାନେ ନିଜ ନିଜର ହାତ ବାନ୍ଧି ଦିଲ୍ଲୀ ଜୋରବାଗସ୍ଥିତ ଦର୍‌ଘା ଶାହ-ଇ-ମର୍ଦାନରୁ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଲୋକ କଲ୍ୟାଣ ମାର୍ଗରେ ଥିବା ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ଯିବାବେଳେ ବାଟରେ ପୋଲିସ ବାରିକେଡ୍ କରି ସେମାନଙ୍କୁ ଅଟକାଇଥିଲା। ସେମାନଙ୍କୁ ଯେପରି କେହି ହିଂସା ପାଇଁ ଦାୟୀ ନ କରିବ ସେଥିପାଇଁ ସେମାନେ ହାତ ବାନ୍ଧିଥିଲେ। ସେମାନେ ଆମ୍ବେଡ୍‌କର ଏବଂ ଆଜାଦଙ୍କ ପୋଷ୍ଟର ଧରିବା ସହ 'ତାନାସାହି ନହିଁ ଚଲେଗୀ' ସ୍ଲୋଗାନ ଦେଇଥିଲେ।

## କାର୍ଗିଲକୁ ଫେରିଲା ମୋବାଇଲ ଇଣ୍ଟରନେଟ ସେବା

ଶ୍ରୀନଗର,୨୭।୧୨(ପି.ଟି.)

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଦିନଠାରୁ ଜମ୍ମୁ-କଶ୍ମୀର ଓ ଲଦାଖରେ ମୋବାଇଲ ଇଣ୍ଟରନେଟ ସେବା ବନ୍ଦ ରହିଥିବାବେଳେ ୧୪୫ ଦିନ ପରେ ଶୁକ୍ରବାର କାର୍ଗିଲ୍ ଜିଲାରେ ଏହି ସେବା ଯୋଗାଇ ଦିଆଯାଇଛି। ତେବେ କଶ୍ମୀରରେ ସେବା କେବେ ମିଳିବ ତାକୁ ନେଇ ଅନିଶ୍ଚିତତା ଜାରି ରହିଛି। କାର୍ଗିଲ ଜିଲାରେ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଥିବାରୁ ସେଠାରେ ମୋବାଇଲ ଓ ଇଣ୍ଟରନେଟ ସେବା ଯୋଗାଇ ଦିଆଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଏହି ସେବାର ଅପବ୍ୟବହାର ନ କରିବା ପାଇଁ ସ୍ଥାନୀୟ ଧର୍ମୀୟ ନେତାମାନେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାର ୩୭୦ ଉଚ୍ଛେଦ ଘୋଷଣା କରିବା ପରେ ଅଗଷ୍ଟ ୫ରୁ ଇଣ୍ଟରନେଟ ସେବା ବନ୍ଦ ରହିଥିଲା।

## ୧୧ ଖ୍ରୀଷ୍ଟିଆନ୍‌ଙ୍କୁ ହତ୍ୟାକଲା ଆଇଏସ୍

କାନୋ,୨୭।୧୨

ଉତ୍ତର-ପୂର୍ବ ନାଇଜେରିଆରେ ଆଇଏସ୍ ଆତଙ୍କବାଦୀମାନେ ୧୧ ଜଣ ଖ୍ରୀଷ୍ଟିଆନ୍‌ଙ୍କୁ ହତ୍ୟା କରିଛନ୍ତି। ଆଖିରେ କଳାପଟି ବନ୍ଧାଯାଇଥିବା ଏହି ଖ୍ରୀଷ୍ଟିଆନ୍‌ମାନଙ୍କୁ ଏକ ଅଜଣା ଜାଗାକୁ ନେଇ ଜେହାଦୀମାନେ ଛୁରାମାଡ଼ ଓ ଗୁଳିମାଡ଼ କରି ହତ୍ୟା କରିଛନ୍ତି। ଏ ସମ୍ପର୍କରେ ଏକ ଭିଡିଓ ମଧ୍ୟ ଅନ୍‌ଲାଇନ୍‌ରେ ପୋଷ୍ଟ କରି ବିଶ୍ୱର ଖ୍ରୀଷ୍ଟିଆନ୍‌ଙ୍କ ଲାଗି ଏହା ଏକ ବାର୍ତ୍ତା ବୋଲି ଦର୍ଶାଯାଇଛି। ଆଇଏସ୍ ମୁଖ୍ୟ ଅବୁ ବକର ଅଲ୍ ବାଗ୍‌ଦାଦୀ ଓ ତାଙ୍କ ମୁଖପାତ୍ରଙ୍କ ହତ୍ୟାର ଏହା ପ୍ରତିଶୋଧ ବୋଲି ଭିଡିଓରେ ଜଣେ



### ଭିଡିଓ ଜାରି

ମୁଖାପିନ୍ଧା ଆତଙ୍କବାଦୀ ଦାବି କରିଛନ୍ତି। ପ୍ରକାଶଥାଉ କି, ଗତ ଅକ୍ଟୋବରରେ ଆମେରିକାର ସ୍ୱତନ୍ତ୍ର ସେନା ପକ୍ଷରୁ ବାଗ୍‌ଦାଦୀ ଲୁଚିଥିବା ଉତ୍ତର-ପଶ୍ଚିମ ସିରିଆର ଇଦ୍‌ଲିବ୍ ଅଞ୍ଚଳରେ ଚଢ଼ାଉ କରାଯାଇଥିବାବେଳେ ଧରାପଡ଼ିଯିବା ଭୟରେ ସେ ଆତ୍ମହତ୍ୟା କରିଥିଲେ। ଆଇଏସ୍‌ର ଏଭଳି ହତ୍ୟାକାଣ୍ଡକୁ ଆମେରିକା ସମେତ ଅନେକ ରାଷ୍ଟ୍ର ନିନ୍ଦା କରିଛନ୍ତି।

## ପ୍ରମୁଖ ସଚିବ ପଦରେ ରାଜୀବ କୁମାର



କୋଲକାତା,୨୭।୧୨(ପି.ଟି.): କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ପଶ୍ଚିମବଙ୍ଗ ସରକାର ରାଜ୍ୟ ସୂଚନା ଓ ପ୍ରଯୁକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଏହି ପଦରେ ଥିବା ଦେବାଶିଷ ସେନ୍‌ଙ୍କ ସ୍ଥାନରେ ରାଜୀବ କୁମାର ଅବସ୍ଥାପିତ ହେବେ। ସେନ୍‌ଙ୍କୁ ପଶ୍ଚିମବଙ୍ଗ ହାଉସିଂ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଡେଭଲପ୍‌ମେଣ୍ଟ କର୍ପୋରେଶନର ସିଏମ୍‌ଡି ନିଯୁକ୍ତ କରାଯାଇଛି। ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ରାଜୀବ କୁମାର ଏସ୍ଆଇଟିର ଅଂଶବିଶେଷ ଥିଲେ। ଫେବୃୟାରୀରେ ତାଙ୍କୁ ସିବିଆଇ ଜେରା କରିଥିଲା।

## ଅଭିନେତା କୁଶଲ ପଞ୍ଜାବୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ମୁମ୍ବାଇ,୨୭।୧୨(ପି.ଟି.)

'କାଲ' ଓ 'ଲକ୍ଷ୍ୟ' ଚଳଚ୍ଚିତ୍ରରେ ଅଭିନୟ କରିଥିବା ଅଭିନେତା କୁଶଲ ପଞ୍ଜାବୀଙ୍କ ଝୁଲନ୍ତା ମୃତଦେହ ତାଙ୍କ ବାନ୍ଦ୍ରା ଆପାର୍ଟମେଣ୍ଟରୁ ଗୁରୁବାର ବିଳମ୍ବିତ ରାତିରେ ମିଳିଛି। ତାଙ୍କୁ ୪୨ ବର୍ଷ ହୋଇଥିଲା। ସେ ଏକ ସୁଇସାଇଡ ନୋଟ୍ ଛାଡ଼ିଯାଇଛନ୍ତି, ଯେଉଁଥିରେ ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଲେଖାହୋଇଛି। କୁଶଲ ଫୋନ୍ ନ ଉଠାଇବାରୁ ତାଙ୍କ ବାପାମାଆ ସେଣ୍ଟ ଆଣ୍ଡ୍ରୁ ରୋଡରେ ଥିବା ଆଲଷ୍ଟିକ୍ ବିଲ୍ଡିଂରେ ପହଞ୍ଚିଥିଲେ। କୁଶଲଙ୍କ ସ୍ତ୍ରୀ ତାଙ୍କଠାରୁ ଅଲଗା ହୋଇଯାଇଛନ୍ତି। ସୁଇସାଇଡ ନୋଟ୍‌ରେ କୁଶଲ ତାଙ୍କ ସମ୍ପତ୍ତିକୁ



ବାପାମାଆ, ପୁଅ ଓ ଭଉଣୀଙ୍କ ମଧ୍ୟରେ ବାଣ୍ଟିଦେବାକୁ ଉଲ୍ଲେଖ କରିଛନ୍ତି। ପ୍ରାଥମିକ ସୂଚନା ଆଧାରରେ ବାନ୍ଦ୍ରା ଥାନାରେ ଦୁର୍ଘଟଣାଜନିତ ମୃତ୍ୟୁ ଏତଲା ହୋଇଛି।

### ଇତିହାସର ଆଇନାରେ

### ଡିସେମ୍ବର ୨୮ର ପ୍ରମୁଖ ଘଟଣା

୧୮୮୫ ଡିସେମ୍ବର ୨୮ରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ବମ୍ବେଠାରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଏହି ସଂଗଠନର ନାଁ ଥିଲା ଭାରତୀୟ ଜାତୀୟ ସଂଘ।

୧୯୩୨ ଡିସେମ୍ବର ୨୮ରେ ଭାରତର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିଷ୍ଠାତା ଧୀରୁଭାଇ ଅମ୍ବାନୀ ଜନ୍ମଗ୍ରହଣ କରିଥିଲେ। ଏସିଆର ୫୦ ଶ୍ରେଷ୍ଠ ବ୍ୟବସାୟୀଙ୍କ ମଧ୍ୟରେ ଅନ୍ୟତମ ଥିଲେ। ତାଙ୍କୁ ୨୦୧୬ରେ ମରଣୋତ୍ତର ଭାବେ ପଦ୍ମ ବିଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା।

## ୧୨୫ କୋଟି ଲୋକଙ୍କ ପାଖରେ ଆଧାର

ନୂଆଦିଲ୍ଲୀ,୨୭।୧୨

ଆଧାର ୧୨୫ କୋଟି ଲକ୍ଷ୍ୟ ଅତିକ୍ରମ କରି ବଡ଼ ସଫଳତା ହାସଲ କରିଛି। ଏହି ନୂଆ ସଫଳତା ସମ୍ପର୍କରେ ଭାରତର ବିଶିଷ୍ଟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ପକ୍ଷରୁ ଘୋଷଣା କରାଯାଇଛି। ଅର୍ଥାତ୍ ଏବେ ଭାରତର ୧୨୫ କୋଟି ଲୋକଙ୍କ ପାଖରେ ଆଧାର କାର୍ଡ ରହିଛି। ପରିଚୟର ପ୍ରାଥମିକ ଦସ୍ତାବିଜ୍ ଭାବେ ଆଧାରର ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି। ଏହା କାର୍ଯ୍ୟକାରୀ ହେବା ଦିନଠାରୁ ଆଧାର ଭିତ୍ତିକ ପ୍ରାମାଣିକତା ପାଇଁ ଏହାକୁ ପାଖାପାଖି ୩୭ ହଜାର



କୋଟି ଥର ବ୍ୟବହାର କରାଗଲାଣି। ଏବେ ପ୍ରତିଦିନ ୟୁଆଇଡିଏଆଇକୁ ପ୍ରାୟ ୩ କୋଟି ପ୍ରାମାଣିକତା ଅନୁରୋଧ ଆସୁଛି। ଜନସାଧାରଣ ଆଧାର ତଥ୍ୟ ସଂଶୋଧନ ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଏପର୍ଯ୍ୟନ୍ତ ୩୩୧ କୋଟି ଆଧାର ସଂଶୋଧନ ସଫଳ ହୋଇଛି।

## ବିଲ୍ଡିଂକୁ ଧକ୍କାଦେଲା ବିମାନ: ୧୨ ମୃତ

ଅଲ୍ମାଟି,୨୭।୧୨

କାଜାଖସ୍ଥାନର ଅଲ୍‌ମାଟି ବିମାନବନ୍ଦରରୁ ରାଜଧାନୀ ନୁର ସୁଲ୍‌ତାନ ଅଭିମୁଖେ ଯାଉଥିବାବେଳେ ଏକ ଯାତ୍ରୀବାହୀ ବିମାନ ଶୁକ୍ରବାର ସକାଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନଟି ରନ୍‌ୱେରେ ଯିବାବେଳେ ଏକ ଦୁଇମହଲା ବିଲ୍ଡିଂରେ ଧକ୍କାଖାଇ ଖଣ୍ଡ ଖଣ୍ଡ ହୋଇଯାଇଥିବା ଏକ ଭିଡିଓରୁ ଜଣାପଡ଼ିଛି। ଏଥିରେ କ୍ୟାପ୍‌ଟେନଙ୍କ ସହ ୧୨ ଯାତ୍ରୀ ପ୍ରାଣ ହରାଇଥିବାବେଳେ ଅନ୍ୟମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିମାନରେ ୯୫ ଯାତ୍ରୀଙ୍କ ସହ ୧୦୦ଜଣ ଥିଲେ ବୋଲି ବିମାନବନ୍ଦର ଅଧିକାରୀଙ୍କ



ସୂତ୍ରରୁ ଜଣାପଡ଼ିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରୁ ମୋଟ ୫୩ ଯାତ୍ରୀ ଦୁର୍ଘଟଣାରେ ଆହତ ହୋଇଥିବା ପ୍ରକାଶ। ଆହତଙ୍କ ମଧ୍ୟରେ ୧୦ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ବିମାନଟି ଟେକ୍‌ଅଫ୍ କଲାବେଳେ ତା'ର ଡେଣା ରନ୍‌ୱେରେ ବାଜିବାରୁ ଏଭଳି ଦୁର୍ଘଟଣା ହୋଇଥିବା ଉପପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି। ଦୁର୍ଘଟଣା କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ପାଇଲଟ୍‌ଙ୍କ ଭୁଲ ଯୋଗୁ ହୋଇଥାଇପାରେ ବୋଲି କୁହାଯାଇଥିବାବେଳେ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରାଷ୍ଟ୍ରପତି କାସିମ୍-ଜୋମାର୍ଟ ଟୋକାୟେଭ୍ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ ବୋଲି କହିବା ସହ ଦୁର୍ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଯାହା ଭୁଲ୍‌ରେ ହୋଇଯାଇଛି, ତାକୁ ସଂଶୋଧନ କରିଦେବା ହିଁ ମହତ୍ ଲୋକର ପରିଚୟ।
- ସେକ୍ସପିଅର

■ ରାଜେନ୍ଦ୍ର ସ୍ୱୟଂଶାସିତ କଲେଜ ପ୍ଲାଟିନମ୍ ଜୁବିଲି ଉତ୍ସବ ଉଦ୍‌ଘାଟିତ

# ଫୁଲ ପରି ବିଶ୍ୱକୁ ସୁଗନ୍ଧରେ ଭରି ଦିଅ : ରାଜ୍ୟପାଳ

**ବଲାଙ୍ଗୀର ଅଫିସ,୨୭।୧୨**

ଫୁଲ ଜାତି, ସମ୍ପ୍ରଦାୟ, ବର୍ଣ୍ଣ ବାରେ ନାହିଁ। ଫୁଲର ଚତୁରତା କି ଧୂର୍ତ୍ତତା ନାହିଁ । ଫୁଲ ରାଜନୈତିକ କ୍ଳିଷ୍ଟତା ଜାଣେ ନାହିଁ। ଫୁଲ ସମସ୍ତଙ୍କୁ ସୁଗନ୍ଧମୟ କରିଦିଏ। ଫୁଲ ପରି ସମଗ୍ର ବିଶ୍ୱକୁ ସୁଗନ୍ଧରେ ଭରି ଦିଅ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଛନ୍ତି। ଶୁକ୍ରବାର ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ କଲେଜର ୭୫ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ପ୍ଲାଟିନମ୍ ଜୁବିଲି ଉତ୍ସବ 'ରାଜେନ୍ଦ୍ରାୟନ'ର ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି।

ପ୍ଲାଟିନମ୍ ଜୁବିଲି ଆଲୁମନି ଆସୋସିଏଶନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ରାଜ୍ୟପାଳ ଲାଲ ଆହୁରି କହିଲେ , ବିଶ୍ୱବିଦ୍ୟାଳୟ ବିଶ୍ୱାୟିତ କରିଦିଏ । ବିଶ୍ୱମଣିଷ ସୃଷ୍ଟିକରେ । ବିଶ୍ୱବିଦ୍ୟାଳୟର ଏହି ଅସଲ ଅର୍ଥକୁ ବୁଝିଲେ ଆମେ ସଫଳ ହେବା । ସମସ୍ତଙ୍କୁ ସ୍ୱୀକାର କରିବା ଓ ସମସ୍ତଙ୍କୁ ପ୍ରେମ କରିବାକୁ ରାଜ୍ୟପାଳ ଲାଲ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଉଚ୍ଚଶିକ୍ଷା ଓ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ସ୍ଥାନୀୟ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା, ଆଲୁମନି ସମ୍ପାଦକ ଅରବିନ୍ଦ ଦାସ ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରେ ରାଜେନ୍ଦ୍ର କଲେଜର ୭୫ ବର୍ଷର ଯାତ୍ରାକୁ ନେଇ ପ୍ରସ୍ତୁତ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା । କଲେଜ ଅଧ୍ୟକ୍ଷ ପ୍ରଫେସର ଜେନା ସ୍ୱାଗତ ଭାଷଣ ଦେବା ସହ କଲେଜ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ପ୍ଲାଟିନମ୍ ଜୁବିଲି ସ୍ମରଣିକା 'ରାଜେନ୍ଦ୍ରାୟନ'କୁ ଉନ୍ମୋଚନ କରିଥିଲେ ।

## ପ୍ଲାଟିନମ୍ ଜୁବିଲି ସ୍ମରଣିକା 'ରାଜେନ୍ଦ୍ରାୟନ' ଉନ୍ମୋଚିତ

ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ସାହୁ ପ୍ଲାଟିନମ୍ ଜୁବିଲି ପାଳନ ବର୍ଷରେ ରାଜେନ୍ଦ୍ର କଲେଜକୁ ଆଫିଲିଏଟ୍ ୟୁନିର୍ଭସିଟି ଘୋଷଣା ଏକ ଐତିହାସିକ ଉପଲବ୍ଧି ବୋଲି କହିଥିଲେ । ଏଭଳି ମୁହୂର୍ତ୍ତରେ ପୁରାତନ ଛାତ୍ରମାନେ ଆମର ଶିକ୍ଷାନୁଷ୍ଠାନର ଋଣ ପରିଶୋଧ କରିବାର ସମୟ ଆସିଛି । ରାଜେନ୍ଦ୍ର କଲେଜର ପ୍ଲାଟିନମ୍ ଜୁବିଲି ଆୟୋଜନ ସମଗ୍ର ରାଜ୍ୟରେ ଅଗ୍ରଣୀ ବୋଲି ସେ କହିଥିଲେ । ଏହି ଶିକ୍ଷାନୁଷ୍ଠାନର କୃତୀ ଛାତ୍ର ରାଜ୍ୟ, ଦେଶ ବିଦେଶରେ ସଫଳତା ଅର୍ଜନ କରିଛନ୍ତି । ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆଲୁମ୍‌ନି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏଣୁ ବଲାଙ୍ଗୀରର ଆଲୁମ୍‌ନିମାନେ ପାଣ୍ଠି ସୃଷ୍ଟି କରି ଦାୟିତ୍ୱ ନିଅନ୍ତୁ ବୋଲି ସେ କହିଥିଲେ । ମୁଖ୍ୟବକ୍ତା କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ରାଜେନ୍ଦ୍ର କଲେଜ ଓ ବିଶ୍ୱବିଦ୍ୟାଳୟ ଏହି ଅଞ୍ଚଳର ସମସ୍ତ ସମସ୍ୟାର ସମାଧାନର ଦାୟିତ୍ୱ ଗ୍ରହଣ କରୁ ବୋଲି ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀ ବଲାଙ୍ଗୀରକୁ ଏକ ଆକାଂକ୍ଷୀ ଜିଲା ଘୋଷଣା କରିଛନ୍ତି । ବଲାଙ୍ଗୀରରେ ସମସ୍ତ ଶକ୍ତି ନିହିତ ବୋଲି ସେ କହିଥିଲେ । ଏଣୁ ଗୁଣାତ୍ମକ ଶିକ୍ଷା କିଭଳି ମିଳିବ ସେ ଦିଗରେ ପାଣ୍ଠି ସୃଷ୍ଟି କରି ଅତିଥି ଅଧ୍ୟାପକ ବ୍ୟବସ୍ଥା କରନ୍ତୁ ବୋଲି ଆଲୁମନି ଆସୋସିଏଶନ୍ ସଦସ୍ୟଙ୍କୁ କହିଥିଲେ । ରାଜେନ୍ଦ୍ର କଲେଜରେ ଯେଭଳି ସମସ୍ତ ଅଧ୍ୟାପକ ପଦବୀ ପୂରଣ ହୋଇପାରିବ ସେଦିଗରେ ଶିକ୍ଷାମନ୍ତ୍ରୀ ଧ୍ୟାନଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥି ଏମ୍‌ପି ସିଂଦେଓ ତାଙ୍କ ବକ୍ତବ୍ୟରେ ରାଜେନ୍ଦ୍ର କଲେଜକୁ କିଭଳି ଏକ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ପରିଣତ କରାଯିବ କହିଥିଲେ । ଏହି ଅବସରରେ ଖରାପ ପାଗ ଯୋଗୁ ପ୍ଲାଟିନମ୍ ଜୁବିଲି ଉତ୍ସବରେ ଯୋଗଦେଇ ପାରି ନ ଥିବା ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଫୋନ୍ ଯୋଗେ ତାଙ୍କ ବାର୍ତ୍ତା ଦେଇଥିଲେ। ଆଜି ବି ଦେଶରେ ୨୦ ପ୍ରତିଶତ ନିରକ୍ଷର ରହିଥିବା ସୂଚନା ଦେଇ ମହିଳା ସଶକ୍ତୀକରଣ ଉପରେ ଧ୍ୟାନ ଦେବାକୁ ଉପରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ ସୂଚନା ଦେଇଥିଲେ । ଆଲୁମ୍‌ନି ସମ୍ପାଦକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରେ ଆମେରିକାରୁ ଆସିଥିବା ପୁରାତନ ଛାତ୍ର ତଥା ନାଥାନ୍ ଆସୋସିଏଟସ୍‌ର ଏମଡି ଏମଭିଆର ମୂର୍ତ୍ତି ବକ୍ତବ୍ୟ ରଖିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨୮ରୁ ବିଜ୍ଞାନ ଓ କଳା ପ୍ରଦର୍ଶନୀ ଆରମ୍ଭ ହେବ । ଏହି ସମାରୋହ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଉଦ୍‌ଘାଟନୀ ସମାରୋହରେ ସହସ୍ରାଧିକ ସଂଖ୍ୟାରେ ଛାତ୍ରୀଛାତ୍ର ଓ ଜନସାଧାରଣ ଉପସ୍ଥିତ ଥିଲେ ।




ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଉଦ୍‌ଘାଟନୀ ଉତ୍ସବରେ (ବାମରୁ)ଆଲୁମନି ସମ୍ପାଦକ ଅରବିନ୍ଦ ଦାସ, ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ, ଆଲୁମନି ଆସୋସିଏଶନ ସଭାପତି ଲଳିତ କୁମାର ନାୟକ, କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା ସ୍ମରଣିକା 'ରାଜେନ୍ଦ୍ରାୟନ'କୁ ଉନ୍ମୋଚନ କରୁଛନ୍ତି ।



ରାଜେନ୍ଦ୍ର କଲେଜ ପ୍ଲାଟିନମ୍ ଜୁବିଲି ଉଦ୍‌ଘାଟନୀ ସଭାରେ ଉପସ୍ଥିତ ପୁରାତନ ଓ ବର୍ତ୍ତମାନ ଛାତ୍ରୀଛାତ୍ର ସହ ବୁଦ୍ଧିଜୀବୀ ଓ ଜନସାଧାରଣ ।

# ୪୦ କନିଷ୍ଠ କିରାଣି, ୮ କନିଷ୍ଠ ଷ୍ଟେନୋଗ୍ରାଫରଙ୍କ ପଦୋନ୍ନତି

**କଟକ ଅଫିସ, ୨୭।୧୨**

ଓଡ଼ିଶା ପୋଲିସ ପକ୍ଷରୁ ୪୦ କନିଷ୍ଠ କିରାଣି ଏବଂ ୮ଜଣ କନିଷ୍ଠ ଷ୍ଟେନୋଗ୍ରାଫରଙ୍କୁ ପଦୋନ୍ନତି ଦିଆଯାଇଛି। ଶୁକ୍ରବାର ଏ ନେଇ କଟକସ୍ଥିତ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ୪୦ କନିଷ୍ଠ କିରାଣିଙ୍କୁ ବରିଷ୍ଠ କିରାଣି ଏବଂ କନିଷ୍ଠ ଆକାଉଣ୍ଟାଣ୍ଟଙ୍କୁ ପଦୋନ୍ନତି ଦିଆଯାଇଛି। ସେହିପରି ୮ଜଣ କନିଷ୍ଠ ଷ୍ଟେନୋଗ୍ରାଫରଙ୍କୁ ବରିଷ୍ଠ ଷ୍ଟେନୋଗ୍ରାଫରକୁ ପଦୋନ୍ନତି ମିଳିଛି। ପୋଲିସ ମୁଖ୍ୟାଳୟର ବିଭାଗୀୟ ପ୍ରମୋଶନ୍ କମିଟି ପୂର୍ବରୁ ଉକ୍ତ କର୍ମଚାରୀଙ୍କ ପଦୋନ୍ନତି ପାଇଁ ନିଷ୍ପତ୍ତି ନେଇଥିବାବେଳେ ଏବେ ଏ ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି।






**ଆଜିର ମନ୍ତବ୍ୟ** ବିମୁଦ୍ରୀକରଣ ଭଳି ଏନ୍‌ଆର୍‌ସି ଏବଂ ଏନ୍‌ପିଆର୍ ମଧ୍ୟ ଗରିବଙ୍କ ଉପରେ ଆକ୍ରମଣ। –ରାହୁଲ ଗାନ୍ଧୀ, କଂଗ୍ରେସ ନେତା

**କିଛି ତଥ୍ୟ** ଦେଶର ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡ଼ିକର ଅନାଦାୟ ଋଣ ଅନୁପାତ ୬.୧%ରୁ ବୃଦ୍ଧି ଘଟି ସେପ୍ଟେମ୍ବରରେ ୬.୩% ଛୁଇଁଛି। –ରିଜର୍ଭ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: .............................


ମୌସୁମୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାଓବାଦୀ ପ୍ରବଣ ଅଞ୍ଚଳରେ ବିଦେଶୀ ପର୍ଯ୍ୟଟକ

**ଦାରିଙ୍ଗବାଡ଼ି,୨୭।୧୨(ଡି.ଏନ୍.ଏ.)** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦୈନିକ ହଜାର ସଂଖ୍ୟାରେ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ଆସୁଛନ୍ତି। ମଝିରେ ମଝିରେ ବିଦେଶୀ ପର୍ଯ୍ୟଟକ ମଧ୍ୟ ଏଠାକୁ ଆସୁଛନ୍ତି। ଶୁକ୍ରବାର କାନାଡାର ୬ଜଣ ପର୍ଯ୍ୟଟକ ଦାରିଙ୍ଗବାଡ଼ି ବଜାର ସମେତ ବିଭିନ୍ନ ପର୍ଯ୍ୟଟନକେନ୍ଦ୍ର ବୁଲି ମଜା ନେବା ସହ ରାସ୍ତାକଡ ଦୋକାନରେ ଚା' ପିଇଥିଲେ। ମାତ୍ର ଏନେଇ ପୋଲିସ ପାଖରେ ସୂଚନା ନ ଥିଲା। ୨୦୧୨ରେ ଦାରିଙ୍ଗବାଡି ଆସିଥିବା ୨ଇଟାଲୀୟ ପର୍ଯ୍ୟଟକଙ୍କୁ ମାଓବାଦୀମାନେ ଅପହରଣ କରି ନେଇଥିଲେ। ଏହାପରେ ସରକାର ମାଓବାଦୀପ୍ରବଣ ଅଞ୍ଚଳକୁ ବିଦେଶୀ ପର୍ଯ୍ୟଟକଙ୍କ ଗସ୍ତ ନେଇ ଗାଇଡଲାଇନ ଜାରି କରିଥିଲେ। ଏବେ ଗାଇଡଲାଇନକୁ କଡାକଡି ପାଳନ କରାଯାଉ ନ ଥିବାରୁ ଏହାର ପୁନରାବୃତ୍ତି ଘଟିବା ଆଶଙ୍କା ଦେଖାଦେଇଛି। ମିଳିଥିବା ସୂଚନା ପ୍ରକାରେ, ଉକ୍ତ ବିଦେଶୀ ପର୍ଯ୍ୟଟକମାନେ ଅନୁସୂଚିତ ଜନଜାତିଙ୍କ ସମ୍ପର୍କରେ ଜାଣିବା ପାଇଁ ଏହି ଟୁର୍ କରିଛନ୍ତି। କନ୍ଧମାଳ ଜିଲା ସମେତ କୋରାପୁଟ, ମାଲକାନାଗିରି, ଲମତାପୁଟ, ନବରଙ୍ଗପୁର ଆଦି ଅଞ୍ଚଳର ଜନଜାତିଙ୍କ ସମ୍ପର୍କରେ ଜାଣିବା ପାଇଁ ବିଭିନ୍ନ ବଜାର ସମେତ ସାପ୍ତାହିକ ହାଟ, ଦୁର୍ଗମ ଗ୍ରାମ ବୁଲୁଛନ୍ତି। ଏହି ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରେ ସି. ଜୁଲି, ବି. ଡି. ଆଲକ୍‌ଜାଣ୍ଡାର, ଏମ. ସେଲି ମେ, ଆର୍. କ୍ଷେପିନ ମେରୀ, ବି. ଲେଜଲେ ଆନ୍, ବି. ତିମଥି ଜୋହନ ରହିଛନ୍ତି। ହେଲେ ଏନେଇ ସ୍ଥାନୀୟ ପୋଲିସ ନିକଟରେ କୌଣସି ସୂଚନା ନ ଥିବା ଦାରିଙ୍ଗବାଡି ଆଇଆଇସି କୌଶିକ ମାଝୀ କହିଛନ୍ତି। ପର୍ଯ୍ୟଟକ କିମ୍ବା ସେମାନେ ରହୁଥିବା ହୋଟେଲ ପକ୍ଷରୁ ଦାରିଙ୍ଗବାଡ଼ିରେ ବୁଲିବା ପାଇଁ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ଏନେଇ ଆଇଆଇସି ମାଝୀ କହିଛନ୍ତି ଯେ, ବିଦେଶୀ ପର୍ଯ୍ୟଟକ ଦାରିଙ୍ଗବାଡ଼ିକୁ ପହଞ୍ଚିବା ପୂର୍ବରୁ ତାଙ୍କୁ ସୂଚନା ଦିଆଯିବା ନିୟମ ରହିଛି। ମାତ୍ର ସୂଚନା ମିଳିନାହିଁ। ବିଦେଶୀ ପର୍ଯ୍ୟଟକ କେଉଁସବୁ ଅଞ୍ଚଳରେ ବୁଲୁଛନ୍ତି ସେଥିପ୍ରତି ନଜର ରଖାଯିବ। ପ୍ରକାଶ ଥାଉକି, ୨୦୧୨ ମାର୍ଚ୍ଚ ୧୪ରେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଗଡାପାକାଲିରେ ୨ଜଣ ଇଟାଲୀୟ ନାଗରିକ ବୁଲୁଥିବାବେଳେ ସେମାନଙ୍କୁ ମାଓବାଦୀମାନେ ଏକ ଝରଣା ନିକଟରୁ ଅପହରଣ କରି ନେଇଥିଲେ। ଦୀର୍ଘଦିନ ପରେ ପ୍ରଥମେ ବାସୁସ୍କୋ ପାଉଲ ଏବଂ ୧୧ଦିନ ପରେ କ୍ଲାଉଡିଓ କେଲାଞ୍ଜୋଲୋଙ୍କୁ ମାଓବାଦୀମାନେ ରାଜ୍ୟ ସରକାରଙ୍କ ଠାରୁ ବିଭିନ୍ନ ସର୍ତ୍ତ ରଖିବା ସହ ଚୁକ୍ତିନାମା ପରେ ଛାଡ଼ିଥିଲେ। ସେହି ସମୟରେ ଘଟଣାଟି ଦେଶ ବିଦେଶରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକ ଆସିବା ଏକପ୍ରକାର ବନ୍ଦ ହୋଇଯାଇଥିଲା। ଏହା ପରେ ମାଓବାଦୀ ପ୍ରବଣ ଅଞ୍ଚଳକୁ ବିଦେଶୀ ନାଗରିକଙ୍କୁ ସୁରକ୍ଷା ଦୃଷ୍ଟିରୁ ଛଡ଼ାଯାଉନଥିଲା। କିଛିବର୍ଷ ପରେ ଜିଲା ପ୍ରଶାସନର ଅନୁମତି ମିଳିବା ପରେ ହିଁ ବିଦେଶୀ ପର୍ଯ୍ୟଟକଙ୍କୁ ମାଓବାଦୀ ପ୍ରବଣ ଅଞ୍ଚଳକୁ ଛଡ଼ାଯାଇଥିଲା।


ଦାରିଙ୍ଗବାଡ଼ି ବଜାରରେ ବିଦେଶୀ ପର୍ଯ୍ୟଟକ।

## ବିପିସିଏଲ୍ ଏଲ୍‌ପିଜି ବଟ୍‌ଲିଂ ...



ଅର୍ଥନୈତିକ ଉନ୍ନତିରେ ସହାୟକ ହେବା ସହ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ ବୋଲି କହିଥିଲେ। ବାହାର ଅଞ୍ଚଳକୁ ଯାଇ ଗୋଟି ଖଟିବା ଛାଡି ଏଠାରେ ଚାକିରି ଦେବାର ମାନସିକତା ସୃଷ୍ଟି କରିବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ମୋଦି ସରକାରଙ୍କ ପୂର୍ବରୁ ଭାରତବର୍ଷରେ ସମୁଦାୟ ୧୩ କୋଟି ଏଲ୍‌ପିଜି ଗ୍ରାହକ ଥିଲେ। ଓଡିଶାର ୧ କୋଟି ପରିବାରରେ ୨୨ ଲକ୍ଷ ଏବଂ ବଲାଙ୍ଗୀରରେ ୪୦ ହଜାର ଉପଭୋକ୍ତାଙ୍କ ପାଖରେ ଏଲପିଜି ଥିଲା । ମୋଦୀ ସରକାର କ୍ଷମତାକୁ ଆସିବା ପରେ ଗତ ୫ ବର୍ଷରେ ଏହି ସଂଖ୍ୟା ୧୩ କୋଟିରୁ ବୃଦ୍ଧି ପାଇ ୨୭ କୋଟି ବା ୯୫ ପ୍ରତିଶତରେ ପହଞ୍ଚିପାରିଛି। ଏବେ ଓଡିଶାରେ ୮୮.୧୦ ଲକ୍ଷ ଏଲପିଜି ଉପଭୋକ୍ତା ଅଛନ୍ତି ଏବଂ ବଲାଙ୍ଗୀରରେ ୪୦ ହଜାରରୁ ଏହା ସାଢେ ୩ ଲକ୍ଷ ଛୁଇଁଲାଣି ବୋଲି ସେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ଉଚ୍ଚଶିକ୍ଷା ଓ କୃଷିମନ୍ତ୍ରୀ ଡ. ସାହୁ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀରରେ ବଟଲିଂ ପ୍ଲାଣ୍ଟ ପ୍ରତିଷ୍ଠାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ସାଧୁବାଦ୍ ଜଣାଇବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ହେଉଥିବା ଓଡିଶାର ଦ୍ରୁତ ଉନ୍ନତି ସମ୍ପର୍କରେ କହିଥିଲେ। ସଭାରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟ ରଖି ବଲାଙ୍ଗୀରରେ ବଟ୍‌ଲିଂ ପ୍ଲାଣ୍ଟ ପ୍ରତିଷ୍ଠା କରିଥିବାରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ପ୍ଲାଣ୍ଟରେ କିଭଳି ସ୍ଥାନୀୟ ଯୁବକ ଓ ଲୋକେ ନିଯୁକ୍ତି ଏବଂ ରୋଜଗାର ପାଇବେ ସେଦିଗରେ ଧ୍ୟାନଦେବାକୁ ଅନୁରୋଧ କରିଥିଲେ । ବିପିସିଏଲ ସିଏମ୍‌ଡି ରାଜକୁମାର ପ୍ଲାଣ୍ଟର ବିବରଣୀ ଉପସ୍ଥାପନ କରିଥିଲେ । ପ୍ଲାଣ୍ଟରେ ବାର୍ଷିକ ୪୨ ଲକ୍ଷ ସିଲିଣ୍ଡର ଉତ୍ପାଦନ ହେବାର କ୍ଷମତା ରହିଛି । ଏହି ପ୍ଲାଣ୍ଟରୁ ପଶ୍ଚିମ ଓ ଦକ୍ଷିଣ ଓଡିଶାର ୧୪ଟି ଜିଲା ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ନୂଆପଡା ଜିଲାର ଉପଭୋକ୍ତାଙ୍କୁ ଏଲପିଜି ସିଲିଣ୍ଡର ଯୋଗାଣ ହେବ ବୋଲି ସେ କହିଥିଲେ । ସଭା ପ୍ରାରମ୍ଭରେ ଅତିଥିମାନେ ପ୍ଲାଣ୍ଟ ବୁଲି ଦେଖିଥିଲେ।

## ମାର୍ଚ୍ଚ ୩ରୁ ଯୁକ୍ତ ...

ବଙ୍ଗଳା, ତେଲୁଗୁ, ଉର୍ଦ୍ଦୁ, ସଂସ୍କୃତ), ୨୪ରେ ପର୍ସନାଲ ମ୍ୟାନେଜମେଣ୍ଟ, ୨୫ରେ ନୃତତ୍ତ୍ୱ ବିଜ୍ଞାନ/ସାମାଜିକ ବିଜ୍ଞାନ, ୨୭ରେ ଲଜିକ୍ ବିଷୟରେ ପରୀକ୍ଷା ରହିଛି। ବାଣିଜ୍ୟ ବିଭାଗର ୧୨ରେ ଆକାଉଣ୍ଟାନ୍ସି, ୧୬ରେ ବିଏମ୍‌ଏସ୍, ୧୮ରେ

## ପ୍ରଥମ ପୃଷ୍ଠାରୁ...

ବିଏସ୍‌ଏମ୍, ୨୪ରେ ଇନ୍ସୁରାନ୍ସ/ଏଫ୍‌ଏମ୍‌ଏ/ବିଜନେସ୍ ଇକୋନୋମିକ୍ସ/ଆର୍‌ଡି/କଷ୍ଟ ଆକାଉଣ୍ଟିଂ/ କମ୍ପ୍ୟୁଟର ଆପ୍ଲିକେଶନ ବିଷୟ ପରୀକ୍ଷା ରହିଛି। ୧୩ରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ସମନ୍ୱିତ ଧନ୍ଦାମୂଳକ ବିଷୟଗୁଡ଼ିକର ପରୀକ୍ଷା ଥିବାବେଳେ ୨୦ରେ ୩ଟି ଯାକ ବିଭାଗର ଆଇଟି, ୨୧ରେ ଅନ୍ୟାନ୍ୟ ମାତୃଭାଷା ଓ ୨୬ରେ ୩ ବିଭାଗର ଧନ୍ଦାମୂଳକ ବିଷୟଗୁଡ଼ିକର ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ସରିବାର ୭ ଦିନ ମଧ୍ୟରେ ସମସ୍ତ ବିଭାଗର ପ୍ରାକ୍ଟିକାଲ ପରୀକ୍ଷାର ପ୍ରୋଜେକ୍ଟ ରିପୋର୍ଟ ଓ ମାର୍କ ଫୁଏଲ୍ ପରିଷଦ ନିକଟରେ ଦାଖଲ ହେବ। ରେସିଡେନ୍ସିଆଲ ତଥା ସେଲ୍ଫ ଫାଇନାନ୍ସିଂ କଲେଜଗୁଡ଼ିକ ପ୍ରାକ୍ଟିକାଲ ପରୀକ୍ଷାର ଭିଡିଓ, ଉତ୍ତରଖାତା, ମାର୍କ ଫୁଏଲ୍ ଦାଖଲ କରିବାକୁ କୁହାଯାଇଛି।

୨୦୧୯ରେ ୩୦ଟି ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗି ନ ଥିବାବେଳେ ଏଥର ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଇବାକୁ ପରିଷଦ ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ସିସିଟିଭି ଲାଗି ନ ଥିବା କେନ୍ଦ୍ରରେ ପରୀକ୍ଷା ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରୀକ୍ଷା ସୁପରିଚାଳନା ଓ କପି ରୋକିବା ଲାଗି ଜିଲାସ୍ତରରେ ଗଣଶିକ୍ଷା ବିଭାଗର ଜଣେ ଲେଖାଏ ଅଧିକାରୀଙ୍କୁ ପରୀକ୍ଷା ନିରୀକ୍ଷକ ଭାବେ ରଖାଯିବ। ପରିଷଦର ମୁଖ୍ୟ କାର୍ଯ୍ୟାଳୟ ସ୍କ୍ୱାଡ୍ ସମେତ ଜୋନ୍ ଓ ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ ହେବ। ପରୀକ୍ଷା କେନ୍ଦ୍ର ଓ ମୂଲ୍ୟାୟନ କେନ୍ଦ୍ରକୁ ମୋବାଇଲ୍ ଫୋନ୍ ନେଇ ଯିବା ଉପରେ ମଧ୍ୟ କଟକଣା ଲଗାଯାଇଛି। ଯଦି କୌଣସି ଅଧ୍ୟାପକ ମୋବାଇଲ୍ ନେଇଥିବା କିମ୍ବା ବ୍ୟବହାର କରୁଥିବା ନଜରକୁ ଆସେ, ତେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସାହୁ ସୂଚନା ଦେଇଛନ୍ତି। ସେହିଭଳି ସମସ୍ତ ମୂଲ୍ୟାୟନ କେନ୍ଦ୍ରରେ ସିସିଟିଭି ଲଗାଇବାକୁ ନିଷ୍ପତ୍ତି ହୋଇଛି।

## ସେଲ୍‌ଫି ବେଳେ ଯୁବକଙ୍କୁ ...

ତେବେ ହାତୀପଲ ନୀଳଗିରି ରେଞ୍ଜ ଅନ୍ତର୍ଗତ କାଠପାଳ ନିକଟରେ ପହଞ୍ଚିବା ବେଳକୁ ଗୋଟିଏ ହାତୀ ଗୋଠଛଡା ହୋଇ ଯାଇଥିଲା। ଦଳର ବାକି ୬ଟି ହାତୀ ପୁଣି ପଛକୁ ଫେରି ଆସି ପୁରୁଣା ଗାଁ ନିକଟରେ ପହଞ୍ଚିଥିଲେ। ତେବେ ରାତିରେ ସାଇଁକୁଳା ରାସ୍ତାରେ ଆସି କଲେଜ ସମ୍ମୁଖରେ ଥିବା ଏକ ଧାନଖଳାରେ ରଖା ଯାଇଥିବା ଧାନବିଡାକୁ ଖାଇ ଯାଇଥିଲେ। ପରେ ଜୟପୁର ପଞ୍ଚାୟତସ୍ଥିତ ଦାମାସାହି ଗ୍ରାମର ଜିତେନ ନାୟକଙ୍କ ଶାଗୁଆନ ବଗିଚାରେ ଶୁକ୍ରବାର ଦିନତମାମ ରହି ଉତ୍ପାତ କରିଥିଲେ। ବାରିପଦା, ଡୁକୁରା ଓ ଉଦଳାରୁ ୪୦ରୁ ଊର୍ଦ୍ଧ୍ୱ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀପଲଙ୍କୁ ଘଉଡାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ସ୍ଥାନ ଛାଡ଼ି ଯାଇ ନ ଥିଲେ। ଶେଷରେ ସନ୍ଧ୍ୟାରେ ବାଣ ଫୁଟାଇବା ସହ ନିଆଁ ହୁଳା ଦେଖାଇବାରୁ ହାତୀ ପଲ ମୁଖ୍ୟ ରାସ୍ତା ପାର ହୋଇ ବିଲ ମଧ୍ୟରେ ପଶି ନୀଳଗିରି ମୁହାଁ ହୋଇଥିଲେ। ତେବେ ହାତୀଙ୍କ ପାଇଁ ଖୁଣ୍ଟା- କୁଆମରା ମୁଖ୍ୟ ରାସ୍ତାର ଦାମାସାହି ନିକଟରେ ପ୍ରାୟ ୨/୩ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ହାତୀ ଦେଖିବାକୁ ଆସିଥିବା ଲୋକଙ୍କ ମଧ୍ୟରୁ ଜଣେ ଯୁବକ ହାତୀ ପାଖକୁ ଯାଇ ନିଜ ମୋବାଇଲରେ ସେଲ୍‌ଫି ନେଉଥିବା ବେଳେ ହାତୀଟି ରାଗି ଯାଇ ତାଙ୍କୁ ଆକ୍ରମଣ କରିଥିଲା, ଯାହାକି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଚନ୍ଦ୍ର ଓ ଶୁକ୍ର ଦଶମ କେନ୍ଦ୍ରରେ ଅବସ୍ଥାନ କରି କର୍ମକ୍ଷେତ୍ର ଓ ପାରିବାରିକ ଜୀବନର ବ୍ୟତିକ୍ରମକୁ ସୁଧାରିନେବେ। ନିଜର ସମ୍ପର୍କୀୟମାନଙ୍କ ଦ୍ୱାରା କୌଣସି ସମସ୍ୟା ବିଷୟରେ ଚିନ୍ତିତ ରହିପାରନ୍ତି। ବନ୍ଧୁ ଦେଇଥିବା ପ୍ରତିଶ୍ରୁତି ଉପରେ ପୂର୍ଣ୍ଣ ଭରସା କରି ମନସ୍ତାପ କରିବାକୁ ପଡ଼ିପାରେ। ଶାରୀରିକ ଓ ମାନସିକ ସୁସ୍ଥତା ପ୍ରାୟତଃ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ବୃଷ** କର୍ମକ୍ଷେତ୍ରରେ ଅସମ୍ପୂର୍ଣ୍ଣ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିବେ। ନିଜର ସ୍ୱାର୍ଥ ହାସଲ ସକାଶେ ନିକଟରେ ରହୁଥିବା କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବାର ସୁଯୋଗ ପାଇବେ।

**ମିଥୁନ** ଆଳସ୍ୟ ଓ ଅବହେଳାଜନିତ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେତୁ ସମସ୍ୟା ବଢ଼ିପାରେ। କେତେକ କ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ବିଚଳିତ ରହିପାରନ୍ତି। ଆକସ୍ମିକ ଭାବରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସାୟାହ୍ନେ ବନ୍ଧୁଙ୍କ ନିକଟରୁ ଅର୍ଥ କିମ୍ବା ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ସୁଧୁରିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କିନ୍ତୁ କେତେକ କ୍ଷେତ୍ରରେ ଅସଫଳତାଜନିତ ଅତ୍ୟଧିକ ଟେନ୍‌ସନ ହେତୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଅସାବଧାନତା କାରଣରୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କାର୍ଯ୍ୟ ହାସଲ କରିବା ସକାଶେ ଅନ୍ୟ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ସିଂହ** ସମ୍ପର୍କୀୟମାନଙ୍କ ସହାୟତାରେ ଅସ୍ଥିରତା ନିଶ୍ଚିତ ଦୂରୀଭୂତ ହୋଇଯିବ। ତଥାପି ଖଳଲୋକମାନଙ୍କ କଥାକୁ ବିଶ୍ୱାସକଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଲକ୍ଷ୍ୟସାଧନ ଉଦ୍ଦେଶ୍ୟରେ ଆଜିର ଫେରିବା ବାଟରେ ବନ୍ଧୁଙ୍କୁ ଭେଟିପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆକସ୍ମିକ ଭାବେ ଗୁଡ଼ିଏ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ପ୍ରବାସୀମାନେ ପରିବାରକୁ ମନେପକାଇ ନିଃସଙ୍ଗତା ବୋଧ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟରେ ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟରେ ସମୟ ଅତିବାହିତ କରିବେ।

**ତୁଳା** ଆପଣ ପ୍ରତ୍ୟେକ କ୍ଷେତ୍ରରେ ଏତେଟା ଚିନ୍ତାକରି ଅଯଥା ଭାବପ୍ରବଣ ହେବା ଠିକ୍ ହେବନି। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପ୍ରତ୍ୟୁଷ ଯାତ୍ରା ସମୟରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମତପାର୍ଥକ୍ୟଜନିତ ନିଜର ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହେବେ।

**ବିଛା** ପୂର୍ବ ପରିକଳ୍ପିତ ଯୋଜନାଗୁଡ଼ିକ ବିଗିଡ଼ିଯିବାରୁ ମନ ଦୁଃଖ ହୋଇପାରେ। କାରଣ ଆପଣ ଠିକ୍ ସମୟରେ ଯାହା ଆଶା କରୁଥିବେ ତାହା ପାଇବେ ନାହିଁ, କିନ୍ତୁ ପରବର୍ତ୍ତୀ ସମୟରେ ପାଇଲେ ମଧ୍ୟ ସେଥିରେ ଖୁସି ହୋଇପାରିବେ ନାହିଁ। ମଧ୍ୟାହ୍ନ ସମୟରେ ଦୀର୍ଘଦିନରୁ ଆଶା କରୁଥିବା ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ।

**ଧନୁ** କୌଣସି ନିକଟତମ ବ୍ୟକ୍ତିଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂରହେବା ସକାଶେ ଚେଷ୍ଟା କରିପାରନ୍ତି। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ ଓ ସମସ୍ୟା ସୃଷ୍ଟି କରିପାରନ୍ତି। ଅଫିସରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ମକର** ଦ୍ୱାଦଶସ୍ଥ ଏକାଧିକ ଗ୍ରହ ପ୍ରଭାବରେ ବାରମ୍ବାର ଭ୍ରମଣ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସମ୍ମୁଖରେ ମନକଥା ଲୁଚାଇ ରଖି ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିପାରନ୍ତି। ଆର୍ଥିକ ସ୍ଥିତି ସେତେଟା ଭଲ ରହିବ ନାହିଁ,ଫଳରେ ଦୁଶ୍ଚିନ୍ତା ବୃଦ୍ଧିପାଇବ। ଦେଖାଶୁଣା ନ ଥିବା ଜଣେ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**କୁମ୍ଭ** ଚନ୍ଦ୍ର ଓ ଶୁକ୍ର ପ୍ରଭାବରୁ ପରିବାରରେ ସ୍ତ୍ରୀଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହେବା ସହ କାମକୁ ଆସିବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। କ୍ରନିକ୍ ରୋଗ ପୀଡ଼ା ଯୋଗୁ ମନ ବିଚଳିତ ହୋଇପାରେ। କର୍ମକ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ ଓ କାମ ସମ୍ପନ୍ନ ହେବ।

**ମୀନ** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ହେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପାଖ ପଡ଼ୋଶୀଙ୍କ ଅଭିଯୋଗ ଅମୂଳକ ନୁହେଁ, ଏହାକୁ ଗୁରୁତ୍ୱର ସହ ବିଚାରକୁ ନେବା ଭଲ ହେବ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ପୌଷ ଶୁକ୍ଳ ଦ୍ୱିତୀୟାଯୁକ୍ତ ତୃତୀୟା ଶନିବାର, ଡିସେମ୍ବର ୨୮ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସିଂହ ରାଶିର ଘାତଚନ୍ଦ୍ର, ଶରଣଂ। ଦିବା ଘ୭।୫୦ମି. ଗତେ ଘ୯।୫୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୮ମି. ଗତେ ଘ୯।୦୯ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୯।୦୬ମି. ଗତେ ଘ୧୦।୨୭ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302




**SALE**

Gharabari boundary plot Infocity-2 near 200ft. road side. Direct owner-8144391451. D-68453

Duplex for sale, 4BHK at Niladribihar gated society, price-1.6.cr, 9949368924, 9937386792. D-15924

2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617. D-15714

ଭୁବନେଶ୍ୱର ପାହାଳ, ନଖରାରେ ଘରକଲା ଭଳି plot 30' ରାସ୍ତାଥାଇ ମିଳୁଅଛି। 8249728525. D-68458

Bhubaneswar Infocity-2 ଆଗରେ sqft.560/- immediate possession then registration. 9658383304, 9348232008. D-68456

ଭୁବନେଶ୍ୱର, Ravitalkies Sai mandir ପୂର୍ବରୁ ପ୍ଲଟ୍ ବିକ୍ରି ହେବ। Possession immediately. 9178660666. D-68943

Develope SC plot NH-5 side Pahala 13,80,000/- and general plot near Hanspal Balianta 10,80,000/- (Loan available)-8917228717. D-68639

Flats for sale at DHPL Crystal Raghunathpur. Contact: 9937059891, 8908292617. D-15713

ଭୁବନେଶ୍ୱର କଟଣାଗେଟ୍‌ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment-9348817649, 7750909843. D-68462

Bhubaneswar ଏୟାରପୋର୍ଟରୁ 7k.m ଦୂରରେ 1500ବର୍ଗଫୁଟ ପ୍ଲଟ୍ 13,50,000/- କିଣି ଘରକରନ୍ତୁ। 9853150290 D-68529

Installment available developed gharabari boundary housing plot Ranga Bazar- 650/-, 9348012510. D-68460

ଭୁବନେଶ୍ୱର Sum Hospital, IIIT, NALCO ଗୋଠପାଟଣା ନିକଟସ୍ଥ କାଟେଣୀ Zeeschool ରେ ଘରବାରି, Boundary Patta plot-550/-, 9777553622. D-68461

ଭୁବନେଶ୍ୱରର Hot location ସୁନ୍ଦରପଦା 1000/- sqft. ଏବଂ ଗୁଡ଼ିଆପୋଖରୀ ପାଖ ପୁରୀ NHକୁ ଲାଗି 750/-sqft. ରେ ଘରବାଡ଼ି, ଇଲେକ୍‌ଟ୍ରି, ପାଚେରି ସହିତ plot କିଣନ୍ତୁ। 7978641199. D-68740

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

Book 2BHK flat at GGP Colony, Rasulgarh. (SBI, RERA approved)-7978584549. D-68944

3BHK Super Luxury 1500sqft. flat with fully interior work third floor at Patrapada, close to Ambar cost 75 lakhs for immediate sale-9861040268. D-68042

2800sqft. gharabari plot immediately sale at Bomikhal, Bhubaneswar, only buyer directly contact- Deepak-9937329999. D-68043

21,500sqft. Commercial land with boundary adjacent to NH, just 2.5Km from Phulnakhara towards Adaspur, suitable for godown, warehouse-8658182243. D-68041




Construct your building as per your terms and condition. Contact: 9937064680. D-27284

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




1600sqft. (Ground Floor) for Office / Light Goods (Godown) on NH-16 (Main Road), Rasulgarh, near Vishal. 9337766776. D-15940

Space for commercial Bank/ Corporate/ Companies/ Institution, Damana square near Max Show room per sqft. Rs.50 for 1st, 2nd and 3rd floor welfurnished, lift, Power back up available. 8249083968, 7978414100. D-15593




India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15784

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies & gents smart therapist, 9668814589. D-68733

Take full body therapy. Just call 7852986810. D-68528

Ayurvedic full body massage ladies/ gents smart experts therapist: 8480939300. D-68726

Full body herbal massage with refreshment expert therapist. 7381239385, 06742540855. D-68938

Experience full body massage with us (expert). Call: 7377048581, 06742597822. D-68939

Herbal full body massage by smart / expert therapist. Contact: 8338067247. D-68940

Experience winter therapeutic Abhyanga massage feeling refreshing energetic: Appointment-9668374480. D-68941

Refresh your mind and soul with best therapy at Orchid Salon/Spa. 9937287222. D-68739

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68742

Ayurvedic full body massage ladies and gents. Contact: 9861064981. D-68743

**BUSINESS**

3000 ଟଙ୍କାରେ ନିଜର LED Business କରନ୍ତୁ। ଦିନକୁ ୧୦୦୦ କମାନ୍ତୁ। Mob: 9777434078. D-15939

**AFFIDAVIT**

By virtue of an affidavit sworn before the Notary Public, Bhubaneswar on 21.12.2019. I, Dipti Nanda, have changed my surname from Dipti Nanda to Dipti Mohapatra. Henceforth, I shall be known as Dipti Mohapatra for all purposes. D-15945

By an affidavit before the Executive Magistrate, Tusra, I, Gangadhar Pradhan, R/o. Village- Bahali, PO. Mursingh, Dist. Bolangir declare that in all educational certificates my title and father's name is wrongly recorded as Pradhani and father's name as Prahallad Pradhani. Whereas my original name is Gangadhar Pradhan and father's name is Shiba Pradhan. D-37387



ଲକ୍ଷ୍ମୀ ଚଞ୍ଚଳା। ପ୍ରାଣ, ଜୀବନ, ଶରୀର ସବୁକିଛି ଚଞ୍ଚଳ ଓ ବିନାଶଶୀଳ। ସଂସାର ରେ କେବଳ ଧର୍ମ ହିଁ ନିଶ୍ଚଳ ଓ ସ୍ଥିର।
- ଚାଣକ୍ୟ

# ମାନବାଧିକାର ଆଇନ ପ୍ରତି ସଶସ୍ତ୍ର ବଳର ସମ୍ମାନ ଅଛି: ସେନାମୁଖ୍ୟ

ନୂଆଦିଲ୍ଲୀ,୨୭।୧୨(ପି.ଟି.)

ଭାରତୀୟ ସଶସ୍ତ୍ର ବଳ ଅତ୍ୟନ୍ତ ଶୃଙ୍ଖଳିତ ଓ ମାନବାଧିକାର ଆଇନ ପ୍ରତି ଏହାର ଯଥେଷ୍ଟ ସମ୍ମାନ ରହିଥିବା ସେନାଧ୍ୟକ୍ଷ ଜେନେରାଲ ବିପିନ ରାୱତ ଶୁକ୍ରବାର କହିଛନ୍ତି। ସେନା କେବଳ ଦେଶବାସୀଙ୍କ ମାନବାଧିକାରର ସୁରକ୍ଷାକୁ ସୁନିଶ୍ଚିତ କରେନାହିଁ, ବରଂ ଏହାକୁ ବିରୋଧରୁ ମଧ୍ୟ ରକ୍ଷାକରେ। 'ଯୁଦ୍ଧ ବେଳେ ମାନବାଧିକାରର ସୁରକ୍ଷା ଓ ଯୁଦ୍ଧବନ୍ଦୀ' ଶୀର୍ଷକ ଆଲୋଚନାରେ ଜାତୀୟ ମାନବାଧିକାର ଆୟୋଗ(ଏନଏଚ୍ଆର୍ସି)ର ବରିଷ୍ଠ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଜେନେରାଲ ରାୱତ୍ ଏହା କହିଥିଲେ।
















■ଆଇଏଏସ ଅଫିସର ସ୍ତରରେ ଅଦଳବଦଳ

# ନିରଞ୍ଜନ ହେଲେ ଉତ୍ତରାଞ୍ଚଳ ଆରଡିସି

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)

**ଖଣି ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ଆଉ ୩ ମାସ ବଢ଼ିଲା**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଛୋଟଧରଣର ଅଦଳବଦଳ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୦୪ ବ୍ୟାଚ୍ ଆଇଏଏସ୍ ଅଫିସର ନିରଞ୍ଜନ ସାହୁଙ୍କୁ ଉତ୍ତରାଞ୍ଚଳ ଆରଡିସି (ସମ୍ବଲପୁର) ଭାବେ ବଦଳି କରାଯାଇଥିବା ବେଳେ ପ୍ରଶାନ୍ତ କୁମାର ସେନାପତିଙ୍କୁ ଏସ୍‌ସି/ଏସ୍‌ଟି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଓବିସି ନିର୍ଦ୍ଦେଶକ ପଦବୀକୁ ସ୍ୱତନ୍ତ୍ର ସଚିବ ପାହ୍ୟା ଭାବେ ବିବେଚନା କରାଯାଇଛି। ସେହିପରି ୨୦୦୭ ବ୍ୟାଚ୍ ଆଇଏଏସ୍ ଅଫିସର ସୁଶାନ୍ତ ମହାପାତ୍ରଙ୍କୁ ସାଧାରଣ ପ୍ରଶାସନ ବିଭାଗର ଡାଇରେକ୍ଟର ଇଷ୍ଟେଟ ଏବଂ ଅତିରିକ୍ତ ସଚିବ ଭାବେ ପଦୋନ୍ନତି ଦିଆଯାଇଥିବାବେଳେ ୨୦୦୯ ବ୍ୟାଚ୍ ଆଇଏଏସ୍ ଅଫିସର ଭି. ଜୟକୁମାରଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ୨୦୦୯ ବ୍ୟାଚ୍‌ର ଏନ. ଥିରୁମାଲା ନାୟକଙ୍କୁ ଶ୍ରମ କମିଶନର ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୨୦୧୫ ବ୍ୟାଚ୍‌ର ଏ.ଏସ୍. ନାରଭାଣେଙ୍କୁ ରାଉରକେଲାର ଏଡିଏମ୍ ସହିତ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ନିଖିଲ ପୱନ କଲ୍ୟାଣଙ୍କୁ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ନିଯୁକ୍ତିକୁ ରଦ୍ଦ କରାଯାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ଅନ୍ୟପକ୍ଷରେ ଅବସରପ୍ରାପ୍ତ ଆଇଏଏଫ୍ ଅଫିସର ଏସ୍. ଦୀପକ କୁମାର ମହାନ୍ତିଙ୍କ କାର୍ଯ୍ୟକାଳ ୩ ମାସ ବୃଦ୍ଧି କରାଯାଇଛି। ତାଙ୍କୁ ଇସ୍ପାତ ଓ ଖଣି ବିଭାଗର ଓଏସ୍‌ଡି ତଥା ସ୍ୱତନ୍ତ୍ର ସଚିବ ଭାବେ ଆଉ ୩ ମାସ ପାଇଁ ନିଯୁକ୍ତି ଦିଆଯାଇଛି। ଏଥିସହିତ ସେ ପୂର୍ବ ଭଳି ଖଣି ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିବେ। ମହାନ୍ତିଙ୍କର କାର୍ଯ୍ୟକାଳ ୨୦୧୯ ଡିସେମ୍ବର ୩୧ରେ ଶେଷ ହେଉଥିଲା।

# ୯୨୨ କୋଟି ଟଙ୍କାର ୫ ଶିଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୨୭।୧୨(ବ୍ୟୁରୋ)

- ସୃଷ୍ଟି ହେବ ୨୬୫୦ ନିଯୁକ୍ତି ସୁଯୋଗ
- ଖୋର୍ଦ୍ଧାଠାରେ ସ୍ଥାପନ ହେବ ପ୍ରିଣ୍ଟେଡ ସର୍କିଟ ବୋର୍ଡ
- ଭୁବନେଶ୍ୱରଠାରେ ୪ ତାରକା ହୋଟେଲ ନିର୍ମାଣକୁ ଅନୁମୋଦନ

ରାଜ୍ୟ ସରକାର ୯୨୨ କୋଟି ଟଙ୍କାର ୫ଟି ପ୍ରକଳ୍ପକୁ ଶୁକ୍ରବାର ଅନୁମୋଦନ କରିଛନ୍ତି। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକରେ ଉକ୍ତ ପ୍ରକଳ୍ପଗୁଡିକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପରେ ୨୬୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

ଇଏସଡିଏମ୍ କମ୍ପାନୀ ପକ୍ଷରୁ ଖୋର୍ଦ୍ଧା ଜିଲାର ଇନ୍‌ଫୋ ଭ୍ୟାଲିସ୍ଥିତ ଇଏମ୍‌ସି ପାର୍କଠାରେ ୧,୪୪,୦୦୦ ବର୍ଗମିଟର ସ୍ଥାନରେ ୯୬.୮୦ କୋଟି ଟଙ୍କା ବ୍ୟୟରେ ପ୍ରିଣ୍ଟେଡ ସର୍କିଟ ବୋର୍ଡ ସ୍ଥାପନ କରାଯିବ। ଏହି ପ୍ରସ୍ତାବକୁ କମିଟି ମଞ୍ଜୁର ପ୍ରଦାନ କରିଛି। ଏହାଦ୍ୱାରା ରାଜ୍ୟରେ ୪୨୫ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ କମିଟି ୮୫.୯୪ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ କରିଛି। ସି ଫୁଡ୍ ପ୍ରଡକ୍ଟ ପକ୍ଷରୁ ଖୋର୍ଦ୍ଧା ଜିଲାର ଡେରାସ ସି' ଫୁଡ୍ ପାର୍କଠାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟର ସମ୍ପ୍ରସାରଣ କରିବ। କମ୍ପାନୀ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ମଞ୍ଜୁର କରାଯାଇଛି। ଏଥିରେ ୫୮୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଖୋର୍ଦ୍ଧା ଜିଲାରେ ଏକ ଅବସର ବିନୋଦନ ପାର୍କର ନିର୍ମାଣ ପାଇଁ ୧୦୭.୧୦ କୋଟି ଟଙ୍କାର ଏକ ପ୍ରକଳ୍ପକୁ କମିଟି ଅନୁମୋଦନ କରିଛି। ଏଥିରେ ୫୦୦ ଲୋକଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଜଣେ ଓଡିଆ ଉଦ୍ୟୋଗୀଙ୍କ ଦ୍ୱାରା ଭୁବନେଶ୍ୱରରେଠାରେ ଏକ ୪ ତାରକା ହୋଟେଲ ନିର୍ମାଣ କରାଯିବ। ୫୯.୦୮ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ୧୬୭ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। କେନ୍ଦୁଝର ଜିଲାରେ ଥିବା ୦.୦୫ ନିୟୁତ ଟନ ବିଶିଷ୍ଟ ଇଣ୍ଟିଗ୍ରେଟେଡ ଇସ୍ପାତ ପ୍ଲାଣ୍ଟର ୫୭୩.୪୧ କୋଟି ଟଙ୍କାର ଏକ ସମ୍ପ୍ରସାରଣ ଓ ଆଧୁନିକୀକରଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏହାଦ୍ୱାରା ପ୍ଲାଣ୍ଟର କ୍ଷମତା ୦.୨୮୩ ନିୟୁତ ଟନ୍‌କୁ ବୃଦ୍ଧି ପାଇବ। ଫଳରେ ଏଠାରେ ଅତିରିକ୍ତ ଭାବେ ୯୭୮ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ(ସିଏମ୍ଆଇ) ଅନୁସାରେ ଦେଶର ସମସ୍ତ ରାଜ୍ୟ ତୁଳନାରେ ଓଡିଶାରେ ୨୦୧୯-୨୦ ଆର୍ଥିକ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୧୮ ପ୍ରତିଶତ ନିବେଶ ହୋଇପାରିଛି। ଏହା ଦେଶର ଶ୍ରେଷ୍ଠ ନିବେଶ ଆକର୍ଷଣକାରୀ ରାଜ୍ୟର ମାନ୍ୟତା ଲାଭ କରିପାରିଛି।

ଜିଲାସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡିକ ପାଇଁ ଇଡ୍‌କୋ ଦ୍ୱାରା ଜମି ଯୋଗାଇ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏ ନେଇ ଜିଲାସ୍ତରରେ ଇଡ୍‌କୋ ଜେନେରାଲ ମ୍ୟାନେଜର ନିଷ୍ପତ୍ତି ନେବେ। ଶିଳ୍ପ ପାଇଁ ଦିଆଯାଇଥିବା ଅବ୍ୟବହୃତ ଜମିକୁ ଫେରାଇ ଆଣିବାକୁ ଶିଳ୍ପ ଓ ଜଳ ସମ୍ପଦ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଶିଳ୍ପ ବିଭାଗର ସଚିବ ହେମନ୍ତ କୁମାର ଶର୍ମାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

# ୩ ଟ୍ରେନ ବାତିଲ୍, ୭ଟିର ସମୟ ପରିବର୍ତ୍ତନ

ଭୁବନେଶ୍ୱର, ୨୭।୧୨(ବ୍ୟୁରୋ):

**ବାଲେଶ୍ୱର-ନୀଳଗିରି ଷ୍ଟେଶନ ମଧ୍ୟରେ ମରାମତି**

ବାଲେଶ୍ୱର ଓ ନୀଳଗିରି ରୋଡ଼ ଷ୍ଟେଶନ ମଧ୍ୟରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ରବିବାର ୩ ଟ୍ରେନ୍‌ବାତିଲ୍‌ସହ ୭ଟିର ସମୟ ପରିବର୍ତ୍ତନ କରାଯାଇଛି। ଦକ୍ଷିଣ ପୂର୍ବ ରେଳପଥ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ଦୁଇ ଷ୍ଟେଶନ ମଧ୍ୟରେ ରୋଡ଼ ଓଭରବ୍ରିଜରେ ଗାର୍ଡ଼ର ସ୍ଥାପନ କରାଯିବ। ଏଥିପାଇଁ ବାତିଲ୍ ହେଉଥିବା ଟ୍ରେନ୍‌ଗୁଡ଼ିକ ହେଲା ୬୮୦୫୧-୬୮୦୫୧ ବାଲେଶ୍ୱର-ଭଦ୍ରକ ମେମୁ, ୬୮୧୦୯-୬୯୧୧୦ ଖଡ଼ଗପୁର-ଯାଜପୁର କେନ୍ଦୁଝର ରୋଡ଼ ମେମୁ ଓ ୧୨୦୭୩-୧୨୦୭୪ ହାଓଡ଼ା ଭୁବନେଶ୍ୱର ଜନଶତାବ୍ଦୀ ଏକ୍ସପ୍ରେସ। ସେହିଭଳି ହାଓଡ଼ାରୁ ଛାଡ଼ିବାକୁ ଥିବା ୧୨୮୨୧-୧୨୨୮୨ ଧଉଳି ଏକ୍ସପ୍ରେସ, ୧୨୭୦୩ ଫଲକନାମା ଏକ୍ସପ୍ରେସ, ୧୨୨୭୭-୧୨୨୭୮ ଶତାବ୍ଦୀ ଏକ୍ସପ୍ରେସ, ଖଡ଼ଗପୁର-ଭଦ୍ରକ ମେମୁ, ଶନିବାର ଆନନ୍ଦବିହାରରୁ ଆସୁଥିବା ୧୨୮୧୬ ନନ୍ଦନକାନନ ଏକ୍ସପ୍ରେସ ଓ ଚେନ୍ନାଇରୁ ବାହାରୁଥିବା କରମଣ୍ଡଳ ଏକ୍ସପ୍ରେସର ସମୟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ ସମୟ ବିଷୟରେ ଯାତ୍ରୀମାନେ ସୂଚନା କେନ୍ଦ୍ର କିମ୍ବା ରେଲ୍‌ୱେ ଅନୁସନ୍ଧାନ ନମ୍ବରରେ ଫୋନ କରି ଜାଣିପାରିବେ।












ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ



# ଇସ୍ତଫା ଧାରା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କିଛିମାସ ପୂର୍ବେ ବହୁଳ ପ୍ରଚାରିତ ତିନି ଆଇଏଏସ୍ ଅଧିକାରୀଙ୍କ ଇସ୍ତଫା ସରକାରୀ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏଜିଏମ୍‌ୟୁଟି କ୍ୟାଡର୍ ଅଧିକାରୀ କାନ୍ନନ୍ ଗୋପୀନାଥନ୍ ଓ କର୍ଣ୍ଣାଟକ କ୍ୟାଡର ଅଧିକାରୀ ଶଶିକାନ୍ତ ସେନ୍ଥିଲ୍ ଦେଶରେ ବିରୋଧର ସ୍ୱରକୁ ଚାପି ଦିଆଯାଉଥିବା ଅଭିଯୋଗ କରି ଚାକିରିରୁ ଇସ୍ତଫା ଦେଇଥିଲେ। ଜମ୍ମୁ–କଶ୍ମୀରରେ ଲାଗୁ କରାଯାଇଥିବା କଟକଣାକୁ ଏକ କାରଣ ବୋଲି ଦର୍ଶାଇ ସେମାନେ ପଦ ଛାଡ଼ିବାର ନିଷ୍ପତ୍ତି ନେଇଥିଲେ ବୋଲି କହିଥିଲେ। ବର୍ତ୍ତମାନ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ବରିଷ୍ଠ ଆଇପିଏସ୍ ଅଧିକାରୀ ଅବଦୁର ରହମାନ ଚାକିରି ଛାଡ଼ିବା ଲାଗି ଘୋଷଣା କରିଛନ୍ତି। ଏହି ଆଇନ ସାମ୍ପ୍ରଦାୟିକ ଓ ଅସାମ୍ବିଧାନିକ ବୋଲି ସେ ଅଭିଯୋଗ କରିଛନ୍ତି। ୧୯୯୭ ବ୍ୟାଚ୍‌ର ଅଧିକାରୀ ରହମାନ ମହାରାଷ୍ଟ୍ରର ରାଜ୍ୟ ମାନବାଧିକାର ଆୟୋଗରେ ସ୍ୱତନ୍ତ୍ର ପୋଲିସ ମହାନିରୀକ୍ଷକ ଅଛନ୍ତି। ନାଗରିକ ଅଧିକାରର ଉଲ୍ଲଂଘନ କରୁଥିବା ସିଏଏ ଭାରତୀୟ ସାମ୍ପ୍ରଦାୟିକ ସଦ୍‌ଭାବନା ଏବଂ ସହିଷ୍ଣୁତାର ବିରୋଧୀ ହୋଇଥିବାରୁ ତା'ର ପ୍ରତିବାଦରେ ସେ ଚାକିରି ଛାଡ଼ିବା ଲାଗି ସ୍ଥିର କରିଛନ୍ତି। ଖବର ଅନୁସାରେ ସେ ଗତ ଅଗଷ୍ଟ ମାସରେ ସ୍ୱେଚ୍ଛାକୃତ ଅବସର ନେବାକୁ ଚାହିଁଥିଲେ, ଯେଉଁଥିପାଇଁ ମହାରାଷ୍ଟ୍ରର ପୂର୍ବତନ ଫଡ଼ନବିସ ସରକାର ତାଙ୍କୁ ଆଇଜିପି ପାହ୍ୟାକୁ ପଦୋନ୍ନତି ଦେଇ ନ ଥିଲେ। ମୋଦି ସରକାରଙ୍କ ବିଭିନ୍ନ ନିଷ୍ପତ୍ତି ଯୋଗୁ ବରିଷ୍ଠ ଅଧିକାରୀମାନଙ୍କର ଏହି ଇସ୍ତଫା ଧାରା ଏହାର କାରଣ ସମ୍ପର୍କରେ ପୁନଃସମୀକ୍ଷା କରିବାକୁ ସରକାରଙ୍କୁ ବାଧ୍ୟକରିଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ମଧ୍ୟ ଏହା ଉପରେ ଅନୁଧ୍ୟାନ କରୁଛି। ଆଇଏଏସ୍ ଅଧିକାରୀଙ୍କ ଭିତରେ ଉଠୁଥିବା ଅସନ୍ତୋଷର ସ୍ୱରକୁ ସରକାର ଶୁଣିବା ଉଚିତ।

### କ୍ୟାରିୟର ପଥରେ ବାଧା

କ୍ଷମତାଶାଳୀ ଆଇଏଏସ୍ ଅଧିକାରୀମାନଙ୍କ ପ୍ରଭାବରେ ଭାରତୀୟ ଅର୍ଥନୈତିକ ସେବା (ଆଇଇଏସ୍) ଅଧିକାରୀମାନେ ନିଜକୁ ଦୀର୍ଘଦିନ ହେଲା ଉପେକ୍ଷିତ ମନେକରି ଆସୁଛନ୍ତି। ନିକଟରେ ଭାରତୀୟ ଅର୍ଥନୈତିକ ସେବା ସଂଘ (ଆଇଇଏସ୍‌ଏ)ର ବାର୍ଷିକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ୧୦୦ ଜଣ ଆଇଇଏସ୍ ଅଧିକାରୀ ଉପସ୍ଥିତ ରହିଥିଲେ। ଏଥିରେ ସେମାନେ କ୍ୟାଡର ନିୟନ୍ତ୍ରକ କର୍ତ୍ତୃପକ୍ଷ ତଥା ଅର୍ଥନୀତି ବ୍ୟାପାର ବିଭାଗର ସଚିବ ଅତନୁ ଚକ୍ରବର୍ତ୍ତୀଙ୍କୁ ସେମାନଙ୍କ କ୍ୟାରିୟର ପଥରେ ରହିଥିବା ବାଧା ଦୂର କରିବା ସହ ସମୟଭିତ୍ତିକ ପଦୋନ୍ନତି, ହାଉସିଂ ପ୍ରୋଜେକ୍ଟ ଓ ଆର୍ଥିକ ସେବା ଲାଗି ଏକ ସ୍ୱତନ୍ତ୍ର ଟ୍ରେନିଂ ଏକାଡେମୀ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି। ଭାରତୀୟ ଅର୍ଥନୈତିକ ସେବା ସରକାରୀସ୍ତରରେ ନୀତି ନିର୍ଦ୍ଧାରଣ ଲାଗି ଯୋଗାଇ ଆସୁଥିବା ଅର୍ଥନୈତିକ ଜ୍ଞାନ ତଥା ବୃତ୍ତିଗତ ସହଯୋଗ ଉପରେ ସଂଘ ଗୁରୁତ୍ୱ ପ୍ରଦାନ କରିଥିଲା। ଅଧିକାରୀମାନେ ଦାବି କରିଥିଲେ ଯେ, ଅନ୍ୟ କୌଣସି ସେବା (ଆଇଏଏସ୍ ଆଦି) ଏ କ୍ଷେତ୍ରରେ ଅର୍ଥନୈତିକ ଜ୍ଞାନ ସହଯୋଗ ଦେଇପାରିବ ନାହିଁ। ସେଥିଲାଗି ଅନ୍ୟ ସେବାଗୁଡ଼ିକଠାରୁ ଏହା ଆଗରେ ରହିଆସିଛି। ଏହି ସଭାରେ ମୁଖ୍ୟଅତିଥି ଭାବେ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ଡ. କେ. ସୁବ୍ରମଣ୍ୟନ୍ ଯୋଗଦେଇଥିଲେ। ଉଭୟ ସୁବ୍ରମଣ୍ୟନ୍ ଓ ଚକ୍ରବର୍ତ୍ତୀ ଆଇଇଏସ୍ ବାବୁମାନଙ୍କ ଦାବି ସରକାରଙ୍କ ପାଖରେ ପହଞ୍ଚାଇବେ ବୋଲି ଆଶା କରାଯାଉଛି।

### ଆଇପିଏସ୍ ବାବୁଙ୍କ ଅଭାବ

ରାଜ୍ୟଗୁଡ଼ିକ ଆଇପିଏସ୍ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ପ୍ରତିନିଯୁକ୍ତି (ଡେପୁଟେଶନ) ପାଇଁ ପଠାଉ ନ ଥିବାରୁ କେନ୍ଦ୍ରରେ ଏହି ଅଧିକାରୀମାନଙ୍କର ଘୋର ଅଭାବ ପରିଲକ୍ଷିତ ହୋଇଛି। ଏଣୁ କେନ୍ଦ୍ର ସରକାର ପ୍ରତିନିଯୁକ୍ତି ପାଇଁ ରହିଥିବା ସଂରକ୍ଷିତ ପଦକୁ ୫୦ ପ୍ରତିଶତ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଇପିଏସ୍ ଅଧିକାରୀଙ୍କ ସେଣ୍ଟ୍ରାଲ ଡେପୁଟେଶନ ରିଜର୍ଭ (ସିଡିଆର୍) କୋଟା ୧,୦୭୫ରୁ ୫୦୦କୁ ହ୍ରାସ କରିବାକୁ ଯୋଜନା କରିଛି ବୋଲି ସବୁ ରାଜ୍ୟକୁ ଜଣାଇ ଦେଇଥିବା ଏକ ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏବେ କେନ୍ଦ୍ରୀୟ ପ୍ରତିନିଯୁକ୍ତିରେ ମାତ୍ର ୪୨୮ ଜଣ ଆଇପିଏସ୍ ଅଧିକାରୀ ରହିଛନ୍ତି। ମୋଦି ସରକାର ଆଇଏଏସ୍ ଅଧିକାରୀମାନଙ୍କ ପାଇଁ କେନ୍ଦ୍ରୀୟ ଡେପୁଟେଶନକୁ ବାଧ୍ୟତାମୂଳକ କରୁଥିବାବେଳେ ଆଇପିଏସ୍ ଅଧିକାରୀମାନଙ୍କ କୋଟା ହ୍ରାସ କଥା ପଦାକୁ ଆସିଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ଆଇପିଏସ୍ ଅଧିକାରୀମାନେ ସ୍ୱାଗତ କରିନାହାନ୍ତି। ଏହାଦ୍ୱାରା ପୋଲିସ ସେବାର ସର୍ବଭାରତୀୟତ୍ୱ ଗୁଣ ପ୍ରଭାବିତ ହେବ ଓ ଉକ୍ତ ସେବାର ପ୍ରକୃତି ବଦଳିଯିବ ବୋଲି ସେମାନେ ଭୟ କରୁଛନ୍ତି। ଅନେକେ ମନେକରୁଛନ୍ତି ଯେ, ଏବକାର ଅଭାବ ଅସ୍ଥାୟୀ ଏବଂ ଏହାର ସମାଧାନ ଲାଗି ସରକାର ଅନ୍ୟ ସ୍ୱଳ୍ପକାଳୀନ ବ୍ୟବସ୍ଥା ଗ୍ରହଣ କରିବା ଉଚିତ। ପ୍ରତିବର୍ଷ ଆଇପିଏସ୍ ଅଧିକାରୀମାନଙ୍କର ନିଯୁକ୍ତି ବୃଦ୍ଧି ପାଉଥିବାରୁ ପୋଲିସ ସେବାର ପ୍ରକୃତିକୁ ପରିବର୍ତ୍ତନ ନ କରି ମଧ୍ୟ ଏହି ପରିସ୍ଥିତିକୁ ସୁଧରାଯାଇ ପାରିବ।

Email: dilipcherian@gmail.com

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | D | | C | E | | 5 | | | |
| 7 | | | A | 9 | B | | | | | D | 8 | | | |
| | | | | | 2 | | | | | | 9 | 3 | A | |
| | 5 | | | 1 | | 7 | 3 | A | 6 | | | | | |
| 8 | B | | E | | | 6 | | | | A | 7 | 0 | | |
| | | 2 | | | | | | | | | E | | | D |
| 6 | 4 | B | | | | A | | D | | 0 | | | 7 | |
| | | A | | | | 5 | | | 3 | 7 | 1 | | | 0 |
| 0 | | | B | | | 4 | | 6 | | | | | 2 | |
| | | 7 | | | A | 3 | C | | | B | | | | |
| | | | C | 5 | | | 6 | | | | | | | |
| | 6 | | | | 9 | | | | | 5 | D | 2 | | 8 |
| | | | | | 7 | | | 5 | C | 6 | | | | 3 |
| | 1 | E | | 8 | 3 | | | | | | 2 | 4 | 0 | |
| D | | | | | | E | | 0 | 4 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 1 | 0 | 4 | A | D | 7 | 5 | B | 8 | E | C | 2 | 6 | 3 |
| D | 6 | 8 | E | 9 | B | 4 | C | 2 | 3 | 5 | 7 | 0 | 1 | A |
| E | 7 | B | 3 | 8 | 1 | A | 0 | D | 6 | 2 | 9 | 4 | C | 5 |
| C | 3 | A | 0 | 5 | 2 | E | 6 | 9 | 4 | 1 | B | D | 8 | 7 |
| 5 | 2 | 4 | 7 | C | 6 | 3 | 1 | 8 | D | A | 0 | E | B | 9 |
| 2 | D | 1 | 5 | 0 | A | 8 | 9 | 7 | E | B | 3 | C | 4 | 6 |
| B | 9 | 7 | D | 3 | 4 | 1 | A | 6 | 2 | C | 5 | 8 | E | 0 |
| 6 | C | 5 | 2 | 1 | 7 | B | E | 0 | A | 8 | 4 | 3 | 9 | D |
| 8 | 0 | 3 | B | E | C | D | 2 | 4 | 9 | 7 | 6 | A | 5 | 1 |
| A | 4 | E | 8 | 6 | 9 | C | 3 | 5 | 1 | 0 | D | B | 7 | 2 |
| 3 | 5 | 9 | C | 2 | 8 | 0 | B | E | 7 | 6 | A | 1 | D | 4 |
| 7 | E | D | A | 4 | 0 | 5 | 8 | 3 | C | 9 | 1 | 6 | 2 | B |
| 4 | 8 | C | 1 | D | 5 | 6 | 7 | A | B | 3 | 2 | 9 | 0 | E |
| 0 | A | 2 | 6 | B | E | 9 | D | 1 | 5 | 4 | 8 | 7 | 3 | C |
| 1 | B | 6 | 9 | 7 | 3 | 2 | 4 | C | 0 | D | E | 5 | A | 8 |

ଗତକାଲିର ଉତ୍ତର

# ନାଗରିକତ୍ୱ ସଂଶୋଧନ ଆଇନ: ଗୁଜବ ଓ ସତ୍ୟତା



ମୁଖ୍‌ତାର ଅବାସ୍ ନକ୍‌ଭୀ

ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ଥିବା କେତେକ ବ୍ୟକ୍ତି ନାଗରିକତ୍ୱ ସଂଶୋଧନ ଆଇନ ଓ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍)ର ନବୀକରଣ ଏବଂ ଏନ୍‌ଆର୍‌ସିକୁ ନେଇ ସମାଜରେ ଅପପ୍ରଚାର ଚଳାଇଛନ୍ତି। ଏଭଳି ବ୍ୟକ୍ତିଙ୍କ କାର୍ଯ୍ୟ ଏକ ଉତ୍ତୁଙ୍ଗ ପାହାଡ଼ ସଦୃଶ ସତ୍ୟକୁ ଛୋଟ ବୁଦା ଆକାର ମିଛ ଦ୍ୱାରା ଆଚ୍ଛାଦିତ କରିବା ଭଳି ଅପଚେଷ୍ଟା ଛଡ଼ା ଅନ୍ୟ କିଛି ନୁହେଁ।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରର କାର୍ଯ୍ୟକଳାପକୁ ଯଦି ଆମେ ଦେଖୁ ତେବେ ଏକଥା ସ୍ପଷ୍ଟ ଯେ, ଏ ସରକାର ସାମଗ୍ରିକ ସଶକ୍ତୀକରଣ ଓ ସମୃଦ୍ଧି ପାଇଁ ଅଙ୍ଗୀକାରବଦ୍ଧ। ଏ ସରକାର କୌଣସି ବାଛବିଚାର ନ କରି ବିକାଶକୁ ମୂଳମନ୍ତ୍ର ଭାବେ ଗ୍ରହଣ କରିଛି। ଧର୍ମ ଓ ଆଞ୍ଚଳିକ ବୈଷମ୍ୟ ପ୍ରତି ଦୃଷ୍ଟି ନ ଦେଇ ଯେପରି ସମସ୍ତଙ୍କୁ ସୁଖଶାନ୍ତିରେ ରଖିହେବ, ସେଥିପାଇଁ ମୋଦି ସରକାର କାର୍ଯ୍ୟ କରି ଆସୁଛନ୍ତି।

ଯେଉଁ ପ୍ରଧାନମନ୍ତ୍ରୀ ଗରିବଙ୍କୁ ଆବାସ, ଘରକୁ ପାଣି ଓ ବିଜୁଳି ବିନା ବାଛବିଚାରରେ ପ୍ରଦାନ କରିଛନ୍ତି ସେ କେବେ ମଧ୍ୟ ଏଭଳି ପଦକ୍ଷେପ ନେବେ ନାହିଁ, ଯାହାଦ୍ୱାରା ସଂଖ୍ୟାଲଘୁମାନେ ବାସହରା ହେବା ସହ ସେମାନଙ୍କ ଭବିଷ୍ୟତ ଅନ୍ଧକାରମୟ ହୋଇଉଠିବ। ସେ ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ମୋଦି ନାଗରିକତ୍ୱ ସଂଶୋଧନ ଆଇନ ଏବଂ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ନେଇ ସ୍ପଷ୍ଟ ମତ ରଖିଛନ୍ତି। ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, 'ନାଗରିକତ୍ୱ ଆଇନ ଦ୍ୱାରା ନାଗରିକତ୍ୱ ପ୍ରଦାନ କରାଯିବ, ମାତ୍ର କାହାର ନାଗରିକତ୍ୱ ପ୍ରତ୍ୟାହାର କରାଯିବ ନାହିଁ।' ନାଗରିକତ୍ୱ ଆଇନ ଓ ଏନ୍‌ଆର୍‌ସି ଯୋଗୁ କୌଣସି ଭାରତୀୟ ମୁସଲମାନଙ୍କ ନାଗରିକତ୍ୱ ଉପରେ କୌଣସି ଆଶଙ୍କା କିମ୍ବା ପ୍ରଶ୍ନବାଚୀ ସୃଷ୍ଟି ହେବ ନାହିଁ।

ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରେ ଧାର୍ମିକ ଉତ୍ପୀଡ଼ନ ଭୋଗୁଥିବା ସଂଖ୍ୟାଲଘୁ ଲୋକମାନଙ୍କୁ ନାଗରିକତ୍ୱ ପ୍ରଦାନ ହେଉଛି ନାଗରିକତ୍ୱ ସଂଶୋଧନ ଆଇନର ମୂଳ ଉଦ୍ଦେଶ୍ୟ। ଏହି ବିଲ୍‌ରେ କେବଳ ନାଗରିକତ୍ୱ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ହିଁ ନାଗରିକତ୍ୱ ମିଳିବାର ବ୍ୟବସ୍ଥା ରହିଛି। ଅନ୍ୟ ରାଷ୍ଟ୍ରର କୌଣସି ମୁସଲମାନ ବ୍ୟକ୍ତିଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ ପାଇଁ ବ୍ୟବସ୍ଥା ପୂର୍ବରୁ ହିଁ ଭାରତୀୟ ନାଗରିକତ୍ୱ ଆଇନ ୧୯୫୫ରେ ସନ୍ନିବେଶିତ ହୋଇରହିଛି। ମୁସଲମାନଙ୍କ ସମେତ ଯେକୌଣସି ବିଦେଶୀ ନାଗରିକ ଭାରତୀୟ ନାଗରିକତ୍ୱ ଆଇନ ୧୯୫୫ର ଧାରା–୫ ଅନୁସାରେ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ। ଗତ ପାଞ୍ଚବର୍ଷ ମଧ୍ୟରେ ଆମ ସରକାର ଅନ୍ୟାନ୍ୟ ଦେଶର ୫୦୦ରୁ ଊର୍ଦ୍ଧ୍ୱ ମୁସଲମାନଙ୍କୁ ନାଗରିକତ୍ୱ ପ୍ରଦାନ କରିସାରିଛନ୍ତି।

ନାଗରିକତ୍ୱ ସଂଶୋଧନ ଆଇନର ଏକ ଐତିହାସିକ ଭିତ୍ତିଭୂମି ରହିଛି। ୧୯୫୫ ମସିହାରେ ପନ୍ଥ–ମୀର୍ଜା ରାଜିନାମା ସ୍ୱାକ୍ଷରିତ ହୋଇଥିଲା। ଦେଶର ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ ଏବଂ ପାକିସ୍ତାନ ଗୃହମନ୍ତ୍ରୀ ମେଜର ଜେନେରାଲ ଇସ୍କନ୍ଦର ମୀର୍ଜାଙ୍କ ମଧ୍ୟରେ ହୋଇଥିବା ଏହି ରାଜିନାମା ଅନୁସାରେ ପାକିସ୍ତାନରେ ଥିବା ଅଣମୁସଲମାନ ଉପାସନା ସ୍ଥଳୀଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ଦାୟିତ୍ୱ ଭାରତ ଉପରେ ନ୍ୟସ୍ତ ହୋଇଥିଲା। ଏହାଛଡ଼ା ପାକିସ୍ତାନରେ ରହୁଥିବା ଅଣମୁସଲମାନଙ୍କ ସ୍ୱାର୍ଥ, ସାମାଜିକ ଓ ଧାର୍ମିକ ସୁବିଧା ଅସୁବିଧାର ଅନୁଧ୍ୟାନ ଦାୟିତ୍ୱ ମଧ୍ୟ ଭାରତ ସରକାରଙ୍କ ଉପରେ ଥିଲା।

ବିଭାଜନ ବେଳେ ପାକିସ୍ତାନରେ ମୋଟ ଜନସଂଖ୍ୟାର ଶତକଡ଼ା ୨୪ ଭାଗ ଅଣମୁସଲମାନ ଥିବାବେଳେ ଅତ୍ୟାଚାର ଓ ଗଣହତ୍ୟା ଯୋଗୁ ଏହି ସଂଖ୍ୟା ବର୍ତ୍ତମାନ ମାତ୍ର ଶତକଡ଼ା ୨ ଭାଗକୁ ଖସି ଆସିଛି। ମାତ୍ର ଭାରତର ପୂର୍ବବର୍ତ୍ତୀ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ। ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଅମାନବିକ ଅତ୍ୟାଚାରର ଶିକାର ହୋଇ ଭାରତରେ ଶରଣ ନେଇଥିବା ବ୍ୟକ୍ତିମାନଙ୍କୁ ଆତଙ୍କବାଦ ଓ ଆଇନଗତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା। ମୋଦି ସରକାର ସେମାନଙ୍କୁ ସମ୍ମାନର ସହିତ ବଞ୍ଚିବା ପାଇଁ ସୁଯୋଗ ଦେବା ଉଦ୍ଦେଶ୍ୟରେ ନାଗରିକତ୍ୱ ସଂଶୋଧନ ଆଇନ ଆଣିଛନ୍ତି। ଭାରତୀୟ ମୁସଲମାନଙ୍କ ସହ ଏହି ଆଇନର କୌଣସି ସମ୍ପର୍କ ନାହିଁ।

ପାକିସ୍ତାନରେ ସଂଖ୍ୟାଲଘୁମାନେ ଅତ୍ୟାଚାର ଓ ଗଣହତ୍ୟାର ସମ୍ମୁଖୀନ ହେଉଥିବା ବେଳେ ଭାରତୀୟ ବିକାଶ ଧାରାରେ ସେମାନେ ସମାନ ଅଂଶୀଦାର ଭାବେ ବିବେଚିତ ହେଉଛନ୍ତି। ମୋଦି ସରକାରଙ୍କ ସାମାଜିକ, ଆର୍ଥିକ ଓ ଶୈକ୍ଷିକ ସଶକ୍ତୀକରଣ ସମ୍ବଳିତ କଲ୍ୟାଣକାରୀ ଯୋଜନା ସଂଖ୍ୟାଲଘୁଙ୍କ ପାଇଁ ବେଶ୍ ଉପାଦେୟ ହୋଇଛି। ଗତ ପାଞ୍ଚବର୍ଷ ମଧ୍ୟରେ ମୋଦି ସରକାର ପ୍ରାୟ ୩ କୋଟି ୨୦ ଲକ୍ଷ ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଥିବାବେଳେ ସେଥିରୁ ଶତକଡ଼ା ୬୦ ଭାଗ ବାଳିକା। 'ଶିଖାଓ ଔର କମାଓ', 'ଉସ୍ତାଦ', 'ନୟି ମିଲ', 'ନୟି ରୋଶନୀ', 'ଗରିବ ନୱାଜ' କର୍ମ ସଂସ୍ଥାନ ଯୋଜନା ଭଳି ବିଭିନ୍ନ କୌଶଳ ବିକାଶ ଯୋଜନା ଯୋଗୁ ୨୦୧୪ ମସିହାରୁ ଏ ପର୍ଯ୍ୟନ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରାୟ ୮ ଲକ୍ଷ ଯୁବତୀଯୁବକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏଥିରୁ ଶତକଡ଼ା ୫୦ ଭାଗ ହେଉଛନ୍ତି ବାଳିକା। 'ହୁନର ହାଟ୍' ଯୋଜନାରେ ୨ ଲକ୍ଷ ୬୫ ହଜାରରୁ ଅଧିକ କାରିଗର ଓ ଶିଳ୍ପୀ ନିଯୁକ୍ତି ସୁଯୋଗ ପାଇଛନ୍ତି।

ଉପା ସରକାରଙ୍କ ସମୟରେ ଦେଶର ମାତ୍ର ୯୦ଟି ଜିଲାକୁ ସଂଖ୍ୟାଲଘୁ ବିକାଶ ପାଇଁ ଚିହ୍ନଟ କରାଯାଇଥିବା ବେଳେ ମୋଦିଙ୍କ ଏନ୍‌ଡିଏ ସରକାର ଅମଳରେ ଏହା ଦେଶର ୩୦୮ଟି ଜିଲାର ୧୩୦୦ ବ୍ଲକ୍‌ରେ କାର୍ଯ୍ୟକାରୀ ହେଉଛି। ବିଶେଷ କରି ସଂଖ୍ୟାଲଘୁ ବାଳିକାମାନଙ୍କ ଶିକ୍ଷା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଭିତ୍ତିଭୂମିର ବିକାଶ କରାଯାଉଛି। ପ୍ରଧାନମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ ଅଧୀନରେ ଗତ ୫ ବର୍ଷ ମଧ୍ୟରେ ୩୩ଟି ଡିଗ୍ରୀ କଲେଜ, ୧୩୧୮ଟି ବିଦ୍ୟାଳୟ ଗୃହ, ୪୦୨୦୧ ଅତିରିକ୍ତ ଶ୍ରେଣୀ ଗୃହ, ୫୭୪ ଛାତ୍ରାବାସ, ୮୧ ଆଇଟିଆଇ, ୫୦ ପଲିଟେକ୍ନିକ୍, ୩୧୫୮୬ ଅଙ୍ଗନୱାଡ଼ି କେନ୍ଦ୍ର, ୩୧୮ ସଦ୍‌ଭାବନା ମଣ୍ଡପ, ୧୨୩ ଆବାସିକ ବିଦ୍ୟାଳୟ, ୫୭୦ ବଜାର ଗୃହ ଓ ୧୦୪ ଜନସେବାକେନ୍ଦ୍ର ନିର୍ମାଣ କରାଯାଇଛି। ସଂଖ୍ୟାଲଘୁମାନଙ୍କ ନିମନ୍ତେ ପାକିସ୍ତାନ ନର୍କ ପାଲଟିଥିବାବେଳେ ଭାରତ ସେମାନଙ୍କ ପାଇଁ ସ୍ୱର୍ଗ ସଦୃଶ ହୋଇଛି। କେତେକ ବିଚ୍ଛିନ୍ନତାବାଦୀ ଶକ୍ତିଙ୍କୁ ଏଭଳି ବାସ୍ତବତା ଗ୍ରହଣଯୋଗ୍ୟ ହୋଇପାରିନାହିଁ, କାରଣ ସେମାନେ ଦେଶର ବିବିଧତା ମଧ୍ୟରେ ଏକତାର ଶକ୍ତିକୁ ଦୁର୍ବଳ କରିବା ପାଇଁ ଷଡ଼ଯନ୍ତ୍ର ରଚିଚାଲିଛନ୍ତି।

ଏନ୍‌ଆର୍‌ସି ପ୍ରକ୍ରିୟା ଆସାମରେ ୧୯୫୧ରେ ଆରମ୍ଭ ହୋଇଥିବା ବେଳେ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ୧୯୭୦ ଦଶକରେ ପ୍ରବଳ ଦାବି ହୋଇଥିଲା। ୨୦୧୩ରେ ସୁପ୍ରିମ୍‌କୋର୍ଟ ଏହାକୁ ବଳବତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଲେ। ଆସାମରେ ଏନ୍‌ଆର୍‌ସି ପ୍ରକ୍ରିୟା ଏବେ ମଧ୍ୟ ଚାଲିଛି। ଏହା କେବଳ ଆସାମ ମଧ୍ୟରେ ହିଁ ସୀମାବଦ୍ଧ ରହିଛି। ୩୧ ଅଗଷ୍ଟ ୨୦୧୯ରେ ଏନ୍‌ଆର୍‌ସିର ଏକ ଚିଠା ତାଲିକା ପ୍ରକାଶିତ ହୋଇଥିଲା। ତାଲିକାରେ ଯେଉଁମାନଙ୍କ ନାମ ନ ଥିଲା ସେମାନଙ୍କ ନାମ ସରକାରଙ୍କ ଏନ୍‌ଆର୍‌ସି ସେବାକେନ୍ଦ୍ର ଓ ଟ୍ରିବ୍ୟୁନାଲ ସହାୟତାରେ ଯୋଡ଼ାଗଲା।

ଦେଶର ଅନ୍ୟାନ୍ୟ ଭାଗରେ ଏନ୍‌ଆର୍‌ସିକୁ ତ୍ୱରାନ୍ୱିତ କରିବା ନେଇ କୌଣସି ସ୍ତରରେ ମଧ୍ୟ ଏ ପର୍ଯ୍ୟନ୍ତ କଥାବାର୍ତ୍ତା ଆରମ୍ଭ ହୋଇନାହିଁ। ମାତ୍ର କେତେକ ବ୍ୟକ୍ତି ଏନ୍‌ଆର୍‌ସିକୁ ନେଇ ରାଜନୈତିକ ନାଟକବାଜି ଓ ଭୟର ବାତାବରଣ ସୃଷ୍ଟି କରିଚାଲିଛନ୍ତି। ସାପ ଓ ଶିଡ଼ି ଖେଳ ଭଳି ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ କେତେକ ରାଜନୈତିକ ଦଳ ଏବଂ ବ୍ୟକ୍ତି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତି ବିଶେଷଙ୍କୁ ଏଥିରେ ଅଯଥା ନିୟୋଜିତ କରୁଛନ୍ତି। ଏହି ଲୋକମାନେ ଅପପ୍ରଚାର ଦ୍ୱାରା ଲୋକଙ୍କ ମନରେ ଅଯଥା ଦ୍ୱନ୍ଦ୍ୱ ସୃଷ୍ଟି କରିବା ସହ ସମାଜକୁ ଭାଗ ଭାଗ କରିବାରେ ଲାଗି ପଡ଼ିଛନ୍ତି। ଅପପ୍ରଚାର କରୁଥିବା ଏହିଭଳି କୁଚକ୍ରୀ ଗୋଷ୍ଠୀଙ୍କ ପ୍ରତି ସତର୍କ ରହିବା ତଥା ଦେଶର ବିବିଧତା ମଧ୍ୟରେ ଏକତାକୁ ଦୁର୍ବଳ କରୁଥିବା ବ୍ୟକ୍ତିମାନେ ସେମାନଙ୍କ ମନ୍ଦ ଉଦ୍ଦେଶ୍ୟରେ ଯେପରି ସଫଳ ନ ହୁଅନ୍ତି ତାହା ଦେଖିବା ଆମର ଜାତୀୟ କର୍ତ୍ତବ୍ୟ।

କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ

# ଜୀବନର ନକ୍ସା



## ମନ–ମାନଚିତ୍ର

ଡ. ନରହରି ବେହେରା

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି– ଆବଶ୍ୟକତାଠାରୁ ଶୀତଳ ଓ ଉଷ୍ମତାର ମାତ୍ରା କମ୍ ବା ବେଶି ହେଲେ ଆମ ଶରୀରକୁ ସୁଖ ବା ଦୁଃଖ ଦେଇଥାଏ, ସେମିତି ଏ ସଂସାରରେ ପ୍ରିୟର ବିଚ୍ଛେଦ ଏବଂ ଅପ୍ରିୟର ମିଳନ ଆମକୁ କଷ୍ଟଦିଏ। ଭଗବାନ ବୁଦ୍ଧ କହିଛନ୍ତି– କାମନାର ବିନାଶରେ ଦୁଃଖର ବିନାଶ। କିନ୍ତୁ ଆମେ ସମସ୍ତେ କାମନାର ବିନାଶ କରିପାରିବା ନାହିଁ କି ସଂସାର ଛାଡ଼ି ସନ୍ନ୍ୟାସୀ ହୋଇପାରିବା ନାହିଁ। ଏହି ସଂସାରରେ ରହି ନିରନ୍ତର ସାଧନାଦ୍ୱାରା କାମନାକୁ ଅବଦମିତ କରି ଜୀବନକୁ ସୁଖମୟ ଏବଂ ଶାନ୍ତିମୟ କରିପାରିବା। ଏଥିପାଇଁ ଆମ ଜୀବନର ନକ୍ସାଟିଏ ପ୍ରସ୍ତୁତ କରିବାକୁ ହେବ।

ଆମେ ସାଧାରଣ ଦୃଷ୍ଟିରେ ଏ ବିଶାଳ ଭୂପୃଷ୍ଠକୁ ଦେଖି ନ ପାରି ନିର୍ଦ୍ଦିଷ୍ଟ ରେଖାଦ୍ୱାରା ଖଣ୍ଡିତ କରି ଭୂଖଣ୍ଡର ଯେଉଁ ନୂତନ ପରିଚୟ ସୃଷ୍ଟି କରିଥାଉ ତାହା ହିଁ ନକ୍ସା। ତାହା ଆମର କ୍ଷୁଦ୍ର ଘର ହୋଇପାରେ, ଦେଶ କିମ୍ବା ମହାଦେଶ ହୋଇପାରେ। ଜୀବନ କ୍ଷେତ୍ରରେ ଏହି କଥା ମଧ୍ୟ ପ୍ରଯୁଜ୍ୟ। ଆମ ଜୀବନର ଗତି ସର୍ବଦା ଅଦୃଶ୍ୟ। ମାତ୍ର ପ୍ରତ୍ୟେକ ଦିନ ଆମେ ଜୀବନକୁ ଯେତିକି ଦେଖୁଛୁ, ଅନୁଭବ କରୁଛୁ ତାକୁ ନେଇ ଜୀବନର ନକ୍ସା ପ୍ରସ୍ତୁତ କରିପାରିବା। ଜଣେ ବୁଢ଼ୀ ସନ୍ଧ୍ୟାବେଳେ ରାସ୍ତା କଡ଼ରେ ଲଣ୍ଠନଟିଏ ଜାଳି ବସିଥାଏ। ଜଣେ ବାଟୋଇ ଏମିତି ବସିବାର କାରଣ ପଚାରିବାରୁ ବୃଢ଼ୀଟି କହିଲା– ମୋତେ ଅନ୍ଧାରରେ ବଣଟାକୁ ପାରି ହେବାକୁ ପଡ଼ିବ। ଏ ଲଣ୍ଠନ ଆଲୁଅରେ ତ ମାତ୍ର ଦଶ ହାତ ବାଟ ଦିଶୁଛି। ତେଣୁ ଏ ଲଣ୍ଠନ ଆଲୁଅରେ ମୁଁ କିମିତି ଏଡ଼େ ବଡ଼ ବଣଟାକୁ ପାରିହେବି ବୋଲି ଭାବୁଛି। ବାଟୋଇ ହସିଦେଇ କହିଲେ– ଯେତିକି ବାଟ ଦିଶୁଛି ଆଗ ସେତିକି ବାଟ ଚାଲ। ବୁଢ଼ୀଟି ବାଟୋଇ କଥାରେ ଚାଲି ବଣଟାକୁ ପାରି ହୋଇଗଲା। ସେହି ବଣ ପରି ଆମର ଜୀବନ ସର୍ବଦା ଅଦୃଶ୍ୟ ଏବଂ ଅନ୍ଧକାରମୟ। ତେଣୁ ଆମେ ଜୀବନକୁ ପ୍ରତ୍ୟେକ ଦିନ ଅନୁଶୀଳନ କରି ଧୀରେ ଧୀରେ ଆଗକୁ ବଢ଼ିପାରିଲେ ହିଁ ସୁନ୍ଦର ଜୀବନଟିଏ ଗଢ଼ିପାରିବା। ଜୀବନ ନକ୍ସାର ଏହା ଏକ ମୂଳତତ୍ତ୍ୱ।

ମାନ, ଅଭିମାନ, ଭୟ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ, ଦମ୍ଭ, ଧୃତି, ଆଶା, ନିରାଶା ପ୍ରଭୃତି ବହୁ ଉପାଦାନକୁ ନେଇ ଆମ ଜୀବନ। ଏଇମାନଙ୍କୁ ନେଇ ଆମ ଜୀବନର ନକ୍ସା ପ୍ରସ୍ତୁତ କରିବାକୁ ହୋଇଥାଏ। ସଫଳ ନକ୍ସା ହିଁ ସୁଖ ଏବଂ ଶାନ୍ତିପୂର୍ଣ୍ଣ ଜୀବନର ମୂଳ ଭିତ୍ତି। ନକ୍ସା ପାଇଁ ପ୍ରତିଟି ମୁହୂର୍ତ୍ତକୁ ଅନୁଶୀଳନ କରିବା ଦରକାର। ରାଜା ଜନକ ଏହାର ଶ୍ରେଷ୍ଠ ଦୃଷ୍ଟାନ୍ତ, ଯିଏ ସକଳ ଐଶ୍ୱର୍ଯ୍ୟ ସତ୍ତ୍ୱେ ନିସ୍ପୃହ ରହିପାରୁଥିଲେ। ଆମକୁ ସବୁବେଳେ ଦୁଇଟି କଥା ସ୍ମରଣ କରିବାକୁ ପଡ଼ିବ। ଯାହା ଆମ କର୍ତ୍ତୃତ୍ୱରେ ନାହିଁ ତାହା କଷ୍ଟ ହେଉ କି ଇଷ୍ଟ ଆମକୁ ସହିବାକୁ ହେବ, ଯାହା ଆମ କ୍ଷମତା ପରିସରଭୁକ୍ତ ତାକୁ ନିରନ୍ତର ଅନୁଶୀଳନ କରି ପ୍ରୟୋଗ କରିବାକୁ ହେବ। ଏହା ଆମର ଅନେକ ସମସ୍ୟାକୁ ସମାଧାନ କରିଦେବ। ଆମ ଜୀବନକୁ ଲୋଭ କଣ୍ଠରୋଧ କରୁଛି। ଏଣୁ ଆବଶ୍ୟକ ଅନାବଶ୍ୟକର ବିଚାର ନ କରି କେବଳ ଭୌତିକ ବସ୍ତୁ ଗୋଟେଇ ଚାଲିଛୁ। କେବଳ ଧନସମ୍ପତ୍ତି, ପଦପଦବୀର ବୋଝକୁ ମୁଣ୍ଡାଇବାକୁ ବ୍ୟାକୁଳ ହେଉଛୁ।

ଥରେ ଜଣେ ସନ୍ନ୍ୟାସୀ ଦେଖିଲେ ବୁଢ଼ା ମଣିଷଟିଏ ବଡ଼ ଗଣ୍ଠିଲିଟିକୁ ମୁଣ୍ଡାଇ ଅତିକଷ୍ଟରେ ଯାଉଛି। କିଛି ବାଟ ଯିବାପରେ ସେ ଚାଲି ପାରିଲେ ନାହିଁ। ସନ୍ନ୍ୟାସୀ ତା'ଙ୍କ ମୁଣ୍ଡରୁ ଗଣ୍ଠିଲିକୁ ଓହ୍ଲାଇଦେଇ ବସିବାକୁ କହିଲେ। ସନ୍ନ୍ୟାସୀ ଜାଣିବାକୁ ପାଇଲେ– ବୁଢ଼ାଟି ଜଣକ ଘରେ କାମ କରୁଥିଲା। ବୟସ ହେବାରୁ ଏବେ ଘରକୁ ଫେରୁଛି। ଆସିବାବେଳେ ତା' ପାଖରେ ଥିବା ଆସବାବପତ୍ର ନେଇ ଫେରୁଛି। ସନ୍ନ୍ୟାସୀ ତାଙ୍କୁ ପରାମର୍ଶ ଦେଇ କହିଲେ– ତୁମେ ଲୋଭବଶତଃ ଏଣୁତେଣୁ ଗୁଡ଼ାଏ ଜିନିଷ ନେଇ ଆସିଛ। ଯେଉଁଗୁଡ଼ିକ ତୁମେ ନିହାତି ଅନାବଶ୍ୟକ ମନେକରୁଛ ସେଗୁଡ଼ିକ ଫିଙ୍ଗିଦିଅ, ଗଣ୍ଠିଲି ହାଲୁକା ହୋଇଯିବ। ତୁମେ ସହଜରେ ଘରେ ପହଞ୍ଚି ପାରିବ। ଆମ ଜୀବନର ଯାତ୍ରା ଏହି ବୁଢ଼ାର ଗଣ୍ଠିଲି ବୋଝ ବୋହିବା ପରି। ସୁଖପାଇବା ଆଶାରେ ଆମେ ଅନେକ ବିଷୟବସ୍ତୁରେ ଛନ୍ଦିହୋଇ ଯାଉ, ଯେଉଁଥିପାଇଁ ଜଞ୍ଜାଳ ବୃଦ୍ଧିପାଏ। ବସ୍ତୁରେ ଭାବ ବଢ଼ିଲେ ଲୋଭ ଏବଂ ବ୍ୟସ୍ତତା ବଢ଼ିଯାଏ। କାଳକ୍ରମେ ଆମେ ସମାଜଠାରୁ ଏକୁଟିଆ ହୋଇଯାଉ। ସୁଖ ପାଇଁ ସବୁବେଳେ ସର୍ବନିମ୍ନ ଆବଶ୍ୟକତାରେ ସନ୍ତୁଷ୍ଟ ରହିବା ଉଚିତ। ଅନ୍ୟର ସୁଖ, ସମ୍ପତ୍ତି ସହିତ ନିଜକୁ ତୁଳନା କଲେ ଆମର ଅଭାବ କେବେ ବି ସରିବ ନାହିଁ। ଲୋଭ ଏବଂ ଦୁଃଖ ବଢ଼ି ଚାଲିବ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏ ସମାଜ ଆମକୁ ଅନେକ କିଛି ଦେଇଛି। ତେଣୁ ଆମେ ସମାଜର ହିତପାଇଁ କାର୍ଯ୍ୟ କରିବାକୁ ହେବ। ଉପନିଷଦ ଆମକୁ ଶିଖାଇଛି– 'ତେନ ତ୍ୟକ୍ତେନ ଭୁଞ୍ଜିଥାଃ।' ବାସ୍ତବରେ ତ୍ୟାଗ ମନୋବୃତ୍ତିରେ ଭୋଗ ହିଁ ସବୁ ସୁଖର କାରଣ। ଦୀର୍ଘସୂତ୍ରତା ଆମ ଦୁଃଖର ଅନ୍ୟ ଏକ କାରଣ। ବଶିଷ୍ଠ ଦଶରଥଙ୍କୁ ପରାମର୍ଶ ଦେଲେ– ରାମଚନ୍ଦ୍ର ହିଁ ସ୍ୱୟଂ ଭଗବାନ। କୌଣସି ଶୁଭାଶୁଭ ବିଚାର ନ କରି ଆଜି ହିଁ ତାଙ୍କୁ ରାଜା କରି ଦିଅନ୍ତୁ। ଦଶରଥ ଆସନ୍ତାକାଲି ଏହା କରିବାକୁ ଘୋଷଣା କଲେ। ଦଶରଥଙ୍କର ଏହି ଦୀର୍ଘସୂତ୍ରୀ ମନୋଭାବ ଯୋଗୁ ଗୋଟିଏ ରାତି ଭିତରେ ସବୁ କିଛି ଓଲଟପାଲଟ ହୋଇଗଲା। ସୁଖ ଏବଂ ପ୍ରଗତି ପାଇଁ ଏହି ଦୀର୍ଘସୂତ୍ରତା ସର୍ବଦା ପରିହାର୍ଯ୍ୟ। ଏହିପରି ଅନେକ ଉପାଦାନକୁ ନେଇ ସୁଖମୟ ଜୀବନର ଗୋଟିଏ ନକ୍ସା ପ୍ରସ୍ତୁତ କରିବା ସହଜ ନ ହେଲେ ବି ସାଧାରଣ ଭାବରେ କେତୋଟି ଦିଗକୁ ଗୁରୁତ୍ୱ ଦେବା ଦରକାର। ଏ ସମାଜ ପ୍ରତି ମୁଁ ପ୍ରତିବଦ୍ଧ ମଣିଷ। ଏହା ପ୍ରତି ମୋର ଦାୟିତ୍ୱ ଅଛି। ମୁଁ କେବଳ ମୋପାଇଁ ନୁହେଁ ଏ ସମାଜ ପାଇଁ ବଞ୍ଚିଛି। ତେଣୁ ମୋତେ ଯାହା ମିଳିଛି ସେତିକିରେ ସନ୍ତୁଷ୍ଟ ରହିବି। ଯାହା ଅଛି ସେସବୁକୁ ମୁଁ ଏକା ଭୋଗ କରିବି ନାହିଁ, ଅନ୍ୟମାନଙ୍କୁ ସାମିଲ କରିବି। ଲୋଭ, ମାୟା, କ୍ରୋଧଠାରୁ ସର୍ବଦା ମୁକ୍ତ ହେବାକୁ ଚେଷ୍ଟା କରିବି। ଦୀର୍ଘସୂତ୍ରତାକୁ ପରିହାର କରି ନିରନ୍ତର ଆତ୍ମାନୁଶୀଳନ ପୂର୍ବକ ଜୀବନକୁ ସୁଖମୟ କରିବି– ଏହା ହିଁ ଆମ ଜୀବନର କ୍ଷୁଦ୍ର ନକ୍ସା।

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ୍, ଭଦ୍ରକ, ମୋ– ୭୯୭୮୯୦୩୫୦୯

## ଏଇ ଭାରତରେ

କନ୍ୟା ହେବା ପାଇଁ ଫର୍ମ ଭରିବାକୁ ପଡୁଛି। ଏହାପରେ କନ୍ୟାଙ୍କୁ ମିଳିଯାଉଛି ପିତା ଓ ପିତାଙ୍କୁ ମିଳୁଛି କନ୍ୟା। ଯେଉଁ କନ୍ୟାମାନଙ୍କର ପିତା ନାହାନ୍ତି ସେମାନଙ୍କୁ କନ୍ୟା ଭାବେ ଗ୍ରହଣ କରୁଛନ୍ତି ମହେଶଭାଇ ସବାଣୀ। ସେ କନ୍ୟାଙ୍କ ପଢ଼ାଖର୍ଚ୍ଚ ବହନ କରୁଛନ୍ତି, ପୁଣି ସାମୂହିକ ବିବାହର ଆୟୋଜନ କରି କନ୍ୟାଦାନ କରୁଛନ୍ତି। ସେ ଏବେ ୧୩୫ ଜଣ କନ୍ୟାଙ୍କର ସାମୂହିକ ବିବାହ କରାଇଛନ୍ତି। ବିବାହ ଆରମ୍ଭରେ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ମୋବାଇଲ ଲାଇଟ୍‌ରେ କନ୍ୟାମାନଙ୍କୁ ଆରତି କରିଥିଲେ। କନ୍ୟାମାନେ ବିବାହର ପୂର୍ବଦିନ ସେବକ ଭାବେ ସମାଜସେବା କରିଥିଲେ। ବହୁ ମଣ୍ଡପରେ ଆୟୋଜିତ ଏହି ବିବାହରେ ବିଭିନ୍ନ ରାଜ୍ୟର କନ୍ୟାମାନେ ସାମିଲ ହୋଇଥିଲେ। ଜାତିପ୍ରଥା ଦୂର କରିବା ଲାଗି ଏଭଳି ବିବାହର ଆୟୋଜନ କରାଯାଉଛି। ସମସ୍ତେ ଜାତି ନ ଲେଖି ଭାରତୀୟ ଲେଖିଲେ ଭାରତରୁ ଜାତିଭେଦ ଦୂର ହୋଇଯିବ ବୋଲି କୁହନ୍ତି ମହେଶଭାଇ। କେବଳ ଏତିକି ନୁହେଁ ବିବାହିତ କନ୍ୟାଙ୍କ ମଧ୍ୟରୁ ଲକି ଡ୍ର ମାଧ୍ୟମରେ ଚୟନ କରି ୧୦ଟି ଦମ୍ପତିଙ୍କୁ ସିଙ୍ଗାପୁର ଓ ମାଲେସିୟା ଟୁରରେ ପଠାଯାଉଛି। ପ୍ରଥମେ ମହେଶଭାଇ ୧୨୫ରୁ ୧୫୦ ଜଣଙ୍କ ବାହାଘର କରୁଥିଲେ। ପରେ ମୋଲାନିଆ ପରିବାରର ସହଯୋଗ ମିଳିବାରୁ ସେ ୨୩୧ ଜଣ କନ୍ୟାଙ୍କ ବିବାହ କରାଇପାରିଛନ୍ତି।

### ଚିରନ୍ତନୀ

ସନ୍ଧ୍ୟାର ତାରା ଯାଇନି ନିଭି
ଜୋଛନା ବୋଲା ଆକାଶେ ବସି
ନୀରବ ନଦୀ ଉପରେ ତା'ର
ବଦନ ଶୋଭା ଦେଖଇ ହସି।
(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୮ ଡିସେମ୍ବର ୧୯୯୪

- କୌଣସି ଧର୍ମଗତ, ଜାତିଗତ, ଭାଷାଗତ ବିଷୟକୁ ଆଧାର କରି ଯଦି ପ୍ରାର୍ଥୀମାନେ ଭୋଟରଙ୍କୁ ପ୍ରଭାବିତ କରନ୍ତି ତେବେ ସେମାନଙ୍କ ନିର୍ବାଚନ ବାତିଲ କରି ଦିଆଯିବ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି।
- ନୂତନ ବିଶ୍ୱବାଣିଜ୍ୟ ସଙ୍ଗଠନକୁ ଜାପାନ ସରକାର ଅନୁମୋଦନ ଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ ଜାଗାରେ ବେଆଇନ ନିର୍ମାଣ

ମହାଶୟ,

ସରକାରୀ ଜମିରେ ବେଆଇନ ଗୃହ ନିର୍ମାଣ ଚାଲିଥିବା ଏବଂ ଜଟଣୀସ୍ଥିତ ତହସିଲ କାର୍ଯ୍ୟାଳୟ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ଜଟଣୀ ଓ ଖୋର୍ଦ୍ଧା ମୁଖ୍ୟ ରାସ୍ତା କଡ଼ରେ ଶହ ଶହ ଏକର ଗୋଚର, ଶ୍ମଶାନ ଏବଂ ଜଙ୍ଗଲ ଜମି ରହିଛି। ପ୍ରଥମେ ସ୍ଥାନୀୟ ଅସାମାଜିକ ଲୋକ ପଥର ପୋତି ଜମି ଜବରଦଖଲ କରୁଛନ୍ତି। ପରେ ଡିସିମିଲ ପିଛା ୪୦ରୁ ୫୦ ହଜାର ଟଙ୍କାରେ ଅନ୍ୟକୁ ବିକ୍ରି କରିଦେଉଛନ୍ତି। ଏହା ବଦଳରେ ଜବରଦଖଲ ଜମି ବିକ୍ରେତା ଏକ ଏଗ୍ରିମେଣ୍ଟରେ କ୍ରେତାଙ୍କୁ ଦଖଲ ଛାଡ଼ିଦେଲେ ବୋଲି ଲେଖି ଦେଉଛନ୍ତି। ସରକାରୀ ଜମି ପଟ୍ଟା ହେବ ବୋଲି ପ୍ରଚାର ହେଉଥିବାରୁ ଲୋକେ ଆଖି ବୁଜି କିଣୁଛନ୍ତି। ମୁଣ୍ଡିଆ ସାହି, ବିକାଶନଗର, ମଧୁସୂଦନ ନଗର, ପାଇକରାପୁରରେ ଜମି ଜବରଦଖଲ ଏବଂ ବେଆଇନ ନିର୍ମାଣ ଚାଲିଛି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜବରଦଖଲ ଅଞ୍ଚଳକୁ ବିଦ୍ୟୁତ୍, ପାନୀୟଜଳ, ରାସ୍ତାଘାଟ ନିର୍ମାଣ କରାଯାଉଛି। ସରକାରୀ ଜମିକୁ ସୁରକ୍ଷିତ ରଖିବା ଲାଗି ଖୋର୍ଦ୍ଧା ଜିଲାପାଳ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ଅନୁରୋଧ କରୁଛନ୍ତି।

ସୁରେଶ ସାହୁ, ଜଟଣୀ, ଖୋର୍ଦ୍ଧା

### ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁ

ରାଜ୍ୟର ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ ଓ ଅନୁଗୋଳଠାରେ ମହାନଦୀ କୋଲଫିଲ୍ଡ ଲିମିଟେଡ କମ୍ପାନୀରେ ବାହାର ଲୋକଙ୍କୁ ନିଯୁକ୍ତି ଦେବା ଉଚିତ ନୁହେଁ। ଏଥିରେ ଜମି ଓ ଗୃହ ହରାଇଥିବା ପ୍ରତି ପରିବାରର ଜଣଙ୍କୁ ନିଯୁକ୍ତି ଦିଆଯାଉ। ସ୍ଥାନୀୟ ଲୋକମାନେ ବେକାର ଥିବା ବେଳେ ସେମାନଙ୍କ ପ୍ରତି ରାଜ୍ୟ ସରକାର ବିଚାର କରି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।

- ଚାଣକ୍ୟ



## ସଂକ୍ଷେପରେ

### ମୋ କଲେଜ ଅଭିଯାନ ନେଇ ବୈଠକ

**ରାଉରକେଲା ଅଫିସ, ୨୭। ୧୨-** ସେକ୍ଟର-୪ ଠାରେ ଥିବା ରାଉରକେଲା ମହାବିଦ୍ୟାଳୟ ପକ୍ଷରୁ ମୋ କଲେଜ ଅଭିଯାନକୁ ସଫଳ କରିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟ ଅଧକ୍ଷା ସୁଜାତା ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଅଭିଯାନ ସଫଳ କରିବା ନେଇ ଏହି ଅବସରରେ ଏକ ୫ ଜଣିଆ କମିଟି ଗଠନ କରାଯାଇ ଥିଲା। କମିଟି ପରାମର୍ଶ କ୍ରମେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆସନ୍ତା ୧୨ ଜାନୁୟାରୀରେ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା। ଏହାକୁ ସଫଳ କରିବାକୁ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ଏଥିରେ ସଦସ୍ୟ ରହିଥିବା ଡ. ରମଣିରଞ୍ଜନ ପାଣିଗ୍ରାହୀ, ଡ. ରବୀନ୍ଦ୍ର ଜେନା, ସଂଯୋଜିକା ତପସ୍ୱିନୀ ମିଶ୍ରଙ୍କ ସମେତ ଅନ୍ୟମାନେ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ୧୯୬୬ରୁ ଏହି ମହାବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା।

# ବ୍ୟାଙ୍କ ଶାଖା ମିଶ୍ରଣ ବିରୋଧରେ ବିକ୍ଷୋଭ

**ରାଉରକେଲା ଅଫିସ, ୨୭।୧୨**

ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଡେଲି ମାର୍କେଟ ଶାଖା ବନ୍ଦ ନିଷ୍ପତି ନେଇ ଶୁକ୍ରବାର କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ତଥା ଖାତାଧାରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇ ନିଷ୍ପତିର ପ୍ରତିବାଦ କରିଥିଲେ। ଏମାନଙ୍କ ଅଭିଯୋଗ ଥିଲା ଯେ, ଦୀର୍ଘ ବର୍ଷ ଧରି ଏହି ଶାଖା ସବୁବର୍ଗର ଲୋକଙ୍କୁ ସେବା ଯୋଗାଇ ଆସୁଛି। ଏହା ଏକ ଜନବହୁଳ ତଥା ବ୍ୟବସାୟିକ କେନ୍ଦ୍ରସ୍ଥଳ ହୋଇଥିବାରୁ ଏଠାରେ ବ୍ୟାଙ୍କ ଶାଖାର ବହୁ ଆବଶ୍ୟକତା ରହିଛି। ଏହି ଶାଖା ଜରିଆରେ ବରିଷ୍ଠ ନାଗରିକ, ମହିଳା, ସ୍ୱୟଂସହାୟକ ଗୋଷ୍ଠୀ ଓ ଦିବ୍ୟାଙ୍ଗ ଶ୍ରେଣୀର ଉପଭୋକ୍ତା ଉପକୃତ ହେଉଥିଲେ। ଶାଖା ପରିଚାଳନା ନେଇ କେବେ କାହାର ଆପତ୍ତି ନ ଥିଲା। ଏମିତି ଅବସ୍ଥାରେ ବ୍ୟାଙ୍କ ବନ୍ଦକରି ଏହାକୁ ବାସନ୍ତୀ କଲୋନୀ ଶାଖାରେ ମିଶ୍ରଣ କରିବା ଆଦୌ ସମୀଚୀନ ନୁହେଁ ବୋଲି ସଂଘ ସାଧାରଣ ସମ୍ପାଦକ ପୁଲିନ ମିଶ୍ର ପ୍ରକାଶ କରିଛନ୍ତି। ଗତ ୨୦।୧୨।୨୦୧୯ରେ ସମସ୍ତ ଗ୍ରାହକଙ୍କୁ ଅବଗତ କରାଯିବା ପରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବ୍ୟାଙ୍କ କର୍ମଚାରୀ ମହଲରେ ମଧ ଅସନ୍ତୋଷ ସୃଷ୍ଟି ହୋଇଛି। ସରକାର ବ୍ୟାଙ୍କ ସେବା ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ବହୁବିଧ ଯୋଜନା କରୁଥିବା ବେଳେ ଶାଖା ବନ୍ଦ ନିଷ୍ପତି ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ଏନେଇ ଖାତାଧାରୀଙ୍କୁ ଅନ୍ଧାରରେ ରଖାଯାଇଛି। ଏଣୁ ପ୍ରତିବାଦ କରାଯାଇଛି। ତୁରନ୍ତ କର୍ତ୍ତୃପକ୍ଷ ତାଙ୍କ ନିଷ୍ପତିରୁ ଓହରି ଯିବାକୁ ଏଥିରେ ଦାବି କରାଯାଇଥିଲା।



ବ୍ୟାଙ୍କ ଶାଖା ବନ୍ଦ ବିରୋଧରେ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ଭଧାରିଣୀ ଆଉ କ୍ଷୀର ଦିଆ**
**ଗୁରୁପତ୍ନୀ ଆଉ ସାବତ ମାଆ**
**ମାଈଁ, ବ୍ରାହ୍ମଣୀ ଧାଈ ଆଉ ଗାଈ**
**ଶାସ୍ତ୍ରେ ଏମାନଙ୍କୁ ଜନନୀ କହି ।**

ଯିଏ ସନ୍ତାନଙ୍କୁ ଗର୍ଭରେ ଧାରଣ କରିଥାଏ, କ୍ଷୀରପାନ କରାଇଥାଏ ସେ ମା' ହୋଇଥାଏ। ଗୁରୁଙ୍କ ପତ୍ନୀ, ସାବତ ମାଆ, ମାଈଁ ତଥା ଧାଈ ଏ ସମସ୍ତେ ମାତୃତୁଲ୍ୟ ହୋଇଥାନ୍ତି। ସେହିପରି ଗାଈକୁ ଗୋମାତା ଭାବେ ପୂଜା କରାଯାଇଥାଏ। ଶାସ୍ତ୍ର ମତରେ ଏମାନେ ଜନନୀ ପଦବାଚ୍ୟ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଠ ସୁସାର ଥିଲେ**
**ଗାଈ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ରହିଥାଏ ସେଇଠି ମନ ଅକ୍ଳେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଅନାବିଳ ସ୍ନେହ ଶ୍ରଦ୍ଧା ପାଶେ ମନ ବନ୍ଧା ପଡ଼ିଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସମ୍ବଲପୁର ଲୋକମହୋତ୍ସବ ପ୍ରଚାରପତ୍ର ଉନ୍ମୋଚିତ

**ସମ୍ବଲପୁର, ୨୭।୧୨ (ବ୍ୟୁରୋ)**

ସମ୍ବଲପୁର ଲୋକମହୋତ୍ସବର ପ୍ରଚାରପତ୍ର ଓ ସିଡି ଶୁକ୍ରବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଛି । ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ତଥା ଜିଲାପାଳ ଶୁଭମ୍ ସକ୍ସେନାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଉପକମିଟି ଆବାହକମାନେ ଉପସ୍ଥିତ ଥିଲେ। ଲୋକମହୋତ୍ସବ ନୋଡାଲ ଅଧିକାରୀ ସୁକାନ୍ତ ତ୍ରିପାଠୀ, ମୁଖ୍ୟ ସଂଯୋଜକ ସୌମେନ୍ଦ୍ର ପୂଜାରୀ, ମଞ୍ଚ ଓ ପ୍ରେକ୍ଷାଳୟ ଉପକମିଟି ଆବାହକ ନନ୍ଦକିଶୋର ସାହୁ, ଚତ୍ରକଳା ପ୍ରଦର୍ଶନ ଆବାହକ ସୁଶାନ୍ତ ବଢ଼େଇ, ସଂଯୋଜନା କମିଟି ଅବାହକ ତର୍ପଣ ପ୍ରଧାନ, ରହଣୀ ଉପକମିଟି ଆବାହକ ମହମ୍ମଦ ସନାଉଲ୍ଲା, ଖାଦ୍ୟକମିଟି ଆବାହକ ସୁବ୍ରତ ପଣ୍ଡା, ପରିବହନ ଉପକମିଟି ଆବାହକ ସୁଧାଂଶୁ ପୂଜାରୀ, ତଥ୍ୟ ଉପକମିଟି ଆବାହକ ଆଶିଷ କୁମାର ପ୍ରଧାନ ପ୍ରମୁଖଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ।



ଶୁକ୍ରବାର ସମ୍ବଲପୁର ଲୋକମହୋତ୍ସବ ପ୍ରସ୍ତୁତି ବିଷୟରେ ଜିଲାପାଳ ଶୁଭମ୍ ସକ୍ସେନା ବିଭିନ୍ନ କମିଟି ସହ ଆଲୋଚନା କରୁଛନ୍ତି ।



କଣ୍ଢେଲ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ଶିବିରରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀ।

# ଜାତୀୟ ସେବା ଦିବସ ଉଦ୍‌ଯାପିତ

**ବାରକୋଟ, ୨୭।୧୨ (ଡି.ଏନ.ଏ.)**

ଦେବଗଡ ଜିଲା କଣ୍ଢେଲ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ ହୋଇଯାଇଛି । ୭ ଦିନ ଧରି ଚାଲିଥିବା ଉତ୍ସବର ଅନ୍ତିମ ଦିବସରେ ମୁଖ୍ୟଅତିଥି ଭାବେ କଣ୍ଢେଲ ସରପଞ୍ଚ ବିରଞ୍ଚି ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ପ୍ରଦୀପ କୁମାର ବେହେରା ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷା ରଞ୍ଜିତା ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପ୍ରୋଗ୍ରାମ ଅଧିକାରୀ ପଲ୍ଲିସେବକ ସାହୁ ସଂଯୋଜନା କରିଥିଲେ । ଶିବିରାର୍ଥୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷା ବିଭାଗର ଅଧ୍ୟାପକ କପୁର ଚାନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡି ପ୍ରତିଷ୍ଠା ଦିବସ

**ରେଢାଖୋଲ,୨୭।୧୨(ଡି.ଏନ.ଏ)**

ରେଢାଖୋଲ ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଦେହୁରୀସାହିସ୍ଥିତ କାର୍ଯ୍ୟାଳୟରେ ଦଳର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନଗର ସଭାପତି ସୁରେନ୍ଦ୍ର ବିଶ୍ୱାଳ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ସଭାପତି ଉଦିତ ତ୍ରିପାଠୀ, ନାକ୍ଟିଦେଉଳ ବ୍ଲକ ସଭାପତି ମୁଳିଆ ରାଉଳ, ଏନଏସି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ଦେହୁରୀ, ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଶ୍ରମିକ ନେତା ଅନାଦି ସାହୁ, କାଉନସିଲର ଲକ୍ଷ୍ମଣ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ଗୋପବନ୍ଧୁ ବାହୁକ, ଦଳୀୟ କର୍ମକର୍ତ୍ତା ସିଦ୍ଧାର୍ଥ ଶଙ୍କର ପ୍ରଧାନ କ୍ଷିରୋଦ ଖିଲାରୀ, ବାସୁଦେବ ପୃଷେଠ୍, ବିକାଶ ଦାଶ, ରାମପ୍ରସାଦ ସାହୁ, ମନୋଜ ଖୁଣ୍ଟିଆ, ଲକ୍ଷ୍ମଣ ପ୍ରଧାନ, ତ୍ରୀବଣପୁର ସରପଞ୍ଚ ସୂର୍ଯ୍ୟକାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜନସାଧାରଣଙ୍କ ନିକଟରେ ଏ ସବୁ ପହଞ୍ଚାଇବାକୁ ଉଦ୍ୟମ କରିବା ଲାଗି ଆହ୍ୱାନ ଦିଆଯାଇଛି।




ରେଢ଼ାଖୋଲରେ ବିଜେଡିର ପ୍ରତିଷ୍ଠା ଦିବସରେ ଦଳୀୟ କର୍ମକର୍ତ୍ତା ଓ ନେତୃବୃନ୍ଦ।

# ରେଙ୍ଗାଲି ଥାନାରେ ଆମ ପୋଲିସ ସମିତି ବୈଠକ

**ରେଙ୍ଗାଲି, ୨୭।୧୨ (ଡି.ଏନ.ଏ.)**

ରେଙ୍ଗାଲି ଥାନାରେ ଶୁକ୍ରବାର ଆମ ପୋଲିସ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ସୁରେଶ ସାହୁ ଅଧ୍ୟକ୍ଷତା କରିଥିଲେ। ରେଙ୍ଗାଲିର ତହସିଲ ଛକଠାରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କରିବାକୁ ନେଇ ଆଲୋଚନା ହୋଇଥିଲା। ତହସିଲ ଛକ ନିକଟରେ ଥିବା ବିଦେଶୀ ମଦ ଦୋକାନ ଆଗରେ ଲୋକଙ୍କ ଖୋଲମଖୋଲା ମଦ ପିଇବା ବନ୍ଦ କରିବା ପାଇଁ ଦାବି କରାଯାଇଥିଲା। ରେଙ୍ଗାଲି ସହର ଦେଇ ଯାଇଥିବା ରାସ୍ତାକୁ ଚାରି ଧାଡ଼ିଆ କରାଯାଉଛି। ଏଥିପାଇଁ କେତେକ ସ୍ଥାନରେ ଗଛ, ଇଲେକ୍ଟ୍ରି ଖୁମ୍ବ ପାଇଁ ରାସ୍ତା ସଂକୀର୍ଣ୍ଣ ହୋଇଯାଇଛି । ଫଳରେ ବେଳେ ବେଳେ ଦୁର୍ଘଟଣା ଘଟୁଛି। ଉକ୍ତ ରାସ୍ତା ନିର୍ମାଣ ଶୀଘ୍ର ସରିବାକୁ ଦାବି ହୋଇଥିଲା। ମହାବୀର ଛକଠାରୁ ସପନେ ପର୍ଯ୍ୟନ୍ତ ଯାଇଥିବା ରାସ୍ତାରେ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଭାରି ଯାନ ଚଳାଚଳ ବନ୍ଦ କରିବା ପାଇଁ ଦାବି ହୋଇଛି। ସେହିପରି ରେଙ୍ଗାଲି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କଡା କଡି କରିବାକୁ ଦାବି ହୋଇଛି।



ରେଙ୍ଗାଲି ଥାନାରେ ଆମ ପୋଲିସ ସମିତି ବୈଠକରେ ଅଞ୍ଚଳର ବିଭିନ୍ନ ବର୍ଗର ଲୋକେ ସାମିଲ୍ ହୋଇଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହଶ୍ୱେରୀ ଫାଇନାନ୍ସ
LOAN
IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000)
ଲକ୍ଷ ଋଣ ଉପଲବ୍ଧ।
Contact
9716825082

FINANCE
ସରକାରୀ ଯୋଜନା ଦ୍ୱାରା
All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାଓ୍ୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାଓ୍ୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାଓ୍ୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରଷ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

SUCCESS
DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ସାଇକେଲ ଆରୋହୀ ମୃତ

**ବାମରା, ୨୭।୧୨ (ଡି.ଏନ୍.ଏ.):** ବାମରା-କୁଚିଣ୍ଡା ରାସ୍ତାର କେସାଇବାହାଲଠାରେ ଶୁକ୍ରବାର ସନ୍ଧ୍ୟାରେ ଦୁର୍ଘଟଣାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାବରିବାହାଲ ପଞ୍ଚାୟତ ସେଗାପଡା ଗ୍ରାମର କୃଷ୍ଣ ମୁଣ୍ଡାଙ୍କ ପୁଅ ମଙ୍ଗଲୁ (୨୭)। କେସାଇବାହାଲରୁ ସେ ସଉଦା କିଣି ସାଇକେଲରେ ଫେରୁଥିବା ବେଳେ ଏକ ବାଇକ୍ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମହୁଲପାଲି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ରେଢାଖୋଲ,୨୭।୧୨(ଡି.ଏନ୍.ଏ.):** ରେଢାଖୋଲ ଥାନା ଅଧୀନ କଦଳୀଗଡ-ଗରିଆମୁଣ୍ଡା ରାସ୍ତାର ଗରିଆମୁଣ୍ଡା ଗ୍ରାମ ନର୍ସରୀ ନିକଟରେ ଗୁରୁବାର ଅପରାହ୍ନ ୫ଟାରେ ଦୁର୍ଘଟଣା ଯୋଗୁ ଜଣେ ବାଇକ୍ (ନଂ ଓଡି୨୭ ଏ ୪୨୨୫) ଆରୋହୀ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଯୁବକ ଜଣକ ହେଲେ ଅନୁଗୋଳ ଜିଲା କିଆକଟା ଥାନା ଅନ୍ତର୍ଗତ ଟୁସର ଗ୍ରାମ ପଞ୍ଚାୟତ ବେଲଟେଲା ଗ୍ରାମର ସୁରେନ୍ଦ୍ର ଭୋଇ (୪୨)। ଖବର ପାଇ ରେଢାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଢାଖୋଲ ଡାକ୍ତରଖାନାରେ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂତ୍ରରୁ ଜଣାପଡିଛି ଯେ, ସୁରେନ୍ଦ୍ର ବାଇକ୍ ଯୋଗେ କଦଳୀଗଡରୁ ସୁବଳୟା ଅଭିମୁଖେ ଯାଉଥିଲେ। ସମ୍ମୁଖ ଦିଗରୁ ଆସୁଥିବା ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଏଣୁ ସୁରେନ୍ଦ୍ରଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହା ଦେଖି ପୋଲିସକୁ ସୂଚନା ଦେଇଥିଲେ।

### ରେଙ୍ଗାଲିରେ ଦେବୀ ରାଣୀ ସତୀ ଦାଦିଙ୍କ ମଙ୍ଗଳ ପାଠ

**ରେଙ୍ଗାଲି,୨୭।୧୨ (ଡି.ଏନ୍.ଏ.):** ରେଙ୍ଗାଲି ହରିହର ଧର୍ମଶାଳାରେ ଶୁକ୍ରବାର ଦେବୀ ରାଣୀ ସତୀ ଦାଦିଙ୍କ ମଙ୍ଗଳ ପାଠ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଦେବୀଙ୍କ ମେହେନ୍ଦୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଦେବୀଙ୍କୁ ସିଂହାସନ ଉପରେ ଉପସ୍ଥାପନ କରି ପୂଜା କରାଯାଇଥିଲା। ମହିଳାମାନେ ଦେବୀଙ୍କ ମଙ୍ଗଳ ପାଠ କରିଥିଲେ। ଏହି ଅବସରରେ ଗୋଶାଳାର କ୍ରିଷ୍ଣାଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଶେଷରେ କଲିକତାର ପାୟଲ ଗ୍ରୁପ ଦ୍ୱାରା ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା।

ସମ୍ବଲପୁର ଜିଲାରେ ଧାନ ବିକ୍ରି ସମସ୍ୟା

# ସିଏସ୍‌ଓଙ୍କୁ ଘେରିଲେ କୁକୁଡ଼ାପାଲି ଚାଷୀ

■ ୨ ଦିନ ମଧ୍ୟରେ ଟୋକନ୍ ଦେବାକୁ ପ୍ରତିଶ୍ରୁତି

**ସମ୍ବଲପୁର, ୨୭।୧୨ (ବ୍ୟୁରୋ)**



ଶୁକ୍ରବାର ସମ୍ବଲପୁର କୁକୁଡାପାଲି ଚାଷୀମାନେ ସିଏସ୍‌ଓଙ୍କୁ ଘେରାଉ କରିଛନ୍ତି।

ସମ୍ବଲପୁର ଜିଲାରେ ଟୋକନ ବ୍ୟବସ୍ଥା ଯୋଗୁ ଚାଷୀମାନେ ଧାନ ବିକ୍ରି କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦେଢ଼ ମାସରୁ ଊର୍ଦ୍ଧ୍ୱ ହେବ ଚାଷୀ ଧାନ ଅମଳ କରି ଘରେ ରଖିଛି। ହେଲେ ବିକ୍ରି କରି ପାରି ନ ଥିବାରୁ ମୁଣ୍ଡରେ ଚଡକ ପଡିଛି। ରାଜ୍ୟ ସରକାରଙ୍କ ଟୋକନ ବ୍ୟବସ୍ଥା ନୀତି ପ୍ରକୃତ ପକ୍ଷେ ଚାଷୀମାନଙ୍କୁ ସମସ୍ୟା ଘେରକୁ ଟାଣି ନେଇଛି। ଶୁକ୍ରବାର ସମ୍ବଲପୁର ଜିଲା କୁକୁଡାପାଲି ପଞ୍ଚାୟତ ଚାଷୀମାନେ ଜିଲା ଯୋଗାଣ ଅଧିକାରୀ (ସିଏସଓ) ରଞ୍ଜନ ସେଠଙ୍କୁ ଘେରାଉ କରିଥିଲେ। ମଧ୍ୟାହ୍ନ ୧୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ସେମାନେ ଟୋକନ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଦୁଇ ଦିନ ମଧ୍ୟରେ ଟୋକନ ଦିଆଯିବ ବୋଲି ସିଏସଓ ପ୍ରତିଶ୍ରୁତି ଦେଇଛନ୍ତି। ନାଏବ ସରପଞ୍ଚ ସୁସ୍ମିତାରାଣୀ ଦେହୁରୀ, ସମିତି ସଭ୍ୟ ବେଣୁଧର ବେସନ, ମନୋରଞ୍ଜନ ନାୟକ, ଶ୍ରୀବତ୍ସ ନାୟକ, ଅଇଁଠୁ ବଘାର ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ। ସୂଚନାଯୋଗ୍ୟ ଯେ, ଟୋକନ ନ ଥିଲେ ମଧ ଧାନ ବିକ୍ରି କରିବାରେ କୌଣସି ଅସୁବିଧା ନାହିଁ ବୋଲି ମନ୍ତ୍ରୀ ସୁଶାନ୍ତ ସିଂ ଓ ରାଜ୍ୟ ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ କହିଥିଲେ। ହେଲେ ମନ୍ତ୍ରୀ ଓ ଉପମୁଖ୍ୟ ସଚେତକଙ୍କ କଥା ମଧ ରହୁନାହିଁ। ସପ୍ତାହେରୁ ଊର୍ଦ୍ଧ୍ୱ ହେବ ଚାଷୀ ମନୋରଞ୍ଜନ ନାୟକଙ୍କ ୮୪ କୁଇଣ୍ଟାଲ ଧାନ ନିକଟସ୍ଥ ଏକ ରାଇସ୍ ମିଲ୍‌କୁ ଯାଇଛି। ଏ ପର୍ଯ୍ୟନ୍ତ ତାହା ବିକ୍ରି ହୋଇ ନ ପାରି ଖୋଲାରେ ପଡିଛି। ସେହିଭଳି କୁକୁଡାପାଲିର ପ୍ରାୟ ୨୫ଜଣ ଚାଷୀ ଏ ପର୍ଯ୍ୟନ୍ତ ଟୋକନ ପାଇ ନ ଥିବାରୁ ଧାନ ବିକ୍ରି କରିପାରିନାହାନ୍ତି।

## ରେଙ୍ଗାଲି ଡାକ୍ତରଖାନାକୁ ସିଏଚ୍‌ସିରେ ପରିଣତ କରିବାକୁ ଦାବି

**ରେଙ୍ଗାଲି, ୨୭।୧୨ (ଡି.ଏନ୍.ଏ.)**

ରେଙ୍ଗାଲି ଡାକ୍ତରଖାନାକୁ ପିଏଚ୍‌ସି (ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର)ରୁ ସିଏଚ୍‌ସି (ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର) ରେ ପରିଣତ କରାଯାଉ। ଏଥିପାଇଁ ରେଙ୍ଗାଲି ବରିଷ୍ଠ ନାଗରିକ ଏବଂ ରେଙ୍ଗାଲି ଅଞ୍ଚଳବାସୀଙ୍କ ଏକ ବୈଠକ ଶୁକ୍ରବାର ଡାକ୍ତରଖାନା ସଭାଗୃହରେ ବସିଥିଲା। ଏଥିରେ ରାମସହାୟ ପଣ୍ଡା ସଭାପତିତ୍ୱ କରିଥିଲେ। ରେଙ୍ଗାଲି ଏକ ଶିଳ୍ପାଞ୍ଚଳରେ ପରିଣତ ହୋଇ ସାରିଲାଣି। ଏହି ଡାକ୍ତରଖାନା ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ କଡରେ ଥିବାରୁ ଗୁରୁତ୍ୱ ବହନ କରୁଛି। ପ୍ରତିଦିନ ଶିଳ୍ପ କାରଖାନା ଏବଂ ରାସ୍ତା ଦୁର୍ଘଟଣା ଜନିତ ରୋଗୀ ଏହି ଡାକ୍ତରଖାନାକୁ ଆସିଥାନ୍ତି। କିନ୍ତୁ ଡାକ୍ତରଖାନାରେ ସୁବିଧା ସୁଯୋଗ ନ ଥିବାରୁ ରୋଗୀମାନଙ୍କୁ ସମ୍ବଲପୁର କିମ୍ବା ବୁର୍ଲା ସ୍ଥାନାନ୍ତର କରାଯାଇଥାଏ। ରେଙ୍ଗାଲି ଓ ଆଖପାଖ ୨ଟି ପଞ୍ଚାୟତ ଅଞ୍ଚଳର ଲୋକେ ଏହି ଡାକ୍ତରଖାନା ଉପରେ ନିର୍ଭରଶୀଳ। ଏହି ଡାକ୍ତରଖାନାକୁ ପିଏଚସିରୁ ସିଏଚସିକୁ ପରିଣତ କରିବା ପାଇଁ ବହୁବାର ଦାବି ହୋଇଛି। ହେଲେ କୌଣସି ସୁଫଳ ମିଳି ପାରିନାହିଁ ବୋଲି ବୈଠକରେ ଅଭିଯୋଗ ଉଠିଥିଲା। ବିସିକେଶନ ପଣ୍ଡା, ବିଶ୍ୱକେଶନ ବିଶ୍ୱାଳ, ଯୁଗଳ କିଶୋର ଅଗ୍ରୱାଲ, ବୃନ୍ଦାବନ ସାହୁ, ବିନୋଦ ବିହାରୀ ନନ୍ଦ, ସୁବାଷ ସିଂ, ସତ୍ୟନାରାୟଣ ଅଗ୍ରୱାଲ, ଲକ୍ଷ୍ମୀନାରାୟଣ ସାହୁ, କ୍ରିଷ୍ଣା ମାହାଣା ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପ୍ରମାଣପତ୍ର ନେଲେ

**ରେଢାଖୋଲ,୨୭।୧୨ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ପ୍ରଶାସନ ଆନୁକୂଲ୍ୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ଉପଖଣ୍ଡସ୍ତରୀୟ ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ନାକ୍ଟିଦେଉଳ, ରେଢାଖୋଲ ବ୍ଲକ୍ ଓ ଏନଏସି ଅଞ୍ଚଳର ଭିନ୍ନକ୍ଷମମାନେ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ପ୍ରମାଣପତ୍ର ସଂଗ୍ରହ କରିଥିଲେ। ଅସ୍ଥିଶଲ୍ୟ ବିଭାଗରେ ୨୨ ଜଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ବେଳେ ମାନସିକ ଅନଗ୍ରସର ବିଭାଗରେ ୭ ଜଣ, ସିକିଲସେଲ ବିଭାଗରେ ୪ ଜଣ, ଚକ୍ଷୁ ବିଭାଗରେ ୫ ଜଣ ଓ ୬ ଜଣ ଭିନ୍ନକ୍ଷମ ଶ୍ରବଣ ବିଭାଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ମେଡିସିନ ବିଭାଗର ଡା. ସିନା ରାଏ, ମାନସିକ ରୋଗ ବିଭାଗର ଡା. ସୁଲତା ପତି, ଚକ୍ଷୁ ବିଶେଷଜ୍ଞ ମଞ୍ଜୁଲତା ଦାସ, କର୍ଣ୍ଣ-ନାଶା-ଗଳା ବିଭାଗର ଡା. ଓମ୍‌ପ୍ରକାଶ ସିଂ ସାମନ୍ତ ଯୋଗ ଦେଇ ଭିନ୍ନକ୍ଷମମାନଙ୍କ ଡାକ୍ତରୀ ପରୀକ୍ଷା କରିଥିଲେ। ଏହି ଶିବିରରେ ବିଡିଓ ପରିକ୍ଷିତ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୈରେନ୍ଦ୍ରୀ ମେହେର, ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପଞ୍ଚାନନ ବେହେରା ଓ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ଭକ୍ତଚରଣ ବେହେରା ଯୋଗ ଦେଇ ପରିଚାଳନା କରିଥିଲେ।



ଶୁକ୍ରବାର ସମ୍ବଲପୁର ବିଶାଲଖିଣ୍ଡାରେ ଆୟୋଜିତ କୁଲତା ମହାସଭାରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତା।

## ସରପଞ୍ଚଙ୍କୁ ହତ୍ୟା ଧମକ ଦେଇ ଢାବା ମାଲିକ ଗିରଫ

**ରେଢାଖୋଲ,୨୭।୧୨ (ଡି.ଏନ୍.ଏ.)**

ରେଢାଖୋଲ ବ୍ଲକ ଲୁହାପଙ୍କ ସରପଞ୍ଚ ଅଶ୍ୱିନୀ କୁମାର ପ୍ରଧାନଙ୍କୁ ଜଣେ ଢାବା ମାଲିକ ହତ୍ୟା ଧମକ ଦେଇଛନ୍ତି। ଅଭିଯୁକ୍ତ ହେଲେ ବେତଗଡ ଜାତୀୟ ରାଜପଥ କଡରେ ଢାବା କରିଥିବା ବିଜୟ ସାହ। ସରପଞ୍ଚ ପ୍ରଧାନ ଏ ନେଇ ରେଢାଖୋଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୨୯୪, ୫୦୬ରେ ଏକ ମାମଲା (ନଂ.୩୦୦/୧୯) ରୁଜୁ କରିଛି। ଏହାସହ ଅଭିଯୁକ୍ତ ଢାବା ମାଲିକ ବିଜୟଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ସରପଞ୍ଚ ପ୍ରଧାନଙ୍କୁ ଗୁରୁବାର ଅପରାହ୍ନ ୪ ବେଳେ ଅଭିଯୁକ୍ତ ବିଜୟ ନିଜ ମୋବାଇଲ ଫୋନରୁ କଲ୍ କରି ଗାଳି କରି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଲେ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ପ୍ରକାଶଯୋଗ୍ୟ, ଢାବାଗୁଡିକରେ ବେଆଇନ ଭାବେ ମଦ, କୋଇଲା, ପେଟ୍ରୋଲ, ଡିଜେଲ ଚୋରା କାରବାର କରାଯାଉଛି ବୋଲି ବେତଗଡ ଗ୍ରାମବାସୀ ଅଭିଯୋଗ କରୁଛନ୍ତି।



ଭିନ୍ନକ୍ଷମ ପ୍ରମାଣପତ୍ର ବଣ୍ଟନ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ନାମ ପଞ୍ଜୀକରଣ ହେଉଛି।

# କୁଲତା ସମାଜର ମହାସଭା

**ସମ୍ବଲପୁର, ୨୭।୧୨ (ବ୍ୟୁରୋ)**

ବାବା ବିଶାଶହେ କୁଲତା ଜାତିର ୨୪ତମ ମହାସଭା ଶୁକ୍ରବାର ସମ୍ବଲପୁର ଜିଲା ବିଶାଲଖିଣ୍ଡା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ଓ ଛତିଶଗଡ ରାଜ୍ୟ କୁଲତା ସମାଜ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଞ୍ଚଳରୁ ଶହସ୍ରାଧିକ କୁଲତା ମହିଳା, ପୁରୁଷଙ୍କ ସମାଗମ ହୋଇଥିଲା। ଇଷ୍ଟଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରିବା ପରେ ସଭା ଆରମ୍ଭ ହୋଇଥିଲା। ମହାସଭା କାର୍ଯ୍ୟକାରୀ ସଭାପତି ବେଲାଲସେନ ଭୋଇ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଜଗଦୀଶ ବିଶ୍ୱାଳ ବିବରଣୀ ପାଠ କରିଥିଲେ। ଓଡିଶା ଓ ଛତିଶଗଡ ରାଜ୍ୟର କର୍ମକର୍ତ୍ତା ମଞ୍ଚାସୀନ ଥିଲେ। ଏହାପରେ ବରିଷ୍ଠମାନଙ୍କୁ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ ଜିଲାର ସଭାପତି ଓ ପୀଠ ସଭାପତିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ, ଚକ୍ଷୁ ପରୀକ୍ଷା ଶିବିର ଓ ଯୌବିକ କୃଷ୍ଣ ପଦ୍ଧତି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷ ପର୍ଯ୍ୟାୟରେ କୁଲଶର ପୀଠ ସଭାପତି ନବୀନ ଗୁପ୍ତା, କନ୍ଧେଲ ପୀଠର ନରେନ୍ଦ୍ର ପ୍ରଧାନ, ଚକ୍ରା ପୀଠର ଗୋପାଳ ପ୍ରଧାନ, ମୁରା ପୀଠର କ୍ଷମାଶୀଳ ଭୋଇ, କୃଷ୍ଣଚନ୍ଦ୍ର ବାରିକ, ହରିଡିଟାଲ ପୀଠର ଜୟସିଂ ପ୍ରଧାନ, ବଲାଙ୍ଗିରର ଭରତ ଚନ୍ଦ୍ର ଭୋଇ, ଗମଗାଁର ଜୀବର୍ଦ୍ଧନ ଭୋଇ, ମହାସଭା ସ୍ୱାସ୍ଥ୍ୟ ସଚିବ ଡା. ରବୀନ୍ଦ୍ର ପ୍ରଧାନ, କୃଷି ବିଶେଷଜ୍ଞ ଅଶ୍ୱିନୀ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ତେଜରାଜ ପ୍ରଧାନ ଅତିଥି ଭାବେ ଯୋଗଦେଇ ଦ୍ରବ୍ୟ ଓ ସେବାକର ବିଷୟରେ ସୂଚନା ଦେଇଥିଲେ। ବିଶାଲଖିଣ୍ଡା ଗ୍ରାମ ସଭାପତି ସଚ୍ଚିଦାନନ୍ଦ ପ୍ରଧାନ ଓ ସମ୍ପାଦକ ଜୟନାରାୟଣ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି ମ୍ୟାଚ

# ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ

**ସମ୍ବଲପୁର, ୨୭।୧୨ (ବ୍ୟୁରୋ)**



ଶୁକ୍ରବାର ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଓଡିଶା ଦଳ ଖେଳାଳିମାନେ।

ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଶୁକ୍ରବାରଠାରୁ ଓଡିଶା ଓ ଭ୍ରମଣକାରୀ ସ୍ୱରାଷ୍ଟ୍ର ମଧ୍ୟରେ ୧୯ ବର୍ଷରୁ କମ୍ କୁଚବିହାର ଟ୍ରଫି କ୍ରିକେଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ଜିଣି ସ୍ୱରାଷ୍ଟ୍ର ଘରୋଇ ଓଡିଶା ଟିମ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ବ୍ୟାଟିଂ ଆରମ୍ଭ କରି ଓଡିଶା ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓଡ଼ିଶା ୬୩.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୧୨ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଦଳ ତରଫରୁ ସମୀର ସାହୁ ୯୨ ବଲରେ ସମ୍ମୁଖୀନ ହୋଇ ସର୍ବାଧିକ ଅପରାଜିତ ୩୪ ରନ ସଂଗ୍ରହ କରିଥିଲେ। ଏଥିରେ ସେ ୪ଟି ଚୌକା ମାରିଥିଲେ। ସେହିପରି ଓପନର ତନ୍ମୟ କୁମାର ବିଶ୍ୱାଳ ୯୧ ବଲରେ ୩୧ ଓ ଅନୀଲ ପରିଡା ୭୪ ବଲରେ ୪ ରନ କରିଥିଲେ। ଅନ୍ୟତମ ବ୍ୟାଟ୍ସମ୍ୟାନମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ସ୍ୱରାଷ୍ଟ୍ର ତରଫରୁ ଯୁବରାଜ ସିଂ ସିଣ୍ଢୋଲ, ଦେବ ଦନ୍ତ ଓ ଯୁବରାଜ ସିଂ ଡୁଡିଆ ୩ଟି ଲେଖାଏ ଉଇକେଟ ନେଇଥିଲେ। ସେହିପରି ରିଷି ପଟେଲ ଗୋଟିଏ ଉଇକେଟ ନେବାରେ ସକ୍ଷମ ହୋଇଥିଲେ।

ଏହାପରେ ସ୍ୱରାଷ୍ଟ୍ର ଦଳ ବ୍ୟାଟିଂ ଆରମ୍ଭ କରି ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଦଳ ୨୫ ଓଭରରେ ୪ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲା। ନିହାର ଭେଗଲ୍ଲା ଓ ସିଦ୍ଧାନ୍ତ ରାଣା ବ୍ୟାଟିଂ କରିବାକୁ ଆସିଥିଲେ। ଦଳର ଖେଳାଳି ଜୟ ଗୋହିଲ ୫୮ ବଲରେ ୫୪ ରନ କରିଥିଲେ। ଏଥିରେ ସେ ୯ଟି ଚୌକା ଓ ୨ଟି ଦର୍ଶନୀୟ ଛକା ମାରିଥିଲେ। ସେହିପରି ହିତୱିକ କଟାକ ୮୪ ବଲରେ ୧୭ ରନ କରିଥିଲେ। ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇଅଙ୍କ ଛୁଇଁ ପାରିନଥିଲେ। ଓଡିଶା ପକ୍ଷରୁ ସୂର୍ଯ୍ୟ ବିଶ୍ୱାଳ ୧୦ ଓଭରରେ ୧୯ ରନ ଦେଇ ଗୋଟିଏ ଓ ଅଙ୍କିତକର ଜସୱାଲ ୪ ଓଭରରେ ୨୪ ରନ ଦେଇ ଗୋଟିଏ ଏବଂ ମିଳନ ସାମଲ ୫ ଓଭରରେ ୧୪ ରନ ଦେଇ ୨ଟି ଉଇକେଟ ହାସଲ କରିଥିଲେ। ଅମ୍ପାୟାର କେ ନିଧିନ ଓ ପ୍ରେମ ଭାର୍ଗବ ମ୍ୟାଚ ପରିଚାଳନା କରିଥିଲେ। ରଜତ ଦାଶ ଓ ବୀରାଜ ଦାଶ ସ୍କୋରର ଥିଲେ। ଆୟୋଜକ ସମ୍ବଲପୁର ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ ମୁଖ୍ୟଅତିଥି ଓ ଓଡିଶା କ୍ରିକେଟ ଏକାଡେମୀ ଯୁଗ୍ମ ସମ୍ପାଦକ ମେହେତାପ ଖାନ, ଜିଲା କ୍ରୀଡା ସଂଘ କାଉନସିଲ ସଂଘ ସୁନୀଲ କୁମାର ସାହୁ, ସୁବୋଧ ସାହୁ, ବିକାଶ ମିଶ୍ର ସମ୍ମାନୀତ ଅତିଥି ଥିଲେ। ଡ. ବିଜୟ କୁମାର ପ୍ରଧାନ ଓ ମନୋରଞ୍ଜନ ପାଢ଼ୀ ଧାରାବିବରଣୀ ପ୍ରଦାନ କରିଥିଲେ।

# ପାରିଶ୍ରମିକ ବୃଦ୍ଧି ଦାବିରେ ବିକ୍ଷୋଭ

**ବାମରା, ୨୭।୧୨ (ଡି.ଏନ୍.ଏ.)**

୨୩ ବର୍ଷରୁ ଅଧିକ ସମୟ ହେବ ମଧ୍ୟାହ୍ନ ଭୋଜନକୁ ପାଚକ ପାଚିକାମାନେ ସୁଚାରୁରୂପେ ପରିଚାଳନା କରି ଆସୁଛନ୍ତି। ହେଲେ ସେମାନଙ୍କୁ ମାସକୁ ମାତ୍ର ୧୪ ଶହ ଟଙ୍କା ପାରିଶ୍ରମିକ ମିଳୁଛି। ଏହାଦ୍ୱାରା ସେମାନଙ୍କ ପରିବାର ଚଳିବାରେ କଷ୍ଟ ହେଉଛି। ବର୍ଷକୁ ପୁଣି ୧୨ ମାସ ପରିବର୍ତ୍ତେ ୧୦ ମାସର ପାରିଶ୍ରମିକ ପ୍ରଦାନ କରାଯାଉଛି। ଏମାନଙ୍କ ପାଇଁ କୌଣସି ସାମାଜିକ ସୁରକ୍ଷା, ପେନସନ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆନୁସଂଗିକ ସୁବିଧା ସୁଯୋଗ ମିଳୁନି। ଏହାଦ୍ୱାରା ସେମାନଙ୍କ ଭିତରେ ପ୍ରବଳ ଅସନ୍ତୋଷ ଲାଗି ରହିଛି। ଏଣୁ ଏହି ସବୁ ଦାବି ନେଇ ବାମରା ବ୍ଲକ ପାଚକ ପାଚିକା ସଂଘ ଶୁକ୍ରବାର ବିଇଓ ଅଫିସର ଦ୍ୱାରସ୍ଥ ହୋଇଛି। ଡାକବଙ୍ଗଳାରୁ ଏମାନେ ଏକ ଶୋଭାଯାତ୍ରାରେରେ ବାହାରି ବିଇଓ ଅଫିସରେ ପହଞ୍ଚିଥିଲେ। ହେଲେ ବିଇଓ ଅନୁପସ୍ଥିତ ଥିବାରୁ ସେମାନେ ଏବିଇଓ ରମେଶ ଚନ୍ଦ୍ର ନାଏକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏଆଇଟିୟୁସିର ରାଜ୍ୟ କମିଟି ସଦସ୍ୟ ତଥା ବାମରା ବ୍ଲକ ସଭାପତି ବିଷ୍ଣୁ ପଣ୍ଡାଙ୍କ ଆହ୍ୱାନରେ ପାଚକ ପାଚିକା ସଂଘର ରାଜ୍ୟ କମିଟି ସଦସ୍ୟ ବିଜୟ ସାହୁ, ବିଶିଷ୍ଟ ଚାଷୀ ନେତା ଲକ୍ଷ୍ମୀନାରାୟଣ ଛତ୍ରିଆ, ଶ୍ୟାମସୁନ୍ଦର ପିଙ୍ଗ ଓ ମହିଳା ନେତ୍ରୀ ଦେବକୀ ମାଝୀ ପ୍ରମୁଖଙ୍କ ନେତୃତ୍ୱରେ ବ୍ଲକର ଶତାଧିକ ପାଚକ ପାଚିକା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




ପାଚିକାପାଚକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ସମ୍ମାନ ପାଇବାକୁ ନୁହେଁ, ଆମେ ସମ୍ମାନ ପାଇବାକୁ ହକ୍‌ଦାର,
ଏହି ଚେତନା ଆମକୁ ଗୌରବର ଅଧିକାରୀ କରାଏ।
- ଆରିଷ୍ଟଟଲ



## ସଂକ୍ଷେପରେ

### ବାଇକ୍ ଚୋରାଇବାକୁ ଆସି ନିଜ ବାଇକ୍ ଛାଡି ଚାଲିଗଲେ ଦୁର୍ବୃତ୍ତ

**ଜୁନାଗଡ,୨୭।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା କେନ୍ଦୁପାଟି ଗ୍ରାମକୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ବାଇକ ଚୋରାଇବାକୁ ଆସି ଧରାପଡିଯିବା ଭୟରେ ନିଜ ବାଇକ ମଧ ଛାଡି ଚାଲିଯାଇଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାପ୍ତ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କେନ୍ଦୁପାଟି ଗ୍ରାମର ବିନୟ ସାହୁଙ୍କ ବାଇକ୍ ଚୋରି କରିବାକୁ ତାଙ୍କ ଘର ପରିସରକୁ ଆସିଥିଲେ। ଚୋରି କରିବା ପାଇଁ ସଜବାଜ ହେଉଥିବାବେଳେ ବିନୟଙ୍କ କାକା ନନ୍ଦି କିଶୋର ସାହୁ ହଟାତ ଘର ବାହାରକୁ ଚାଲିଆସିଥିଲେ। ଏହା ଜାଣିପାରି ଦୁର୍ବୃତ୍ତମାନେ ଧରାପଡିଯିବା ଭୟରେ ସାଙ୍ଗରେ ଆଣିଥିବା ଏକ ବାଇକ୍‌କୁ ମଧ ସେଠାରୁ ଛାଡିଦେଇ ଚମ୍ପଟ ମାରିଥିଲେ। ଏହି ବାଇକ ହିରୋହୋଣ୍ଡା ସିଡି ଡିଲକ୍ସ ହୋଇଥିବାବେଳେ ଏହାର ନମ୍ବର ପ୍ଲେଟ ମଧ ନ ଥିଲା। ଶୁକ୍ରବାର ସକାଳେ କେନ୍ଦୁପାଟି ସରପଞ୍ଚ ରେବତୀ ବାଗଙ୍କ ଘରେ ଉକ୍ତ ବାଇକକୁ ନନ୍ଦି କିଶୋର ଜମାଦେଇ ଜୁନାଗଡ ପୋଲିସକୁ ଖବର ଦିଆଯାଇଥିଲା। ଅପରାହ୍ନରେ ଜୁନାଗଡ ପୋଲିସ ପହଞ୍ଚି ଦୁର୍ବୃତ୍ତ ଛାଡିଥିବା ଉକ୍ତ ନମ୍ବର ବିହୀନ ବାଇକକୁ ନିଜ ଅକ୍ତିଆରକୁ ଆଣିଥିଲେ।

# ରାସ୍ତାଘାଟ, ପାଣି, ଶିକ୍ଷା ସମସ୍ୟା ନେଇ ଆଲୋଚନା

**ସୁନ୍ଦରଗଡ଼, ୨୭।୧୨ (ଡି.ଏନ୍.ଏ)**



ବିଜେଡିର ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତକରି ଆଲୋଚନା କରୁଛନ୍ତି।

- ଜିଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ
- ପୂର୍ବତନ ବିଧାୟକ ମଙ୍ଗଳା କିଷାନ ନେଇଥିଲେ ନେତୃତ୍ୱ
- ସୁନ୍ଦରଗଡ଼, ରାଜଗାଙ୍ଗପୁର, ତଳସରା ନିର୍ବାଚନମଣ୍ଡଳୀ ସମ୍ପର୍କରେ ଆଲୋଚନା

ଶୁକ୍ରବାର ବିଜେଡିର ଏକ ପ୍ରତିନିଧି ଦଳ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ସାକ୍ଷାତକରି ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ତଳସରା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଏହି ୩ଟି ନିର୍ବାଚନମଣ୍ଡଳୀର ରାସ୍ତାଘାଟ, ପାଣି, ବିଜୁଳି, ଶିକ୍ଷା ସମସ୍ୟା ସହିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁପରିଚାଳନା ଉପରେ ବିସ୍ତୃତ ଭାବେ ଏହି ପ୍ରତିନିଧି ଦଳ ଆଲୋଚନା କରିଥିଲେ। ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ ସାଙ୍ଗଠନିକ ଜିଲା ବିଜେଡି ସଭାପତି ମଙ୍ଗଳା କିଷାନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ।

ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଗୁଡିକରେ କିପରି ଭାବେ ଅଧିକରୁ ଅଧିକ ଛାତ୍ରୀଛାତ୍ର ନାମ ଲେଖାଇ ପଢି ପାରିବେ, ବିଦ୍ୟାଳୟରେ ଥିବା ସମସ୍ୟାଗୁଡିକ କିପରି ସମାଧାନ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। କୁତ୍ରା ବ୍ଲକରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଯେତେ ଶୀଘ୍ର ହେବ ସରକାରୀ ଜାଗା ଯୋଗାଇ ଦିଆଯିବା ସହ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବା, ପ୍ରତ୍ୟେକ ପଞ୍ଚାୟତରେ କଂକ୍ରିଟ ରାସ୍ତା ନିର୍ମାଣ, ପିଇବା ପାଣି ଓ ବିଜୁଳିର ସମାଧାନ କରିବା ଉପରେ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏତଦ୍ ବ୍ୟତୀତ ସୁନ୍ଦରଗଡରେ ପାନୀୟ ଜଳ ଯୋଗାଣ ପାଇଁ ସହରର ସବୁ ରାସ୍ତା ପାଇପ୍ ବିଛାଇବା ପାଇଁ ଖୋଳିବା ପରେ ତାର ଠିକ ଭାବେ ମରାମତି କରା ଯାଉ ନ ଥିବା ଯୋଗୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମିତ ରାସ୍ତାଗୁଡିକ ଶୋଚନୀୟ ହୋଇ ପଡିଛି। ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହାର ମରାମତି କରାଯିବାକୁ ଏହି ପ୍ରତିନିଧି ଦଳ ଦାବି କରିଥିଲେ। ଅନେକ ରସ୍ତାରେ ମ୍ୟୁନିସିପାଲିଟି ଦ୍ୱାରା ପରିଚାଳିତ ଆଲୋକ ବ୍ୟବସ୍ଥା ନ ଥିବାରୁ ଓ କେତେକ ଜାଗାରେ ଷ୍ଟ୍ରିଟ ଲାଇଟଗୁଡିକ ଜଳୁ ନ ଥିବାରୁ ଏହାର ପ୍ରତିକାର କରାଯିବା, କୋର୍ଟ ପାଖରେ ଦୋକାନ ଗୃହ ପାଇଁ ପୁରୁଣା ଦୋକାନକୁ ଯଥାଶୀଘ୍ର ଯୋଗାଇ ଦେବାକୁ ଦାବି କରିଥିଲେ। ଜିଲାପାଳ ଯଥାଶୀଘ୍ର ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ବିଜେଡିର କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ଦାସ, ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସଞ୍ଜୟ ବହିଦାର, ତ୍ରିଲୋଚନ କାକ, ରୋଶନ ବାର୍ଲା ପ୍ରମୁଖ ସାମିଲ ଥିଲେ।

## ହେଉନି ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ

**କୁଆଁରମୁଣ୍ଡା,୨୭।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଇଲାକାରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଶେଷକରି ସନ୍ଧ୍ୟା ନ ହେଉଣୁ ମଦୁଆମାନେ ଖୋଲା ସ୍ଥାନ ଦେଖି ମଦ୍ୟପାନ କରୁଛନ୍ତି। ଅନେକ ଅସାମାଜିକ କାର୍ଯ୍ୟକଳାପ ସନ୍ଧ୍ୟା ହେଲେ କୁଆଁରମୁଣ୍ଡାର ଅବହେଳିତ ଭାବେ ପଡ଼ିଥିବା ଆଧୁନିକ ମେଟାଲିକ୍ସ ଚିଲ୍‌ଡ୍ରେନ ପାର୍କରେ ଘଟୁଛି। ସନ୍ଧ୍ୟା ହେଲେ ପାର୍କ ଭିତରେ ଯୁବତୀଯୁବକମାନେ ପଶି ମଦ୍ୟପାନ କରିବା ସହ ଅନୈତିକ କାର୍ଯ୍ୟକଳାପ କରୁଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ ଏହି ଅଞ୍ଚଳରେ ରାତି ହେଲାମାନେ ପୋଲିସ ପାଟ୍ରୋଲିଂ ଜରୁରୀ ଥିବା ବେଳେ ତାହା ହେଉନାହିଁ। ଫଳରେ ଅନାୟାସରେ ପାର୍କ ଭିତରେ ଅନୈତିକ କାର୍ଯ୍ୟକଳାପ ବଢି ଚାଲିଛି। ସେହିପରି କୁଆଁରମୁଣ୍ଡାର ସରବେର୍ଣ୍ଣୀ,ବ୍ଲକ କଲୋନୀ ଇତ୍ୟାଦି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଆଦୌ ହେଉ ନ ଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୋଲିସ କେବଳ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦୃଢ ଦାବି ହେଉଛି।

# ପୋଲିସକୁ ଭୋଜି ଖୁଆଇ ଗଣ୍ଡଗୋଳ



ପୋଲିସ୍‌କୁ ଭେଟିବାକୁ ଆସିଥିବା ଲୋକେ।

**ବଡଗାଁ, ୨୭।୧୨ (ଡି.ଏନ.ଏ)**

ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବ୍ଲକ ଅଧ୍ୟକ୍ଷା, ସରପଞ୍ଚ, ବଡଗାଁର କେତେକ ବାସନ ଦୋକାନୀ ଓ ଥାନା ଆଇଆଇସିଙ୍କ ସହିତ ପୋଲିସ ଷ୍ଟାପ ଭୋଜି କରି ଖାଇଲା ପରେ ଅଧ୍ୟକ୍ଷାଙ୍କ ସହିତ ଜଣେ ସରପଞ୍ଚ ଏବଂ କେତେକ ବାସନ (ବର୍ତ୍ତନ) ବ୍ୟବସାୟୀ ଅନ୍ୟ ଏକ ଗ୍ରାମରେ ବାସନ ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କ ଦୋକାନରେ ଫିଙ୍ଗାଫୋପଡା କରିବା ସହ ଅସଭ୍ୟ ଗାଳି ଦେବା ଭଳି ଏକ ଅଶୋଭନୀୟ ଘଟଣା ବଡଗାଁ ଥାନା ଅଞ୍ଚଳରେ ଘଟିଛି। ସୂଚନାନୁଯାୟୀ, ଡିସେମ୍ବର ୨୫ ତାରିଖ ବଡଗାଁ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରା ଓ ବଡଗାଁର କେତେକ ବାସନ ବ୍ୟବସାୟୀ ଡାକବଙ୍ଗଳାରେ ଭୋଜି କରିଥିଲେ। ଏହି ଭୋଜିରେ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସ ଓ ପୋଲିସ ଷ୍ଟାପ ସାମିଲ ହୋଇଥିଲେ । ଭୋଜି ଖାଇଲା ପରେ ପୋଲିସ ଥାନାକୁ ଫେରି ଆସିଥିଲାବେଳେ ବ୍ଲକ ଅଧ୍ୟକ୍ଷା ମିଞ୍ଜ, ସରପଞ୍ଚ ଅହଲ୍ୟା ଲାକ୍ରା ଓ ବଡଗାଁର କେତେକ ବାସବ ବ୍ୟବସାୟୀ ବରଗାଁକଛାର ଗ୍ରାମକୁ ଯାଇ ଜଣେ ବାସନ ବ୍ୟବସାୟୀଙ୍କ ଦୋକାନରେ ବାସନକୁସନ ଫିଙ୍ଗାଫୋପଡା କରିବା ସହିତ ଗାଳିଗୁଳଜ କରି ବ୍ୟବସାୟ ବନ୍ଦ କରି ଢେଙ୍କାନାଳ ଚାଲିଯିବାକୁ ଧମକ, ଚେତାବନୀ ଦେଇଥିଲେ । ଏ ନେଇ ଥାନାରେ ଅଭିଯୋଗକାରୀ ବାସନ ବ୍ୟବସାୟୀ ଢେଙ୍କାନାଳ ଜିଲା ଭୁବନ ଗ୍ରାମର ହୃଦାନନ୍ଦ ସାହୁ ଓ ବରଗାଁକଛାର ଗ୍ରାମବାସୀମାନେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକାରୀ ସାହୁଙ୍କୁ ପଚାରିବାରେ ଘଟଣାର ୨ ଦିନ ପୂର୍ବରୁ ବ୍ଲକ ଅଧ୍ୟକ୍ଷା ଏଠାରେ ବ୍ୟବସାୟ କରନାହିଁ, ତମ ଗାଁକୁ ଯାଇ କର ବୋଲି କହିଥିଲେ । ଡିସେମ୍ବର ୨୫ ତାରିଖ ଅଧ୍ୟକ୍ଷାଙ୍କ ସହିତ ୧୨ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୋ ଦୋକାନକୁ ଯାଇ ବାସନ ଫିଙ୍ଗାଫୋପଡା କରିଥିଲେ ଓ ବ୍ୟବସାୟ ବନ୍ଦ କରି ଚାଲିଯିବାକୁ ଧମକ ଓ ଗାଳି ଦେଇଥିଲେ। ଏମାନଙ୍କ ସହିତ ବଡଗାଁର କେତେ ଜଣ ବାସନ ବ୍ୟବସାୟୀ ମଧ ଥିଲେ। ଏହି ଘଟଣା ପରେ ବରଗାଁକଛାର ସରପଞ୍ଚ ରାଜେଶ୍ୱରୀ କାଲୋ, ସମିତି ସଭ୍ୟ ରବୀନ୍ଦ୍ର ଲୁଗୁନ, ନାଏବ ସରପଞ୍ଚ ଦଶରଥ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ବାଗଙ୍କ ସହିତ ଶତାଧିକ ବ୍ୟକ୍ତି ଗୁରୁବାର ଥାନାରେ ଲିଖିତ ଜଣାଇଛନ୍ତି । ସେମାନେ ଜନ ପ୍ରତିନିଧିଙ୍କ ଗଣ୍ଡଗୋଳ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଜନପ୍ରତିନିଧିମାନେ ଗୁଣ୍ଡା ବଦମାସଙ୍କ ଭଳି ଯେଭଳି କଲେ ତାକୁ ନିନ୍ଦା କରିବା ସହିତ ଜନପ୍ରତିନିଧିମାନେ କେଉଁ କ୍ଷମତା ବଳରେ ବଡଗାଁର ବାସନ ବ୍ୟବସାୟୀଙ୍କ ସପକ୍ଷରେ ଯାଇ ଅନ୍ୟ ଜଣେ ବ୍ୟବସାୟୀଙ୍କୁ ବ୍ୟବସାୟ ବନ୍ଦ କରି ଚାଲିଯିବାକୁ ଧମକ ଦେଲେ ପ୍ରଶ୍ନ ଉଠାଇ ତୀବ୍ର ଭତ୍ସନା କରିଥିଲେ । ତେବେ ବଡଗାଁ ଥାନା ଆଇଆଇସି ଓ ଷ୍ଟାପ, ବ୍ଲକ ଅଧ୍ୟକ୍ଷା ଓ ବଡଗାଁ ବାସନ ବ୍ୟବସାୟୀମାନେ କରିଥିବା ଭୋଜି ଖାଇବାକୁ ଯାଇଥିବା ସମ୍ପର୍କରେ ପଚାରିବାରେ ଭୋଜି ଖାଇବାକୁ ଯାଇଥିବା ସ୍ୱିକାର କରି ଏଭଳି କରିବେ ବୋଲି ପୂର୍ବରୁ ଜାଣି ନ ଥିଲେ କହିଥିଲା ବେଳେ ବ୍ଲକ ଅଧ୍ୟକ୍ଷା ମିଞ୍ଜ ଓ ଫୁଲବାରୀ ସରପଞ୍ଚ ଲାକ୍ରା ବରଗାଁକଛାରର ବାସନ ଦୋକାନୀଙ୍କ ପାଖକୁ ଯାଇଥିବା ସ୍ୱୀକାର କରିଛନ୍ତି । ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

## ଥରାଇଲା ଶୀତ ସୁନ୍ଦରଗଡରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ୍

ସୁନ୍ଦରଗଡ, ୨୭।୧୨ (ଡି.ଏନ୍.ଏ) – ଅଦିନିଆ ବର୍ଷା ପରେ ସୁନ୍ଦରଗଡରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ସୁନ୍ଦରଗଡରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଶୁକ୍ରବାର ୧୦.୫ଡିଗ୍ରୀ ସେଲସିୟସ ଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ରାଜ୍ୟରେ ଥିବା ୨୩ଟି ତାପମାନ କେନ୍ଦ୍ର ମଧ୍ୟରୁ ଗୋପାଳପୁରରେ ୨୦.୪, ମାଲକାନଗିରିରେ ୧୯.୨, ଭବାନୀପାଟଣାରେ ୧୯, ତାଳଚେରରେ ୧୮.୩, ହୀରାକୁଦରେ ୧୮.୩, ବଲାଙ୍ଗୀରରେ ୧୮.୨, ପାରାଦ୍ୱୀପରେ ୧୭.୬, ସମ୍ବଲପୁରରେ ୧୭.୧, ଝାରସୁଗୁଡାରେ ୧୭, ଭୁବନେଶ୍ୱରରେ ୧୬.୮, ପୁରୀରେ ୧୬.୬, ଟିଟିଲାଗଡରେ ୧୫.୫, ଫୁଲବାଣୀରେ ୧୫.୩, ସୋନପୁରରେ ୧୫.୨, କୋରାପୁଟରେ ୧୫, ବାରିପଦାରେ ୧୫, ଚାନ୍ଦବାଲିରେ ୧୫, କଟକରେ ୧୪.୫, କେଉଁଝରରେ ୧୪, ବାଲେଶ୍ୱରରେ ୧୩.୬, ଦାରିଙ୍ଗିବାଡିରେ ୧୩.୫, ଅନୁଗୋଳରେ ୧୩ ଓ ସୁନ୍ଦରଗଡରେ ୧୦.୫ଡିଗ୍ରୀ ସେଲସିୟସ ରହିଛି। ସନ୍ଧ୍ୟାପରଠୁ ରାତିରେ ପ୍ରବଳ ଶୀତଲହରୀ ପ୍ରବାହିତ ହେଉଛି। ହାଡଭଙ୍ଗା ଶୀତ ଯୋଗୁ ଥରୁଛି ସୁନ୍ଦରଗଡ଼। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଦିନବେଳା ମଧ୍ୟ ଗରମ ପୋଷାକ ପିନ୍ଧିବାକୁ ବାଧ୍ୟ ହେଉଛନ୍ତି। ଜନଜୀବନ ପ୍ରଭାବିତ ହୋଇଛି। ଶୀତର ପ୍ରକୋପ ବୃଦ୍ଧି ପାଇବ ବୋଲି କୁହାଯାଇଛି।

## ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଫୁଟ୍‌ବଲ ଟୁର୍ନାମେଣ୍ଟ

# ଗଜଲକ୍ଷ୍ମୀ ୟୁଥ୍ କ୍ଲବ ଚାମ୍ପିୟନ,ଗମ୍ଭାରୀଡିହି ରନର୍ସ ଅପ୍

**ଲେଫ୍ରିପଡା, ୨୭।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ପଟୁଆଡିହିର ଜଟିପଡା ଗଜଲକ୍ଷ୍ମୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ଅବସରରେ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଫୁଟ୍‌ବଲ ଦଳ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଏହାର ଉଦ୍‌ଯାପନୀ ଦିବସରେ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ପୂର୍ବତନ ଭାଜପା ସଭାପତି ବଟକିଶୋର ମିଶ୍ର ମୁଖ୍ୟଅତିଥି, ଲେଫ୍ରିପଡା ବ୍ଲକ୍‌ର ଜିଲା ପରିଷଦ ସଭ୍ୟା ବାସନ୍ତୀ ବାରିକ, ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ,ବଡ଼ଗାଁ ବ୍ଲକ୍ ଜିଲା ପରିଷଦ ସଭ୍ୟା ପଟୁଆଡିହି ଗ୍ରାମର ଜୟମଙ୍ଗଳ ପଟେଲ, ଜୀବଧନ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ଫାଇନାଲ ଖେଳ ଗଜଲକ୍ଷ୍ମୀ ୟୁଥ୍ କ୍ଲବ୍ ଏବଂ ଗମ୍ଭାରୀଡିହି ଫୁଟ୍‌ବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜଲକ୍ଷ୍ମୀ ୟୁଥକ୍ଲବ୍ ଚାମ୍ପିୟନ ଏବଂ ଗମ୍ଭାରୀଡିହି ଫୁଟ୍‌ବଲ ଦଳ ରନର୍ସ ଅପ୍ ହୋଇଥିଲା। ଆୟୋଜିତ କମିଟି ପକ୍ଷରୁ ଚାମ୍ପିୟନ ଦଳକୁ ନଅ ହଜାର ଟଙ୍କା ସମେତ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ସାତ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଥିଲା। ଗଜଲକ୍ଷ୍ମୀ ୟୁଥ୍ କ୍ଲବ୍‌ର ଖେଳାଳି ଦିବ୍ୟ ନାଏକଙ୍କୁ ଶ୍ରେଷ୍ଠ ଗୋଲକିପର ଏବଂ ବେଷ୍ଟ ସ୍କୋରର ଭାବେ ରୋଶନ ଲାକ୍ରାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ଡିଫେଣ୍ଡର ଭାବେ ଗମ୍ଭାରୀଡିହି ଫୁଟ୍‌ବଲ ଦଳର ଖେଳାଳି ଅଜୟ ଖଡିଆଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ରେଫରୀ ଭାବେ ଲକ୍ଷ୍ମଣ ସେଠ୍, କୁନୁ କୁମାର ନାଏକ, ହୃଦାନନ୍ଦ ଭୋଏ, ସଞ୍ଜୟ କିଷାନ ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନୀଳମଣି ମଗର ଉଦ୍‌ଘୋଷକ ଭାବେ ପରିଚାଳନା କରିଥିଲେ। ଆୟୋଜିତ ଟୁର୍ନାମେଣ୍ଟକୁ ଗଜଲକ୍ଷ୍ମୀ ୟୁଥ୍ କ୍ଲବ୍‌ର ରାଜେଶ ସୋରେଙ୍ଗ, ଦୀପକ ମେହେର, ବୁଲୁନାଗବଂଶୀ, ଅଶୋକ ପ୍ରଧାନ, ରିତ ବେହେରା, କୁନା ପଟେଲ, ଗିରିଙ୍ଗକେଲା ମାଳିପଡାର କବିଚରଣ ପଟେଲ, ଦୁର୍ଯ୍ୟୋଧନ କଉଡି, ତ୍ରିନାଥ ଓରାମ, ମହାଦେବ ପଡାର ସଞ୍ଜୟ ମିଞ୍ଜ,ରାଜୀବ ଲାକ୍ରା ପ୍ରମୁଖ ଯୁବବନ୍ଧୁ ଗଣ ଆୟୋଜନ କରିଥିଲେ।



ଫାଇନାଲ ଖେଳରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କ ସହ ଆୟୋଜକ ଯୁବକ।

## ଅଠରଗଡ ଫୁଲମାଳୀ ସମାଜର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

# ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଲେଫ୍ରିପଡା, ୨୭।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଅବନକେଲା ଠାରେ ଦୁଇ ଦିନ ଧରି ଚାଲିଥିବା ଅଠରଗଡ ଫୁଲମାଳୀ ସମାଜର ବାର୍ଷିକ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଫୁଲମାଳୀ ସମାଜର ସୁନ୍ଦରଗଡ ମଣ୍ଡଳ ଉପସଭାପତି ରାଜୁ ପଟେଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ରେଢାଖୋଲ ଉପଜିଲାପାଳ ଡୋଲାମଣୀ ପଟେଲ ଯୋଗଦେଇ ସମାଜ ଗଠନ ଦିଗରେ ଯୁବପିଢୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲମାଳୀ ସମାଜର ଓଡିଶା ପ୍ରାନ୍ତର ସାହାଯ୍ୟକାରୀ ସଭାପତି ଟଙ୍କଧର ମାଝି, ଛତିଶଗଡ ରାଜ୍ୟର ସାରଙ୍ଗଗଡ ମଣ୍ଡଳର ଉପସଭାପତି ପାରସରାମ ପଟେଲ ଏବଂ ସମାଜର ସମ୍ପାଦକ କମଲ ପଟେଲ ପ୍ରମୁଖ ଯୋଗଦାନ କରି ସମାଜର ଏକତା ଦିଗରେ ଭିନ୍ନ ଭିନ୍ନ ଭାବେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜର ପୂର୍ବତନ ସାହାଯ୍ୟକାରୀ ସଭାପତି ରଘୁବୀର ପାଣ୍ଡେ, ସୁନ୍ଦରଗଡ ମଣ୍ଡଳ ଅଞ୍ଚଳାଧିକାରୀ ବନମାଳୀ ପଟେଲ, ଅନନ୍ତରାମ ପଟେଲ, ଗାଦୀ ସରପଞ୍ଚ ପବିତ୍ରମୋହନ ପଟେଲ, ସଂକୀର୍ତ୍ତନ ପଟେଲ, ରାମଜୀ ପଟେଲ, ଅଶୋକ ପଟେଲ, ଚୂଡାମଣି ପଟେଲ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ଛାତ୍ରୀଛାତ୍ର ଏବଂ ମହିଳା ମାନଙ୍କ ମଧ୍ୟରେ ସବ୍‌ଜୁନିୟର, ଜୁନିୟର, ସିନିୟର ଏବଂ ମୁକ୍ତ ଭାବେ ଭାଗ କରାଯାଇ ଡ୍ରଇଂ, ସାଧାରଣଜ୍ଞାନ, ଆମେ କେତେ ଦୁଷ୍ଟ, ପ୍ରବନ୍ଧ, ନୃତ୍ୟ, ଫୁଲତୋଡା ତିଆରି, ବଲପାସ୍, ଲକ୍ଷ୍ମୀ ପୁରାଣ ପଠନ, ଶ୍ରୀମତୀ କମ୍ ନୁହଁନ୍ତି, ଫେନସୀ ଡ୍ରେସ୍, ଗୀତ, ଅଙ୍କ ଦୌଡ, ଶଙ୍ଖବାଦନ, ରଙ୍ଗୋଲି, ଝୋଟି, ହୁଳହୁଳି, କଲେଜସ୍ତରୀୟ ବିତର୍କ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ସମାଜ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସମାଜର ବାର୍ଷିକ ମହୋତ୍ସବ ସକାଶେ ଆୟୋଜିତ ଲଟେରୀ ଉଠାଣ କରାଯାଇ ଭାଗ୍ୟଶାଳୀ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏଥିରେ ଅନନ୍ତ ରାମ ପାଣ୍ଡେ, ରାଧାରମଣ ପଟେଲ, ଲଳିତ ପଟେଲ, ଜଗନ୍ନାଥ ଠାକୁର, ଅହଲ୍ୟା ପଟେଲ, ଟଙ୍କଧର ପଟେଲ, ଫିରୋଜ କୁମାର ପଟେଲ, ଉଦିତ କୁମାର ପଟେଲ, ଗୌରବ ପାଣ୍ଡେ ପ୍ରମୁଖ ଯୁବବନ୍ଧୁ ଏବଂ ସମାଜର ଜାତିଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ ଜିଲା ସମେତ ଛତିଶଗଡ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟାରେ ମହିଳା ଏବଂ ପୁରୁଷ ଯୋଗଦାନ କରିଥିଲେ।



ସୁନ୍ଦରଗଡ଼ ରଙ୍ଗାଢିପା ଖେଳ ପଡିଆଠାରେ ଚାଲିଥିବା ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବର ୪ର୍ଥ ଦିବସ ଶୁକ୍ରବାର ଯୁବତୀମାନେ ଚିତ୍ର ଆଙ୍କୁଛନ୍ତି।



ଫୁଲମାଳୀ ସମାଜର ବାର୍ଷିକ ମହୋତ୍ସବ ଉଦ୍‌ଯାପନୀ ମୁହୂର୍ତ୍ତ।



ସିଦ୍ଧାର୍ଥ ମାଲ୍‌ହୋତ୍ରାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ୱି ଆର୍ ଫ୍ୟାମିଲି'କୁ ମୋ ଝିଅ ନିଶା ଭାରି ଘୃଣା କରେ। କାହିଁକି ନା ସେଥିରେ ମୁଁ ରୋଗଗ୍ରସ୍ତ ହୋଇ ଶେଷରେ ମରିଯିବାର ଅଭିନୟ କରିଛି।

-କାଜୋଲ୍, ବଲିଉଡ୍ ଅଭିନେତ୍ରୀ





# ଦୁଇଗୁଣା ବଢ଼ିଛି ପାକ୍ ଉତ୍ପାତ

**ନୂଆଦିଲ୍ଲୀ:** ସୀମାରେ ଘନଘନ ଗୁଳିବର୍ଷା ଆଉ ମୋର୍ଟାର ମାଡ଼। ଏଥିରେ ଅଭ୍ୟସ୍ତ ପଡ଼ୋଶୀ ପାକିସ୍ତାନ। ଯେମିତି ଜବାବ ଦେଲେ ବି ମାନୁନି ପ୍ରତିପକ୍ଷ ସେନା। ପାକିସ୍ତାନର ଉତ୍ପାତ ବଢ଼ିଛି। ବିଦାୟୀ ବର୍ଷରେ ସୀମାରେ ୩,୨୦୦ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ଦୁଇଗୁଣ ଅଧିକ। ୨୦୧୮ରେ ପାକିସ୍ତାନୀ ସେନା ୧,୬୨୯ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବାବେଳେ ୨୦୧୯ରେ ସୀମା ଟପିଗଲା। ଭାରତୀୟ ସେନା ବି ଉଚିତ ସମୟରେ ଦେଇଛି ଉଚିତ ଜବାବ। ଏହାକୁ ନେଇ ବର୍ଷ ତମାମ ହଟ୍ ଜୋନ୍ ପାଲଟିଛି ନିୟନ୍ତ୍ରଣରେଖା(ଏଲ୍‌ଓସି)।

ପାକିସ୍ତାନୀ ସେନା କୈରାନ ଉପତ୍ୟକା, ପୁଞ୍ଛ, ଉରି, କ୍ରିଷ୍ଣାଘାଟି ଓ ଅଖ୍‌ନୁର ସେକ୍ଟରକୁ ସବୁଠୁ ବେଶି ଟାର୍ଗେଟ କରିଛି ଏବର୍ଷ। ଚଳିତ ମାସରେ ୩୨୯ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିସାରିଲାଣି। ଗତ ବର୍ଷ ଡିସେମ୍ବରରେ ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ସଂଖ୍ୟା ଥିଲା ୧୭୫ । ଶୀତଦିନେ ପ୍ରାୟତଃ ସୀମାପାର ଗୁଳିବର୍ଷା କମ୍ ରହୁଥିବାବେଳେ ଏବର୍ଷ ଶୀତକୁ ମାନୁନାହାନ୍ତି ପାକିସ୍ତାନୀ ରେଞ୍ଜର୍ସ। ଏହା ପଛରେ ଥିବା ସବୁଠୁ ବଡ଼ କାରଣ ହେଉଛି ୩୭୦ ଉଚ୍ଛେଦ। ସମ୍ବିଧାନର ଏହି ଅସ୍ଥାୟୀ ଅନୁଚ୍ଛେଦକୁ ଅଗଷ୍ଟ ୫ରେ ହଟାଯିବା ପରଠୁ ସୀମାରେ ବଢ଼ିବାରେ ଲାଗିଛି ସେମାନଙ୍କ ଉତ୍ପାତ। ଅଗଷ୍ଟରେ ୩୦୭, ସେପ୍ଟେମ୍ବରରେ ୨୯୧, ଅକ୍ଟୋବରରେ ୩୫୧ ଓ ନଭେମ୍ବରରେ ୩୦୪ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଏହା ପୂର୍ବରୁ ଜାନୁୟାରୀରେ ୨୦୩, ଫେବୃୟାରୀରେ ୨୧୫, ମାର୍ଚ୍ଚରେ ୨୬୭, ଏପ୍ରିଲରେ ୨୩୪, ମେ'ରେ ୨୨, ଜୁନରେ ୧୮୧ ଓ ଜୁଲାଇ ମାସରେ ୨୯୬ ଥର ସୀମାରେ ମୁହାଁମୁହିଁ ହୋଇଛନ୍ତି ଦୁଇଦେଶ। ୨୦୧୭ ତୁଳନାରେ ୨୦୧୯ରେ ପାକିସ୍ତାନର ଅସ୍ତ୍ରବିରତି ଉଲ୍ଲଂଘନ ତିନିଗୁଣା ବଢ଼ିଛି। ସେତେବେଳେ ଏହି ସଂଖ୍ୟା ୮୬୦ ଥିବାବେଳେ ୨୦୧୬ରେ ଥିଲା ମାତ୍ର ୨୨୮। ତେବେ ସୀମାରେ କୌଣସି ପ୍ରକାର ପରିସ୍ଥିତିର ମୁକାବିଲା ପାଇଁ ଭାରତ ପ୍ରସ୍ତୁତ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି ନବବର୍ଷ ୨୦୨୦ ପୂର୍ବରୁ ଅବସର ନେବାକୁ ଯାଉଥିବା ସ୍ଥଳସେନା ମୁଖ୍ୟ ଜେନେରାଲ ବିପିନ ରାୱତ୍।

# ଭାଇରସ୍ ଚିହ୍ନିବ ଭାଇରିୟନ

**ନ୍ୟୁୟର୍କ:** ପ୍ରାଣୀମାନଙ୍କ ଦେହରେ ୧୬.୭ ଲକ୍ଷରୁ ଊର୍ଦ୍ଧ୍ୱ ଅଜଣା ଭାଇରସ୍ ରହିଥାନ୍ତି, ଯାହାଦ୍ୱାରା ଅନେକ ସମୟରେ ଲୋକମାନେ ସଂକ୍ରମିତ ହୋଇ ଭୟଙ୍କର ରୋଗର ଶିକାର ହୋଇଥାନ୍ତି। ଏଚ୍‌୫ଏନ୍‌୧, ଜିକା ଓ ଇବୋଲା ଭଳି ଭାଇରସ୍ ସଂସ୍ପର୍ଶରେ ଆସି ବହୁ ଲୋକଙ୍କ ମୃତ୍ୟୁ ମଧ୍ୟ ହୋଇଥିବା ମଧ୍ୟ ନଜିର ରହିଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ବୈଜ୍ଞାନିକମାନେ ଏକ ମେସିନ୍ ଡେଭଲପ୍ କରିଛନ୍ତି, ଯାହା ମଣିଷ ଦେହରେ ଥିବା ଭାଇରସ୍‌କୁ ଶୀଘ୍ର ଚିହ୍ନଟ କରିପାରିବ ବୋଲି ପିଏନ୍‌ଏଏସ୍ ନାମକ ପତ୍ରିକାରେ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଯେତେଶୀଘ୍ର ଭାଇରସ୍ ଚିହ୍ନଟ କରାଯିବ, ସେତେଶୀଘ୍ର ଏହାକୁ ବ୍ୟାପିବାରୁ ରୋକା ଯାଇପାରିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ପେନ୍ ଷ୍ଟେଟ୍ ୟୁନିଭରସିଟି ଓ ଆମେରିକାର ନ୍ୟୁୟର୍କ ୟୁନିଭରସିଟିର ପ୍ରଫେସର ମୋରିସିଓ ଟୋରନ୍‌ସ କୁହନ୍ତି, ଆମେ ଏକ ଶସ୍ତା ଡିଭାଇସ୍ ଡେଭଲପ୍ କରିଛୁ, ଯାହା ଆକାର ଆଧାରରେ ଭାଇରସ୍‌କୁ ଚିହ୍ନି ପାରିବ। ଭାଇରସ୍‌ର ବିସ୍ତୃତ ରେଞ୍ଜକୁ ଡିଜାଇନ୍ କରାଯାଇଥିବା ନାନୋଟ୍ୟୁବ ସାରଣୀକୁ ଏହି ମେସିନ୍ ଉପଯୋଗ କରିବ। ଏହାପରେ ରମନ ସ୍ପେକ୍ଟ୍ରୋସ୍କୋପି ଦ୍ୱାରା ଭାଇରସ୍ ସମ୍ପର୍କରେ ଜାଣିହେବ। ଏହି ଡିଭାଇସ୍‌ର ନାଁ 'ଭାଇରିୟନ'। ଏହା ସାହାଯ୍ୟରେ ଫସଲରେ ହେଉଥିବା ରୋଗର ଭାଇରସ୍‌କୁ ଶୀଘ୍ର ଚିହ୍ନଟ କରାଯାଇ ସମ୍ପୂର୍ଣ୍ଣ କ୍ଷେତକୁ ବଞ୍ଚାଇବା, ପ୍ରାଣୀଙ୍କୁ ହେଉଥିବା ବିଭିନ୍ନ ରୋଗର ଭାଇରସ୍ ଆଦିକୁ ଚିହ୍ନଟ କରିପାରିବ। ଅନ୍ୟପଟେ ଏବେ କୌଣସି ରୋଗର ଭାଇରସ୍ ଡିଟେକ୍ଟ କରିବାକୁ ଏକାଧିକ ଦିନ ଲାଗୁଥିବା ବେଳେ ଏହି ଡିଭାଇସ୍ ସ୍ୱଳ୍ପ ସମୟ ମଧ୍ୟରେ ଭାଇରସ୍‌କୁ ଚିହ୍ନଟ କରିପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି।

# 'ଗୁଡ୍ ନ୍ୟୁଜ୍' ସହ ଅକ୍ଷୟ କରିପାରନ୍ତି ରେକର୍ଡ



**ମୁମ୍ବାଇ:** ଶ୍ୱଶୁର ରାଜେଶ୍ ଖାନ୍ନାଙ୍କ ରେକର୍ଡ ଭାଙ୍ଗିବେକି ଅକ୍ଷୟ! ସମସ୍ତଙ୍କ ନଜର ଏବେ ଅକ୍ଷୟଙ୍କ ଫିଲ୍ମ 'ଗୁଡ୍ ନ୍ୟୁଜ୍' ଉପରେ। ଆପଣ ଟିକେ କନ୍‌ଫ୍ୟୁଜ୍ ହେଉଛନ୍ତି କି? ତା'ହେଲେ ଆମେ ଆପଣଙ୍କ କନ୍‌ଫ୍ୟୁଜନ୍ ଏବେ ଦୂର କରିଦେଉଛୁ। ଫ୍ରାଇଡେ ବକ୍ସରେ ରିଲିଜ୍ ହୋଇଯାଇଛି ବଲିଉଡ୍ ଖିଲାଡି ଅକ୍ଷୟ କୁମାରଙ୍କ ଫିଲ୍ମ 'ଗୁଡ୍ ନ୍ୟୁଜ୍'। ଏହା ହେଉଛି ୨୦୧୯ରେ ଅକ୍ଷୟଙ୍କ ଚତୁର୍ଥ ଫିଲ୍ମ। ପୂର୍ବରୁ ଫିଲ୍ମ 'କେସରୀ', 'ମିଶନ୍ ମଙ୍ଗଲ୍' ଏବଂ 'ହାଉସ୍‌ଫୁଲ୍-୪' ରିଲିଜ୍ ହେବା ସହ ବକ୍ସ ଅଫିସରେ ହିଟ୍ ମଧ୍ୟ ହୋଇଥିଲା। ଏବେ ଯଦି 'ଗୁଡ୍ ନ୍ୟୁଜ୍' ମଧ୍ୟ ହିଟ୍ ହୋଇଯାଏ ତା'ହେଲେ ଅକ୍ଷୟ ନିଜ ଶ୍ୱଶୁର ତଥା ବଲିଉଡ୍ ସୁପରଷ୍ଟାର ଦିବଂଗତ ରାଜେଶ୍ ଖାନ୍ନାଙ୍କ ଏକ ଅନ୍‌ବ୍ରେକେବଲ୍ ରେକର୍ଡ ଭାଙ୍ଗିପାରନ୍ତି। ଏହି ରେକର୍ଡ ହେଲା ବ୍ୟାକ୍-ଟୁ-ବ୍ୟାକ୍ ୧୫ ହିଟ୍ ଫିଲ୍ମ ଦେବା। ହଁ, ଆପଣ ଠିକ୍ ଅନୁମାନ କରୁଛନ୍ତି। ହିନ୍ଦୀ ସିନେମାର ଏହା ଏଭଳି ଏକ ରେକର୍ଡ, ଯାହାକୁ ଆଜି ଯାଏଁ କେହି ଭାଙ୍ଗି ପାରିନାହାନ୍ତି। ଏପରି କି, ଖୋଦ୍ ବଲିଉଡ୍ ମହାନାୟକ ଅମିତାଭ୍ ବଚ୍ଚନ ମଧ୍ୟ ଏହି ରେକର୍ଡ ବ୍ରେକ୍ କରିପାରି ନ ଥିବା କୁହାଯାଉଛି। ହେଲେ 'ଗୁଡ୍ ନ୍ୟୁଜ୍' ଯଦି ହିଟ୍ ହୋଇଯାଏ, ତେବେ ରାଜେଶ ଖାନ୍ନାଙ୍କ କ୍ୱାଇଁ ଅକ୍ଷୟ କୁମାର ନିଶ୍ଚୟ ଏହି ରେକର୍ଡ ବ୍ରେକ୍ କରିବା ଦିଗରେ ଆଉ ପାଦେ ଆଗେଇ ଯିବେ। ଏଯାଏ ବ୍ୟାକ୍-ଟୁ-ବ୍ୟାକ୍ ୧୧ ହିଟ୍ ଫିଲ୍ମ ଦେଇସାରିଥିବା ଅକ୍ଷୟଙ୍କ ୪ଟି ଫିଲ୍ମ ହିଟ୍ ହୋଇଗଲେ ସେ ଏହି ରେକର୍ଡ ବ୍ରେକ୍ କରିପାରିବେ। ୨୦୨୦ରେ ତାଙ୍କ 'ସୂର୍ଯ୍ୟବଂଶୀ', 'ଲକ୍ଷ୍ମୀ ବମ୍ବ', 'ପୃଥ୍ୱୀରାଜ୍' ଏବଂ 'ବଚ୍ଚନ ପାଣ୍ଡେ' ରିଲିଜ୍ ହେବ। ଅକ୍ଷୟଙ୍କ ରିଲିଜ୍ ହୋଇଥିବା ୧୧ ଗତ ୩ବର୍ଷ ମଧ୍ୟରେ ଫିଲ୍ମ ବକ୍ସ ଅଫିସ୍‌ରେ ପାଖାପାଖି ୧୫୫୦ କୋଟି ନଗଦ ଟଙ୍କାର ବ୍ୟବସାୟ କରିସାରିଛି। ଏହି କ୍ରମରେ 'ଗୁଡ୍ ନ୍ୟୁଜ୍'କୁ ନେଇ ମଧ୍ୟ ଖୁବ୍ ଆଶା ରହିଛି। ଫିଲ୍ମଟି ବକ୍ସ ଅଫିସ୍‌ରେ ସଫଳ ହେଲେ, ଅକ୍ଷୟଙ୍କ ଏହି ରେକର୍ଡ ବଜାୟ ରହିବ। ତେବେ ଫିଲ୍ମରେ ଅକ୍ଷୟଙ୍କ ସହ କରୀନା କପୁର ଖାନ୍, ଦିଲ୍‌ଜିତ ଦୋସାଞ୍ଜ ଏବଂ କିୟାରା ଆଡ୍‌ଭାନୀମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

# ଦୀପିକାଙ୍କଠାରୁ ଫିଟ୍‌ନେସ ମନ୍ତ୍ର ଶିଖିଥିଲେ କୋହଲି

**ମୁମ୍ବାଇ:** କେବଳ ନିଜ ବ୍ୟାଟିଂ ପାଇଁ ନୁହେଁ, ଫିଟ୍‌ନେସ ଲାଗି ମଧ୍ୟ ଅନ୍ୟ ଖେଳାଳିଙ୍କ ଲାଗି ପ୍ରେରଣା ସାଜିଛନ୍ତି ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି। ବର୍ତ୍ତମାନ ବିଶ୍ୱର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସେ ଅନ୍ୟତମ। ନିଜକୁ ଫିଟ୍‌ରଖିବା ଉପରେ ଏବେ ସେ ବିଶେଷ ଧ୍ୟାନ ଦେଉଛନ୍ତି। କିନ୍ତୁ ଜାଣିଛନ୍ତି କି, ବିରାଟ ଫିଟ୍‌ନେସ ମନ୍ତ୍ର କାହାଠୁ ଶିଖିଥିଲେ।



ସେ ହେଲେ କ୍ରିକେଟର ଦିନେଶ କାର୍ତ୍ତିକଙ୍କ ସ୍ତ୍ରୀ ଦୀପିକା ପାଲିକଲ। ଦେଶର ଜଣାଶୁଣା ସ୍କ୍ୱାସ ଖେଳାଳି ଦୀପିକା ହିଁ ବିରାଟଙ୍କୁ ଫିଟ୍ ରହିବାର ଟିପ୍ସ ଦେଇଥିଲେ। ଏ କଥାକୁ ସାମ୍ନାକୁ ଆଣିଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଟ୍ରେନର ଶଙ୍କର ବାସୁ। ୨-୩ ବର୍ଷ ପୂର୍ବରୁ ଆଇପିଏଲ୍ ଚାଲିଥିବାବେଳେ ଦୀପିକା ଏବଂ କୋହଲିଙ୍କ ମଧ୍ୟରେ ଭେଟ ହୋଇଥିଲା। ଏହି ଅବସରରେ ଦୀପିକା ଫିଟ୍‌ନେସ ଉପରେ କୋହଲିଙ୍କୁ ମନ୍ତ୍ର ଦେଇଥିଲେ।

# ଶୁଷ୍କ ତ୍ୱଚାକୁ କରନ୍ତୁନି ଅଣଦେଖା

ଶୀତଦିନେ ଅନେକଙ୍କଠାରେ ଶୁଷ୍କ ତ୍ୱଚା ସମସ୍ୟା ଦେଖିବାକୁ ମିଳିଥାଏ। ହେଲେ ଅନେକ ଲୋକ ଏହାକୁ ଅଣଦେଖା କରିଥାନ୍ତି। ଯଦ୍ୱାରା ତ୍ୱଚା ସମ୍ବନ୍ଧୀୟ ଅନେକ ସମସ୍ୟା ଭୋଗିବାକୁ ପଡ଼ିଥାଏ। ତେଣୁ ତ୍ୱଚାକୁ ଶୁଷ୍କ ହେବାକୁ ନ ଦେବା ଏବଂ ନରମ ରଖିବା ଆବଶ୍ୟକ। ଏହାସହ ଡାକ୍ତରଙ୍କ ପରାମର୍ଶରେ ଶୁଷ୍କ ତ୍ୱଚାର ଅବିଳମ୍ବେ ଚିକିତ୍ସା କରାଇବା ଜରୁରୀ। ଏହାର ଶୀଘ୍ର ଚିକିତ୍ସା କରା ନ ଗଲେ ଚର୍ମ ସଂକ୍ରମଣ(ସ୍କିନ୍ ଇନ୍‌ଫେକ୍ସନ୍) ସମସ୍ୟା ମଧ୍ୟ ଉପୁଜିଥାଏ। ଜୀବାଣୁ ଜନିତ ସଂକ୍ରମଣ ଦ୍ୱାରା ଚର୍ମ ଲାଲ୍ ପଡ଼ିବା ସହ ରକ୍ତ ଓ ପୂଜ ବାହାରିବା, ଫୁଲିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏହି ଲକ୍ଷଣ ଗୁଡ଼ିକ ଦେଖାଦେଲେ ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ତେବେ ଶୁଷ୍କ ତ୍ୱଚା ସମସ୍ୟାରୁ ନିଜକୁ ଦୂରେଇ ରଖିବା ପାଇଁ ଗାଧୋଇବା ପରେ ନିୟମିତ ମଏଶ୍ଚରାଏଜର୍ କ୍ରିମ୍ ବ୍ୟବହାର କରିବା ଉଚିତ। ଏହାସହ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଯଥା ଚର୍ମକୁ ବାରମ୍ବାର ନ କୁଣ୍ଡାଇବା, ଅତ୍ୟଧିକ ସମୟ ଏସି ରୁମ୍‌ରେ ନ ରହିବା, ଆବଶ୍ୟକ ଠାରୁ ଅଧିକ ଗରମ ପାଣିରେ ନ ଗାଧୋଇବା ଏବଂ ଡିଟର୍‌ଜେଣ୍ଟ ବ୍ୟବହାର ସମୟରେ ସତର୍କ ରହିବା ଉପରେ ଦୃଷ୍ଟିଦେଲେ ଶୁଷ୍କ ତ୍ୱଚାରୁ ରକ୍ଷା ପାଇପାରିବା। ସେହିପରି ଘରେ ଉପଲବ୍ଧ ନଡ଼ିଆତେଲ ଶୁଷ୍କ ତ୍ୱଚା ସମସ୍ୟାରେ ଭଲ କାମ କରିଥାଏ। ଏହା ବ୍ୟତୀତ ପେଟ୍ରୋଲିୟମ୍ ଜେଲି, ମହୁ ଏବଂ ଏଲୋଭେରା ଜେଲ୍ ବ୍ୟବହାର କରିବା ଦ୍ୱାରା ମଧ୍ୟ ଏହି ସମସ୍ୟାରୁ ରକ୍ଷା ମିଳିପାରିବ।

# ଜନ୍ମଦିନରେ ମାମୁ ହେଲେ ଭାଇଜାନ୍





**ମୁମ୍ବାଇ:** ବଲିଉଡ୍‌ର ଭାଇଜାନ୍ ଭାବେ ପରିଚିତ ସଲ୍‌ମାନ ଖାଁ ଶୁକ୍ରବାର ୫୪ ତମ ଜନ୍ମଦିବସ ପାଳନ କରିଛନ୍ତି। ଏହି ଅବସରରେ ତାଙ୍କୁ ଏକ ଖୁସି ଖବର ମିଳିଛି। ସେ ପୁଣି ଥରେ ମାମୁ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଆଜିର ଦିନରେ ଭଉଣୀ ଅର୍ପିତା ଖାଁ ଶର୍ମା ଏକ କନ୍ୟାସନ୍ତାନକୁ ଜନ୍ମ ଦେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ସଲମାନ୍ କେକ୍ କାଟିବା ପରେ ଅର୍ପିତା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସକାଳେ ସେ ଏକ କନ୍ୟାସନ୍ତାନର ମା' ହୋଇଛନ୍ତି। ଅର୍ପିତାଙ୍କ ସ୍ୱାମୀ ଆୟୁଷ ଶର୍ମା ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ଶେୟାର କରି କ୍ୟାପଶନ୍ ଲେଖିଛନ୍ତି, ମୋ ଝିଅ ଆୟତ୍ ଆସିଗଲା। ସମସ୍ତ ଶୁଭେଚ୍ଛୁଙ୍କୁ ଧନ୍ୟବାଦ। ଅର୍ପିତା ଏବଂ ଆୟୁଷ ଘରକୁ ଝିଅ ଆସିଥିବାରୁ ଖୁସିରେ ଆତ୍ମବିଭୋର ହୋଇଯାଇଛନ୍ତି। ୨୦୧୪ ନଭେମ୍ବର ୮ରେ ଆୟୁଷଙ୍କ ହାତ ଧରିଥିଲେ ଅର୍ପିତା। ୨୦୧୬ ମାର୍ଚ୍ଚରେ ପୁଅ ଆହିଲ ଜନ୍ମ ହୋଇଥିଲେ।

# ରୋହିଙ୍ଗ୍ୟା ଶିବିରରେ ଏଚ୍‌ଆଇଭି ଆତଙ୍କ



**ଢାକା:** ବାଂଲାଦେଶରେ ଶରଣ ନେଇଥିବା ରୋଗିଙ୍ଗ୍ୟାଙ୍କ ମଧ୍ୟରେ ଏବେ ଏଚ୍‌ଆଇଭି ସଂକ୍ରମଣ ବଢିବାରେ ଲାଗିଛି। ବିଶେଷଜ୍ଞଙ୍କ କହିବା କଥା ହେଲା ଯେକୌଣସି ରୋଗ ବଢିବାର ମୁଖ୍ୟ କାରଣ ହେଲା ସଚେତନତାର ଅଭାବ। ତେଣୁ ରୋହିଙ୍ଗ୍ୟା ଶିବିରରେ ଏଚ୍‌ଆଇଭିକୁ ନେଇ କୌଣସି ସଚେତନତା ନ ଥିବାରୁ ଏବେ ଏହା ବୃଦ୍ଧି ପାଇବାରେ ଲାଗିଛି। କେବଳ ଏଚ୍‌ଆଇଭି ନୁହେଁ ଏମାନଙ୍କ ପାଖରେ ଅନ୍ୟ ଯୌନ ରୋଗ ମଧ୍ୟ ବୃଦ୍ଧି ପାଇଛି। ରୋହିଙ୍ଗ୍ୟାମାନଙ୍କ ମତରେ ଯଦି ଜଣେ ଏଚ୍‌ଆଇଭିରେ ପୀଡିତ ବୋଲି ଅନ୍ୟ କେହି ଜାଣନ୍ତି ତେବେ ତାଙ୍କୁ ବଡ ରୋଗ ହୋଇଛି ବୋଲି କହି ବାସନ୍ଦ କରି ଦେଇଥାଆନ୍ତି। ତେଣୁ ଏମାନେ ଏଚ୍‌ଆଇଭିରେ ପୀଡିତ ହେବା ପରେ ମଧ୍ୟ ଡାକ୍ତରଙ୍କ ପାଖକୁ ଯାଆନ୍ତି ନାହିଁ ଅବା ଡାକ୍ତରଙ୍କୁ ଏହା ଲୁଚାଇ ଥାଆନ୍ତି। ଫଳରେ ଏବେ ବାଂଲାଦେଶରେ ରହୁଥିବା ରୋହିଙ୍ଗ୍ୟା ଶିବିରରେ ଏଚ୍‌ଆଇଭି ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ନିକଟରେ ବାଂଲାଦେଶ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଏକ ରିପୋର୍ଟରୁ ଜଣାଯାଇଛି ଯେ, କେବଳ କକ୍ସ ବଜାର ରୋଗିଙ୍ଗ୍ୟା ଶିବିରରେ ଏବେସୁଦ୍ଧା ପାଖାପାଖି ୩୯୫ ଜଣ ଏଚ୍‌ଆଇଭି ସଂକ୍ରମିତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧୦୫ ଜଣଙ୍କୁ ଚଳିତବର୍ଷ ଚିହ୍ନଟ କରାଯାଇଛି। ଏହାଠାରୁ ମଧ୍ୟ ଅଧିକ ଏଚ୍‌ଆଇଭି ସଂକ୍ରମିତ ଥାଇପାରନ୍ତି ବୋଲି କୁହାଯାଉଛି। ତେବେ ବାଂଲାଦେଶ ସରକାର ଏହାକୁ ରୋକିବା ପାଇଁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆରମ୍ଭ କରିଛନ୍ତି।

# ବାକିରେ ପାନ ନ ଦେବାରୁ କାଟିଲା କାନ



**ଲକ୍ଷ୍ନୌ:** ବ୍ୟବସାୟରେ ବାକି ଉଧାର ରହିଛି। ଆମ୍ଭମାନଙ୍କର ବି ବାକି ଖାଇବାର ଅଭ୍ୟାସ ବଢ଼ିଗଲାଣି। ହେଲେ ବାକି ମାଗି ନିରାଶ ହେବା ପରେ ଜଣେ ଗ୍ରାହକ ରାଗରେ ଦୋକାନୀଙ୍କ କାନ କାଟିଦେବା। ଘଟଣା ଆମେ କେବେହେଲେ ଶୁଣିନାହୁଁ। ଏଭଳି ଏକ ଘଟଣା ଘଟିଛି ଉତ୍ତରପ୍ରଦେଶର ଲକ୍ଷ୍ନୌରେ। ଜଣେ ପାନ ଦୋକାନୀ ଗ୍ରାହକଙ୍କୁ ବାକିରେ ପାନ ଦେବାକୁ ମନା କରିବାରୁ ଗ୍ରାହକ ଜଣକ ଏମିତି କାଣ୍ଡ ଘଟାଇଛନ୍ତି। ଆଲମବାଗ୍‌ର ସାଲୁ ନାମକ ଜଣେ ୨୮ ବର୍ଷୀୟ ଯୁବକ ଗୁରୁବାର ରାତି ୧୦ଟାରେ ପାନ ଖାଇବା ପାଇଁ ସତ୍ୟେନ୍ଦ୍ରଙ୍କ ଦୋକାନକୁ ଯାଇଥିଲେ। ଏହି ସମୟରେ ସତ୍ୟେନ୍ଦ୍ର ଦୋକାନ ବନ୍ଦ କରୁଥିଲେ। ସାଲୁ ତାଙ୍କୁ ମାଗଣାରେ ପାନ ମାଗିଥିଲେ। ସତ୍ୟେନ୍ଦ୍ର ମନା କରିବାରୁ ସାଲୁ ତାଙ୍କ ଉପରକୁ ପ୍ରଥମେ ଟେକା ପଥର ମାଡ଼ କରିଥିଲେ। ଏପରିକି ସାଲୁ ଉତ୍କ୍ଷିପ୍ତ ହୋଇ ସତ୍ୟେନ୍ଦ୍ରଙ୍କ କାନକୁ ଏକ ଧାରୁଆ ଅସ୍ତ୍ରରେ କାଟି ଖାଇ ଦେଇଥିଲେ। ଘଟଣାସ୍ଥଳରେ ସତ୍ୟେନ୍ଦ୍ର ପଡ଼ି ଛଟପଟ ହେଉଥିବାବେଳେ ସ୍ଥାନୀୟ ଲୋକେ ଦେଖି ହସ୍ପିଟାଲ ନେଇଥିଲେ। ସୂଚନାଯୋଗ୍ୟ,ସାଲୁ ପେସାରେ ଜଣେ ଭିଡିଓଗ୍ରାଫର। ତେବେ ସାଲୁ ଘଟଣା ଘଟାଇବା ପରଠାରୁ ଫେରାର ହୋଇଯାଇଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ କରି ତାଙ୍କ ନାମରେ ମାମଲା ରୁଜୁ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି।



"କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଢେଙ୍କାନାଳ ସହରରେ ସିରିଜ ଦୁର୍ଘଟଣା

### ୪ ବାଇକ୍‌କୁ ଧକ୍କା ଦେଲା କାର୍



ଦୁର୍ଘଟଣା ଘଟାଇଥିବା କାର୍ ଓ କ୍ଷତିଗ୍ରସ୍ତ ହୋଇଥିବା ୪ ବାଇକ୍।

**ଢେଙ୍କାନାଳ ଅଫିସ,୨୭।୧୨:** ଢେଙ୍କାନାଳ ସହରର ଜିଲା କାର୍ଯ୍ୟାଳୟ ପଛପାଖ କଚେରୀ ରୋଡ୍‌ରେ ଶୁକ୍ରବାର ସିରିଜ ଦୁର୍ଘଟଣା ଘଟିଛି। ନିଶାଶକ୍ତ ଅବସ୍ଥାରେ ଥିବା ଏକ କାର୍ ଚାଳକ ଦ୍ରୁତ ଗତିରେ ଗାଡ଼ି ଚଳାଇ ରାସ୍ତାର ବାମ ପାର୍ଶ୍ୱରେ ଥିବା ୪ଟି ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍‌ଗୁଡ଼ିକ ଭାଙ୍ଗିରୁଜି ଯାଇଥିଲା। ଦୁର୍ଘଟଣା ଘଟାଇ କାର ଚାଳକ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଜନସାଧାରଣ ତାଙ୍କୁ କାବୁ କରି ପୋଲିସ ଜିମାରେ ଦେଇଥିଲେ। ବ୍ରେଥ୍ ଆନାଲାଇଜର ଟେଷ୍ଟ କରିବାରୁ ଚାଳକ ଜଣକ ମଦ୍ୟପାନ କରିଥିବା ଜଣାପଡ଼ିଥିଲା ବୋଲି ପୋଲିସ ପ୍ରକାଶ କରିଛି। ଅପରାହ୍ନ ପ୍ରାୟ ୪ଟାରେ ହଠାତ୍ ସହରର ଜନଗହଳି ରାସ୍ତାରେ ଏକ କାର୍ (ନଂ. ଓଆର.୦୬ଜେ-୮୭୫୦) ଦ୍ରୁତ ଗତିରେ ଯାଉଥିବା ଦେଖି ଲୋକମାନେ ଆତଙ୍କିତ ହୋଇପଡିଥିଲେ। କିନ୍ତୁ ଉକ୍ତ କାର୍ ଚାଳକ ରାସ୍ତା ପାର୍ଶ୍ୱରେ ଥୁଆ ହୋଇଥିବା ଗୋଟିଏ ପରେ ଗୋଟିଏ ବାଇକ୍‌କୁ ଧକ୍କା ଦେଇଥିଲେ। ଏହାକୁ ନେଇ ସାଧାରଣରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଟାଉନ ଥାନା ପୋଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଏ ସଂକ୍ରାନ୍ତରେ ଟାଉନ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ କହିଛନ୍ତି, କାର୍‌ଚାଳକ ଜଣକ ନିଶାଶକ୍ତ ଥିବା ଜଣାପଡ଼ିଛି। ମଦପିଇ ଗାଡି ଚଳାଇଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ନିର୍ଦ୍ଦେଶ ରହିଛି। ଚାଳକଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

### ଆଜି କଂଗ୍ରେସର ପ୍ରତିଷ୍ଠା ଦିବସ

# ଦଳର ସ୍ଥିତି ନେଇ ଉଠୁଛି ପ୍ରଶ୍ନ

### କେନ୍ଦ୍ର ସରକାରଙ୍କ ସିଏଏ ବିରୋଧରେ ଭାରତ ବଞ୍ଚାଓ ରାଲି କରିବ ଦଳ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

କଂଗ୍ରେସ ଶନିବାର ୧୩୪ ବର୍ଷରେ ପାଦ ଦେବାକୁ ଯାଉଛି। ଚଳିତ ଥର ପ୍ରତିଷ୍ଠା ଦିବସ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏଥିପାଇଁ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରତିଷ୍ଠା ଦିବସରେ ରାଜ୍ୟର ସମସ୍ତ ନେତାଙ୍କୁ ଯୋଗଦେବା ପାଇଁ ଅନୁରୋଧ କରିଛନ୍ତି। ଏହା ସହ କେନ୍ଦ୍ର ସରକାର ଦେଶରେ ଲାଗୁ କରିଥିବା ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ କଂଗ୍ରେସ ପକ୍ଷରୁ ଭାରତ ବଞ୍ଚାଓ– ସମ୍ବିଧାନ ବଞ୍ଚାଓ ରାଲି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ଶେଷକରି ଦଳୀୟ ନେତାମାନେ ରାଜ୍ୟପାଳଙ୍କୁ ଭେଟିବା ପାଇଁ ଏକ ରାଲି କରି ରାଜଭବନ ଅଭିମୁଖେ ଯାତ୍ରା କରିବେ। ମାତ୍ର ୧୩୪ବର୍ଷ ଦଳର ସ୍ଥିତି ଓଡ଼ିଶାରେ ଯେଉଁ ଅବସ୍ଥାରେ ରହିଛି ତାକୁ ସଜାଡିବା ଲାଗି ପିସିସି ସଭାପତି କୌଣସି ବ୍ୟବସ୍ଥା ନ କରିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

କଂଗ୍ରେସ ନେତୃତ୍ୱକୁ ନେଇ ଅନେକ ସମୟରେ ଦଳର ରାଜ୍ୟ ନେତାମାନଙ୍କ ମଧ୍ୟରେ ବାଦବିବାଦ ଦେଖିବାକୁ ମିଳୁଛି। ବର୍ତ୍ତମାନ ଯେପରି ନିରଞ୍ଜନଙ୍କୁ ସଭାପତି ପଦରୁ ହଟାଇବା ପାଇଁ ଗୋଟିଏ ଗୋଷ୍ଠୀ ସକ୍ରିୟ ହୋଇଉଠିଛନ୍ତି, ସେହିପରି କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତନ ଦାବି ଏକ ପରମ୍ପରାରେ ପରିଣତ ହୋଇଗଲାଣି। ଏହା ପୂର୍ବରୁ ପ୍ରସାଦ ହରିଚନ୍ଦନଙ୍କୁ ସଭାପତି ପଦରୁ ହଟାଇବା ଲାଗି ତାଙ୍କ ବିରୋଧରେ ଗୋଟିଏ ଗୋଷ୍ଠୀ ଲାଗିପଡିଥିଲା। ଏମିତି ବାରମ୍ବାର ରାଜ୍ୟ କଂଗ୍ରେସର ନେତୃତ୍ୱ ବିପକ୍ଷ କାର୍ଯ୍ୟକ୍ରମ ଦଳର ସଙ୍ଗଠନକୁ ଏକ ପ୍ରକାର ସ୍ଥାଣୁ କରି ରଖିଛି। ନିରଞ୍ଜନଙ୍କୁ ପିସିସି ସଭାପତି କରାଯିବା ସମୟରେ ତାଙ୍କଠାରୁ ଅନେକ କିଛି ଆଶା କରାଯାଉଥିଲେ ମଧ୍ୟ ସେମିତି କିଛି ଫଳ ମିଳିନାହିଁ। ଦଳ ରାଜ୍ୟରେ ୩ ନମ୍ବର ସ୍ଥାନକୁ ଖସି ଆସିଥିବାବେଳେ ପ୍ରଥମ ଥର ପାଇଁ ମୁଖ୍ୟ ବିରୋଧୀ ଦଳ ସ୍ଥାନ ମଧ୍ୟ ହରାଇଛି। ଭାଜପା ଏବଂ ବିଜେଡିର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଏକ ପ୍ରକାର ଶେଷ ହେବାକୁ ବସିଥିବା ବେଳେ କଂଗ୍ରେସ ଏହି କାର୍ଯ୍ୟକ୍ରମରେ ବହୁ ପଛରେ ରହିଯାଇଛି। ଦଳର ସମସ୍ତ କମିଟିକୁ କିଛିଦିନ ତଳେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଭାଙ୍ଗି ଦେଇଥିବା ବେଳେ ନେତୃତ୍ୱ ପରିବର୍ତ୍ତନ କରି ନ ଥିଲେ। ଏଯାଏ ଦଳର ଛାମୁଆ, ମହିଳା ସଙ୍ଗଠନର ମୁଖିଆ ପଦବୀ ଖାଲି ରହିଥିବା ବେଳେ ପିସିସି କମିଟି ଗଠନର ନାଁଗନ୍ଧ ନାହିଁ। ଦଳର ୯ଜଣ ବିଧାୟକ ଏଥର ବିଧାନସଭା ଯାଇଥିବା ବେଳେ ସମସ୍ତେ ନିଜ ନିଜ ଦମ୍‌ରେ ବିଜୟୀ ହୋଇଛନ୍ତି। ବିଧାନସଭା ଭିତରେ ମଧ୍ୟ କଂଗ୍ରେସର ୯ ବିଧାୟକଙ୍କ ପ୍ରଦର୍ଶନ ଅତ୍ୟନ୍ତ ଭଲ ରହିଛି। ମାତ୍ର ରାଜ୍ୟ ସଙ୍ଗଠନ ଅତ୍ୟନ୍ତ ଦୁର୍ବଳ ସ୍ଥିତିକୁ ଚାଲିଯାଇଥିବା ବେଳେ ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଭୋଟ ପ୍ରତିଶତରେ ମଧ୍ୟ ହ୍ରାସ ଘଟିଛି।

କିଛିଦିନ ହେବ ଦଳ ପକ୍ଷରୁ ସବୁ ପ୍ରକାର କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇଯାଇଥିଲା। ମାତ୍ର ନିରଞ୍ଜନଙ୍କ ବିରୋଧରେ ଗୋଟିଏ ଗୋଷ୍ଠୀ ଦିଲ୍ଲୀ ଗସ୍ତ କରିବା ପରେ ଦଳର କାର୍ଯ୍ୟକ୍ରମ ସାମାନ୍ୟ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି। ତେବେ ସୋନିଆ ଏ ପର୍ଯ୍ୟନ୍ତ ନେତୃତ୍ୱ ପରିବର୍ତ୍ତନ ନେଇ କୌଣସି ସୂଚନା ଦେଇ ନ ଥିବାବେଳେ ନିରଞ୍ଜନ କେମିତି ଦଳର ଭୋଟ ପ୍ରତିଶତ ବୃଦ୍ଧି କରିବେ ଏବଂ ରାଜ୍ୟ କଂଗ୍ରେସକୁ ସଙ୍ଗଠିତ କରିବେ ତା' ଉପରେ ସମସ୍ତଙ୍କ ନଜର ରହିଛି।

# ଦୀଘା ମୁହାଣରେ ବୁଡ଼ିଲା ଟ୍ରଲର, ୧୧ ମତ୍ସ୍ୟଜୀବୀ ଉଦ୍ଧାର



ଓଲଟି ପଡ଼ିଥିବା ମାଛଧରା ଟ୍ରଲରରୁ ଅନ୍ୟ ଏକ ଡଙ୍ଗା ସାହାଯ୍ୟରେ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରାଯାଉଛି।

**ଭୋଗରାଇ, ୨୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ସୀମାନ୍ତ ଦୀଘା ମୁହାଣରେ ଏକ ମାଛଧରା ଟ୍ରଲର ଶୁକ୍ରବାର ମଧ୍ୟାହ୍ନରେ ବୁଡ଼ିଯାଇଥିଲା। ସମୁଦ୍ରରେ ଉତ୍ତାଳ ଢେଉ ସହ ମୁହାଣ ସମ୍ମୁଖରେ ଥିବା ବାଲିଚଢ଼ରେ ଟ୍ରଲର ଧକ୍କା ଖାଇ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଟ୍ରଲରରେ ଥିବା ୧୧ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୧୦ଜଣଙ୍କୁ ଅନ୍ୟ ଦୁଇଟି ମାଛଧରା ଟ୍ରଲର ସମୁଦ୍ରରୁ ଉଦ୍ଧାର କରି କୂଳକୁ ଆଣିଥିଲେ। ନିଖୋଜ ଥିବା ବଙ୍ଗୀୟ ମତ୍ସ୍ୟଜୀବୀ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଜିଲା ନନ୍ଦୀ ଗ୍ରାମ ଥାନା ପାଥୁରିଆ ଗ୍ରାମର ନିର୍ମଳ ଦାସ (୫୮)ଙ୍କୁ ଅଗ୍ନିଶମ ବିଭାଗ ଓ ଅନ୍ୟ ଟ୍ରଲର ତଲାସୀ କରି ବହୁ ସମୟ ପରେ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ଦୀଘା ମୁଖ୍ୟ ହସ୍‌ପିଟାଲରେ ଚିକିତ୍ସା କରାଇଥିଲେ। ସେ ଏବେ ସୁସ୍ଥ ଥିବା ଜଣାପଡ଼ିଛି।

### ପ୍ରଦୀପଙ୍କ ବୟାନ ନେଇ ବିଜେଡି, ଭାଜପାର ସମାନ ଅଭିଯୋଗ

# ଦୁଃଖପ୍ରକାଶ କଲେ ପିସିସି ସଭାପତି

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ନବରଙ୍ଗପୁରରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଏବଂ ହତ୍ୟା ଘଟଣାରେ ଦୋଷୀକୁ ଗିରଫ କରିବା ଦାବିରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଜିଲା ବନ୍ଦ ଡାକରା ଦେଇଥିଲେ। ଏହି ସମୟରେ ମାଝି ନିଜ କର୍ମୀଙ୍କୁ ଫୋନ୍ ଯୋଗେ ପେଟ୍ରୋଲ, ଡିଜେଲ ପ୍ରସ୍ତୁତ କରି ରଖ, କହିଲେ ଜାଳିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ମାଝିଙ୍କ ଏଭଳି ମନ୍ତବ୍ୟ ପରେ ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। କଂଗ୍ରେସ ସବୁବେଳେ ହିଂସା ଉପରେ ବିଶ୍ୱାସ ରଖୁଥିବା ଭାଜପା କହିଥିବାବେଳେ ବିଜେଡି ମଧ୍ୟ ସମାନ ଅଭିଯୋଗ ଆଣିଛି। ଅନ୍ୟପକ୍ଷରେ ପିସିସି ସଭାପତି ଏଥିପାଇଁ ନିଜ ତରଫରୁ ଦୁଃଖପ୍ରକାଶ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ମୁଖପାତ୍ର ଗୋଲକ ମହାପାତ୍ର ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଗଣତନ୍ତ୍ରରେ ଅନେକ ପ୍ରସଙ୍ଗକୁ ନେଇ ବିରୋଧ କରାଯାଇପାରେ, କିନ୍ତୁ ଏହା ଅର୍ଥ ନୁହେଁ ହିଂସାକୁ ଆପଣାଇବା। ଗୁରୁବାର ନବରଙ୍ଗପୁର ବନ୍ଦ ସମୟରେ ପ୍ରଦୀପ ମାଝି ହିଂସା କରିବା ପାଇଁ ଉସ୍‌କାଇବା, ସରକାରୀ ସମ୍ପତ୍ତିକୁ ଜାଳିବା ପାଇଁ ପ୍ରୋତ୍ସାହିତ କରିବା ଏବଂ ସହରରେ ଲୋକଙ୍କୁ ଭୟଭୀତ କରିବା ପାଇଁ ନିଜ କର୍ମୀଙ୍କୁ ଯେଉଁ ନିର୍ଦ୍ଦେଶ ଦେଉଥିଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ଘଟଣା। ୧୩୪ ବର୍ଷର ଦଳ ଯିଏ ଗାନ୍ଧୀଙ୍କ ନୀତି ଆଦର୍ଶରେ ଚାଲୁଛି ବୋଲି ଡିଣ୍ଡିମ ପିଟୁଛି ଆଜି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାଁ ନେଇ ହିଂସା ଭିଆଇବା ଆଦୌ ଗ୍ରହଣୀୟ ନୁହେଁ। ତାଙ୍କ ବିରୋଧରେ ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଗୋଲକ କହିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ପ୍ରଦୀପ ମାଝି ନବରଙ୍ଗପୁର ବନ୍ଦ ସମୟରେ ଯେଭଳି ହିଂସାର ଆଶ୍ରୟ ନେଲେ ସେଥିରୁ ନଜର ହଟାଇବାକୁ କଂଗ୍ରେସ ଅସଫଳ ପ୍ରୟାସ କରୁଛି। ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବା ପୂର୍ବରୁ କଂଗ୍ରେସ ପ୍ରଥମେ ନିଜ କାର୍ଯ୍ୟକଳାପ ଉପରେ ଧ୍ୟାନ ଦିଅନ୍ତୁ। ଗାନ୍ଧୀ ନୀତି ଉପରେ ବିଶ୍ୱାସ କରୁଛି ବୋଲି କହୁଥିବା କଂଗ୍ରେସ କିପରି ହାତରେ ପେଟ୍ରୋଲ, ଡିଜେଲ ଧରି ହିଂସା କରିବାକୁ କର୍ମୀଙ୍କୁ ଉସ୍‌କାଉଛି ତା'ର ସମୀକ୍ଷା କରୁ ବୋଲି ସସ୍ମିତ କହିଛନ୍ତି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ସେ ଭାବବିହ୍ୱଳ ହୋଇ ଯେଉଁ କଥା କହିଛନ୍ତି ତାହା ଦୁଃଖର ବିଷୟ। ପିସିସି ସଭାପତି ଭାବେ ଏଥିପାଇଁ ସେ ଦୁଃଖ ପ୍ରକାଶ କରିଛନ୍ତି। କଂଗ୍ରେସ ଅହିଂସା ନୀତିରେ ବିଶ୍ୱାସ କରେ ବୋଲି ନିରଞ୍ଜନ କହିଛନ୍ତି।

### ହାତୀ ଆକ୍ରମଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

# ମୃତଦେହ ରଖି ଗ୍ରାମବାସୀଙ୍କ ଧାରଣା

**ସଜନାଗଡ, ୨୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡ଼ିହା ପାଦଦେଶ ଗରଡ଼ିହି ପଞ୍ଚାୟତ ଅଧୀନ ଟିଙ୍କାକଟା ଚାଇନ୍ଦର ଗ୍ରାମ ୧୨ନମ୍ବର ୱାର୍ଡ଼ର ୱାର୍ଡ଼ମେମ୍ବର ସୁଦାମ ସିଂ (୩୫) ଗତ ୧୫ ତାରିଖରେ ଛେଳି ନେଇ ଜଙ୍ଗଲରୁ ଫେରୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୀଳଗିରି ମେଡ଼ିକାଲ ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ସୁଦାମଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗତ ୧୯ତାରିଖରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଦୀର୍ଘ ୧୧ଦିନ ଧରି ବିଭିନ୍ନ ମେଡ଼ିକାଲରେ ଚିକିତ୍ସାଧୀନ ସମୟରେ ବନବିଭାଗ ପକ୍ଷରୁ କୌଣସି ସହାୟତା ଦିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଗୁରୁବାର ବିଳମ୍ବିତ ରାତିରେ ସୁଦାମଙ୍କ କଟକ ବଡ ମେଡିକାଲରେ ମୃତ୍ୟୁ ହୋଇଛି। ଶୁକ୍ରବାର ଅପରାହ୍ନରେ ଶତାଧିକ ଗ୍ରାମବାସୀ କଟକ ମେଡ଼ିକାଲରୁ ମୃତଦେହକୁ ଆଣି କୁଲଡ଼ିହା ଅଫିସ୍ ଆଗରେ ରଖି କ୍ଷତିପୂରଣ ଦାବିରେ ଧାରଣାରେ ବସିଥିଲେ। ରେଞ୍ଜର ଘଟଣାସ୍ଥଳକୁ ଆସି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗ୍ରାମବାସୀ ଲିଖିତ ପ୍ରତିଶ୍ରୁତି ଦାବିରେ ଅଡ଼ି ବସିଥିଲେ। ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ଧାରଣା ହଟିଥିଲା। ଧାରଣାରେ ଯୁଗାନନ୍ଦ ଦାସ, ଜ୍ୟୋତିର୍ମୟ ରାଉତ, ଭାଗୀରଥି ସିଂ, ସୁରେଶ ନାୟକ, ଉପେନ୍ଦ୍ର ଦାସ, ରଥ ସିଂ, ବୈଦ୍ୟନାଥ ସିଂ, ସୁରେନ୍ଦ୍ର ଖିଲାର, ରାଜେଶ ନାୟକଙ୍କ ସହ ୧ ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଧାରଣାରେ ବସିଥିଲେ।

# ରାକେଶ ସିହ୍ନାଙ୍କ ମନ୍ତବ୍ୟକୁ ନିନ୍ଦାକଲା ଅହମଦୀୟା ମୁସ୍‌ଲିମ ସଙ୍ଗଠନ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଆତଙ୍କବାଦୀ ସହ ଅହମଦୀୟା ମୁସ୍‌ଲିମ ଜମାତ୍‌ର ସମ୍ପର୍କ ନେଇ ଭାଜପା ନେତା ରାକେଶ ସିହ୍ନା ଦେଇଥିବା ମନ୍ତବ୍ୟକୁ ଶୁକ୍ରବାର ଉକ୍ତ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ଅହମଦୀୟା ମୁସ୍‌ଲିମ ସଙ୍ଗଠନର ଓଡ଼ିଶା ଶାଖା ସଭାପତି ମୁହମ୍ମଦ ନୁରୁଦ୍ଦିନ ଅମିନ ଏକ ବିବୃତିରେ କହିଛନ୍ତି, ଗତ ୨୨ରେ ରାଜ୍ୟ ସଭା ସଦସ୍ୟ ରାକେଶ ସିହ୍ନା ଏକ ଘରୋଇ ଟିଭି ଚ୍ୟାନେଲରେ ଜମାତ୍‌କୁ ଭାରତର ଶତ୍ରୁ ବୋଲି ଅଭିହିତ କରିଥିଲେ। ଏପରି କି ଆତଙ୍କବାଦୀଙ୍କ ସହ ଏହି ସଙ୍ଗଠନର ସମ୍ପର୍କ ଥିବା ସେ କହିଥିଲେ, ଯାହାକି ସମ୍ପୂର୍ଣ୍ଣ ଅସତ୍ୟ। ଜମାତ୍ ଏକ ଶାନ୍ତିପ୍ରିୟ ସଙ୍ଗଠନ। ଏହା ଶାନ୍ତି, ନିରାପତ୍ତା, ସର୍ବଧର୍ମ ସମନ୍ୱୟ, ମାନବ ସେବା ତଥା ପ୍ରେମ ଓ ଭାଇଚାରାକୁ ପ୍ରୋତ୍ସାହନ ଦେଇଥାଏ। ତେଣୁ ଆତଙ୍କବାଦ ସହ ଏହି ଶାନ୍ତିପ୍ରିୟ ସଙ୍ଗଠନକୁ ଯୋଡ଼ିବା ଠିକ୍ ନୁହେଁ ବୋଲି ନୁରୁଦ୍ଦିନ ଅମିନ ସମାଲୋଚନା କରିଛନ୍ତି।

# ରାଜ୍ୟ ସଂଗ୍ରହାଳୟରେ ହେବ ପୋଷ୍ଟାଲ ଗ୍ୟାଲେରୀ

- ବ୍ରିଟିଶ ଅମଳରୁ ବର୍ତ୍ତମାନ ପର୍ଯ୍ୟନ୍ତ ଡାକ ଇତିହାସ ସ୍ଥାନ ପାଇବ
- ରବିବାର ଉଦ୍‌ଘାଟନ କରିବେ ରାଜ୍ୟପାଳ

**ଭୁବନେଶ୍ୱର, ୨୭।୧୨(ବ୍ୟୁରୋ)**

ରାଜଧାନୀରେ ଥିବା ରାଜ୍ୟ ସଂଗ୍ରହାଳୟରେ ଖୋଲିବ ପୋଷ୍ଟାଲ ଗ୍ୟାଲେରୀ। ଏଥିରେ ଓଡ଼ିଶାର ବ୍ରିଟିଶ ଅମଳର ଡାକ ସେବାଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ପୂରା ଘଟଣାକ୍ରମ ସ୍ଥାନ ପାଇବ। ଆସନ୍ତା ରବିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଡାକ ମଣ୍ଡଳ ଓ ରାଜ୍ୟ ସଂଗ୍ରହାଳୟର ଏହି ସ୍ୱତନ୍ତ୍ର ପ୍ରୟାସର ନାମ ରଖାଯାଇଛି 'ପୋଷ୍ଟାଲ ଗ୍ୟାଲେରୀ'। ଶୁକ୍ରବାର ପ୍ରଧାନ ଡାକପାଳ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ପ୍ରଧାନ ଡାକପାଳ ସନ୍ତୋଷ କୁମାର କାମିଲା ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି, ସମୟ ସହ ତାଳ ଦେଇ ଚାଲିଥିବା ଡାକସେବାର ଇତିହାସ, କାର୍ଯ୍ୟଶୈଳୀ, ଉପକରଣ, ଆସବାବ ପତ୍ର, ନଥିପତ୍ର ଓ ଷ୍ଟାମ୍ପ ସବୁ ପୋଷ୍ଟାଲ ଗ୍ୟାଲେରୀରେ ସ୍ଥାନ ପାଇବ। ଏହା ବ୍ୟତୀତ ରାଜ୍ୟର ଅନେକ ଫିଲାଟେଲିଷ୍ଟ (ଡାକ ସଂଗ୍ରହକାରୀ)ଙ୍କ ଦୀର୍ଘ ଦିନର ସଂଗୃହିତ ଡାକ ଟିକଟ ମଧ୍ୟ ସୁରକ୍ଷିତ ଭାବେ ରହିବ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ପ୍ରକାଶ ପାଇଥିବା ଡାକ ଟିକଟ, ମହାନ୍ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁ ଓ ବାଜି ରାଉତଙ୍କ ଉଦ୍ଦେଶ୍ୟରେ ଦୁଇଟି ସ୍ୱତନ୍ତ୍ର କଭର ମଧ୍ୟ ଉନ୍ମୋଚନ ହେବ। ମହାତ୍ମା ଗାନ୍ଧୀଙ୍କ ଉପରେ ଏକ ସ୍ୱତନ୍ତ୍ର ଡାକ ଟିକଟ ପ୍ରଦର୍ଶନୀ ଗ୍ୟାଲେରୀରେ ସ୍ଥାନ ପାଇବ ବୋଲି ପ୍ରଧାନ ଡାକପାଳ କହିଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଘଟଣା: ନାବାଳକ ଅଟକ

**ଖଇରା,୨୭।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଶୁକ୍ରବାର ଖଇରା ଥାନାରେ ଅଟକ ରଖିଛି। ଉଭୟଙ୍କୁ ଶୁକ୍ରବାର ଡାକ୍ତରୀମାଇନା ପାଇଁ ପଠାଯାଇଛି। ନାବାଳିକା ଜଣକ ବୁଧବାର ଶୌଚ ହେବାକୁ ଯାଇଥିବା ବେଳେ ନାବାଳକ ଜଣକ ତାଙ୍କୁ ଜବରଦସ୍ତି ବଳାତ୍କାର କରିଥିବା ନାବାଳିକାଙ୍କ ମା' ଖଇରା ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୨୮୫/୧୯) ରୁଜୁ କରିଛି।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ ମ୍ୟାଚରେ ଜାମସେଦପୁର ଏଫସି ବିପକ୍ଷରେ ଡବଲ ଗୋଲ ଦେଇ ଓଡ଼ିଶା ଏଫସିକୁ ବିଜୟୀ କରାଇଥିବା ଆରିଡେନ ସାନ୍ତାନା (ବାମ) ସାଥି ଖେଳାଳିଙ୍କ ସହ ଖୁସି ମନାଉଛନ୍ତି। ମ୍ୟାଚରେ ଓଡ଼ିଶା ଏଫସି ୨–୧ ଗୋଲରେ ବିଜୟୀ ହୋଇଛି। (ଫଟୋ: ବିକାଶ ନାୟକ)

# ଟିକିଟି ରାଜାଙ୍କ ପରଲୋକ

**ଟିକିଟି,୨୭।୧୨(ଡି.ଏନ.ଏ.):** ଗଞ୍ଜାମ ଜିଲା ଟିକିଟିର ରାଜା ତଥା ପୂର୍ବତନ ବିଧାୟକ ସଚ୍ଚିଦାନନ୍ଦ ଦେଓଙ୍କ ୯୮ ବର୍ଷରେ ଶୁକ୍ରବାର ସକାଳେ ଟିକିଟି ରାଜବାଟୀ ପରିସରରେ ପରଲୋକ ହୋଇଯାଇଛି। ସେ ଟିକିଟି ନିର୍ବାଚନ ମଣ୍ଡଳୀର ବିଧାୟିକା ଉଷା ଦେବୀଙ୍କ ଶ୍ୱଶୁର।



ସଚ୍ଚିଦାନନ୍ଦ ଟିକିଟି ନିର୍ବାଚନମଣ୍ଡଳୀରୁ ୧୯୭୧ ଓ ୧୯୭୪ରେ କଂଗ୍ରେସରୁ ଲଗାତର ୨ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଟିକିଟି ଅଞ୍ଚଳର ବହୁ ଉନ୍ନୟନମୂଳକ କାର୍ଯ୍ୟ ସେ ବିଧାୟକ ଥିବା ସମୟରେ ହୋଇଥିଲା। ସେଥିମଧ୍ୟରୁ ଟିକିଟି ସିଟି ଟିଚର୍ସ ଟ୍ରେନିଂ ସେଣ୍ଟର, ଟିକିଟି ମହାବିଦ୍ୟାଳୟ, ଜର୍ଜ ପ୍ରାଥମିକ ବିଦ୍ୟାଳୟ, କୃଷ୍ଣପୁର ଓ ଖୁଦୁଡି ଗ୍ରାମରେ ଚକ୍ରବର୍ତ୍ତୀ ସାଗର ଜଳସେଚନ ପ୍ରକଳ୍ପ ଅନ୍ୟତମ। ପରମ୍ପରା ଅନୁଯାୟୀ ରାଜବାଟୀ ପରିସରରୁ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରି ଟିକିଟିଗଡ ନିକଟ ରାଜଶ୍ମଶାନକୁ ନିଆଯାଇଥିଲା। ସେଠାରୁ ଅନ୍ତିମ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି। ମରଶରୀର ଶୋଭାଯାତ୍ରାରେ ଟିକିଟି ଓ ପାତ୍ରପୁର ବ୍ଲକ୍‌ର ବହୁ ଜନସାଧାରଣ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା ରାଜବାଟୀରେ ପହଞ୍ଚି ସଚ୍ଚିଦାନନ୍ଦ ଦେଓଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।


## ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼
## DISTRICT MINERAL FOUNDATION, SUNDARGARH

(1st floor, DMF Office)
District Rural Development Agency
Email-dmfsundergarh@gmail.com
Sundargarh-770001
Tel/Fax No.06622-273846

Letter No.1073/(DMF) Dated the 27.12.2019

**RFP NO.DMF/SNG/10-2019-20**

| | | | |
|---|---|---|---|
| 1. | The Collector and Chairperson, District Mineral Foundation (DMF) Sundargarh, Government of Odisha invites technical and financial proposals from reputed implementing Agency / Firms of National and International repute for **"Annual Rate Contract for Supply, Installation and Commissioning of High Mast Illumination System with 5 year warranty for Sundargarh District"** as detailed in the Scope of work in this DTCN. The interested and eligible Firms with valid Registration Certificate as a Company, as detailed in DTCN, may apply for the same in OFF-LINE mode. (For details visit www.sundergarh.nic.in). | | |
| 2. | Nature of works | : | **Annual Rate Contract for Supply, Installation and Commissioning of High Mast Illumination System with 5 year warranty for Sundargarh District** |
| 3. | Tender (Bid) Cost | : | Rs.10,000/- |
| 4. | EMD | : | Rs.50,000/- |
| 5. | Availability of bid document in the website | : | From 11.00 A.M. of 27.12.2019 to 13.01.2020 up to 5.00 P.M. |
| 6. | Last date of receipt of Bid | : | 13.01.2020 up to 5.00 P.M. |
| 7. | Mode of receipt of Bids | : | Through Speed Post / Registered Post (India Post) and by no other means. |
| 8. | Date of opening of Technical Bid and Commercial Bid | : | Date: 14.01.2020 at 11.00 A.M. |
| 9. | Address for Business query and correspondence | : | **Chief Executive Officer, District Mineral Foundation, Sundargarh Sundargarh-770001, Tel- 06622-273846, Website - www.sundergarh.nic.in E-mail Id- dmfsundergarh@gmail.com** |
| 10. | The bidders have to participate in OFF-LINE bidding only. Further details can be seen from the Sundargarh District website (www.sundergarh.nic.in). Any addendum / Corrigendum / cancellation of tender can also be seen in the said websites. If any query then contact E-mail ID - **dmfsundergarh@gmail.com** | | |

**Sd./- Chief Executive Officer
DMF, Sundargarh**

## ସଂକ୍ଷେପରେ

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ ପଣ୍ଡ

ବାଲେଶ୍ୱର ଅଫିସ, ୨୭।୧୨: ବାଲେଶ୍ୱର ଫକୀରମୋହନ ଗୋଲେଇ ନିକଟରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏକ ଏଟିଏମ୍‌କୁ ଦୁର୍ବୃତ୍ତମାନେ ଗୁରୁବାର ବିଳମ୍ବିତ ରାତିରେ ଭାଙ୍ଗି ନିଆଁ ଲଗାଇଥିଲେ ମଧ ସେଥିରୁ କୌଣସି ସୁଫଳ ମିଳି ନ ଥିଲା। ପରେ ଦୁର୍ବୃତ୍ତମାନେ ଲୁଟ୍‌ରେ ବିଫଳ ହୋଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ପୋଲିସ ପହଞ୍ଚି ବ୍ୟାଙ୍କର କର୍ମଚାରୀଙ୍କୁ ଜଣାଇବା ପରେ ଏଟିଏମ୍‌ରେ ଥିବା କୌଣସି ଟଙ୍କା ଦୁର୍ବୃତ୍ତମାନେ ଲୁଟ୍ କରିପାରି ନ ଥିବା ଜଣାପଡ଼ିଥିଲା। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତ ପରେ ଏଟିଏମ୍ କାଉଣ୍ଟରକୁ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି।

## ■ ୟେଲୋ ୱାର୍ନିଂ ଜାରି କଲା ପାଣିପାଗ ବିଭାଗ

# ଥରେଇବ ଶୀତ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ରାଜ୍ୟରେ ଚଳିତ ବର୍ଷ ପ୍ରଥମ ଥର ଲାଗି ପ୍ରଚଣ୍ଡ ଶୀତର ଅନୁଭୂତ ଆରମ୍ଭ ହୋଇଛି। ଆସନ୍ତା ଦୁଇ ତିନି ଦିନ ଯାଏ ଶୀତ ଲହରି ସମଗ୍ର ରାଜ୍ୟକୁ ଥରାଇବ ବୋଲି ପାଣିପାଗ ବିଭାଗ ସତର୍କ କରାଇଛି। ଏହି ସମୟରେ ସର୍ବନିମ୍ନ ତାପମାତ୍ରା ୪ରୁ ୬ ଡିଗ୍ରୀ ସେଲସିୟସ ତଳକୁ ଖସିଯିବ। ଉତ୍ତର ପୂର୍ବ ଦିଗରୁ ଥଣ୍ଡା ବାୟୁ ପ୍ରବାହ ହେବ। ବିଶେଷକରି ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ ଏବଂ ବାଲେଶ୍ୱର ଜିଲାରେ ପ୍ରବଳ ଶୀତ ଲହରି ଦେହମୁଣ୍ଡକୁ ଥରାଇ ଦେବ। ଅନ୍ୟାନ୍ୟ ଜିଲାରେ ମଧ ଶୀତର ପ୍ରକୋପ ବୃଦ୍ଧି ପାଇବ। ଏଥିସହିତ କନ୍ଧମାଳ, ପୁରୀ, ଖୋର୍ଦ୍ଧା, ସୋନପୁର ଏବଂ କଳାହାଣ୍ଡି ଜିଲାର କେତେକ ସ୍ଥାନରେ ଏବଂ ଉପକୂଳ ଜିଲା ସମେତ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଅନୁଗୋଳ ଜିଲାରେ ୨୮ ଓ ୨୯ ତାରିଖ ଦୁଇଦିନ ପ୍ରବଳ କୁହୁଡି ସୃଷ୍ଟି ହେବ। ୨୦୦ ମିଟର ପର୍ଯ୍ୟନ୍ତ ଖାଲି ଆଖିରେ ଦେଖା ଯିବ ନାହିଁ। ଏହି ସମୟରେ ଗାଡି ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ୨୮ ତାରିଖରେ ଉପକୂଳ ଓଡିଶା ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ସୋନପୁର, କଳାହାଣ୍ଡି ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ଅନୁମାନ କରାଯାଇଛି।

ଶୀତ ଲହରିକୁ ଦୃଷ୍ଟିରେ ରଖି ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମଣିଷ ଓ ଗୃହପାଳିତ ପ୍ରାଣୀମାନଙ୍କ ସୁରକ୍ଷା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି। ଗ୍ରାମାଞ୍ଚଳରେ ଯେଉଁମାନଙ୍କର ବାସଗୃହ ନାହିଁ ସେମାନଙ୍କୁ ସ୍କୁଲ ଓ ଅନ୍ୟାନ୍ୟ ସରକାରୀ କୋଠାରେ ଆଶ୍ରୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସହରାଞ୍ଚଳରେ ପର୍ଯ୍ୟଟକ ଓ ନିରାଶ୍ରୟ ଲୋକମାନଙ୍କୁ ରାତ୍ରି ଆଶ୍ରୟ ସ୍ଥଳରେ ରଖିବାକୁ କୁହାଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଭୁବନେଶ୍ୱର ୧୬.୮, ଗୋପାଳପୁର ୨୦.୪, ପୁରୀ ୧୬.୬, ବାରିପଦା ୧୫, ଝାରସୁଗୁଡା ୧୭, କେନ୍ଦୁଝର ୧୪, ସମ୍ବଲପୁର ୧୭.୧, ସୁନ୍ଦରଗଡ ୧୦.୫, ହୀରାକୁଦ ୧୮.୩, ତାଳଚେର ୧୮.୩, ଭବାନୀପାଟଣା ୧୯, ବଲାଙ୍ଗୀର ୧୮.୨, କୋରାପୁଟ ୧୫, ଫୁଲବାଣୀ ୧୫.୩, ଟିଟିଲାଗଡ ୧୫.୫, ମାଲକାନଗିରି ୧୯.୨, ସୋନପୁର ୧୫.୨, ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୩.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ପ୍ରଦୀପ ମାଝୀଙ୍କ ସମେତ ୧୫ ଜଣଙ୍କା ନାଁରେ ମାମଲା

**ନବରଙ୍ଗପୁର, ୨୭।୧୨(ବି.ପ୍ର.)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ୍ ବାମୁଣି ପଞ୍ଚାୟତରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ଗୁରୁବାର କଂଗ୍ରେସ ପକ୍ଷରୁ ଜିଲାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ବନ୍ଦ ବେଳେ ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏହାକୁ ଉସୁକାଇବା ଭଳି ମନ୍ତବ୍ୟ ଦେବା ଏବଂ ଦଳୀୟ କର୍ମୀ ଏକ କାର୍ ଜାଳିଦେବା ଘଟଣାକୁ ନେଇ ତେଜିବାରେ ଲାଗିଛି। ହେଲେ ତାଙ୍କର ବିବାଦୀୟ ମନ୍ତବ୍ୟ ପାଇଁ ସେ ଏବେ ଅଡୁଆରେ ପଡ଼ିଛନ୍ତି। ନବରଙ୍ଗପୁର ଟାଉନ୍ ଥାନା ପୋଲିସ ଶୁକ୍ରବାର ନିଜ ପକ୍ଷରୁ ପ୍ରଦୀପ ମାଝୀ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ମୁନା ତ୍ରିପାଠୀଙ୍କ ସମେତ ୧୫ ଜଣଙ୍କ ନାମରେ ଏତଲା ଦାଏର୍ କରିଛି। ଏନେଇ ଦଫା ୧୪୭, ୩୪୧, ୩୫୩, ୨୮୩, ୫୦୬, ୪୩୫, ୧୨୦(ଖ) ଏବଂ ୩ ପିଡିପିପିରେ କେସ୍ ନଂ ୩୧୦/୧୯ ଏବଂ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗୁରୁବାର କଂଗ୍ରେସ ପକ୍ଷରୁ ନବରଙ୍ଗପୁର ବନ୍ଦ ପାଳନ ବେଳେ ପ୍ରଦୀପ କହିଥିଲେ ଯେ, ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟ ନ ମିଳିଲେ ଏହାକୁ ଛଡାଇନେବୁ। ଗାନ୍ଧୀଙ୍କ ଅହିଂସା ନୀତି ଛାଡ଼ି ସୁଭାଷ ବୋଷଙ୍କ ନୀତି ଆପଣେଇବୁ। ପ୍ରଦୀପଙ୍କ ମନ୍ତବ୍ୟ କଂଗ୍ରେସର ଦଳୀୟ ଆଦର୍ଶର ବିରୁଦ୍ଧାଚରଣ କରୁଥିବାରୁ ରାଜନୀତି ତେଜିବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଏ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବ୍ୟାଙ୍କ ପରିସରରୁ ଦେଢ଼ଲକ୍ଷ ଲୁଟ୍

**ଭଣ୍ଡାରିପୋଖରୀ, ୨୭।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ପୁଣି ମାତିଛନ୍ତି ଲୁଟେରା। ଶୁକ୍ରବାର ମଞ୍ଜୁରିରୋଡ଼ ବଜାରସ୍ଥିତ ଆଲ୍ଲାହାବାଦ ବ୍ୟାଙ୍କ ପରିସରରୁ ଜଣେ ବ୍ୟବସାୟୀଙ୍କଠାରୁ ଲୁଟେରା ଦେଢ଼ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ପୋଲିସ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଡଁଅର ନିକଟରୁ ଲୁଟେରାଙ୍କ ବାଇକ୍ ଜବତ କରିଥିଲେ ମଧ ସେମାନଙ୍କ ସୁରାକ୍ ପାଇପାରି ନାହିଁ। ଲୁଟ୍‌ର ଶିକାର ହୋଇଥିବା ବ୍ୟବସାୟୀ ହେଲେ ମଞ୍ଜୁରିରୋଡ଼ ଫାଣ୍ଡି ଅଧୀନ ଅଗେଇବେରା ଗ୍ରାମର ଶଙ୍କର୍ଷଣ ପଣ୍ଡା। ଏ ନେଇ ଶଙ୍କର୍ଷଣଙ୍କ ଅଭିଯୋଗକ୍ରମେ ଭଣ୍ଡାରିପୋଖରୀ ଥାନା ପୋଲିସ ଏକ ମାମଲା(ନଂ.୨୨୦/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

କପଡ଼ା ଦୋକାନୀ ଶଙ୍କର୍ଷଣଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ପରେ ସେ ଦେଢ଼ଲକ୍ଷ ଟଙ୍କା ନେଇ ଡିପୋଜିଟ୍ କରିବାକୁ ଆଲ୍ଲାହାବାଦ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରେ ବସି ଡିପୋଜିଟ୍ ଫର୍ମ ପୂରଣ କରୁଥିବାବେଳେ ଜଣେ ଲୁଟେରା ତାଙ୍କ ଟଙ୍କା ବ୍ୟାଗ୍ ଝାମ୍ପିନେଇ ବ୍ୟାଙ୍କରୁ ବାହାରି ଦ୍ରୁତଗତିରେ ପଳାଇ ଯାଇଥିଲେ। ବ୍ୟାଙ୍କ ସାମ୍ନାରେ ଏକ କଳା ପଲ୍‌ସର ବାଇକ୍ ଷ୍ଟାର୍ଟ କରି ରଖିଥିବା ଅନ୍ୟ ଜଣେ ସହଯୋଗୀଙ୍କ ସହ ସେ ଫେରାର ହୋଇଯାଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ପିଛା କରିବାରୁ ଲୁଟେରା ଦ୍ୱୟ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଡଁଅର ନିକଟରେ ବାଇକ୍(ଓଡି ୩୪ କେ ୮୨୨୦) ଛାଡ଼ି ଦେଇ ବିଲରେ ଦୌଡ଼ି ପଳାଇଥିଲେ। ଖବର ପାଇ ଭଣ୍ଡାରିପୋଖରୀ ପୋଲିସ ନନ୍ଦିପଦା ପୋଲିସ ସହ ସେଠାରେ ପହଞ୍ଚି ତନାଘନା କରିଥିଲେ ମଧ ଲୁଟେରାଙ୍କ ସନ୍ଧାନ ପାଇପାରି ନାହିଁ। ପୋଲିସ ଉକ୍ତ ବାଇକ୍ ଜବତ କରି ଥାନାକୁ ଆଣିବା ସହ ବ୍ୟାଙ୍କ ସିସିଟିଭି ଯାଞ୍ଚ କରିଛି। ଲୁଟେରା ଜଣଙ୍କ ଶଙ୍କର୍ଷଣଙ୍କୁ ପିଛା କରି ବ୍ୟାଙ୍କ ଭିତରକୁ ପଶିଥିଲେ। ଶଙ୍କର୍ଷଣ ଡିପୋଜିଟ ଫର୍ମ ପୂରଣ କରିବା ସମୟରେ ଲୁଟେରା ଟଙ୍କା ଥଳି ଧରି ଫେରାର ହୋଇଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି।

## ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ-୨୦୧୯

# ଯୁଗଳବନ୍ଦୀ ସାଜିଲା ଆକର୍ଷଣ

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଉତ୍ସବ-୨୦୧୯ର ଶୁକ୍ରବାର ଥିଲା ୨ୟ ସନ୍ଧ୍ୟା। ଅନିତା ରାଉତ ଓ ରଶ୍ମିତା ପ୍ରଧାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ 'ଜନସମୋହିନୀ ପଲ୍ଲବୀ' ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ଶିଳ୍ପୀଙ୍କୁ ମର୍ଦ୍ଦଳରେ ସୌମ୍ୟରଞ୍ଜନ ନାୟକ, ଭାଓଲିନ୍‌ରେ ସୁରମଣି ଗୁରୁ ରମେଶ ଚନ୍ଦ୍ର ଦାସ ଓ ତରୁଣ ପାଲ, ସୀତାରରେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ଓ କଣ୍ଠସଙ୍ଗୀତରେ କ୍ଷୀତିପ୍ରକାଶ ମହାପାତ୍ର ସହଯୋଗ କରିଥିଲେ।

# ଜାନୁୟାରୀରେ ପଛୁଆ ଜିଲା ଉନ୍ନୟନ ସମ୍ପର୍କିତ ସମୀକ୍ଷା

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଆସନ୍ତା ଜାନୁୟାରୀରେ କେନ୍ଦ୍ର ସରକାର ଦେଶର ବିଭିନ୍ନ ରାଜ୍ୟର ପଛୁଆ(ଆକାଂକ୍ଷା) ଜିଲାଗୁଡିକର ଉନ୍ନତିମୂଳକ କାର୍ଯ୍ୟ ନେଇ ସମୀକ୍ଷା କରିବେ ବୋଲି ଜଣାପଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ର ଅଧିକାରୀମାନେ ବିଭିନ୍ନ ଜିଲା ସମ୍ପର୍କିତ ରିପୋର୍ଟ ଆଲୋଚନା କରିବା ସହ ବିଭିନ୍ନ ପରାମର୍ଶ ଦେବେ ବୋଲି ଜଣାପଡିଛି। ସେହିକ୍ରମରେ ଓଡ଼ିଶାରୁ ନବରଙ୍ଗପୁର ଏବଂ ରାୟଗଡା ଜିଲାକୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ପିଏମ୍‌ଓର ସମୀକ୍ଷା ପୂର୍ବରୁ ଏହି ୨ ଜିଲା ଦାୟିତ୍ୱରେ ଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ ଏକାଧିକ ଥର ଗସ୍ତ କରି ବିଭିନ୍ନ ତଥ୍ୟ ସଂଗ୍ରହ କରିଥିବା ଜଣାପଡିଛି।

ରାୟଗଡା ଜିଲାର ପ୍ରଭାରୀ ସତ୍ୟବ୍ରତ ସାହୁ ଏବଂ ନବରଙ୍ଗପୁର ଜିଲା ସଞ୍ଜୟ ରସ୍ତୋଗୀ ଇତିମଧରେ ଜିଲା ଗସ୍ତ କରିଥିବା ଜଣାପଡିଛି। ଏହି ଦୁଇ ଅଧିକାରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ କାର୍ଯ୍ୟ ଜାରି ରଖିଛନ୍ତି। ଚଳିତ ମାସ ୩୧ ସୁଦ୍ଧା ଏହି ଅଧିକାରୀମାନେ ନିଜ ନିଜର ଗସ୍ତ ଏବଂ ଅନୁଧ୍ୟାନ ସମ୍ପର୍କରେ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବେ। ନବରଙ୍ଗପୁର ପ୍ରଭାରୀ ଥିବା ରସ୍ତୋଗୀ ବର୍ତ୍ତମାନ ବୟନ ଶିଳ୍ପ ଏବଂ ହସ୍ତତନ୍ତ ମନ୍ତ୍ରଣାଳୟରେ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଛନ୍ତି। କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ର-ରାଜ୍ୟ ମିଳିତ ସହଭାଗିତାରେ ଚାଲୁଥିବା ଯୋଜନା ପ୍ରଭାବ ନେଇ ରସ୍ତୋଗୀ ରିପୋର୍ଟ ଦେଇପାରନ୍ତି ବୋଲି ଜଣାପଡିଛି। ସେହିପରି ରାୟଗଡା ପ୍ରଭାରୀ ଥିବା ଭୂସମ୍ପଦ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ସତ୍ୟବ୍ରତ ସାହୁ ଅନୁସୂଚିତ ଜନଜାତି(ଏସ୍‌ଟି)ଙ୍କ ଉନ୍ନତି, ପଛୁଆ ଅଞ୍ଚଳରେ ମୌଳିକ ସୁବିଧା ସମ୍ପର୍କିତ ତଥ୍ୟ ସଂଗ୍ରହ ଉପରେ ଅଧିକ ଗୁରୁତ୍ୱ ଦେଇଥିବା ଜଣାପଡିଛି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ରାଜ୍ୟ ସରକାର ମଧ ପଛୁଆ ଅଞ୍ଚଳର ବିକାଶ ଏବଂ ସରକାରୀ କାର୍ଯ୍ୟକ୍ରମ ସମ୍ପର୍କିତ ସମୀକ୍ଷା ପାଇଁ ଦକ୍ଷ ପ୍ରଶାସନିକ ଅଧିକାରୀଙ୍କୁ ନିଯୁକ୍ତ କରିଛନ୍ତି। ଏହି ଅଧିକାରୀମାନେ ନିୟମିତ ଗସ୍ତ କରି ରିପୋର୍ଟ ପ୍ରଦାନ କରୁଥିବା ଜଣାପଡିଛି।

# ସୁଶାସନ ସୂଚକାଙ୍କ: ଓଡ଼ିଶା ସ୍ଥାନ ନେଇ କଂଗ୍ରେସର ସମାଲୋଚନା

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ)**

ଦୀର୍ଘ ୨୦ବର୍ଷର ଶାସନ ବ୍ୟବସ୍ଥାରେ ରାଜ୍ୟରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୧ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ନବୀନ ପୁରସ୍କାର ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ଏକ ସୁଶାସନ ସୂଚକାଙ୍କ ପାଇଁ ଏକ ବ୍ୟବସ୍ଥା କରିଛନ୍ତି। କୃଷି ଏବଂ କୃଷି ସମ୍ବନ୍ଧୀୟ କ୍ଷେତ୍ର, ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର, ଅଦାଲତ ଓ ସାଧାରଣ ନିରାପତ୍ତା, ମାନବ ସମ୍ବଳ ବିକାଶ, ସ୍ୱାସ୍ଥ୍ୟ, ବାଣିଜ୍ୟ ଏବଂ ଶିଳ୍ପ, ଅର୍ଥନୀତିର ସୁପରିଚାଳନା, ସାମାଜିକ ନିରାପତ୍ତା ଏବଂ ଉନ୍ନତି, ପରିବେଶ ଇତ୍ୟାଦି କ୍ଷେତ୍ରରୁ ସମସ୍ତ ତଥ୍ୟ ସଂଗ୍ରହ କରି କେନ୍ଦ୍ର ସରକାର ଏକ ସୁଶାସନ ସୂଚକାଙ୍କ ପ୍ରସ୍ତୁତ କରିଛନ୍ତି। କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ସୁଶାସନ ସୂଚକାଙ୍କରେ ଓଡ଼ିଶାର ସ୍ଥାନ ପଛଆଡୁ ୧ ନମ୍ବରରେ ରହିଛି। ତେବେ ଏକ ନମ୍ବର ମୁଖ୍ୟମନ୍ତ୍ରୀଙ୍କ ରାଜ୍ୟ ସୁଶାସନରେ କିଭଳି ପଛରେ ବୋଲି ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳୀୟ ନେତା ସତ୍ୟପ୍ରକାଶ ନାୟକ କହିଛନ୍ତି, ୨୦ବର୍ଷର ଲଗାତାର ଶାସନ ପରେ ମଧ ରାଜ୍ୟ ସବୁ କ୍ଷେତ୍ରରେ ପଛୁଆ। ରାଜ୍ୟର ସ୍ଥିତି ସାରା ଭାରତବର୍ଷରେ ଅତି ଦୟନୀୟ ଅବସ୍ଥାରେ ରହିଛି। ସୁଶାସନ ସୂଚକାଙ୍କରେ ଓଡ଼ିଶା ୧୪ତମ ସ୍ଥାନରେ ରହିଛି। ଯଦି ମୁଖ୍ୟମନ୍ତ୍ରୀ ୧ ନମ୍ବର ଓଡ଼ିଶା କିଭଳି ୧୪ ନମ୍ବର ରାଜ୍ୟବାସୀଙ୍କ ସାମ୍ନାରେ ନବୀନ ତା'ର ଉତ୍ତର ରଖନ୍ତୁ ବୋଲି ସତ୍ୟପ୍ରକାଶ କହିଛନ୍ତି। ତେବେ ଏହାକୁ ନେଇ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ବିଜେଡି ସରକାରର ସଫଳତାକୁ କଂଗ୍ରେସ ନେତାମାନେ ହଜମ କରିପାରୁନାହାନ୍ତି। କଂଗ୍ରେସ ନେତାମାନେ ଏ ବିଷୟରେ ଭଜପା ସରକାରରେ ଥିବା ମନ୍ତ୍ରୀମାନଙ୍କୁ ଏ ବିଷୟରେ ପଚାରନ୍ତୁ। ମୁଖ୍ୟମନ୍ତ୍ରୀ ୩ଥର କୃଷି କର୍ମଣ ପୁରସ୍କାର ପାଇଥିବାବେଳେ ଫାଇଲିନ ସମୟରେ ଶୂନ କ୍ଷୟକ୍ଷତି ନେଇ ମିଳିତ ଜାତିସଙ୍ଘଠାରୁ ଆନ୍ତର୍ଜାତୀୟ ସ୍ତରର ପ୍ରଶଂସା ପତ୍ର ପାଇଛି। ରାଜ୍ୟବାସୀ ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟରେ ବିଶ୍ୱାସ କରନ୍ତି ସେଥିପାଇଁ କଂଗ୍ରେସକୁ ତା ସ୍ଥାନରେ ରଖିଦେଇଛନ୍ତି ବୋଲି ସସ୍ମିତ କହିଛନ୍ତି।

# 'ବରାଦିତ ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରାଯାଉ'

**ଭୁବନେଶ୍ୱର,୨୭।୧୨(ବ୍ୟୁରୋ):** ରାଜ୍ୟରେ ଚାଲୁଥିବା ଜଳସେଚନ ପ୍ରକଳ୍ପଗୁଡିକ ପାଇଁ ବରାଦିତ ଅର୍ଥ ନିର୍ଦ୍ଧାରିତ ସମୟରେ ଖର୍ଚ୍ଚ କରାଯାଉ। ଅନେକ ସମୟରେ କେନ୍ଦ୍ରୀୟ ଅନୁଦାନ ତଥା ବିଶ୍ୱବ୍ୟାଙ୍କରୁ ଆସୁଥିବା ଅର୍ଥ ଠିକ୍ ଭାବେ ଠିକ୍ ସମୟରେ ଖର୍ଚ୍ଚ ହୋଇପାରୁ ନାହିଁ। ତେଣୁ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜଳସେଚନ ପ୍ରକଳ୍ପ କ୍ଷେତ୍ରରେ ସ୍ୱତନ୍ତ୍ର ଆର୍ଥିକ ଯୋଜନା ପ୍ରସ୍ତୁତ ପାଇଁ କେନ୍ଦ୍ର ପକ୍ଷରୁ ପରାମର୍ଶ ଦିଆଯାଇଛି। ଜଳସମ୍ପଦ ମନ୍ତ୍ରଣାଳୟ ସଚିବ ଉପେନ୍ଦ୍ର ପ୍ରତାପ ସିଂ ବିଶ୍ୱବ୍ୟାଙ୍କ ପ୍ରଦତ୍ତ ଅର୍ଥ ଠିକ୍ ସମୟରେ ଖର୍ଚ୍ଚ କରିବାକୁ ପରାମର୍ଶ ଦେଇଛନ୍ତି।

ହୀରାକୁଦ ସ୍ପିଲ୍ ୱେ ପାଇଁ ବରାଦ କରାଯାଇଥିବା ଅର୍ଥରୁ ମାତ୍ର ୪୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରକଳ୍ପ ପାଇଁ ବ୍ୟୟବରାଦ ହୋଇଥିବା କୋଟି କୋଟି ଟଙ୍କା ପ୍ରାୟ ବର୍ଷକରୁ ଅଧିକ ସମୟ ଖର୍ଚ୍ଚ ହୋଇ ନ ପାରି ରହିଥିବା ଜଣାପଡିଛି। ବିଭାଗୀୟ ବଜେଟ୍ ଖର୍ଚ୍ଚ ମଧ ଆଶାନୁରୂପ ହୋଇ ନ ଥିବା କେନ୍ଦ୍ରୀୟ ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି। ଆସନ୍ତା ୨୦୨୦ ଜୁନ୍ ପର୍ଯ୍ୟନ୍ତ ଆର୍ଥିକ ଖର୍ଚ୍ଚ ସମ୍ପର୍କିତ ସ୍ୱତନ୍ତ୍ର ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ପରେ ଖର୍ଚ୍ଚ ହୋଇଥିବା ରାଶି ଏବଂ ବଳକା ରହିଥିବା ଅର୍ଥ ରାଶି ସମ୍ବନ୍ଧୀୟ ତଥ୍ୟ ମନ୍ତ୍ରଣାଳୟକୁ ଅବଗତ କରିବାକୁ ନିର୍ଦ୍ଦେଶ ରହିଛି। ଏହା ପରେ ଜଳସମ୍ପଦ ମନ୍ତ୍ରଣାଳୟ ଖର୍ଚ୍ଚ ସମ୍ପର୍କିତ ବିବରଣୀ କେନ୍ଦ୍ର ଅର୍ଥନୈତିକ ବ୍ୟାପାର ବିଭାଗକୁ ପ୍ରଦାନ କରାଯିବ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ଧରିତ୍ରୀ DHARITRI LIVE
Web Channel
WANTED
Director/ Script Writer
- Candidates having experience in direction, script writing, storyboarding and coordination in documentaries / shortfilms / series and digital content.
- Responsibilities would include ideating and executing shows from start to finish.
- Male candidates having good communication & organizational skills, creative abilities and technical expertise will be preferred.

Apply immediately to :
recruitment@dharitri.com
Pay & perks will be the best in the industry for deserving candidates.

SAI SMART SCHOOL
Near Puri Engineering School Campus
At : Puri-Konark Marine Drive Road, Nagapatana, PO-Baliguali, Dist-Puri, M-9439181120
The College of Pharmaceutical Sciences, a registered society, on completion of 30 years of successful academic session, invites application for recruitment of teaching & non-teaching staff for its SAI SMART SCHOOL

| Sl. No. | Post | Date & Time | Mode of Selection | Salary in Rs. |
|---|---|---|---|---|
| 1. | Nursery Teacher & Primary Teacher | 29.12.2019 10.30 am to 1.00 pm | Written test | 25,000/- P.M. |
| | | 03.01.2020 10.30 am | Personal Interview | 30,000/- P.M. |
| 2. | Accountant, DTP Operator, Music, Dance, Abacus & Vedic Math, Spoken English Teacher, Manager, Educational Counselor, Receiptionist & Nurse | Please visit the School Website www.saismartschool.com or refer 'The Samaja' dtd. 16.12.2019 for details of all the posts | | |

The eligible & interested candidates may send their Bio-Data to the email- saismartschool@gmail.com latest by 3p.m on 28.12.2019
SECRETARY

WANTED
ଧରିତ୍ରୀ DHARITRI Oriya daily
is looking for
CIRCULATION MANAGER
- Graduates, having good communication & leadership skills with 2 years+ sales experience in print media will be given preference.
- Proficiency in MS Office will be an added advantage.

RECOVERY MANAGER
- Candidates should have good communication skills & atleast 3 years of experience in the field of recovery.
- Good performance will be rewarded with extra incentive.

Apply immediately to :
recruitment@dharitri.com
Attractive salary commensurate with experience

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୪୦୦୦ (ରହିବା ସୁବିଧା ଅଛି)
Ph : 6370950484
(Call Timing : 12.00-6.00 ମଧ୍ୟରେ)

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

A reputed food processing unit at Mancheswar, Bhubaneswar needs experienced Driver for their three wheeler Dala Auto & pick up 4 wheeler. Interested candidates may contact on :
9668769613

OFFICIALLY STAFF
Requires BBSR, Cuttack, Puri, Berhampur.
Qualification: 10th above
Salary upto Rs. 25,000/-
M: 9938699963

ଭାରତୀୟ ରିଜର୍ଭ ବ୍ୟାଙ୍କ ସର୍ଭିସେସ ବୋର୍ଡ଼, ମୁମ୍ବାଇ
RESERVE BANK OF INDIA
ବିଜ୍ଞାପନ ସଂଖ୍ୟା, ୨/୨୦୧୯-୨୦

୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| କ୍ର.ସଂ. | ପଦବୀ | ଖାଲିଥିବା ସ୍ଥାନ |
|---|---|---|
| ପ୍ୟାନେଲ ବର୍ଷ ୨୦୧୮ | | |
| ୧ | ଆଇନ ଅଧିକାରୀ ଗ୍ରେଡ୍ 'ବି' | ୧ |
| ୨ | ପ୍ରବନ୍ଧକ (ବୈଷୟିକ-ସିଭିଲ) | ୨ |
| ୩ | ସହାୟକ ପ୍ରବନ୍ଧକ (ରାଜଭାଷା) | ୮ |
| ୪ | ସହାୟକ ପ୍ରବନ୍ଧକ (ସୁରକ୍ଷା ଓ ଶିଷ୍ଟାଚାର) | ୫ |
| ପ୍ୟାନେଲ ବର୍ଷ ୨୦୧୯ | | |
| ୫ | ଲାଇବ୍ରେରୀ କର୍ମକର୍ତ୍ତା (ସହାୟକ ଲାଇବ୍ରେରିଆନ୍) ଗ୍ରେଡ୍ 'ଏ' | ୧ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ଡିସେମ୍ବର ୨୭, ୨୦୧୯ରେ ପ୍ରକାଶିତ ବିଶଦ ବିଜ୍ଞାପନ ଓ ଏମ୍ପ୍ଲୟମେଣ୍ଟ ନିଉଜ୍/ରୋଜଗାର ସମାଚାରର ଡିସେମ୍ବର ୨୮, ୨୦୧୯/ ପରବର୍ତ୍ତୀ ପ୍ରକାଶନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀ ଗୁଡ଼ିକ ପାଇଁ କେବଳ ଅନଲାଇନ୍‌ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।
୩. ଗୁରୁତ୍ୱପୂର୍ଣ୍ଣ ତାରିଖ:

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ- ଅନଲାଇନ୍ ଦରଖାସ୍ତ ରେଜିଷ୍ଟ୍ରେଶନ ଓ ଫିସ/ସୂଚନା ଦେୟ ପ୍ରଦାନ ନିମନ୍ତେ | ତା ୩୦.୧୨.୨୦୧୯ ରିଖ ରୁ ତା ୨୦.୦୧.୨୦୨୦ ରିଖ ପର୍ଯ୍ୟନ୍ତ |

ଦ୍ରଷ୍ଟବ୍ୟ: ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରକାଶିତ ହେବ। ଏହି ବିଜ୍ଞାପନର ହିନ୍ଦୀ ରୂପାନ୍ତର ଦୈନିକ ଜାଗରଣ, ନଇ ଦୁନିଆ ଓ ନବ ଭାରତ ଟାଇମ୍‌ସ୍‌ରେ ଉପଲବ୍ଧ ହେବ।

MODERN PUBLIC SCHOOL
MEGHADAMBARU, BALASORE, PIN-756056, ODISHA
Affiliated to CBSE, New Delhi, Affiliation No : 1530077
Invites application for the following posts for the session 2020-2021

| POST | SUBJECT (VACANCIES) | QUALIFICATION |
|---|---|---|
| PGT | PHYSICS (1), CHEMISTRY (1), BIOLOGY (1), ENGLISH (1), MATHEMATICS (2) | Master Degree in the concerned subject, with B.Ed. |
| TGT | ENGLISH (1), PHYSICS (1), CHEMISTRY (1), HINDI (2), SOCIAL SCIENCE (1), MATHEMATICS (1), COMPUTER (1), PHYSICAL EDUCATION (1) | Master Degree/ Graduate in the concerned subject, with B.Ed. |
| PRT | EVS (1), MATHEMATICS (1), HINDI (1), ENGLISH (1), SOCIAL SCIENCE (1), COMPUTER (1) | Graduate with NTT/D.El.Ed./B.Ed. |
| PRE-PRT | PRE PRIMARY SUBJECTS (3) | |
| LIFE SKILL TEACHER | YOGA (1) | B.A. (YOGA), B.Ed (YOGA) |
| | MORAL VALUE (1) | Graduate in any discipline |
| | ART (1) | B.A. (FINE ARTS) |
| RECEPTIONIST (MALE ) (1) | | Graduate with Basic Knowledge of Computer & EXCELLENT command over speaking English/Hindi/Odia |
| CLERK - ACCOUNT ASSISTANT (MALE) (1) | | Knowledge of computer with proficiency in Tally |
| HOSTEL WARDEN (MALE) (1) | | Graduate with Strict Disciplinarian. Ex Serviceman/Retired person will be preferred |

Preference will be given to candidates with good academic records, good communication skills in English and teaching experience. Only shortlisted candidates will be called for interview as per our vacancy through SMS. Salary is Negotiable as per Qualification, Experience and Efficiency. Download the Resume format from our school website www.mpsbalasore.org and E-mail the C.V to secretary.mps98@gmail.com. Time & Date of Interview: 9.30am on 19th January 2020 (Sunday). Venue: Modern Public School, Balasore (Meghadambaru Branch). For any Query you may contact Mob. No: 9438018448, 9040192389 Time: 9am to 12noon. Last Date of Online Application is 10th January 2020.
-PRINCIPAL

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍, ହେଲପର, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିଣ୍ଡୋଲି, ସୁରତ, ଗୁଜୁରାଟ
9157012447, 9157312448

X-Ray and Pathology Technician required with minimum 2 yrs experience. Salary negotiable.
MODERN ORTHO CLINIC
Dr. P. C. Dey, Bhubaneswar
Contact:
9437928686, 9437113636

REQUIRED
A Salesman for M/S Bhagwati Enterprises Bhubaneswar. Marketing Sector : Hotels, Hospitals, Garment Shops
Marketing region- All Odisha.
Salary - 8000/- (+ Commission on Sales)
Transportation Allowance will be provided.
Contact No./Whats app
9040130444

SEE COLOR DISPLAY CLASSIFIED
ON EVERY TUESDAY & FRIDAY

### ନୋଟିସ୍

ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

$ Dollar 71.35 | Sensex 411.38 41,575.14 | Nifty 119.25 12,245.80 | Gold ₹44 39,731.00 | Silver ₹460 47,744.00



୨୦୨୦ରେ ବିଏସ୍-୬ ନିୟମ ଅଟୋ ଶିଳ୍ପରେ ଲାଗୁ ହେବାକୁ ଥିବା ବେଳେ ଏହା ଆକର୍ଷଣୀୟ ବର୍ଷ ହେବ ବୋଲି ଆଶା କରାଯାଉଛି।
– ରାଜନ ୱାଧେରା, ସିଆମ ସଭାପତି



ଟିକସ ହ୍ରାସ ସଂସ୍କାର ପ୍ରକ୍ରିୟାର ସ୍ଥାନ ହାସଲ କରିପାରିବ ନାହିଁ।
– ଆଦିତ୍ୟ ମାଟୋ, ବିଶ୍ୱ ବ୍ୟାଙ୍କ ଅର୍ଥନୀତିଜ୍ଞ

## ସଂକ୍ଷେପରେ

### ଆମ୍ପିୟର ଆଣିଲା ନୂଆ ଇ-ସ୍କୁଟର

ନୂଆଦିଲ୍ଲୀ,୨୭-୧୨: ଗ୍ରୀଭସ କଟନ ଲିମିଟେଡର ସହଯୋଗୀ କମ୍ପାନୀ ଆମ୍ପିୟର ଭେଇକିଲ ପ୍ରାଇଭେଟ ଲିମିଟେଡ ପକ୍ଷରୁ ନୂଆ ରିଓ ଇଲିଟ ଇ-ସ୍କୁଟର ବଜାରକୁ ଆସିଛି। ଏହାର ଏକ୍ସଶୋ'ରୁମ ବଜାର ଦର ୪୫,୦୯୯ ଟଙ୍କା ରହିଛି। ୧୯୯୯ ଟଙ୍କା ଦେଇ ଆମ୍ପିୟର ୱେବସାଇଟରୁ ବୁକିଂ କରିପାରିବେ। ସହରାଞ୍ଚଳ ଗ୍ରାହକଙ୍କ ଆବଶ୍ୟକତାକୁ ବିଚାର କରି ଏହି ମଡେଲଟିକୁ ପ୍ରସ୍ତୁତ କରାଯାଇଛି ବୋଲି ଗ୍ରିଭସ କଟନ ଲିମିଟେଡର ଏମଡି ତଥା ସିଇଓ ନଗେଶ ବାସବାହାନାଲି କହିଛନ୍ତି।

### ଏସ୍‌ବିଆଇ କାର୍ଡ-ଭିସ୍ତାରା ସହଭାଗିତା

ନୂଆଦିଲ୍ଲୀ,୨୭-୧୨: ଏସ୍‌ବିଆଇ କାର୍ଡ ଏବଂ ଭିସ୍ତାର ଚୁକ୍ତିରେ ସାମିଲ ହୋଇଛନ୍ତି। ଏହି ଚୁକ୍ତି ଦ୍ୱାରା ୨ କମ୍ପାନୀ ପ୍ରିମିୟମ କ୍ରେଡିଟ କାର୍ଡ ବଜାରକୁ ଛାଡ଼ିଛନ୍ତି। ସହରାଞ୍ଚଳ ଗ୍ରାହକଙ୍କ ଭ୍ରମଣ ଆବଶ୍ୟକତା ପୂରଣ ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। କ୍ଲବ ଭିସ୍ତାରା ଏସବିଆଇ କାର୍ଡ ପ୍ରାଇମ ଏବଂ କ୍ଲବ ଭିସ୍ତାରା ଏସ୍‌ବିଆଇ କାର୍ଡ ଗ୍ରାହକଙ୍କୁ ପ୍ରିମିୟମ ଅଭିଜ୍ଞତା ପ୍ରଦାନ ଦିଗରେ କାର୍ଯ୍ୟ କରିବ ବୋଲି କମ୍ପାନୀ କହିଛି।

# ମନ୍ଥର ଅଭିବୃଦ୍ଧି ସତ୍ତ୍ୱେ ବିତ୍ତୀୟ ସ୍ଥିତାବସ୍ଥା

ନୂଆଦିଲ୍ଲୀ,୨୭-୧୨



ଦେଶର ଅର୍ଥନୈତିକ ଅଭିବୃଦ୍ଧି ବର୍ତ୍ତମାନ ମନ୍ଥର ସ୍ଥିତିରେ ରହିଛି। ଏହା ସତ୍ତ୍ୱେ ବିତ୍ତୀୟ ସ୍ଥିତାବସ୍ଥା ରହିଥିବା ରିଜର୍ଭ ବ୍ୟାଙ୍କ ଶୁକ୍ରବାର କହିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଭାରତର ବିକାଶ ହାର ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ଖସିଛି। ଏହାକୁ ଧ୍ୟାନରେ ରଖି ରିଜର୍ଭ ବ୍ୟାଙ୍କ ଏହାର ବିକାଶ ଅନୁମାନକୁ ୨୪୦ ବେସିସ ପଏଣ୍ଟ କମାଇବା ସହ ୫%କୁ ହ୍ରାସ କରିଛି। ଶୁକ୍ରବାର ବ୍ୟାଙ୍କ ପକ୍ଷରୁ ଜାରି କରାଯାଇଥିବା ଫାଇନାନ୍ସିଆଲ ଷ୍ଟାବିଲିଟି ରିପୋର୍ଟରେ କୁହାଯାଇଛି ଯେ, ମନ୍ଥର ବିକାଶ ହାର ସତ୍ତ୍ୱେ ବ୍ୟବସ୍ଥାରେ ସ୍ଥିରତା ପରିଲକ୍ଷିତ ହୋଇଛି। ଏହି ସମୟରେ ବିଭିନ୍ନ ରିସ୍କ ରହିଥିବା ଏହା ସୂଚନା ଦେଇଛି। ବିଶ୍ୱ ସ୍ତରର ରିସ୍କ, ଦେଶର ମୌଳିକ ଅର୍ଥନୈତିକ ଢାଞ୍ଚା, ପୁଞ୍ଜି ବଜାରର ସମସ୍ୟା, ଅନୁଷ୍ଠାନଗୁଡ଼ିକର ସ୍ଥିତି ଭଳି ବିଭିନ୍ନ ପ୍ରସଙ୍ଗ ଦେଶର ଆର୍ଥିକ କ୍ଷେତ୍ର ଉପରେ ପ୍ରଭାବ ପକାଉଥିବା ରିପୋର୍ଟରେ କୁହାଯାଇଛି। ଚଳିତ ବର୍ଷ ଏପ୍ରିଲ ଠାରୁ ନଭେମ୍ବର ମଧ୍ୟରେ ଘରୋଇ ଅଭିବୃଦ୍ଧି, ବିତ୍ତୀୟ, କର୍ପୋରେଟ କ୍ଷେତ୍ର ଏବଂ ବ୍ୟାଙ୍କଗୁଡ଼ିକର ଆସେଟ କ୍ୱାଲିଟି ଉପରେ ବିପଦ ବଢ଼ିଥିବା ରିପୋର୍ଟରେ ପ୍ରକାଶ ପାଇଛି।

## ଆଜି ବ୍ୟାଙ୍କ ସିଇଓଙ୍କୁ ଭେଟିବେ ସୀତାରାମନ

୨୦୨୦-୨୧ ଆର୍ଥିକ ବର୍ଷର ସାଧାରଣ ବଜେଟ ଆସିବାକୁ ଥିବା ବେଳେ ଏହାର ଅବ୍ୟବହିତ ଆଗରୁ ଅର୍ଥମନ୍ତ୍ରୀ ସୀତାରାମନ ବ୍ୟାଙ୍କର ଏମ୍‌ଡି ତଥା ସିଇଓଙ୍କୁ ଭେଟୁଥିବା ଜଣାପଡ଼ିଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ(ସିଇଓ)ଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ବ୍ୟାଙ୍କଗୁଡ଼ିକର ଆର୍ଥିକ ପରଫରମାନ୍ସ ଏବଂ ବାଣିଜ୍ୟ ଅଭିବୃଦ୍ଧି ପ୍ରସଙ୍ଗରେ ଆଲୋଚନା କରାଯିବ। ଚାହିଦା ବଢ଼ାଇବା ଦିଗରେ ବ୍ୟାଙ୍କିଙ୍ଗ କ୍ଷେତ୍ର ଏକ ପ୍ରମୁଖ ଯୋଗଦାନ ରଖୁଥିବାରୁ ଏହାକୁ ସରକାର ପ୍ରାଥମିକତା ସହ ନେଉଛନ୍ତି। ନ୍ୟାଶନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଟି) ଏବଂ ଅଣଏନ୍‌ସିଏଲ୍‌ଟି ପ୍ରକ୍ରିୟାରେ ଅନାଦାୟ ଋଣ ଅସୁଲି ବ୍ୟବସ୍ଥା ଉପରେ ମଧ୍ୟ ବୈଠକରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରେପୋ ରେଟ୍ ହ୍ରାସ ହେବା ପରେ ବ୍ୟାଙ୍କଗୁଡ଼ିକ ଏହାର ଲାଭ ଭଲ ଭାବେ ଗ୍ରାହକଙ୍କୁ ଦେଇ ନ ଥିବା ଯୋଗୁ ଏହା ମଧ୍ୟ ବୈଠକରେ ଆଲୋଚନା ହେବ ବୋଲି ଅନୁମାନ କରାଯାଉଛି।

# ସିଭି ରମଣ ଛାତ୍ରୀଛାତ୍ରଙ୍କ ସଫଳତା



ଭୁବନେଶ୍ୱର,୨୭-୧୨

ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ୱେଲଡିଂ ଦ୍ୱାରା ଚଳିତବର୍ଷ ଆୟୋଜନ କରାଯାଇଥିବା ଜାତୀୟ ୱେଲଡିଂ ପ୍ରତିଯୋଗିତାରେ ସିଭି ରମଣ କଲେଜର ଛାତ୍ରୀଛାତ୍ର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ଏହି ପ୍ରତିଯୋଗିତାରେ ମେକାନିକାଲ ବିଭାଗର ଶୁଭେନ୍ଦୁ କୁମାର ମଲ୍ଲିକ ବେଷ୍ଟ ଷ୍ଟ୍ରକ୍‌ଚରାଲ ୱେଲ୍‌ଡର ବିଭାଗରେ ସାରା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ବିଶ୍ୱ ୱେଲଡିଂ ଚାମ୍ପିୟନଶିପରେ ସେ ଭାରତକୁ ପ୍ରତିନିଧିତ୍ୱ କରିବେ। ଏହି ପରିପ୍ରେକ୍ଷୀରେ କଲେଜର ଅଧ୍ୟକ୍ଷ ସଞ୍ଜୀବ କୁମାର ରାଉତ, ମାଷ୍ଟର ଟ୍ରେନର ଅପୂର୍ବ ସାନ୍ୟାଲ, ଆସିଷ୍ଟାଣ୍ଟ ପ୍ରଫେସର ତୁଷାରକାନ୍ତି ଭଟ୍ଟାଚାର୍ଯ୍ୟ, ଟ୍ରେନର ଦେବାଶିଷ ମହାପାତ୍ର ପ୍ରତିଯୋଗୀଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ସ୍କିଲ ଇନ ଓଡ଼ିଶା ପାଇଁ ଏକ ଗୌରବ ବୋଲି ଅଧ୍ୟକ୍ଷ ରାଉତ କହିଛନ୍ତି। ଏହା ଇଞ୍ଜିନିୟରିଂ ୱେଲଡିଂ ଶିକ୍ଷା ଗ୍ରହଣ ଦିଗରେ ଛାତ୍ରୀଛାତ୍ରଙ୍କୁ ସହାୟତା କରିବ ବୋଲି ସେ ସୂଚନା ଦେଇଛନ୍ତି। ଅଭିଷେକ ଶୁଭେନ୍ଦୁ କୁମାର ମଲ୍ଲିକଙ୍କ ସମେତ ପ୍ରତିଷ୍ଠାନର ଉଦାସ ଦାସ, ଟିଟୁ ଦଳାଇ, ଅଭିଷେକ ଖୁଣ୍ଟିଆ, ଜ୍ୟୋତି ନାୟକ, ବନ୍ଦନା ସିଂ, ତସଲିମା ମହାନ୍ତି ପ୍ରମୁଖ ଇଷ୍ଟଜୋନ ପ୍ରତିଯୋଗିତାରେ ସଫଳ ହୋଇଥିଲେ।

# 'ଅନ୍ତର୍ଜାତୀୟ କ୍ରୟ ଅଭିଜ୍ଞତା ଦେବ ଉତ୍କଳ କନିକା ଗ୍ୟାଲେରିଆ'

ଭୁବନେଶ୍ୱର,୨୭-୧୨



ସ୍ଥାନୀୟ କଳ୍ପନା ଛକଠାରେ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ନିକଟରେ ଉନ୍ମୋଚନ ହୋଇଛି। ଏମ୍‌ଏଲ୍‌ଏ ଅନନ୍ତ ନାରାୟଣ ଜେନା, ଏମ୍‌ଏଲ୍‌ଏ ସୁଶାନ୍ତ କୁମାର ରାଉତ, ଅଭିନେତା ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ, ଅଧ୍ୟକ୍ଷ ଭଓଁର ଲାଲ ବୈଦ ମଲ୍‌କୁ ଶୁଭାରମ୍ଭ କରିଥିଲେ। ୨.୫ ଲକ୍ଷ ବର୍ଗଫୁଟ ପରିମିତ ସ୍ଥାନରେ ମଲ୍‌ଟି ଅବସ୍ଥିତ। ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ଏହି ମଲ୍‌କୁ ଆସୁଥିବା ଗ୍ରାହକଙ୍କୁ ଅନ୍ତର୍ଜାତୀୟ ଶପିଂ ଅଭିଜ୍ଞତା ପ୍ରଦାନ ଲକ୍ଷ୍ୟରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ଏହି ଅବସରରେ ଉତ୍କଳ ଗ୍ରୁପ ଏମ୍‌ଡି ଶରଦ ବୈଦ କହିଛନ୍ତି। ସେ କହିଛନ୍ତି, ମଲ୍‌ର ବାହାର, ଭିତରର ଡିଜାଇନ ବ୍ରାଣ୍ଡ କ୍ୱାଲିଟି ଗ୍ରାହକଙ୍କୁ ଆକୃଷ୍ଟ କରିବ। ପ୍ରାୟ ସବୁ ବର୍ଗର ବ୍ୟକ୍ତିବିଶେଷଙ୍କ ଲାଗି ସବୁ ବ୍ରାଣ୍ଡର ପ୍ରଡକ୍ଟ ଏଠାରେ ଉପଲବ୍ଧ। ଏଠାରେ ପୋଷାକପତ୍ର ସହ ଖାଦ୍ୟ ଏବଂ ମନୋରଞ୍ଜନର ସୁବିଧା ମଧ୍ୟ କରାଯାଇଛି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଲାଗି ରାଜ୍ୟ ସରକାର ଯେଉଁ ପ୍ରକାରର ସୁବିଧା ସୁଯୋଗ ଦେଉଛନ୍ତି ସେଥିପାଇଁ ଏମ୍‌ଡି ବୈଦ୍ ଧନ୍ୟବାଦ ପ୍ରଦାନ କରିଛନ୍ତି। ଏହି ମଲର ତୃତୀୟ ମହଲାରେ ଫୁଡ କୋର୍ଟ ଖୋଲିଛି। ଆଗକୁ ମଲ୍ଟି ପ୍ଲେକ୍ସ ଖୋଲିବାର ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି।

# ସ୍ଲିପୱେଲର ନୂଆ ରିଟେଲ ଶୋ'ରୁମ

ଭୁବନେଶ୍ୱର,୨୭-୧୨



ସ୍ଲିପୱେଲ ପକ୍ଷରୁ ନୂଆ ଏକ୍ସପେରିଏନ୍ସିଆଲ ରିଟେଲ ଶୋ'ରୁମ ଭୁବନେଶ୍ୱରଠାରେ ଶୁଭାରମ୍ଭ ହୋଇଛି। ଭାରତୀୟ ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ଧ୍ୟାନରେ ରଖି ଏଠାରେ ମ୍ୟାଟ୍ରେସ ଏବଂ ହୋମ କମ୍ଫର୍ଟ ପ୍ରଡକ୍ଟ ଉପଲବ୍ଧ ହେବ। ଏକ ପ୍ରମୁଖ କମ୍ପାନୀ ଭାବେ ବେଡିଂ ଏବଂ ହୋମ କମ୍ଫର୍ଟ ସେଗ୍‌ମେଣ୍ଟରେ ଏହା ବିଭିନ୍ନ ପ୍ରଡକ୍ଟ ଉପଲବ୍ଧ କରାଉଛି। ଏଠାରେ କମ୍ଫର୍ଟ ସେଲ୍, ମାଇଁ ମ୍ୟାଟ୍ରେସ, ମାଇଁ ପିଲୋ, ହୋମ କମ୍ଫର୍ଟ ବର୍ଗରେ ପ୍ରଡକ୍ଟ ସାମିଲ ରହିଛି। କମ୍ପାନୀ ବର୍ତ୍ତମାନ ସାରା ଦେଶରେ ୧୧ ଷ୍ଟେଟ ଅଫ୍ ଆର୍ଟ ମାନୁଫାକ୍‌ଚରିଂ ୟୁନିଟ ଦ୍ୱାରା ସେବା ଯୋଗାଇ ଦେଉଛି। ସିଲା ଗ୍ରୁପ ଅଫ୍ କମ୍ପାନୀର ଏକ ପ୍ରମୁଖ ବ୍ରାଣ୍ଡ ଭାବେ ସ୍ଲିପୱେଲ ବେଶ ଲୋକପ୍ରିୟତା ହାସଲ କରିଛି। ଗତ ୫୦ ବର୍ଷ ହେବ ଏହା ଗ୍ରାହକଙ୍କୁ ସେବା ଯୋଗାଣ ଦିଗରେ ଧ୍ୟାନ କେନ୍ଦ୍ରିତ କରିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ସାମ୍‌ସଙ୍ଗର ନୂଆ ରେଫ୍ରିଜରେଟର

ନୂଆଦିଲ୍ଲୀ,୨୭-୧୨

ସାମସଙ୍ଗ ପକ୍ଷରୁ ନୂଆ ରେଫ୍ରିଜରେଟର ବଜାରକୁ ଆସିଛି। ୨୦୨୦ ଷ୍ଟାର ରେଟିଂକୁ ଧ୍ୟାନରେ ରଖି ଦେଶର ପ୍ରଥମ ୫ ଷ୍ଟାର ଡାଇରେକ୍ଟ କୁଲ ସିଙ୍ଗଲଡୋର ରେଫ୍ରିଜରେଟରକୁ କମ୍ପାନୀ ବଜାରକୁ ଆଣିଛି। ଜାନୁୟାରୀ ପହିଲାରୁ ଏହା ବଜାରରେ ଉପଲବ୍ଧ ହେବ। ଏହାର ରନିଂ କଷ୍ଟ କମ୍ ରହିବ ବୋଲି ସାମସଙ୍ଗ ପକ୍ଷରୁ କୁହାଯାଇଛି। ଏହାର ମୋଟ୍ କ୍ଷମତା ୧୯୮ ଲିଟର ରହିଛି। ଏଥିରେ ଏକ୍‌ବାର୍ କ୍ରୋମ ହ୍ୟାଣ୍ଡେଲ ଡିଜାଇନ ରହିଛି। ନୂଆ ଲାଇନ ଅପ୍ ୧୦ ବର୍ଷର ୱାରେଣ୍ଟି ସହ ଆସୁଛି। ଏଥିରେ ଅତିରିକ୍ତ କମ୍ପ୍ରେସର ଇନଭର୍ଟର ଟେକ୍ନୋଲୋଜିକୁ ସ୍ଥାନିତ କରାଯାଇଛି। ଉନ୍ନତ ଫିଚର ଏବଂ ଶକ୍ତି ସଞ୍ଚୟ କ୍ଷମତା ସହ ଆସୁଥିବା ଏହି ମଡେଲଟିର ବଜାର ଦର ୧୭,୯୯୦ ଟଙ୍କା ରହିଛି।


## OFFICE OF THE MUNICIPAL COUNCIL, VYASANAGAR

Jajpur Road, Pin- 755019, Tel. No. 06726-220207

**INVITATION FOR BIDS**

(Through E-Procurement)

Tender Reference No : 04/VNM/2019-20

Tender Call Notice No. : 2882/VNM/dtd. 27.12.2019

| | | | |
|---|---|---|---|
| 1. | Name of the Work | : | Construction of 5 TPD capacity Micro Composting Centre at Jodabara. |
| 2. | No. of works put to tender | : | 1 no individual civil construction works |
| 3. | Estimate Cost | : | 5969848.00 |
| 4. | Period of Completion | : | Three Calendar Months |
| 5. | Date and time of availability of bid document in the portal | : | From 9.00 hrs of 31.12.19 to 17.00 hrs of 09.01.20 |
| 6. | Mode of deposit towards cost of Bid document & EMD | : | Online |
| 7. | Date and time of opening of Bid | : | 11.00 hours and onwards of Dt. 10.01.2020 |
| 8. | Name and address of the Officer inviting Bid | : | Executive Officer, Vyasanagar Municipality, jajpur Road |

Further details can be seen from the e-procurement portal https://tendersorissa.gov.in or http://tenders.ori.nic.in/nicgep/app.

Sd./- Executive Officer, Vyasanagar Municipality



## OFFICE OF THE MUNICIPALITY COUNCIL, GUNUPUR

e-mail ID : eomun-gunupur@gov.in

No.2456 **TENDER CALL NOTICE** Dt.27.12.2019

1. For and on behalf of Gunupur Municipality the undersigned invites sealed tenders in duplicate superscribing the Tender Notice No. & date from reputed Authorized Dealer / firms for Supply of GYM Equipments to the GYM in Old Block Office of Gunupur Municipality as mentioned in the tender schedule.
2. The detail Tender Call Notice and Tender Document can be seen in and download at www.rayagada.nic.in & www.gunupurmunicipality.com.
3. The authority reserves the right to reject any or all the bids without assigning and reason thereof.

By the order of
Municipal Administrator
Sd./- Executive Officer, Gunupur Municipality



## ବିଜ୍ଞାପନ

No. RR-35: ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର ତରଫରୁ ବିଭିନ୍ନ ବ୍ୟକ୍ତି ବିଶେଷ, ପ୍ରକାଶକ, ପୁସ୍ତକ ବିକ୍ରେତାଙ୍କ ପାଖରେ ଥିବା ଓଡ଼ିଶା ସମ୍ବନ୍ଧୀୟ ପୁରାତନ ଓ ଆଧୁନିକ ଇତିହାସ, ପୁରସ୍କାରପ୍ରାପ୍ତ ଓଡ଼ିଆ ପୁସ୍ତକ, ଓଡ଼ିଆ ସାହିତ୍ୟ ଇତ୍ୟାଦି ଚଳିତ ଆର୍ଥିକ ବର୍ଷରେ କ୍ରୟ କରିବା ନିମନ୍ତେ ସ୍ଥିର କରାଯାଇଅଛି। ଯେଉଁମାନେ ନିଜ ପାଖରେ ଥିବା ଏ ସମ୍ବନ୍ଧୀୟ ପୁସ୍ତକ ବିକ୍ରୟ କରିବାକୁ ଇଚ୍ଛୁକ, ସେମାନେ ଏ ବିଜ୍ଞାପନ ପ୍ରକାଶ ପାଇବାର ୨୦ (କୋଡ଼ିଏ) ଦିନ ମଧ୍ୟରେ ବ୍ୟକ୍ତିଗତ ଭାବରେ ବା ପତ୍ର ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। ଯେଉଁ ପୁସ୍ତକଗୁଡ଼ିକ ବିକ୍ରୟ ନିମନ୍ତେ ଉଦ୍ଦିଷ୍ଟ ତାହାର ଏକ ବିବରଣୀ ଏବଂ ବ୍ୟାଙ୍କ ଖାତାର ବିବରଣୀ ସହ ପୁସ୍ତକଗୁଡ଼ିକୁ ନିମ୍ନ ସ୍ୱାକ୍ଷରକାରୀଙ୍କ ଠିକଣାରେ ଦରଖାସ୍ତ କରିବାକୁ ଅନୁରୋଧ।

ସ୍ୱା./- ଅଧୀକ୍ଷକ,
ଓଡ଼ିଶା ରାଜ୍ୟ ଅଭିଲେଖାଗାର,
ଭୁବନେଶ୍ୱର-୭୫୧୦୦୧,
ଦୂରଭାଷ ନଂ -୦୬୭୪-୨୫୦୧୬୩୬

03002/11/0002/1920



## OFFICE OF THE CDM & PHO cum DMD, NUAPADA

ROGI KALYAN SAMITI, DHH, NUAPADA

E-mail : dhhnuapada@gmail.com

Phone : (06678)-223346

No.980 /DHH/19 Date: 27.12.2019

**NOTICE INVITING TENDER**

No.E-618 :- Sealed tenders/bids are hereby invited for supply & installation of Water Cooler with purifier system at DHH, Nuapada as per requirement. Interested bidders can download the tender document along with detailed terms and condition & specifications from the District website : www.nhmnuapada.nic.in and apply. The tenders/bids will be received by 03.01.2020 till 5.00 P.M. in the office of the CDM & PHO or can be dropped in the Tender Box placed in the office. The tender will be opened on 04.01.2020 at 11 A.M. in the office of the undersigned. The undersigned reserves the right to accept or reject any or all the tenders without assigning any reason thereof.

Sd./-
CDM & PHO cum DMD
Nuapada

10055/11/0009/1920



## ODISHA STATE FOOD COMMISSION

A-1, 9th Floor, Toshali Bhawan, Satyanagar, Bhubaneswar,751007

Ph: 0674-2570213 /FAX-0674-2570141

email-odishafoodcom@gmail.com

Notice No: 1952/FC., dt. 24.12.2019

**TENDER CALL NOTICE**

No. CAD-745: Sealed tenders are invited from interested reputed Travel Agencies / Tour Operators /Service Providers for providing 02 (two) nos. of AC Petrol driven vehicle (Ciaz/Honda City) on hire, for use of the Members of the Odisha State Food Commission, Bhubaneswar on monthly basis. The application form of tender containing General Bid Information and terms and conditions for hiring of vehicles etc. will be available with the Odisha State Food Commission on payment of ₹ 500/- in shape of Account Payee Bank Draft drawn in favour of the Odisha State Food Commission, Bhubaneswar payable at Bhubaneswar from 27.12.2019 to 15.01.2020 or can be downloaded from Odisha Government website www.odisha.gov.in or www.odishafoodcommission.nic.in from 27.12.2019 to 15.01.2020. In case the application form is downloaded from Government Website, the applicant shall furnish an Account Payee Bank Draft drawn in favour of the Odisha State Food Commission, Bhubaneswar payable at Bhubaneswar for an amount of ₹ 500/- (Rupees Five hundred) only towards the cost of application along with the tender application.

The Service Provider must have GST Registration Certificate & registered with GeM (Government e-Marketplace).The vehicles must not be more than three years old as on the date of the service request from the date of initial registration.

The tender documents should be submitted to the Member Secretary, Odisha State Food Commission, A-1 Block, 9th Floor, Toshali Bhawan, Satyanagar, Bhubaneswar, 751007 on or before 15.01.2020 by 5.30 P.M. through SPEED POST only & the same tender will be opened at 11.30 A.M. on dt.16.01.2020. The other modes of submission of tender documents will not be entertained.

Sd/- Smt. Sibani Mohanty, OAS(S)
Member Secretary

07019/11/0001/1920



## BHUBANESWAR MUNICIPAL CORPORATION

No : 36939 Dt.27.12.2019

**E-PROCUREMENT NOTICE**

1. Bid reference No: BMC-EED-II-06(EL.)/2019-20 Dt.27.12.19
2. Tender Call Notice No : No.36939, Dt.27.12.2019
3. No. of work : 02 Nos.
4. Bid Value : Rs.21,81,791.00
5. Period of completion : 3 Days

Date and time of schedule

| Start | End | Opening |
|---|---|---|
| 11.00 A.M of 28.12.19 | 3 P.M of 30.12.19 | 3.30 P.M.of 30.12.19 |

6. Tender details : can be seen for the procurement portal : https://www.tendersodisha.gov.in.

Executive Engineer, BMC, Division No.II

Progress Through Partnership for a Better Bhubaneswar



## ODISHA TOURISM DEVELOPMENTCORPORATION

## RECRUITMENT OF COMPANY SECRETARY IN REGULAR ESTABLISHMENT

No.CAD-746 :- The candidate should be a qualified Company Secretary(Associate or Fellow Member of the Institute of Company Secretaries of India) with minimum 3 years of experience.

Responsibilities will include Secretarial & matters relating to the Companies Act 1956, Legal, HR, Labour and Taxation functions. He must be computer savvy.

**Age Limit :** Not exceeding 50 years as on 01.12.2019.

**Remuneration** : The appointment is on Regular establishment in the Pay Band of Rs.15600-39100/- with GP-Rs.6600/-, L-13 of Pay matrix with usual DA, HRA & other allowance as admissible from time to time.

**General Conditions:**

a) Age limit is relaxable by 5 years for SC/ST candidates.
b) Application belonging to SC and ST should submit Caste Certificate issued by the competent authority along with their applications.
c) Applicants employed in Govt./Semi Govt./PSUs should route their application through proper channel and also produce "No Objection Certificate" at the time of interview.
d) Applications including detailed C.V. with full contact address, telephone number, email address, FAX No. etc., copies of qualifications and experience certificates, recent passport size photograph should be submitted on or before 20.01.2020 by 5.00 P.M. to the Managing Director, Odisha Tourism Development Corporation Limited, Panthanivas (Old Block),Lewis Road,Bhubaneswar-14,Odisha.
e) The Management reserves the right to accept or reject any or all the applications without assigning any reason thereof.
f) The Legal Jurisdiction will be at Bhubaneswar only.

Sd./-
MANAGING DIRECTOR

37002/11/0022/1920



## OFFICE OF THE ANGUL MUNICIPALITY, ANGUL

GOVERNMENT OF ODISHA

**e-Procurement Notice**

Angul Municipality Office, Angul

Bid Identification No. EO/AGLM-13 of 2019-20

e-mail ID : angulmunicipality@gmail.com

No. 10450, Date : 24.12.2019

No. C-409

| | | | |
|---|---|---|---|
| 1 | Number of Works | : | 28 (Twenty eight) number of C. C. Road, drain, building & BT road works |
| 2 | Approximate estimated cost | : | Rs. 2.67 lakhs to 17.85 lakhs |
| 3 | Period of completion | : | 01 (One) to 03 (Three) calendar months |
| 4 | Date & Time of availability of bid document in the portal | : | Dt. 28.12.2019 at 10.00 A.M. |
| 5 | Last date / Time for receipt of bid in the portal | : | Dt. 06.01.2020 upto 5.00 P.M. |
| 6 | Date of opening Bid | : | Dt. 07.01.2020 at 11.00 A.M. |
| 7 | Name and address of the Officer inviting Bid | : | Executive Officer, Angul Municipality, Angul |
| 8 | The bidders have to participate in ONLINE bidding only. | | |

Further details can be seen from the e-procurement portal : https:/tendersodisha.gov.in

Sd./- B. C. Panda,
Executive Officer, Angul Municipality

13085/11/0020/1920



## OFFICE OF EXECUTIVE ENGINEER MINOR IRRIGATION DIVISION, NABARANGPUR

Letter No.2327, Dt. 24.12.2019

GOVERNMENT OF ODISHA e-Procurement Notice

Bid Identification No. EEMIDNGPUR- 04 /2019-20

E-mail ID :-mingpur@yahoo.in, Ph No. 06858222130

No.A-521

1. Name of work : Improvement to M.I.Ps in different Blocks of Nabarangpur District. Under critical grant 2019-20.
2. Total Number of work : 6 (Six)
3. Estimated cost : Varies from Rs. 8.04 lakhs to Rs. 17.86 lakhs
4. Class of Contractor : "D" &"C"
5. Tender paper Cost(Online) : Varies from Rs. 4000/- to Rs. 6000/-
6. Bid Security (Online) : Varies from Rs.8,100/- to Rs. 17,900/- as per DTCN
7. Period of Completion : 2 (Two) Calendar Months
8. Availability of Bid Document : From 31.12.2019, 10.00 AM to 09.01.2020, 5.00 PM in website (www.tendersorissa.gov.in)
9. Last date & Time of receipt of Bid : 09.01.2020 at 5.00 PM through online
10. Date of opening of Bid documents : 10.01.2020 at 11.00 A.M in the office of the EE, M.I.Division,Nabarangpur
11. Date of Lottery, if required : 13.01.2020 at 11.00AM in the office of the EE, M.I.Division, Nabarangpur
12. Name and address of the OIT : Executive Engineer, M.I.Division, Nabarangpur, At/P.O :- Nabarangpur, District :-Nabarangpur, PINCODE 764059

Further details can be seen from the Government of Odisha WebSite : www.tendersorissa.gov.in

Sd./- Executive Engineer
M.I.Division, Nabarangpur

32294/11/0004/1920



❝ ଭାରତ ଫାଷ୍ଟ ବୋଲିଂରେ ଏକ ପାୱାର ହାଉସ୍‌ରେ ପରିଣତ ହେବା ୨୦୧୯ ବର୍ଷର ଏକ ଉଲ୍ଲେଖନୀୟ ବିଷୟ।

– ଇର୍ଫାନ ପଠାନ୍, ଭେଟେରାନ ପେସ୍ ବୋଲର



❝ ଅଲିମ୍ପିକ୍ସରେ ପଦକ ଜିତିବାକୁ ହେଲେ ସାତ୍ୱିକ–ଚିରାଗଙ୍କୁ ରକ୍ଷଣାତ୍ମକ ଏବଂ ସ୍ଥିର ପ୍ରଦର୍ଶନ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

– ଫ୍ଲାଣ୍ଡି ଲିମ୍ପେଲି, ଡବଲ୍ସ ସ୍ପେଶାଲିଷ୍ଟ କୋଚ୍




କଳିଙ୍ଗ ଷ୍ଟାଡ଼ିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



ଷ୍ଟାଡ଼ିୟମରେ ଉପସ୍ଥିତ ଓଡ଼ିଶା ଏଫ୍‌ସି ପ୍ରଶଂସକ।

# କଳିଙ୍ଗରେ ଓଡ଼ିଶା ଏଫ୍‌ସିର ବିଜୟ ଅଭିଯାନ




ଓଡ଼ିଆ ଖେଳାଳି ଶୁଭମ ଷଡ଼ଙ୍ଗୀଙ୍କ ସହ ଆରିଡେନ ସାନ୍ତାନା।

## ଇଣ୍ଡିଆନ୍ ସୁପର ଲିଗ୍

### ଆରିଡେନ ସାନ୍ତାନାଙ୍କ ଡବଲ୍ ଗୋଲ୍

### ଜାମସେଦପୁର ଏଫ୍‌ସିକୁ ୨-୧ରେ ହରାଇଲା

ଭୁବନେଶ୍ୱର, ୨୭।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଏଫ୍‌ସି ଘରୋଇ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଏଠାରେ ଖେଳାଯାଇଥିବା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ତାରକା ଷ୍ଟ୍ରାଇକର ଆରିଡେନ ଜେସସ୍ କାବେରା ସାନ୍ତାନାଙ୍କ ଡବଲ୍ ଗୋଲ ସହାୟତାରେ ଭ୍ରମଣକାରୀ ଜାମସେଦପୁର ଏଫ୍‌ସିକୁ ୨–୧ ଗୋଲରେ ପରାସ୍ତ କରିଛି। ଏହି ବିଜୟ ସହ ଓଡ଼ିଶା ଲିଗ୍‌ରେ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍ ଖେଳି ୩ ବିଜୟ, ୩ ଡ୍ର ଓ ୪ ପରାଜୟ ସହ ମୋଟ ୧୨ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ଜାମସେଦପୁର ସମାନ ସଂଖ୍ୟକ ମ୍ୟାଚ ଖେଳି ୩ ବିଜୟ, ୪ ଡ୍ର ଓ ୩ ପରାଜୟ ସହ ୧୩ ପଏଣ୍ଟ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଗତ ୫ଟି ମ୍ୟାଚ୍ ଖେଳି ଜାମସେଦପୁର ଗୋଟିଏ ହେଲେ ବି ବିଜୟ ହାସଲ କରିପାରି ନ ଥିଲା। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୬ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଚେନ୍ନାଇନ୍ ଏଫ୍‌ସି କୁ ଭେଟିବ। ସେହିପରି ଜାମସେଦପୁର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଗୁରୁବାର ନର୍ଥ ଇଷ୍ଟ ୟୁନାଇଟେଡକୁ ଭେଟିବ।

ମ୍ୟାଚ୍‌ରେ ଓଡ଼ିଶା ଆଧିପତ୍ୟ ବିସ୍ତାର କରି ଖେଳିଥିଲା ଓ ଘରୋଇ ଦର୍ଶକଙ୍କୁ ନିରାଶ କରି ନ ଥିଲା। ଦଳ ତରଫରୁ ସାନ୍ତାନା ୨୮ ଓ ୪୫ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅନ୍ୟପଟେ ୩୮ତମ ମିନିଟ୍‌ରେ ଜାମସେଦପୁର ତରଫରୁ ଡିଫେନ୍ସିଭ ମିଡଫିଲ୍ଡର ଏଇଟୋର ମୋନୋରଏ ପେନାଲ୍ଟି କିକ୍ ଜରିଆରେ ଗୋଟିଏ ଗୋଲ ଦେଇଥିଲେ। ମ୍ୟାଚ୍ ୧–୧ ସମାନ ସ୍ଥିତିରେ ପହଞ୍ଚିଥିଲା। ତେବେ ଶେଷରେ ସାନ୍ତାନା ଆଉ ଏକ ଗୋଲ ଦେଇ ଓଡ଼ିଶାକୁ ୨–୧ରେ ଅଗ୍ରଣୀ କରାଇଥିଲେ। ଚମତ୍କାର ପ୍ରଦର୍ଶନ ବଳରେ ସାନ୍ତାନା ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଏହାପରେ ସୁଯୋଗ ପାଇଥିଲେ ମଧ୍ୟ ଉଭୟ ଦଳ ଗୋଲ ସ୍କୋର କରିପାରି ନ ଥିଲେ। ଫଳରେ ଶେଷରେ ଓଡ଼ିଶା ବିଜୟୀ ହୋଇଥିଲା। ଏହି ବିଜୟ ଓଡ଼ିଶା ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି।

ମ୍ୟାଚ୍‌ରେ ଏକାଧିକ ନାଟକୀୟ ମୋଡ଼ ଦେଖିବାକୁ ମିଳିଥିଲା। ଦୁଇ ଦଳର ଖେଳାଳି ବହୁବାର ମୁହାଁମୁହିଁ ହୋଇଥିଲେ। ବହୁବାର ପରସ୍ପରକୁ ଧକ୍କା ଦେଇଥିଲେ ଓ ଏଥିପାଇଁ ମ୍ୟାଚ୍‌ରେ ମଧ୍ୟ ବାଧା ସୃଷ୍ଟି ହୋଇଥିଲା। ପ୍ରଥମାର୍ଦ୍ଧରେ ଅଧିକ ସଂଘର୍ଷ ଦେଖିବାକୁ ମିଳିଥିଲା। ଉଭୟ ଦଳ ବେଶ୍ କେତେଗୁଡ଼ିଏ ସୁଯୋଗ ସୃଷ୍ଟି କରିଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ମ୍ୟାଚ୍‌ର ରୋମାଞ୍ଚ କମ୍ ଥିଲା। କାରଣ ଦ୍ୱିତୀୟାର୍ଦ୍ଧରେ ଗୋଟିଏ ହେଲେ ବି ଗୋଲ ସ୍କୋର ହୋଇ ନ ଥିଲା। ଜାମସେଦପୁର କିନ୍ତୁ ଓଡ଼ିଶା ଅପେକ୍ଷା ବଲ୍‌କୁ ଅଧିକ ନିଜ ପାଖରେ ରଖିଥିଲା। ପାସ ଆକୁରେସିରେ ମଧ ଜାମସେଦପୁର ଓଡ଼ିଶାକୁ ପଛରେ ପକାଇଥିଲା। ଓଡ଼ିଶା ଖେଳାଳିମାନେ ୨୨ଟି ଓ ଜାମସେଦପୁର ୧୩ଟି ଫାଉଲ ମାରିଥିଲେ। ଜାମସେଦପୁର ୫ଟି କର୍ନର ପାଇଥିଲା। ଓଡ଼ିଶା ଖେଳାଳିମାନେ ୫ଟି ଓ ଜାମସେଦପୁର ଖେଳାଳିମାନେ ଗୋଟିଏ ହଳଦିଆ କାର୍ଡ ପାଇଥିଲେ। ଜାମସେଦପୁରକୁ ୫ଟି କର୍ନର ମିଳିଥିବା ବେଳେ ଓଡ଼ିଶାକୁ କୌଣସି କର୍ନର ମିଳି ନ ଥିଲା। ଭ୍ରମଣକାରୀ ଦଳ କ୍ୱାଲିଟି ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ବିଜୟୀ ହୋଇ ପାରି ନ ଥିଲା। ଘରୋଇ ଦର୍ଶକଙ୍କ ସମର୍ଥନ ଓଡ଼ିଶା ଖେଳାଳିଙ୍କୁ ବେଶ୍ ଉତ୍ସାହିତ କରିଥିଲା। ଓଡ଼ିଆ ଖେଳାଳି ଶୁଭମ ଷଡଙ୍ଗୀ ଘରୋଇ ଦଳ ତରଫରୁ ପଡିଆକୁ ଓହ୍ଲାଇଥିଲେ।

# ଶ୍ରୀକାନ୍ତ, ଅଞ୍ଜୁମଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ

ନୂଆଦିଲ୍ଲୀ, ୨୭।୧୨ (ପି.ଟି.)

ଭାରତର ପୂର୍ବତନ ଅଧିନାୟକ ତଥା ୧୯୮୩ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ ଚଳିତବର୍ଷ ସମ୍ମାନଜନକ ସିକେ ନାୟୁଡୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପାଇବେ। ତାଙ୍କ ସହିତ ଭାରତ ମହିଳା ଦଳର ପୂର୍ବତନ ଅଧିନାୟିକା ଅଞ୍ଜୁମ ଚୋପ୍ରା ମଧ୍ୟ ୨୦୧୯ ବର୍ଷ ପାଇଁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପାଇବା ପାଇଁ ମନୋନୀତ ହୋଇଛନ୍ତି। ଜାନୁୟାରୀ ୧୪ରେ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ପୂର୍ବରୁ ଅର୍ଥାତ ଜାନୁୟାରୀ ୧୨ରେ ମୁମ୍ବାଇଠାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାର୍ଷିକ ପୁରସ୍କାର ଉତ୍ସବରେ ଏହି ଦୁଇଜଣଙ୍କୁ ସମ୍ମାନିତ କରାଯିବ। ଭାରତୀୟ କ୍ରିକେଟ ପ୍ରତି ଉଭୟ ଶ୍ରୀକାନ୍ତ ଏବଂ ଅଞ୍ଜୁମଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ପୂର୍ବତନ ଭାରତ ଅଧିନାୟକ ଏସ୍. ଭେଙ୍କଟ ରାଘବନ ଏବଂ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଛାଡ଼ିଦେଲେ ଶ୍ରୀକାନ୍ତ ହେଉଛନ୍ତି ତାମିଲନାଡୁ କ୍ରିକେଟର ଅନ୍ୟତମ ନାମୀ ଖେଳାଳି। ସେ ୧୯୮୧ରୁ ୧୯୯୨ ମଧ୍ୟରେ ଭାରତୀୟ କ୍ରିକେଟ ଦଳରେ ପ୍ରତିନିଧିତ୍ୱ କରିଥିଲେ। ୬୦ ବର୍ଷୀୟ ଶ୍ରୀକାନ୍ତ ୪୩ ଟେଷ୍ଟ ମ୍ୟାଚରେ ମୋଟ ୨୦୬୨ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଦୁଇଟି ଶତକ ଏବଂ ୧୨ଟି ଅର୍ଦ୍ଧଶତକ ସାମିଲ ରହିଥିଲା। ଅନ୍ତର୍ଜାତୀୟ ଦିନିକିଆରେ ସେ ତାଙ୍କ ସମୟରେ ବିନା ହେଲମେଟ୍‌ରେ ଫାଷ୍ଟ ବୋଲରଙ୍କ ବୋଲିଂରେ ହୁକ୍ ଶଟ୍ ଖେଳିଥିବାର ବହୁ ଦୃଷ୍ଟାନ୍ତ ରହିଛି। ୧୯୮୩ ପ୍ରୁଡେନ୍‌ସିଆଲ ବିଶ୍ୱକପ୍ ଫାଇନାଲରେ ସେ ଭାରତୀୟ ଦଳର ଟପ୍ ସ୍କୋରର ଥିଲେ। ମାଲକମ ମାର୍ଶାଲ, ଜୋଏଲ ଗାର୍ନର, ଆଣ୍ଡି ରବର୍ଟ୍ସ ଏବଂ ମାଇକେଲ ହୋଲ୍ଡିଂଙ୍କୁ ନେଇ ସେ ସମୟର ଦୁର୍ଦ୍ଧର୍ଷ ଓ୍ୱେଷ୍ଟଇଣ୍ଡିଜ ବୋଲିଂ ଆକ୍ରମଣର ସାମ୍ନା କରି ସେ ୩୮ ରନ କରିଥିଲେ। ପୁନଶ୍ଚ ସେ ୧୯୮୫ରେ ବେନସନ ହେଜେସ୍ ଓ୍ୱାର୍ଲ୍ଡ ଚାମ୍ପିୟନଶିପ୍ ଫାଇନାଲରେ ପାକିସ୍ତାନ ବିପକ୍ଷରେ ଏକ ଅର୍ଦ୍ଧଶତକ ହାସଲ କରିଥିଲେ। ୧୯୮୯ରେ କଠିନ ପାକିସ୍ତାନ ଟୁର୍ ପାଇଁ ଶ୍ରୀକାନ୍ତଙ୍କୁ ଅଧିନାୟକ ଭାବେ ମନୋନୀତ କରାଯାଇଥିଲା। ଏହି ଟୁର୍‌ରେ ସଚିନ ତେନ୍ଦୁଲକର ତାଙ୍କ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଏହି ସିରିଜ ଡ୍ର ରହିଥିଲା। ମାତ୍ର ଏହାପରେ ତାଙ୍କୁ ଭିନ୍ନ ପରିସ୍ଥିତିରେ ଅଧିନାୟକ ପଦବୀରୁ ବିଦାୟ ନେବାକୁ ପଡ଼ିଥିଲା। ୧୯୯୨ରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ବିଶ୍ୱକପ୍ ପରେ ଶ୍ରୀକାନ୍ତ କ୍ରିକେଟରୁ ଅବସର ନେଇଥିଲେ।

## ସିଦ୍ଧାନ୍ତ ମେମୋରିଆଲ ଜୁନିୟର କ୍ରିକେଟ ଲିଗ୍

# ପ୍ରଗତି, ସହିଦ ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ପଡ଼ିଆରେ ଚାଲିଥିବା ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ ଜୁନିୟର (୧୩ ବର୍ଷରୁ କମ୍) କ୍ରିକେଟ ଲିଗ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚରେ ପ୍ରଗତି ୮୭ ରନରେ ଏମ୍‌ସିସିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ଆୟୁଷ ସୂତାରଙ୍କ ୪୦, ଇଶାନ କିରଣ ପାତ୍ରଙ୍କ ୩୦ ଏବଂ ଦୀପ୍ତାଂଶୁଙ୍କ ୨୫ ରନ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୪୯ ରନ କରିଥିଲା। ଜବାବରେ ଏମ୍‌ସିସି ପୂରା ୨୦ ଓଭର ବ୍ୟାଟିଂ କରିଥିଲେ ହେଁ ୭ ଉଇକେଟ ହରାଇ ୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ନିମନ ମହେଶ ସର୍ବାଧିକ ୨୩ ରନ କରିଥିଲେ। ପୂର୍ବତନ କ୍ରିକେଟର ଦୀପ୍ତି ରଞ୍ଜନ ଜେନା ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଆୟୁଷ ସୂତାରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅର୍ପିତ ନାୟକ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ସହିଦ ସ୍ପୋର୍ଟିଂ ୮ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂ 'ବି'କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୭୯ ରନ କରିପାରିଥିଲା। ୯ ଜଣ ଖେଳାଳି ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପ୍ରତିପକ୍ଷ ଦଳର ସୌର୍ଯ୍ୟ ସୌନ୍ଦର୍ଯ୍ୟ ଜେନା ସର୍ବାଧିକ ୩ଟି ଏବଂ ସୃଜନ କୀର୍ତ୍ତି ୨ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୧୪ ଓଭରରେ ୨ ଉଇକେଟ ହରାଇ ୮୦ ରନ ସଂଗ୍ରହ କରି ନେଇଥିଲା। ସୃଜଲ ମହାନ୍ତି ସର୍ବାଧିକ ୪୮ ରନ କରିଥିବାବେଳେ ଦିବ୍ୟଜ୍ୟୋତି ଦାସ ପଟ୍ଟନାୟକ ୨୩ ରନରେ ଅପରାଜିତ ରହିଥିଲେ। ଆୟୋଜକ କ୍ଲବର କୋଷାଧ୍ୟକ୍ଷ ସଞ୍ଜୀବ ରଥ ବିଜୟୀ ଦଳର ସୌର୍ଯ୍ୟ ସୌନ୍ଦର୍ଯ୍ୟ ଜେନାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦେଇଥିଲେ। ଶିବମ୍ ଗୁପ୍ତା ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ।



ଆୟୁଷ ସୂତାରଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ସନ୍ତୋଷ ମେମୋରିଆଲ କ୍ରିକେଟ

# ସହିଦ ନଗର, ଲାୟନ୍ସ ବିଜୟୀ



ଟାଇଗର ରାଜୁ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ତୃତୀୟ ଦିବସରେ ଭୁବନେଶ୍ୱରର ସହିଦ ନଗର ଓ କଟକର ଭି. ଲାୟନ୍ସ ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ସହିଦ ନଗର ୪୮ ରନରେ କଟକର ଫ୍ରେଣ୍ଡ ୨୦୦୦କୁ ପରାସ୍ତ କରିଛି। ଏମ. ରାଜାଙ୍କ ୩୯ ରନ ବଳରେ ସହିଦ ନଗର ୧୨ ଓଭରରେ ୧୩୩ ରନ କରିଥିଲା। ପ୍ରତିପକ୍ଷ ଦଳର ସୌମ୍ୟ ରଞ୍ଜନ ୩ଟି ଉଇକେଟ ନେଇଥିଲେ। ଜବାବରେ ଫ୍ରେଣ୍ଡ ୨୦୦୦ ୯.୩ ଓଭରରେ ୮୫ ରନ କରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଟାଇଗର ରାଜୁ ସର୍ବାଧିକ ୩ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଲାୟନ୍ସ ୩ ଉଇକେଟରେ ଆୟୁଷ ଇଲେଭେନକୁ ପରାସ୍ତ କରିଛି। ଉତ୍ତମ ମହାନ୍ତିଙ୍କ ୨୪ ବଲ୍‌ରୁ ୫୫ ରନ ସତ୍ତ୍ୱେ ଆୟୁଷ ଇଲେଭେନ ୧୧ ଓଭରରେ ୧୩୧ ରନ କରି ଅଲଆଉଟ ହୋଇ ଯାଇଥିଲା। ବିପକ୍ଷ ଦଳର ଦେବାଶିଷ ବାରିକ ୩ଟି ଉଇକେଟ ନେଇଥିଲେ। ୧୩୨ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଲାୟନ୍ସ ୧୧.୪ ଓଭରରେ ୭ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରି ନେଇଥିଲା। ସିଲୁ ଶ୍ରୀଚନ୍ଦନ ୧୧ ବଲ୍‌ରୁ ୩୯ ରନ କରି ଦଳକୁ ବିଜୟୀ କରାଇଥିଲେ। ପରାଜିତ ଦଳର ଟିଣ୍ଟୁ କୁମାର ୩ଟି ଉଇକେଟ ନେଇଥିଲେ। ଦେବାଶିଷ ବାରିକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମରେସ ଜେନା, ଜାପାନ ରାଉତରାୟ, ନଳିନିକାନ୍ତ ମହାନ୍ତି ଓ ସଞ୍ଜୟ କୁମାର ଜଗଦେବ ଅତିଥିଭାବେ ଯୋଗ ଦେଇଥିଲେ।

## ବିଜୁ ପଟ୍ଟନାୟକ ଗୋଲ୍ଡ କପ୍ ଫୁଟବଲ

# ଫୁଲବାଣୀ, ବାଲେଶ୍ୱର ସେମିଫାଇନାଲରେ

ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)

ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ବିଜୁ ପଟ୍ଟନାୟକ ଗୋଲ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ୨ଟି ମ୍ୟାଚରେ ଫୁଲବାଣୀ ଓ ବାଲେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ଫୁଲବାଣୀ ଦଳ ୬–୦ ଗୋଲରେ ଓଡ଼ିଶା ୟୁନାଇଟେଡ ଫୁଟବଲ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଚନ୍ଦ୍ରମୋହନ ପୃଷ୍ଟି ୨୯ ଓ ୬୭ତମ ମିନିଟରେ ୨ଟି, ଧନେଶ୍ୱର ବେସରା ୩୫ ଓ ୫୨ତମ ମିନିଟରେ ୨ଟି, ରାଜୀବ ଟପ୍ପୋ ୬୫ ଏବଂ ଅବିନାଶ କିଶାନ ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନଙ୍ଗ ଦ୍ୱିବେଦୀ ଅତିଥିଭାବେ ଯୋଗଦେଇ ଧନେଶ୍ୱର ବେସରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ବାଲେଶ୍ୱର ୨–୦ ଗୋଲରେ ନୀତା ଫୁଟବଲ ଏକାଡେମୀକୁ ହରାଇ ଦେଇଛି। ବାଲେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ଧନଞ୍ଜୟ ମାରାଣ୍ଡି ୨୭ ଓ ଦଶରଥ ହେମ୍ବ୍ରମ ୪୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଆୟୋଜକ୍ କ୍ଲବର ଉପସଭାପତି ଅକ୍ଷୟ କୁମାର ଦାସ ଅତିଥିଭାବେ ଉପସ୍ଥିତ ରହି ବିଜୟୀ ଦଳର ଶେଖ ରୋହମାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦେଇଥିଲେ। ଏହି ଅବସରରେ ନରେନ୍ଦ୍ର ସେଠୀ, ରଘୁ ପଣ୍ଡା, ପ୍ରିୟନାଥ ମିଶ୍ର, ଦେବେନ୍ଦ୍ର ମିଶ୍ର, ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ପରିଚାଳନା କରିଥିଲେ ଶ୍ରୀକାନ୍ତ ବହିଦାର, ରାଜେନ୍ଦ୍ର ବାରିକ, ଅମିତ ନାୟକ, କୀର୍ତ୍ତି ସ୍ୱାଇଁ, ଚନ୍ଦ୍ରକାନ୍ତ ବାରିକ ଓ ଏସ.କେ. ଖାଁ। ମ୍ୟାଚ କମିଶନର ଥିଲେ ମହେଶ୍ୱର ସିଂ। ଶନିବାର ପ୍ରଥମ ସେମିଫାଇନାଲରେ ସୁନ୍ଦରଗଡ଼ ଓ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ଦ୍ୱିତୀୟ ସେମିଫାଇନାଲରେ ବାଲେଶ୍ୱର ଓ ନୟାଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ମୁକାବିଲା ହେବ।



ଧନେଶ୍ୱର ବେସରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଉଛି।



“ଜଣେ ହିନ୍ଦୁ ହୋଇଥିବାରୁ ଜାତୀୟ ଦଳର କେତେଜଣ ଖେଳାଳି ମୋତେ ଟାର୍ଗେଟ କରୁଥିଲେ, କିନ୍ତୁ ଧର୍ମ ପରିବର୍ତ୍ତନ ପାଇଁ ଚାପ ପକାଯାଇ ନାହିଁ।
– ଡାନିଶ କନେରିଆ, ପୂର୍ବତନ ପାକିସ୍ତାନ କ୍ରିକେଟର



“କ୍ରିକେଟରେ ଡିଆର୍‌ଏସ୍ ଟେକ୍ନୋଲୋଜିରୁ କେତେଦୂର ସୁଫଳ ମିଳୁଛି ସେ ନେଇ ମୋ ମନରେ ସନ୍ଦେହ ରହିଛି।
–ଟିମ୍ ପେନ୍, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

## ସଂକ୍ଷେପରେ

### ଯୁଥ୍ ଦିନିକିଆ ସିରିଜ୍: ବିଜୟରୁ ଭାରତର ଆରମ୍ଭ

**ନୂଆଦିଲ୍ଲୀ,୨୭।୧୨:** ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକାର ଇଷ୍ଟ ଲଣ୍ଡନଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଦିନିକିଆ ସିରିଜ୍‌ରେ ସହଜ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୧୮୮ ରନ୍‌ର ବିଜୟ ଲକ୍ଷ୍ୟକୁ ଯୁଥ ଭାରତୀୟ ଦଳ ୪୨.୩ ଓଭରରେ ଏକ ଉଇକେଟ ହରାଇ ହାସଲ କରିନେଇଛି। ଏଥିସହିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ର ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଦଳ ୪୮.୩ ଓଭରରେ ୧୮୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ଲୁକ ବ୍ୟୁଫର୍ଟ ୬୪, ଜ୍ୟାକ ଲିସ ୨୭ ଓ ଆଣ୍ଡ୍ରୁ ଲୌ ୨୬ ରନ୍ କରିଥିଲେ। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ରବି ବିଶ୍‌ନୋଇ ୩ ଉଇକେଟ ନେଇଥିବାବେଳେ କାର୍ତ୍ତିକ ତ୍ୟାଗି, ଶୁଭଙ୍ଗ ହେଗ୍‌ଡେ ଓ ଅଥର୍ବ ଆଙ୍କୋଲେକର ୨ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଦିବ୍ୟାଂଶ ସକ୍ସେନା ଓ ତିଲକ ବର୍ମାଙ୍କ ଓପନିଂ ଯୋଡ଼ି ପ୍ରଥମ ଉଇକେଟ ପାଇ ୩୦.୫ ଓଭରରେ ୧୨୭ ରନ୍ କରିଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ତିଲକ (୫୯) ଆଉଟ୍ ହୋଇଥିଲେ। ପରେ କୁମାର କୁଶାଗ୍ରଙ୍କ ସହ ମିଶି ଦିବ୍ୟାଂଶ ଦଳକୁ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲେ। ଦିବ୍ୟାଂଶ ୮୬ ଓ କୁମାର ୪୩ ରନ୍ କରି ଅପରାଜିତ ରହିଥିଲେ। ଭାରତୀୟ ଦଳ ୪୨.୩ ଓଭରରେ ଏକ ଉଇକେଟ ହରାଇ ୧୯୦ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଘରୋଇ ଦଳ ପାଇଁ ଆଚିଲ କ୍ଲୋଟେ ଏକମାତ୍ର ଉଇକେଟ ପାଇଥିଲେ। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୨୮ ତାରିଖରେ ସମାନ ଭେନ୍ୟୁରେ ଖେଳାଯିବ।

# ବିଜୟ ଦ୍ୱାରରେ ଓଡ଼ିଶା

**କଟକ ଅଫିସ,୨୭।୧୨**

ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଉତ୍ତରାଖଣ୍ଡ ବିପକ୍ଷ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦଳ ବିଜୟ ଦ୍ୱାରରେ ପହଞ୍ଚିଛି। ପ୍ରଥମ ଇନିଂସରେ ଓଡ଼ିଶା ୧୩୬ରନର ଅଗ୍ରଣୀ ହାସଲ କରିବା ପରେ ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ୪ ଉଇକେଟ ହରାଇ ୫୪ରନ କରିଛି। ଉତ୍ତରାଖଣ୍ଡ ୮୨ରନ ପଛରେ ଥିବା ବେଳେ ଓଡ଼ିଶାକୁ ବିଜୟ ପାଇଁ ୬ ଉଇକେଟ ଆବଶ୍ୟକ ରହିଛି। ଓଡ଼ିଶା ପକ୍ଷରୁ ଶାନ୍ତନୁ ମିଶ୍ର ୧୧୦ ରନ୍‌ର ଇନିଂସ ଖେଳି ଦଳକୁ ଅଗ୍ରଣୀ କରିବାରେ ସହାୟକ ହୋଇଛନ୍ତି। ୧୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବା ପରେ ଶାନ୍ତନୁ କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି।

ଉତ୍ତରାଖଣ୍ଡର ପ୍ରଥମ ଇନିଂସ ୧୧୭ ରନରେ ସୀମିତ ରହିବା ପରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସ ବ୍ୟାଟିଂ ଜାରି ରଖିଥିବା ଓଡ଼ିଶା ୬ ଉଇକେଟ ହରାଇ ୧୪୫ କରିଥିଲା। ଶାନ୍ତନୁ ୫୪ରନରେ ଓ ଦେବବ୍ରତ ପ୍ରଧାନ ୨ରନରେ ଅପରାଜିତ ଥିଲେ। ଦେବବ୍ରତ ୧୪ରନ କରିବା ପରେ ପ୍ୟାଭିଲିୟନ ଫେରିଥିଲେ। ସନ୍ନି ରାଣାଙ୍କ ବଲରେ ଉଇକେଟ କିପର ସୌରଭ ରାୱତଙ୍କ ହାତରେ ଧରାପଡ଼ିଥିଲେ ଦେବବ୍ରତ। ପରେ ସୂର୍ଯ୍ୟକାନ୍ତ ପ୍ରଧାନ ଓ ରାଜେଶ ମହାନ୍ତି ଦ୍ରୁତ ବ୍ୟାଟିଂ କରିଥିଲେ। ବଡ଼ ଶଟ୍ ଖେଳିବାକୁ ଯାଇ ସୂର୍ଯ୍ୟକାନ୍ତ ୧୧ ଓ ରାଜେଶ ୧୭ ରନରେ ଆଉଟ ହୋଇଥିଲେ। ଇତିମଧ୍ୟରେ ୨୨୯ବଲରୁ ଶାନ୍ତନୁ କ୍ୟାରିୟରର ପ୍ରଥମ ତଥା ସ୍ମରଣୀୟ ଶତକ ହାସଲ କରିଥିଲେ। ୧୧୦ରନ କରି ଶାନ୍ତନୁ ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ବସନ୍ତ ମହାନ୍ତି ୬ ରନରେ ଅପରାଜିତ ଥିଲେ। ଉତ୍ତରାଖଣ୍ଡ ପକ୍ଷରୁ ପ୍ରଦୀପ ଚାମୋଲି, ସନ୍ନି ରାଣା ୩ଟି ଲେଖାଏ ଓ ଧନରାଜ ଶର୍ମା ୨ଟି ଉଇକେଟ ଅକ୍ତିଆର କରିଛନ୍ତି। ଦ୍ୱିତୀୟ ଇନିଂସ୍ ବ୍ୟାଟିଂ କରିଥିବା ଉତ୍ତରାଖଣ୍ଡ ପ୍ରାରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓଡ଼ିଶା ପେସ୍ ବୋଲରମାନେ ପୁନର୍ବାର ଚମତ୍କାର ପ୍ରଦର୍ଶନ କରିଛନ୍ତି। ୩ ରନରେ ଉତ୍ତରାଖଣ୍ଡ ୨ଟି ଉଇକେଟ ହରାଇଥିଲା। ଓପ୍‌ନର ତନ୍ମୟ ଶ୍ରୀବାସ୍ତବ ୨ରନରେ ଓ ଅଭନିଶ ସୁଧା ଖାତା ଖୋଲିବା ପୂର୍ବରୁ ବସନ୍ତଙ୍କ ଶିକାର ହୋଇଥିଲେ। ଅଧିନାୟକ ଉନ୍ମୁକ୍ତ ଚାନ୍ଦ ୧୩ରନରେ ରାଜେଶଙ୍କ ବଲରେ ଉଇକେଟକିପର ହାତରେ ଧରାପଡ଼ିଥିଲେ। ପରେ ସୌରଭ ରାୱତ ୧୫ରନରେ ସୂର୍ଯ୍ୟକାନ୍ତଙ୍କ ଦ୍ୱାରା ଆଉଟ ହୋଇଥିଲେ। ୫୪ରନରେ ଉତ୍ତରାଖଣ୍ଡ ୪ଟି ଉଇକେଟ ହରାଇଥିଲା। ଦୀକ୍ଷାଂଶୁ ନେଗି ୨୩ ରନରେ ଓ କର୍ନ କୌଶଲ କୌଣସି ରନ ନ କରି ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ବସନ୍ତଙ୍କୁ ୨ଟି, ରାଜେଶ ଓ ସୂର୍ଯ୍ୟକାନ୍ତଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଛି।

## ରଣଜୀ ଟ୍ରଫି: ଶାନ୍ତନୁଙ୍କ ଶତକ



ଶତକ ହାସଲକାରୀ ଶାନ୍ତନୁ ମିଶ୍ର।

### ସଂକ୍ଷିପ୍ତ ସ୍କୋର

ଉତ୍ତରାଖଣ୍ଡ ପ୍ରଥମ ଇନିଂସ: ୧୧୭। ଓଡ଼ିଶା ପ୍ରଥମ ଇନିଂସ: ୨୫୩/ଅଲଆଉଟ(ଶାନ୍ତନୁ ମିଶ୍ର–୧୧୦, ବିପ୍ଲବ ସାମନ୍ତରାୟ–୩୭, ପ୍ରଦୀପ ଚାମୋଲି–୩/୪୮, ସନ୍ନି ରାଣା–୩/୪୫)। ଉତ୍ତରାଖଣ୍ଡ ଦ୍ୱିତୀୟ ଇନିଂସ: ୫୪/୪(ଦୀକ୍ଷାଂଶୁ ନେଗି–୨୩*, ବସନ୍ତ ମହାନ୍ତି–୨/୧୮, ରାଜେଶ ମହାନ୍ତି–୧/୧୯, ସୂର୍ଯ୍ୟକାନ୍ତ ପ୍ରଧାନ–୧/୧୫)।

# ଗୁରୁକୁଳ ଟେନିସ: ଅଂଶୁ ଚାମ୍ପିୟନ





ରନର୍ସ ଅପ୍ ଦୀପକ ସେଛିଲ କୁମାର ଓ ଚାମ୍ପିୟନ ଅଂଶୁ କୁମାର ଭୂୟାଁ।

**ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ ଟେନିସ କମ୍ପ୍ଲେକ୍ସରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସହଯୋଗରେ ଅନୁଷ୍ଠିତ ଏଆଇଟିଏ–ଓଟିଏ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଅଂଶୁ କୁମାର ଭୂୟାଁ ଚାମ୍ପିୟନ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସର୍ବଭାରତୀୟ ର୍‌ୟାଙ୍କର ୨୪ତମ ସ୍ଥାନରେ ଥିବା ଟପ୍ ସିଡ୍ ଅଂଶୁ ୬୫ତମ ର୍‌ୟାଙ୍କପ୍ରାପ୍ତ ତଥା ୨ ନମ୍ବର ଖେଳାଳି ତାମିଲନାଡୁର ଦୀପକ ସେଛିଲ କୁମାରଙ୍କୁ ୬–୨, ୬–୪ ସେଟ୍‌ରେ ପରାସ୍ତ କରିଛନ୍ତି। ଗୁରୁକୁଳ ଟେନିସ ଟୁର୍ନାମେଣ୍ଟରେ ଅଂଶୁଙ୍କର ଏହା କ୍ରମାଗତ ଦ୍ୱିତୀୟ ସିଙ୍ଗଲ୍ସ ଟାଇଟଲ ବିଜୟ। ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ୧୩ ରାଜ୍ୟରୁ ୪୪ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀ ଯଥାକ୍ରମେ ୨୦ ଓ ୧୫ ଏଆଇଟିଏ ର୍‌ୟାଙ୍କିଙ୍ଗ୍ ପଏଣ୍ଟ ପାଇବା ସହ ୧୨,୦୦୦ ଓ ୮,୫୦୦ଟଙ୍କାର ପୁରସ୍କାର ରାଶି ହାସଲ କରିଛନ୍ତି। ପ୍ରଦୀପ ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁକୁଳ ରିସର୍ଟ ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ଓ ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଅଲିମ୍ପିକ୍ କ୍ୱାଲିଫାୟର୍ସ ଟ୍ରାଏଲ୍ସରେ ମେରୀକମ୍– ଜରିନ୍ ମୁକାବିଲା

**ନୂଆଦିଲ୍ଲୀ, ୨୭।୧୨(ପି.ଟି.)**

ଆସନ୍ତାବର୍ଷ ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ କ୍ୱାଲିଫାୟର ପାଇଁ ଭାରତର ଦୁଇ ମହିଳା ତାରକା ବକ୍ସର ମେରୀକମ ଓ ନିଖାତ ଜରିନ୍ ଟ୍ରାଏଲ୍ସ ଫାଇନାଲ୍‌ରେ ପରସ୍ପରକୁ ଭେଟିବେ। ୬ଥର ବିଶ୍ୱ ଚାମ୍ପିୟନଶିପ୍ ହାସଲ କରିଥିବା ମେରୀକମ ୫୧ କେ.ଜି. ବର୍ଗରେ ପୁଣି ଥରେ ଅଲିମ୍ପିକ୍ ଟିକେଟ ହାସଲ ଲକ୍ଷ୍ୟରେ ରହିଛନ୍ତି। ତେବେ ଅଲିମ୍ପିକ୍‌କ୍ୱାଲିଫାୟର୍ସରେ ସାମିଲ ହେବାକୁ ହେଲେ ଏବେ ତାଙ୍କୁ ଜରିନଙ୍କୁପରାସ୍ତ କରିବାକୁପଡିବ। ଏହି ଦୁଇ ବକ୍ସର ଶୁକ୍ରବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଚାଇନାରେ ଆସନ୍ତା ଫେବୃଆରୀରେ ଅଲିମ୍ପିକ୍ସ କ୍ୱାଲିଫାୟର୍ସ ଆୟୋଜନ ହେବ।

ପୂର୍ବତନ ଜୁନିୟର ବିଶ୍ୱ ଚାମ୍ପିୟନ ଜରିନ୍ ଜାତୀୟ ଚାମ୍ପିୟନ ଜ୍ୟୋତି ଗୁଲିଆଙ୍କୁ ହରାଇ ଫାଇନାଲ୍ସରେ ପ୍ରବେଶ କରିଛନ୍ତି। ସେହିପରି ଏକାଧିକବାର ଏସିଆନ ଚାମ୍ପିୟନ ହୋଇଥିବା ମେରୀକମ୍ ପ୍ରତିପକ୍ଷ ରିତୁ ଗ୍ରେୱାଲଙ୍କୁ ପରାସ୍ତ କରିଥିଲେ। ଶନିବାର ଫାଇନାଲ ଖେଳାଯିବ।

ଉଲ୍ଲେଖଥାଉ କି, କିଛି ସପ୍ତାହ ତଳେ ଜରିନ୍ ମେରିକମ୍‌ଙ୍କ ସହ ଲଢ଼ିବାକୁ ଦାବି କରିଥିଲେ। ଅଲିମ୍ପିକ କ୍ୱାଲିଫାୟର୍ସ ପାଇଁ ଚୟନ ପ୍ରକ୍ରିୟାରେ ବକ୍ସି ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ପାତରଅନ୍ତର ଅଭିଯୋଗ ଆଣି ସେ ଏହି ଦାବି ଜଣାଇଥିଲେ। ମେରୀକମ୍ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କ୍ରମାଗତ ଭବେ ସ୍ଥିର ପ୍ରଦର୍ଶନ କରିଆସୁଥିବାରୁ ତାଙ୍କୁ ବିନା ଟ୍ରାଏଲ୍‌ରେ ଅର୍ଥାତ ସିଧାସଳଖ ଅଲିମ୍ପିକ୍ କ୍ୱାଲିଫାୟର୍ସରେ ସାମିଲ ହେବେ ବୋଲି ବିଏଫ୍‌ଆଇ ଅଧକ୍ଷ ଅଜୟ ସିଂ କହିଥିଲେ। ଏଥିରେ ଜରିନ ଅସନ୍ତୋଷ ପ୍ରକାଶ କରି ମେରୀକମ୍ ବିପକ୍ଷରେ ଲଢ଼େଇ ପାଇଁ ଆହ୍ୱାନ ଦେଇଥିଲେ।

ଶୁକ୍ରବାର ଅନୁଷ୍ଠିତ ହୋଇଥିବା ଅନ୍ୟ ବାଉଟ୍‌ଗୁଡିକରେ ୱାର୍ଲ୍ଡ ୟୁଥ୍ ସ୍ୱର୍ଣ୍ଣ ପଦକ ବିଜୟିନୀ ସାକ୍ଷୀ ଚୌଧୁରୀ ୫୭ କେ.ଜି. ବର୍ଗରେ ଏସିଆନ ରୌପ୍ୟ ପଦକ ବିଜୟିନୀ ମନୀଷା ମୌନଙ୍କୁ ପରାସ୍ତ କରିଥିଲେ। ସେହିପରି ପୂର୍ବତନ ଜାତୀୟ ଚାମ୍ପିୟନ ସିମରନଜିତ କୌର ୬୦ କେ.ଜି. ବର୍ଗରେ ପବିତ୍ରାଙ୍କୁ ପ୍ରଥମ ରାଉଣ୍ଡରେ ପରାସ୍ତ କରିଥିଲେ। ମହିଳା ବକ୍ସିଂରେ ୫୧, ୫୭, ୬୦, ୬୯ ଓ ୭୫ କେ.ଜି. ବର୍ଗରେ କୌଣସି ପ୍ରତିଯୋଗୀ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିପାରି ନ ଥିଲେ। ଫଳରେ ଏହି ବର୍ଗଗୁଡ଼ିକର ଟ୍ରାଏଲ୍ସ ମାଧ୍ୟମରେ ନିଷ୍ପତ୍ତି ନିଆଯିବ। ରବିବାରଠାରୁ କର୍ନାଟକର ବେଲାରିଠାରେ ପୁରୁଷ ବକ୍ସିଂରେ ଟ୍ରାଏଲ୍ସ ଆୟୋଜନ ହେବ।

# ଓଡ଼ିଶା ପୁରୁଷ ଦଳର ତୃତୀୟ ବିଜୟ

## ଜାତୀୟ ସିନିୟର ଭଲିବଲ

**ଭୁବନେଶ୍ୱର, ୨୭।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ କିଟ୍ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍‌ର ପୁରୁଷ ବିଭାଗରେ ଓଡ଼ିଶାର ଦଳର ଭଲ ପ୍ରଦର୍ଶନ ଅବ୍ୟାହତ ରହିଛି। ଶୁକ୍ରବାର ତୃତୀୟ ଦିବସରେ ଓଡ଼ିଶା ଦଳ ୩–୨ ସେଟ୍‌ରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଏହାକୁ ମିଶାଇ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ସହ ହ୍ୟାଟ୍ରିକ କରିଛି। ପୂର୍ବ ୨ ମ୍ୟାଚରେ ଦଳ ଯଥାକ୍ରମେ ତ୍ରିପୁରାକୁ ୩–୦ ଓ ପଣ୍ଡିଚେରୀକୁ ୩–୦ ସେଟ୍‌ରେ ପରାସ୍ତ କରିଥିଲା। ଶୁକ୍ରବାର ଅନୁଷ୍ଠିତ ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ରାଜସ୍ଥାନ ୩–୦ରେ ଦିଲ୍ଲୀ, ଛତିଶଗଡ଼ ୩–୦ରେ ତ୍ରିପୁରା, ଜମ୍ମୁକଶ୍ମୀର ୩–୦ରେ ପଣ୍ଡିଚେରୀ, ଗୁଜରାଟ ୩–୦ରେ ଝାଡ଼ଖଣ୍ଡ, ଆସାମ ୩–୦ରେ ମିଜୋରାମ ଓ ପଶ୍ଚିମବଙ୍ଗ ୩–୦ ସେଟ୍‌ରେ ମଣିପୁରକୁ ପରାସ୍ତ କରିଛି।





ଓଡ଼ିଶା ଓ ଚଣ୍ଡିଗଡ଼ ମଧ୍ୟରେ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚ୍।

### ମହିଳା ଦଳର ଦ୍ୱିତୀୟ ପରାଜୟ

ଓଡ଼ିଶା ମହିଳା ଦଳ କିନ୍ତୁ ଦ୍ୱିତୀୟ ପରାଜୟ ବରଣ କରିଛି। ଦ୍ୱିତୀୟ ଦିବସରେ ପଣ୍ଡିଚେରୀକୁ ୩–୦ରେ ପରାସ୍ତ କରିଥିବା ଓଡ଼ିଶା ତୃତୀୟ ଦିବସରେ ସେହି ପ୍ରଦର୍ଶନକୁ ଦୋହରାଇ ପାରିନାହିଁ। ଦଳ ୦–୩ ସେଟ୍‌ରେ ଉତ୍ତରପ୍ରଦେଶ ନିକଟରୁ ହାରି ଯାଇଛି। ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଝାଡ଼ଖଣ୍ଡ ୩–୦ରେ ଜମ୍ମୁ କଶ୍ମୀର, ପଞ୍ଜାବ ୩–୧ରେ ଛତିଶଗଡ଼, ଗୁଜରାଟ ୩–୦ରେ ତ୍ରିପୁରା, ଚଣ୍ଡିଗଡ଼ ୩–୦ରେ ପଣ୍ଡିଚେରୀ ଓ କେରଳ ୩–୦ରେ କର୍ନାଟକକୁ ହରାଇ ଦେଇଛି।

# ହେଡ୍‌ଙ୍କ ଶତକ: ଅଷ୍ଟ୍ରେଲିଆ ସ୍ଥିତି ଦୃଢ଼

**ମେଲବୋର୍ନ.୨୭।୧୨(ଏଏଫ୍‌ପି)**

ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡଙ୍କ ଶତକ ଓ ପରେ ବୋଲରଙ୍କ ପ୍ରାରମ୍ଭିକ ସଫଳତା ସହାୟତାରେ ଅଷ୍ଟ୍ରେଲିଆ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ସ୍ଥିତି ଦୃଢ଼ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୫୫.୧ ଓଭରରେ ୪୬୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ପ୍ରାରମ୍ଭିକ ବିପର୍ଯ୍ୟୟର ଶିକାର ହୋଇ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୮ ଓଭରରେ ୨ ଉଇକେଟ ହରାଇ ୪୪ ରନ ସଂଗ୍ରହ କରିଛି। ଫଳରେ ନ୍ୟୁଜିଲାଣ୍ଡ ୮ ଉଇକେଟ ହାତରେ ରଖି ଏବେ ୪୨୩ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ଟମ୍ ଲଥାମ ୯ ଓ ଅଭିଜ୍ଞ ରସ ଟେଲର ୨ ରନ କରି ଅପରାଜିତ ରହିଛନ୍ତି। ଅନ୍ୟତମ ଓପନର ଟମ୍ ବ୍ଲଣ୍ଡେଲ ୧୫ ଓ ଅଧିନାୟକ କେନ୍ ୱିଲିୟମସନ ୯ ରନ କରି ଉଇକେଟ କିପର ଟିମ୍ ପେନ୍‌ଙ୍କୁ କ୍ୟାଚ୍ ଦେଇ ଯଥାକ୍ରମେ ପ୍ୟାଟ୍ କମିନ୍ସ ଓ ଜେମ୍ସ ପାଟିନସନଙ୍କ ଦ୍ୱାରା ଆଉଟ ହୋଇଛନ୍ତି।



ଶତକ ହାସଲ ପରେ ଟ୍ରାଭିସ ହେଡ।

ଓଭରନାଇଟ୍ ସ୍କୋର ୨୫୭/୪ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଅଲଆଉଟ ହୋଇଥିଲା। ଅପରାଜିତ ଥିବା ବ୍ୟାଟ୍ସମ୍ୟାନ ଟ୍ରାଭିସ ହେଡ ୨୫ ରନରୁ ଖେଳ ଆରମ୍ଭ କରି ୧୧୪ ରନର ଶତକୀୟ ପାଳି ଖେଳି ନେଲ ୱାଗନରଙ୍କ ବଲ୍‌ରେ ମିଚେଲ ସାଣ୍ଟନରଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏଥିସହିତ ହେଡ୍ କ୍ୟାରିୟର ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରି ସମାଲୋଚକଙ୍କୁ ଚୁପ୍ କରିଛନ୍ତି। ସେହିପରି ୭୭ ରନରୁ ଖେଳ ଆରମ୍ଭ କରି ନିର୍ଭରଯୋଗ୍ୟ ଷ୍ଟିଭ୍ ସ୍ମିଥ୍ ୮୫ ରନ କରି ହେନେରୀ ନିକୋଲ୍ସଙ୍କୁ କ୍ୟାଚ୍ ଦେଇ ୱାଗନରଙ୍କ ଶିକାର ହୋଇଥିଲେ। ସେହିପରି ପେନ୍ ମଧ୍ୟ ୭୯ ରନର ଗୁରୁତ୍ୱପୂର୍ଣ୍ଣ ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ସେ ସପ୍ତମ ଟେଷ୍ଟ ଅର୍ଦ୍ଧଶତକ ହାସଲ କରିଥିଲେ। ହେଡ ଓ ପେନ୍ ଷଷ୍ଠ ଉଇକେଟ ଯୋଡିରେ ୧୫୦ ରନ ସଂଗହ କରି ନ୍ୟୁଜିଲାଣ୍ଡ ବୋଲରଙ୍କୁ ନିରାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ଷ୍ଟାର୍କ ୧, ନାଥନ ଲିୟନ ୧ ଓ କମିନ୍ସ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ପାଟିନସନ ୧୪ ରନ କରି ଅପରାଜିତ ରହିଥିଲେ। ଏକଦା ୫ ଉଇକେଟ ହରାଇ ଅଷ୍ଟ୍ରେଲିଆ ଚା'ପାନ ବିରତି ସୁଦ୍ଧା ୪୩୧ ରନ କରି ଦୃଢ଼ ସ୍ଥିତିରେ ଥିଲା। ତେବେ ଏହାପରେ ଦଳ ମାତ୍ର ୯ ଓଭରରେ ୩୬ ରନରେ ବାକି ୫ ଉଇକେଟ ହରାଇ ଅଲଆଉଟ ହୋଇଥିଲା। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ୱାଗନର ସର୍ବାଧିକ ୪, ଟିମ୍ ସୌଦି ୩, କଲିନ ଡି ଗ୍ରାଣ୍ଡହୋମ ୨, ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଉଲ୍ଲେଖଥାଉ କି, ପର୍ଥରେ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୨୯୬ ରନରେ ପରାସ୍ତ ହୋଇ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧–୦ରେ ପଛରେ ପଡ଼ିଛି।

**ସଂକ୍ଷିପ୍ତ ସ୍କୋର:** ଅଷ୍ଟ୍ରେଲିଆ ପ୍ରଥମ ଇନିଂସ– ୧୫୫.୧ ଓଭରରେ ୪୬୭ ରନରେ ଅଲଆଉଟ (ହେଡ୍–୧୧୪, ସ୍ମିଥ୍–୮୫, ପେନ–୭୯, ଲାବୁସେନ–୬୩, ୱାର୍ନର– ୪୧, ମାଥ୍ୟୁ ୱେଡ– ୩୮, ୱାଗନର– ୪/୮୩, ସୌଦି– ୩/୧୦୩, ଗ୍ରାଣ୍ଡ ହୋମ– ୨/୬୮, ବୋଲ୍ଟ– ୧/୯୧)। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ– ୧୮ ଓଭରରେ ୪୪/୨ (ଲଥାମ– ୯*, ଟେଲର– ୨*, ବ୍ଲଣ୍ଡେଲ– ୧୫, ୱିଲିୟମସନ–୯, କମିନ୍ସ– ୧/୮, ପାଟିନସନ– ୧/୯)।

# ୟଙ୍ଗଙ୍କୁ ଇଣ୍ଡୋନେସିଆ ଦଳର ଦାୟିତ୍ୱ

**ଜାକର୍ତ୍ତା,୨୭।୧୨(ଏଏଫ୍‌ପି):** ପୂର୍ବତନ ଦକ୍ଷିଣ କୋରିଆ କୋଚ୍ ଶିନ ତେ ୟଙ୍ଗ ଇଣ୍ଡୋନେସିଆ ଜାତୀୟ ଦଳର ଦାୟିତ୍ୱରେ ରହିବେ ବୋଲି ଦେଶର ଫୁଟ୍‌ବଲ ଆସୋସିଏଶନ ଶୁକ୍ରବାର କହିଛି। ଶିନଙ୍କ ନେତୃତ୍ୱରେ ଗତ ବର୍ଷ ଦକ୍ଷିଣ କୋରିଆ ରୁଷିଆରେ ଫିଫା ବିଶ୍ୱକପ୍ ଖେଳିଥିଲା। ଏଥିରେ ଡିଫେଣ୍ଡିଂ ଚାମ୍ପିୟନ ଜର୍ମାନୀକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଆମେ ଶିନଙ୍କୁ ଚୁକ୍ତି ପାଇଁ ଡକାଇଛୁ ବୋଲି ଫୁଟ୍‌ବଲ ଆସୋସିଏଶନ ଅଫ୍ ଇଣ୍ଡୋନେସିଆ ସଭାପତି ମୋଚାମଦ ଇରିୱାନ କହିଛନ୍ତି।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ସତ୍ୟଭାମା ଦେବୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ସ୍ୱାମୀ: ବାଉରୀବନ୍ଧୁ, ବୋହୂ: ରୀନା
ଝିଅ: ରୋଜି, ଜ୍ୱାଇଁ: ଶିବାଶୀଷ
ନାତି: ଗୁଡ୍ଡୁ, ସଂଗ୍ରାମ, ଲିଟୁ, ଟିଟୁ, ବବୁଲ
ନାତୁଣୀବୋହୂ: ଗୁଡ଼ି, ନାତୁଣୀ: ରୀତା, ଡେଜି
ନାତୁଣୀଜ୍ୱାଇଁ: ରବି, ଓମ୍
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବାନ୍ଧବ
ଝାରପଡ଼ା, ଭୁବନେଶ୍ୱର
ଧ–୧୫୯୪୩

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତା ରେଣୁବାଳା ମହାନ୍ତି (ବୁଢ଼ୀ)
ସ୍ୱାମୀ: ନଳିନୀ କାନ୍ତ ମହାନ୍ତି
ବୀର ସୁରେନ୍ଦ୍ର ସାଏ ନଗର,
ପଥର ବନ୍ଧ ବସ୍ତିରୋଡ୍, ଭୁବନେଶ୍ୱର
ଆବିର୍ଭାବ: ୦୪।୦୨।୧୯୪୨
ତିରୋଧାନ: ୧୮।୧୨।୨୦୧୯
ତୁମର ଆକସ୍ମିକ ତିରୋଧାନରେ ଆମେ ସମସ୍ତେ ମର୍ମାହତ। ତୁମ୍ଭେ ଆମ୍ଭମାନଙ୍କୁ ଶୋକ ସାଗରରେ ଛାଡ଼ି ଚାଲିଗଲ। ଆମେ ସମସ୍ତେ ଜଗତର ନାଥ ଜଗନ୍ନାଥଙ୍କ ଚରଣରେ ପ୍ରାଥନା କରୁଅଛୁ ତୁମର ଆତ୍ମାର ସଦ୍‌ଗତି ନିମନ୍ତେ।
ଶୋକସନ୍ତପ୍ତ:
ସ୍ୱାମୀ: ନଳିନୀ କାନ୍ତ ମହାନ୍ତି, ପରିବାରବର୍ଗ: ବାବୁଲି, ସୀମା, ପୁଅ, ପିନ୍ଟୁ, ଦିଲ୍ଲୁ, ମିନତୀ, ଦୀପୁ, ପ୍ରତିମା, କୁନ୍ଟୁ, ମାମିନା, ନାତି ଓ ନାତୁଣୀମାନେ: ସୋନୁ, ବିଟୁ, ଗୁଡ୍ଡୁ, ପୁପୁଲୁ, ଡୁଗୁ, ଝିଆରୀ, ପୁତୁରା ଓ ଭାଇ ଭଉଣୀମାନେ।
ଧ–୬୧୯୨୧

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ତନୁଚନ୍ଦ୍ର ପଧାନ
ପ୍ରତିଷ୍ଠାତା ଏବଂ ଗଣ୍ଡତୁରୁମ ଆଞ୍ଚଳିକ ହାଇସ୍କୁଲର ପ୍ରଥମ ପ୍ରଧାନଶିକ୍ଷକ
ଆବିର୍ଭାବ: ୧୭।୦୩।୧୯୫୫
ତିରୋଧାନ: ୧୮।୧୨।୨୦୧୯
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ସପରିବାର:
ସ୍ତ୍ରୀ, ପୁତ୍ର: ରାଜୀବ, ଝିଅ: ମିକି, ନାତୁଣୀ, ପୁତ୍ରବଧୂ ଏବଂ ଜ୍ୱାଇଁ, ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର।
ଧ–୧୫୯୪୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ନେତ୍ରମଣୀ ପଣ୍ଡା
ସ୍ୱାମୀ ସ୍ୱର୍ଗତ ଉଦୟନାଥ ପଣ୍ଡା
ଦିପିଦେଉଳି, ବଳଙ୍ଗା, ପୁରୀ
ଆବିର୍ଭାବ: ୨୨।୦୬।୧୯୨୫
ତିରୋଧାନ: ୦୭।୦୧।୨୦୧୯
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରଣାମ।
ଶୋକସନ୍ତପ୍ତ
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ–୧୫୯୩୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସାବିତ୍ରୀ ମିଶ୍ର
ସ୍ୱାମୀ ସ୍ୱର୍ଗତ ପଣ୍ଡିତ ଚତୁର୍ଭୁଜ ମିଶ୍ର
ଆବିର୍ଭାବ: ୦୨।୦୪।୧୯୩୩
ତିରୋଧାନ: ୦୯।୦୧।୨୦୧୯
"ବୋଉ, ତୋର ଅନୁପସ୍ଥିତି ଆମେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ଧର୍ମପରାୟଣତା ଏବଂ ତ୍ୟାଗ ଆମ୍ଭମାନଙ୍କ ଜୀବନରେ ପ୍ରେରଣାର ଉତ୍ସ ହେଉ। ତୋ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।"
ଇତି:
ତୋର ସ୍ନେହର ଚାରୁ, ତରୁ, ନିରୁ ଓ ବାବୁ
ଧ–୬୮୭୪୧

### ■ ଯୁବକଙ୍କୁ ତଣ୍ଟିକାଟି ହତ୍ୟା ଘଟଣାର ପର୍ଦ୍ଦାଫାଶ

# ସ୍ତ୍ରୀ,ତାଙ୍କ ପ୍ରେମିକ ସହ ୪ ଗିରଫ

**ବଣାଇ, ୨୭।୧୨(ସ୍ୱ.ପ୍ର.)**



ଖବରଦାତା ସମ୍ମିଳନୀରେ ପୋଲିସ ସହ ଗିରଫ ୪ ଅଭିଯୁକ୍ତ।

- **ହତ୍ୟା ପାଇଁ ସୁପାରି କିଲର ନିୟୋଜିତ ଥିଲେ**
- **୧ଲକ୍ଷ ଟଙ୍କାରେ ହୋଇଥିଲା ଡିଲ୍**
- **ଅଗ୍ରିମ ନେଇଥିଲେ ୪ ହଜାର ଟଙ୍କା**

ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅନ୍ତର୍ଗତ କେନ୍ଦ୍ରିକଳା ନିକଟରେ ଘଟିଥିବା ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଛି। ପୋଲିସ ଘଟଣାର ତଦନ୍ତକରି ଶୁକ୍ରବାର ମୃତ ଯୁବକଙ୍କ ସ୍ତ୍ରୀ ଓ ତାଙ୍କ ପ୍ରେମିକ ସହ ୪ଜଣଙ୍କୁ ଗିରଫ କରିଛି। ଏହି ହତ୍ୟାକାଣ୍ଡରେ ସୁପାରି କିଲର ନିୟୋଜିତ ହୋଇଥିଲେ। ୧ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା । ଅଗ୍ରିମ ୪ହଜାର ଟଙ୍କା ପାଇ ସୁପାରି କିଲର ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ମୃତକଙ୍କ ସ୍ତ୍ରୀ ସୀମା ମୁଣ୍ଡା (୨୬), ତାଙ୍କ ପ୍ରେମିକ ନାମାଜାନ ବୁଡ, ସୁପାରିକିଲର ସୁରଜ ନାଏକ (୨୧) ଏବଂ ଗଣେଶ ନାଏକ(୩୦)। ଏହି ହତ୍ୟା ଘଟଣାରେ ସୁପାରି କିଲରମାନେ ବ୍ୟବହାର କରିଥିବା ବାଇକକୁ ପୋଲିସ ଜବତ କରିପାରିନାହିଁ। ସେଥିପାଇଁ ତନାଘନା ଚାଲିଛି, ଖୁବ୍‌ଶୀଘ୍ର ସେହି ବାଇକ୍‌କୁ ଜବତ କରାଯିବ ବୋଲି ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ଅବକାଶ ରାଉତରାୟ କହିଛନ୍ତି।

ଗତ ୧୯ ତାରିଖ ସକାଳେ ବଣାଇ ଅଞ୍ଚଳର ଏତୁଆ ମୁଣ୍ଡାଙ୍କ ବଡପୁଅ ଅନିଲ (୨୯)ଙ୍କ କ୍ଷତବିକ୍ଷତ ମୃତଦେହ କେନ୍ଦ୍ରିକଳା ସଂରକ୍ଷିତ ଜଙ୍ଗଲ ନିକଟରେ ପଡିଥିଲା। ପ୍ରାରମ୍ଭିକ ତଦନ୍ତରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ବଣାଇ ପୋଲିସ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ପରେ ଟେଲିଫୋନ ଟ୍ରାକିଂ ବ୍ୟବସ୍ଥା ଏବଂ ସାଇଣ୍ଟିଫିକ୍ ଟିମ୍‌ର ପରୀକ୍ଷା ନିରୀକ୍ଷା ରହସ୍ୟ ଉପରୁ ପର୍ଦ୍ଦା ଉଠାଇଥିଲା।

ଅନିଲ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ଟାମ୍ପରକେଲା ଗ୍ରାମର ସୀମାଙ୍କୁ ବିବାହ କରିଥିଲେ। ସେମାନଙ୍କ ୬ବର୍ଷର ଝିଅ ଅଛି। ସୀମା ଗୁରୁଣ୍ଡିଆ ଥାନା ଅନ୍ତର୍ଗତ କୁଣ୍ଢେଇଡିହା ଗ୍ରାମର ନାମାଜାନ ବୁଡଙ୍କୁ ଭଲ ପାଉଥିଲେ। ତେଣୁ ନାମକୁ ମାତ୍ର ସ୍ୱାମୀ ଥିବା ଅନିଲଙ୍କୁ ରାସ୍ତାରୁ ହଟାଇବା ପାଇଁ ନାମାଜାନଙ୍କୁ ସୀମା ବାଧ୍ୟ କରିଥିଲେ। ନାମାଜାନ ପେସାରେ ଜଣେ ଡ୍ରାଇଭର। ସେ ରାଜଗାଙ୍ଗପୁର ଅଞ୍ଚଳରେ ଟିପ୍ପର ଚଳାଉଥିଲେ। ତେଣୁ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ମାଣ୍ଡିଆକୁଦର ଗ୍ରାମର ଦୁଇ ବନ୍ଧୁ ସୁରଜ ନାଏକ (୨୧) ଏବଂ ଗଣେଶ ନାଏକ (୩୦)ଙ୍କ ସହିତ ସେ ଯୋଗାଯୋଗ କରି ଅନିଲଙ୍କୁ ହତ୍ୟା କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ସେମାନେ ୧ଲକ୍ଷ ଟଙ୍କା ଦାବି କରିଥିଲେ। ନାମାଜାନ ପ୍ରଥମେ ୪ ହଜାର ଟଙ୍କା ଅଗ୍ରିମ ଦେଇ ଅନିଲ ସହ ସୁରଜ ଓ ଗଣେଶଙ୍କ ସାକ୍ଷାତ କରାଇ ଅନ୍ତରଙ୍ଗତା ବଢାଇ ଥିଲେ। ପରେ ଯୋଜନା ମୁତାବକ ୧୮ତାରିଖ ସନ୍ଧ୍ୟାରେ ଅନିଲକୁ ଡାକି ନେଇଥିଲେ। ଘଟଣାସ୍ଥଳରେ ଦୁଇ ସୁପାରି କିଲର ସୁରଜ, ଗଣେଶ ଓ ଅନିଲ ମଦ୍ୟପାନ କରିଥିଲେ। ପରେ ସୁରଜ ଓ ଗଣେଶ ଅନିଲଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପଥରରେ ଛେଚିବା ପରେ ସାଙ୍ଗରେ ନେଇଥିବା ବ୍ଲେଡ ଓ ଆରିପାତରେ ତଣ୍ଟି କାଟି ହତ୍ୟା କରିଥିଲେ। ଏ ସମସ୍ତ ଘଟଣାକୁ ବାହାରେ ରହି ନାମାଜାନ ପରିଚାଳନା କରୁଥିଲେ। ହତ୍ୟାକାଣ୍ଡ ପରେ ସମସ୍ତେ ଅନିଲ ମରିଛି କି ନାହିଁ ଦେଖି ନିଶ୍ଚିତ ହେଲା ପରେ ଫେରିଯାଇଥିଲେ। ଏ ସଂକ୍ରାନ୍ତରେ ବଣାଇ ଥାନାରେ ଏକ ମାମଲା (ନଂ.୧୫୫/୨୦୧୯) ରୁଜୁ ହୋଇଥିଲା ।

# ନିଖୋଜ ନାବାଳକଙ୍କ ଝୁଲନ୍ତା ମୃତଦେହ ଜବତ

**ଲାଞ୍ଜିଗଡ଼,୨୭।୧୨(ଡି.ଏନ.ଏ.)**

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ପାହାଡପଦର ପଞ୍ଚାୟତ ବରପଦର ଗାଁର ଲବ ମାଝି (୧୩)ଙ୍କ ମୃତଦେହ ତାଙ୍କ ନିଖୋଜର ୫ ଦିନ ପରେ ଶୁକ୍ରବାର ସକାଳୁ ଗାଁ ନିକଟ ଜଙ୍ଗଲ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ପୋଲିସ ଏହି ଘଟଣାରେ ତନାଘନା ଚଳାଇଛି। ଲବଙ୍କ କେମିତି ମୃତ୍ୟୁ ଘଟିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିବା ପରେ ଗଛରେ ଝୁଲାଇ ଦେଇଛନ୍ତି ସେ ନେଇ ପୋଲିସ ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁସାରେ ବରପଦର ଗାଁର ଲବ ଅଷ୍ଟମ ଶ୍ରେଣୀର ଛାତ୍ର। ଗତ ରବିବାର ସ୍କୁଲ ଛୁଟି ଥିବାରୁ ସେ ଖାଇବା ପରେ ବାହାରକୁ ଯାଇଥିଲେ। ସନ୍ଧ୍ୟା ପରେ ବି ସେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଏ ନେଇ ବ୍ୟସ୍ତ ହୋଇ ଖୋଜାଖୋଜି ଆରମ୍ଭ କରିଥିଲେ। ତଥାପି ତାଙ୍କର କୌଣସି ଖୋଜଖବର ମିଳି ନ ଥିଲା। ଏହାର ୫ ଦିନ ପରେ ଅର୍ଥାତ୍ ଶୁକ୍ରବାର ସକାଳୁ ଗାଁ ନିକଟ ଜଙ୍ଗଲର ଏକ ଗଛରେ ଲବଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଲବଙ୍କ ମୁଣ୍ଡରେ କ୍ଷତ ଚିହ୍ନଥିଲା । ଦେହସାରା ରକ୍ତ ଝରି ଜମାଟ ବାନ୍ଧି ସାରିଥିଲା। ମୃତଦେହ ଚିହ୍ନଟ ପରେ ଗ୍ରାମବାସୀ ଓ ତାଙ୍କ ପରିବାର ଲୋକେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିଲେ । କିଏ ଜଣେ ବ୍ୟକ୍ତି ତାଙ୍କୁ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ସନ୍ଦେହ କରିଥିଲେ। ଏ ନେଇ ପରିବାର ଲୋକେ ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବିଜେପୁର ଥାନାଧିକାରୀ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ତଦନ୍ତ ପରେ ସବୁ ଗୁମରର ପର୍ଦ୍ଦାଫାଶ ହେବ ବୋଲି ପୋଲିସ କହିଛି ।




## ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଭାନ୍, ଥାନାରେ ଏତଲା

**ଯୋଡ଼ା,୨୭।୧୨(ଡି.ଏନ.ଏ.):**କେନ୍ଦୁଝର ଜିଲା ଯୋଡା ସହରରେ ଥିବା ଦୁଇଟି ବ୍ୟାଙ୍କର ଦୁଇଜଣ ଗ୍ରାହକଙ୍କ ଆକାଉଣ୍ଟରୁ ୪ ଲକ୍ଷ ୬୫ ହଜାରରୁ ଅଧିକ ଟଙ୍କା ଉଭାନ୍ ହୋଇଯାଇଥିବା ନେଇ ଯୋଡା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଦୁଇଟି ପୃଥକ ମାମଲା (ନଂ ୨୨୪/୨୦୧୯ ଓ ୨୩୦/୨୦୧୯) ରୁଜୁ କରି ତଦନ୍ତ କରୁଥିବା ଯୋଡା ଥାନା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି। ଥାନାରେ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି ଯେ, ଝୁମ୍ପୁରା ଥାନା ଅନ୍ତର୍ଗତ ଗୁମୁରା ଅଞ୍ଚଳରେ ନିରଞ୍ଜନ ମହାନ୍ତଙ୍କର ବ୍ୟାଙ୍କ ଆକାଉଣ୍ଟରୁ ଗତ ମାସ ୧୮ ତାରିଖରୁ ଚଳିତମାସ ୧୮ ତାରିଖ ମଧ୍ୟରେ ୨ଲକ୍ଷ ୭୫ ହଜାର ୭୭୮ ଟଙ୍କା ଉଭାନ ହୋଇଯାଇଛି। ସେ ଏକଥା ଜାଣିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କୌଣସି ସୁଫଳ ନମିଳିବାରୁ ଶେଷରେ ସେ ଯୋଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଯୋଡାର ଗଜେନ୍ଦ୍ର ସିଂଙ୍କର ବ୍ୟାଙ୍କ ଆକାଉଣ୍ଟରୁ ଅନଲାଇନ ଜରିଆରେ ଦେଣନେଣ କାରବାର କରିବା ପରେ ସେଥିରୁ ୧ଲକ୍ଷ ୯୦ ହଜାର ଟଙ୍କା ଉଭାନ ହୋଇଯାଇଥିଲା। ସେ ଏ ସମ୍ପର୍କରେ ଜାଣିବାପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଭୋଜି ପାଇଁ ସ୍ଥାନ ଖୋଜୁଥିବା ବେଳେ ମିଳିଲା ୨ ମୃତଦେହ

**ବରଗଡ଼ ଅଫିସ,୨୭।୧୨**

- **ମୃତ ଯୁବତୀ ଯୁବକ ପ୍ରେମୀଯୁଗଳ ସନ୍ଦେହ**
- **ଘଟଣାସ୍ଥଳରୁ ପୂର୍ବରୁ ମିଳିଥିଲା ବାଇକ୍**
- **ମୃତ୍ୟୁର କାରଣକୁ ନେଇ କଳ୍ପନାଜଳ୍ପନା**

ବରଗଡ଼ ସଦର ଥାନା ଅନ୍ତର୍ଗତ ବଗେଇବିରା ନିକଟ କଜିଲିବିଜିଲି ପାହାଡ଼ରେ ଥିବା ବୈଷ୍ଣୋଦେବୀ ମନ୍ଦିର ପାଖରେ ବଣଭୋଜି (ପିକ୍‌ନିକ୍) ସ୍ପଟ ଖୋଜା ଚାଲିଥିବା ବେଳେ ଶୁକ୍ରବାର ଯୁବତୀଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକଦ୍ୱୟ ପ୍ରେମୀଯୁଗଳ ଏବଂ ଆଖପାଖ ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଗତ କିଛିଦିନ ତଳେ ସେହି ସ୍ଥାନ ନିକଟରୁ ପୋଲିସ ଏକ ବାଇକ ଜବତ କରିଥିଲା। ବାଇକ୍‌ଟି କର୍ଲାଜୁରୀ ଗ୍ରାମର ଜଣେ ବ୍ୟକ୍ତିଙ୍କର ବୋଲି ଅନୁମାନ କରାଯାଉଛି। ଉକ୍ତ ଗ୍ରାମର ଜଣେ ଯୁବକ ଗତ କିଛିଦିନ ହେବ ନିଖୋଜ ଅଛନ୍ତି । ମିଳିଥିବା ମୃତଦେହ ତାଙ୍କର ବୋଲି ଅନୁମାନ କରାଯାଉଛ। ସେହିପରି ମୃତା ଯୁବତୀ ଜଣକ ମଧ୍ୟ ଆଖପାଖ ଅଞ୍ଚଳର ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ମୃତ୍ୟୁର କାରଣ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି । ସମ୍ପୃକ୍ତ ଯୁବତୀ ଯୁବକ ଆତ୍ମହତ୍ୟା କରିଛନ୍ତି ନା ସେମାନଙ୍କୁ ହତ୍ୟା ପରେ ମୃତଦେହକୁ ସେଠାରେ ପକାଇ ଦିଆଯାଇଛି ତାର ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ ବରଗଡ଼ ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ମୃତଦେହ ଚିହ୍ନଟ ହୋଇପାରି ନାହିଁ। ପରିବାର ଲୋକେ ମୃତଦେହ ଚିହ୍ନଟ କଲାପରେ ଯାଇ ସେମାନଙ୍କ ପ୍ରକୃତ ଠିକଣା ଜଣାପଡ଼ିବ ବୋଲି ସେ କହିଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ତଦନ୍ତ ପରେ ସେମାନଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ବେହେରା କହିଛନ୍ତି ।

ସୂଚନା ଅନୁଯାୟୀ, ସ୍ଥାନୀୟ ଏକ ଗ୍ରାମର ଲୋକେ ଶୁକ୍ରବାର କଜିଳିବିଜିଲି ପାହାଡ଼ରେ ଥିବା ବୈଷ୍ଣୋଦେବୀ ମନ୍ଦିର ନିକଟକୁ ପିକ୍‌ନିକ୍ କରିବାକୁ ଆସିଥିଲେ। ସେମାନେ ଭୋଜି ପାଇଁ ପାହାଡ଼ରେ ଜାଗା ଖୋଜିବା ସମୟରେ ଯୁବତୀ ଯୁବକଙ୍କ ଗଳିତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜଗି ରହିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ତେବେ ମୃତଦେହର ଅବସ୍ଥା ଏବଂ ପାରିପାର୍ଶ୍ୱିକ ସ୍ଥିତିରୁ ଯୁବତୀଯୁବକଙ୍କ ମୃତ୍ୟୁ ଦୀର୍ଘଦିନରୁ ହୋଇଥିବା ଅନୁମାନ କରାଯାଉଛି। ଅପରପକ୍ଷେ ଗତ ନଭେମ୍ବର ୨୯ତାରିଖରୁ ଭଟଲି ଥାନା କର୍ଲାଜୁରୀ ଗ୍ରାମର ବଳିଷ୍ଠ ସାହୁଙ୍କ ପୁଅ ପରମେଶ୍ୱର ନିଖୋଜ ଅଛନ୍ତି। ତାଙ୍କ ନିଖୋଜକୁ ନେଇ ନଭେମ୍ବର ୩୦ତାରିଖରେ ପରମେଶ୍ୱରଙ୍କ କାକା ରାଧାକାନ୍ତ ଭଟଲି ଥାନାରେ ଅଭିଯୋଗ କରିଥିଲେ । ଏ ନେଇ ପୋଲିସ ଏକ ନିଖୋଜ ମାମଲା (ନଂ.୩୯/୧୯) ରୁଜୁ କରିଛି। ପରମେଶ୍ୱର ଏକ ଅର୍ଥ ଲଗାଣକାରୀ ସଂସ୍ଥାରେ କାମ କରୁଥିଲେ। ସେ ଗତ ୨୯ତାରିଖରେ ବାଇକ୍ ଧରି ଘରୁ ବାହାରିଥିଲେ। ହେଲେ ସେଦିନଠାରୁ ସେ ଘରକୁ ଫେରି ନ ଥିବାବେଳେ କଜିଳିବିଜିଲି ପାହାଡ଼ ନିକଟରୁ ତାଙ୍କ ବାଇକ୍ ମିଳିଥିଲା। ଫଳରେ କଜିଳିବିଜିଲି ପାହାଡ଼ରେ ପଡ଼ିଥିବା ଯୁବତୀ ଯୁବକଙ୍କ ମୃତଦେହ ଘଟଣାରେ ଏହାର ସମ୍ପର୍କ ରହିଥିବା ଅନୁମାନ କରାଯାଉଛି। ମୃତଦେହ ଚିହ୍ନଟ ପାଇଁ ପରମେଶ୍ୱରଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି ବୋଲି ପୋଲିସ କହିଛି।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର: ଅଭିଯୁକ୍ତ ଗିରଫ

**ଲହୁଣୀପଡ଼ା/ବଣାଇ, ୨୭।୧୨(ଡି.ଏନ.ଏ/ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ଉପଖଣ୍ଡ କେ.ବଲାଙ୍ଗ ଥାନା ଗୌଡୁଣିପୋଷ ଝରାସାହି ଅଞ୍ଚଳରେ ଘଟିଛି ଲଜ୍ଜାଜନକ ଘଟଣା। ମା' ଓ ବାପାଙ୍କ ପାଖରେ ଶୋଇଥିବା ନାବାଳିକା (୮)ଙ୍କୁ ଜଣେ ଯୁବକ କୌଶଳ କ୍ରମେ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଶୁକ୍ରବାର ଅଭିଯୁକ୍ତ ବଡରମା ଗ୍ରାମର ଅଭିନାଶ ଟପ୍ପୋ(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ବୁଧବାର ରାତିରେ ମା'ବାପା ପାଖରେ ନାବାଳିକା ଶୋଇଥିଲେ। ମାଆର ନିଦ ଭାଙ୍ଗିବା ପରେ ନାବାଳିକାକୁ ପାଇ ନ ଥିଲେ। ସ୍ୱାମୀଙ୍କୁ ଉଠାଇ ଝିଅ କୁଆଡେ ଗଲା ବୋଲି ଅନ୍ଧାରରେ ଖୋଜିଥିଲେ। ନ ପାଇବାରୁ ଗ୍ରାମବାସୀଙ୍କ ସହାୟତାରେ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ନାବାଳିକା ଚିତ୍କାର କରୁଥିବା ସ୍ଥାନକୁ ଠେଙ୍ଗାବାଡି ଧରି ଗ୍ରାମବାସୀ ପହଞ୍ଚିବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ଗୁରୁବାର ସକାଳେ କେ.ବଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଜନସାଧାରଣଙ୍କ ଆଢୁଆଳରେ ବଣାଇ କୋର୍ଟ ଚାଲାଣ କରିଛି। ଏନେଇ ଭାରତୀୟ ଦଣ୍ଡବିଧି ଆଇନ ଦଫା ୪୫୭/୩୬୩/୩୭୬(କ)(ଖ)/୫୦୬/ ୪ ଏବଂ ୬ ପୋକ୍‌ସୋ ଆଇନରେ ମାମଲା ରୁଜୁ କରାଯାଇଛି।



ଅଭିଯୁକ୍ତ ଅଭିନାଶ ଟପ୍ପୋଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ସମଗ୍ର ପୃଥିବୀ ତୁମ ପାଇଁ ପରିବର୍ତ୍ତନ ହେବ ନାହିଁ, ତୁମେ ନିଜକୁ ହିଁ ପରିବର୍ତ୍ତନ କରିବାକୁ ପଡ଼ିବ। -ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ସ୍କୁଲ ସ୍ଥିତି ପରଖିଲା ମୋ ସ୍କୁଲ ଅଭିଯାନ କମିଟି

ପାଇକମାଳ, ୨୭।୧୨ (ଡି.ଏନ.ଏ)
ମୋ ସ୍କୁଲ ଅଭିଯାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସ୍ଥିତିକୁ ବ୍ଲକ ସ୍ତରୀୟ କମିଟିର ସଦସ୍ୟମାନେ ପରଖିଛନ୍ତି। ଏହି କ୍ରମରେ ଶୁକ୍ରବାର କମିଟି ସଦ୍ୟମାନେ ଯମୁନା କନ୍ଧୁଣୀ ବାଳିକା ହାଇସ୍କୁଲରେ ପହଞ୍ଚିଥିଲେ ଏବଂ ସେଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା କରିଥିଲେ । ସବୁ ପ୍ରକଳ୍ପ ଗୁଡିକୁ ଯଥା ଶୀଘ୍ର କରିବା ପାଇଁ କମିଟି ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡାଙ୍କୁ ପରାମର୍ଶ ଦେଇଥିଲା। ବ୍ଲକସ୍ତରୀୟ କମିଟିରେ ବିଡିଓ ସଦାଶିବ ନାୟକ, ବିଇଓ ଚୂଡାମଣି ବାରିକ, ଏବିଇଓ ସୁରେନ୍ଦ୍ର ପୁରୋହିତ, ଘନଶ୍ୟାମ ବେହେରା, ମହାଦେବ ବେହେରା ପ୍ରମୁଖ ଉପସ୍ଥିତ ସାମିଲ ହୋଇଥିଲେ ।

### ଓଲଟିଲା କାର୍, ଅଳ୍ପକେ ବର୍ତ୍ତିଲେ ଚାଳକ

ପୁରୁଣାକଟକ,୨୭।୧୨(ଡି.ଏନ.ଏ)
ବୌଦ୍ଧ ଜିଲା ପୁରୁଣାକଟକରୁ ଧଳପୁର ଯାଇଥିବା ପୂର୍ତ୍ତ ରାସ୍ତାର ତିଲେଶ୍ୱର ପଞ୍ଚାୟତ ଖଣ୍ଡହତା ଗ୍ରାମ ନିକଟରେ ଶୁକ୍ରବାର ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଗାଡିଚାଳକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି । ସୂଚନା ଅନୁସାରେ, ପୁରୁଣାକଟକରୁ ଏକ କାର୍ (ନଂ.ଓଡି୩୩ଏମ/୬୩୪୦) ଧଳପୁର ଇଣ୍ଡିଆନ ବ୍ୟାଙ୍କରେ ମ୍ୟାନେଜରଙ୍କୁ ଛାଡି ଫେରୁଥିବା ବେଳେ ଭାରସାମ୍ୟ ହରାଇ ଖଣ୍ଡହତା ଛକ ନିକଟରେ ରାସ୍ତା କଡକୁ ଓଲଟି ପଡିଥିଲା । ସେଠାରେ ଉପସ୍ଥିତ ଥିବା ଲୋକେ ଗାଡିରୁ ଡ୍ରାଇଭରଙ୍କୁ ବାହାର କରିବା ସହିତ ପୁରୁଣାକଟକ ପୋଲିସକୁ ଖବର ଦେଇଥିଲେ । ଡ୍ରାଇଭର ଜଣକ ସାମାନ୍ୟ ଆହତ ହୋଇଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

### ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ମରଣଯନ୍ତା

ଘଣ୍ଟାପଡା, ୨୭।୧୨ (ଡି.ଏନ.ଏ)
କଣ୍ଟାମାଳ ବ୍ଲକ ପିଡ୍ଡୁଡି ରାସ୍ତା (ଏସଏଚ-୪୧)ଠାରୁ ସିମିଲିଯୋରା, ନାରାୟଣପ୍ରସାଦ, ଦେଦେନମାଲ, ଆମ୍ବଗାଁ ପର୍ଯ୍ୟନ୍ତ ୮ କିମି ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଶୋଚନୀୟ ହୋଇପଡିଛି । ରାସ୍ତାସାରା ଖାଲଢିପ ହୋଇଥିବାରୁ ଯାତାୟାତ ବେଳେ ଅସୁବିଧା ହେଉଛି । ସେହି ରାସ୍ତା ଅତ୍ୟଧିକ ଖରାପ ଥିବାରୁ ଛାତ୍ରୀଛାତ୍ର ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ରାସ୍ତା ମରାମତି କରିବା ପାଇଁ ଆଦିବାସୀ ନେତା ସାମନ୍ତ ମାଝୀ ଦାବି ଜଣାଇଛନ୍ତି ।

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ

# କ୍ଷତିଗ୍ରସ୍ତ ପ୍ରଜା ସଂଗ୍ରାମ ସମିତିର ବିକ୍ଷୋଭ

## ବର୍ତ୍ତମାନ ବଜାର ଦର ଆଧାରରେ କ୍ଷୟକ୍ଷତି ଦେବାକୁ ଦାବି

ବୌଦ୍ଧ,୨୭।୧୨(ସ୍ୱ.ପ୍ର)
ଖୋର୍ଦ୍ଧା ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲାରେ ୧୦୭ କିଲୋମିଟର ରେଳପଥ ନିର୍ମାଣ ହେବାକୁ ଥିବାବେଳେ ଏହାର ଜମି ଅଧିଗ୍ରହଣ ପ୍ରକ୍ରିୟା ଆଗେଇ ପାରୁନାହିଁ। ଖୋର୍ଦ୍ଧା ପଟୁ ମହିପୁର ଓ ବଲାଙ୍ଗୀର ପଟୁ ତରଭା ପର୍ଯ୍ୟନ୍ତ ରେଳପଥ ନିର୍ମାଣ ସରିଥିବାବେଳେ ବୌଦ୍ଧ ଜିଲାରେ ସର୍ବାଧିକ ପ୍ରକଳ୍ପ କାର୍ଯ୍ୟ ପଛୁଆ ରହିଛି। ଶୁକ୍ରବାର କ୍ଷତିଗ୍ରସ୍ତ ପ୍ରଜା ସଂଗ୍ରାମ ସମିତିର ଆବାହକ ପ୍ରଦୋଷ କୁମାର ମିଶ୍ର, ସଭାପତି ସଲିଳ କୁମାର ଭୋକ୍ରା ଓ ସମ୍ପାଦକ ଜନ୍ମେଜୟ ପ୍ରଧାନଙ୍କ ନେତୃତ୍ୱରେ ପ୍ରକଳ୍ପ କ୍ଷତିଗ୍ରସ୍ତ ପ୍ରଜାମାନେ ସହରର ରାମେଶ୍ୱର ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ବୌଦ୍ଧରେ ୨୨୭୦ ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ଆବଶ୍ୟକ ପ୍ରସ୍ତୁତି ଚାଲିଥିବାବେଳେ କ୍ଷତିଗ୍ରସ୍ତ ପ୍ରଜାମାନେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଆନ୍ଦୋଳନ ଆରମ୍ଭ କରିଛନ୍ତି । ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ୧୦୦୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ବାସହରା ହେବାକୁ ଯାଉଥିବାବେଳେ ସେମାନଙ୍କ ଥଇଥାନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା ନାହିଁ । କେନ୍ଦ୍ର ସରକାରଙ୍କ ଜମି ଅଧିଗ୍ରହଣ ଆଇନ ୨୦୧୩ ଓ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ ଆଇନ ୨୦୧୬ ପ୍ରକାରେ କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା । କିନ୍ତୁ ଜମିର ସରକାରୀ ମୂଲ୍ୟ (ବେଞ୍ଚମାର୍କ ଭେଲ୍ୟୁ) ବହୁତ କମ୍ ଥିବାରୁ ପ୍ରଜାମାନଙ୍କ ଜମିକୁ ଶାଗମାଛ ଦରରେ କ୍ଷତିପୂରଣ ପ୍ରଦାନ କରାଯାଉଥିବା କ୍ଷତିଗ୍ରସ୍ତ ପ୍ରଜାମାନେ ଅଭିଯୋଗ କରିଛନ୍ତି। ତେଣୁ ଜମିର ବଜାର ମୂଲ୍ୟକୁ ଆକଳନ କରି ଜମି ମାଲିକମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି । ଏ ନେଇ ଏକ ଦାବିପତ୍ରକୁ ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକଙ୍କୁ ପ୍ରଦାନ କରାଯାଇଥିଲା।



କ୍ଷତିଗ୍ରସ୍ତ ପ୍ରଜାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।



ପ୍ରାର୍ଥନା ସଭାରେ ମୁଖ୍ୟଅତିଥି ବକ୍ତବ୍ୟ ରଖୁଛନ୍ତି ।

# ସିଏନ୍‌ଆଇ ଚର୍ଚ୍ଚରେ ପ୍ରାର୍ଥନା ସଭା

ବରଗଡ଼ ଅଫିସ୍,୨୭।୧୨
ବରଗଡ଼ ଗାନ୍ଧୀନଗର ସିଏନଆଇ ଚର୍ଚ୍ଚରେ ଗୁରୁବାର ପ୍ରାର୍ଥନାସଭା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଝାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଶାନ୍ତି, ପ୍ରେମର ବାର୍ତ୍ତା ଶୁଣାଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଅପର୍ଣ୍ଣା କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରେଣୁ ଦାସଶର୍ମା ପ୍ରଭୁଙ୍କ ବାକ୍ୟ ପରିବେଷଣ କରିଥିଲେ। ସିଏନଆଇ ଚର୍ଚ୍ଚର ସମ୍ପାଦକ ଚନ୍ଦ୍ରଶେଖର ବାଗ ଉପସ୍ଥିତ ରହି ପ୍ରମୁଖ ଦାୟିତ୍ୱ ସମ୍ପାଦନ କରିଥିବାବେଳେ କୁମୁଦିନୀ ବାଗ ଶେଷ ପ୍ରାର୍ଥନା କରିଥିଲେ। ସେହିପରି ରେଭେରେନ ଏସ. ଗ୍ରାଭିଏଲ(ଆମେରିକା)ଙ୍କ ଆଶିଷ ପ୍ରାର୍ଥନା ପରେ ପ୍ରାର୍ଥନା ସଭା ଉଦ୍‌ଯାପିତ ହୋଇଥିଲା । ଅମୂଲ୍ୟ ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

## ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ

# ଫୁଲବାଣୀ ସେମିକୁ ଉନ୍ନୀତ

ପୁରୁଣାକଟକ,୨୭।୧୨(ଡି.ଏନ.ଏ)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ତିଲେଶ୍ୱରଠାରେ ବଜାର ଆସୋସିଏଶନ ଓ ଫ୍ରେଣ୍ଡସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ୧୯ ତମ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟର ଗ୍ରୁପ ବି ପ୍ରଥମ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଯାଜଦାନୀ କ୍ଲବ ୭୩ ଭୁବନେଶ୍ୱର ଓ ଫୁଲବାଣୀ ଫୁଟବଲ ଆସୋସିଏଶନ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ରେ ନିର୍ଦ୍ଧାରିତ ସମୟ ଭିତରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇ ପାରି ନ ଥିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ଫୁଲବାଣୀ ଦଳ ୪-୩ ଗୋଲରେ ଭୁବନେଶ୍ୱରକୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ବୌଦ୍ଧ ଆରକ୍ଷୀ ଅଧୀକ୍ଷକ ୱାଇ. ରଘୁନାଥ ରାଓ ମୁଖ୍ୟଅତିଥି, ସରପଞ୍ଚ ଦିଲୀପ ପ୍ରଧାନ, ଲୁଣିବାହାଲ ସେବା ସମବାୟ ସମ୍ପାଦକ ସଞ୍ଜୀବ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟ ରେଫରି ଭାବେ ସତ୍ୟନାରାୟଣ ମୁଖି ଖେଳ ପରିଚାଳନା କରିଥିଲେ। ଶ୍ୟାମସୁନ୍ଦର ଶାହା, ସରୋଜ କୁମାର ମୁନି, ସୁନୀଲ କୁମାର ବେହେରା, ରଞ୍ଜନ ଯୋଶୀ ଲାଇନମ୍ୟାନ ଭାବେ କାର୍ଯ୍ୟ ତୁଲାଇଥିଲେ । ଆସୋସିଏଶନ ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ଶୁଭ୍ରଜିତ ପ୍ରଧାନ, ଶିମୁନ ନାଏକ, ପିତାମ୍ବର ବେହେରା, ବିଜ୍ଞାନ କର୍ଣ୍ଣ, ନାରାୟଣ ମହାନ୍ତି, କୈଳାସ ଚନ୍ଦ୍ର ରଥ, କାଳିଆ ବେହେରାଙ୍କ ସମେତ କାର୍ଯ୍ୟକାରିଣୀର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଶନିବାର ଗ୍ରୁପ ବି ର ୨ୟ ମ୍ୟାଚ ମହିନ୍ଦ୍ରା ଏଣ୍ଡ ମହିନ୍ଦ୍ରା କ୍ଲବ ନୂଆପଡା ବନାମ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।



ଅତିଥିଙ୍କ ସହ ଖେଳାଳିମାନେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ଭଧାରିଣୀ ଆଉ କ୍ଷୀର ଦିଆ**
**ଗୁରୁପତ୍ନୀ ଆଉ ସାବତ ମାଆ**
**ମାଈ, ବ୍ରାହ୍ମଣୀ ଧାଈ ଆଉ ଗାଈ**
**ଶାସ୍ତ୍ରେ ଏମାନଙ୍କୁ ଜନନୀ କହି ।**

ଯିଏ ସନ୍ତାନଙ୍କୁ ଗର୍ଭରେ ଧାରଣ କରିଥାଏ, କ୍ଷୀରପାନ କରାଇଥାଏ ସେ ମା' ହୋଇଥାଏ । ଗୁରୁଙ୍କ ପତ୍ନୀ, ସାବତ ମାଆ, ମାଈଁ ତଥା ଧାଈ ଏ ସମସ୍ତେ ମାତୃତୁଲ୍ୟ ହୋଇଥାନ୍ତି। ସେହିପରି ଗାଈକୁ ଗୋମାତା ଭାବେ ପୂଜା କରାଯାଇଥାଏ। ଶାସ୍ତ୍ର ମତରେ ଏମାନେ ଜନନୀ ପଦବାଚ୍ୟ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଗୋଠ ସୁସାର ଥିଲେ**
**ଗାଈ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ରହିଥାଏ ସେଇଠି ମନ ଅକ୍ଳେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଅନାବିଳ ସ୍ନେହ ଶ୍ରଦ୍ଧା ପାଶେ ମନ ବନ୍ଧା ପଡ଼ିଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# କ୍ରିକେଟ ଟୁର୍ନାମେଣ୍ଟ: ପଦ୍ମନପୁର, ବଲାକିରା ବିଜୟୀ

ଜହ୍ନାପଙ୍କ, ୨୭।୧୨ (ଡି.ଏନ.ଏ)
ବୌଦ୍ଧ ଜିଲା ଜହ୍ନାପଙ୍କ ମେଡିକାଲ ପଡିଆରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ସପ୍ତମ ଦିବସ ମ୍ୟାଚ୍‌ରେ ପଦ୍ମନପୁର ଓ ବଲାକିରା ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ ପଦ୍ମନପୁର ଓ ବୁରକଟା ଦଳ ମଧ୍ୟରେ ହୋଇଥିଲା। ପଦ୍ମନପୁର ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ୧୨ ଓଭରରେ ୨ ଉଇକେଟ ହରାଇ ୧୬୭ ରନ କରିଥିଲଶ । ଦଳ ପକ୍ଷରୁ ବିଘ୍ନରାଜ ତରିଆ ୪୬ ବଲରେ ୧୪ ଛକା ଓ ୬ ଚୌକା ସାହାଯ୍ୟରେ ବ୍ୟକ୍ତିଗତ ୧୧୩ ରନ କରି ଅପରାଜିତ ଥିଲେ। ଜବାବରେ ବୁରକଟା ଦଳ ୭.୨ ଓଭରରେ ସମସ୍ତ ଉଇକେଟ ହରାଇ ୬୦ ରନ କରିଥିଲା। ଫଳରେ ପଦ୍ମନପୁର ୧୦୭ ରନରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ଖୁଣ୍ଟିଆପଡା ଓ ବଲାକିରା ମଧ୍ୟରେ ହୋଇଥିଲା । ଖୁଣ୍ଟିଆପଡା ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୯ ଉଇକେଟ ହରାଇ ୯୦ ରନ କରିଥିଲା । ଜବାବରେ ବଲାକିରା ୬.୫ ଓଭରରେ ୨ ଉଇକେଟ ହରାଇ ୯୧ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଗୁଗୁନ ଦୀପ ସର୍ବାଧିକ ୫୧ ରନ କରି ଅପରାଜିତ ଥିଲେ । ସ୍କୋରର ଭାବେ ମକୁନ୍ଦ ଗଡନାଏକ ଓ ଶିବାନନଦ ମିଶ୍ର ଦାୟିତ୍ୱ ତୁଲାଇଥିଲେ । ଶାନ୍ତନୁ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ ।

# ସିନ୍ଦୂରପୁର ଗ୍ରାମ୍ୟ ଜଙ୍ଗଲରୁ ବହ୍ଲା ଜବତ

କଣ୍ଟାମାଳ/ମନମୁଣ୍ଡା,୨୭।୧୨ (ଡି.ଏନ.ଏ)
ବୌଦ୍ଧ ଜିଲା ମନମୁଣ୍ଡା ରେଞ୍ଜର ସିନ୍ଦୁରପୁର ଗ୍ରାମ୍ୟ ଜଙ୍ଗଲରୁ ଶୁକ୍ରବାର ୪୨ ଖଣ୍ଡ ବହ୍ଲା ଜବତ କରାଯାଇଛି। ଏ ସମ୍ପର୍କରେ ମନମୁଣ୍ଡା ରେଞ୍ଜ୍‌ରେ ଏକ ମାମଲା (ନଂ.୧୬/୧୯) ରୁଜୁ କରି ତଦନ୍ତ ଚାଲିଥିବା ରେଞ୍ଜର ନାରାୟଣ ସ୍ୱାଇଁ ପ୍ରକାଶ କରିଛନ୍ତି। ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଗ୍ରାମ୍ୟ ଜଙ୍ଗଲରୁ ଗଛ କାଟୁଥିବା ଜାଣିପାରି ଗ୍ରାମବାସୀ ଘେରାଉ କରିଥିଲେ। ଦୁର୍ବୃତ୍ତ ଜଣକ ଫେରାର ହୋଇଯିବା ପରେ ଗ୍ରାମବାସୀ ସେହି ବହ୍ଲାକୁ ଜଗି ରହି ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ । ରେଞ୍ଜର ସ୍ୱାଇଁ ଘଟଣାସ୍ଥଳକୁ ଆସି ଉକ୍ତ ବହ୍ଲାକୁ ଜବତ କରିଥିଲେ । ଶାଳ, ଚାର ଓ ଆକାଶିଆ ଗଛକୁ ହାଣି ଏହି ବହ୍ଲା ଜଙ୍ଗଲ ଜମିରେ ରଖାଯାଇଥିଲା । ଜବତ କାଠକୁ ମନମୁଣ୍ଡା ରେଞ୍ଜ କାର୍ଯ୍ୟାଳୟକୁ ନିଆଯାଇଛି ।



ଜବତ ହୋଇଥିବା କାଠ।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000)
ଲକ୍ଷ ଋଣ ଉପଲବ୍ଧ।
Contact
9716825082

FINANCE
ସରକାରୀ ଯୋଜନା ଦ୍ୱାରା
All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

SUCCESS
DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର ।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଲଖମରାରେ ରୋଗୀ କଲ୍ୟାଣ ସମିତି ବୈଠକ

ପାଇକମାଳ, ୨୭।୧୨ (ଡି.ଏନ.ଏ) ଲଖମରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ଏକ ବୈଠକ ସଭାପତି ତଥା ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପାଇକମାଳ ଏବିଡିଓ ପ୍ରଦୀପ ଭୋଇ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା. ନାରାୟଣ ପଶାୟତ, ପିଏଚ୍‌ଇଓ ତୁଷ କୁମାର ଚନ୍ଦ୍ରକାର, ବିପିଏମ ବିଜୟ ସରାଫ, ଏମଓ ଡା. ଅତିସ କୁମାର ପୁଞ୍ଜି, ଏମ୍‌ଓ ଡା. ଭାରତୀ ଗିରି, ଫାର୍ମାସିଷ୍ଟ ଦଳଗୋବିନ୍ଦ ସେଠ, ସୌଦାମିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

### ସଂକ୍ରୀଡ଼ା ଯୁବ ବାହିନୀ କ୍ରିକେଟ

ଭେଡ଼େନ, ୨୭।୧୨(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ଅନ୍ତର୍ଗତ ସଂକ୍ରୀଡ଼ା ଠାରେ ବିଜୁ ଯୁବ ବାହିନୀ ପକ୍ଷରୁ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ପ୍ରଥମ ମ୍ୟାଚରେ ସଂକ୍ରୀଡ଼ା ଦଳ ଝରାପାଲି ମାର୍କେଟ ଦଳକୁ ୯ ରନରେ ପରାସ୍ତ କରିଛି । ସେହିପରି ଦ୍ୱିତୀୟ ମ୍ୟାଚରେ ଲୋଇସିରା ଦଳ ଟାଙ୍ଗରପାଲି ଦଳକୁ ୭ଉଇକେଟରେ ଏବଂ ତୃତୀୟ ମ୍ୟାଚରେ ସାରସ ପାଲି ଦଳ ଝରାପାଲିକୁ ୭ ଉଇକେଟରେ ହରାଇ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି। ଯୋଗେଶ ଶର୍ମା, ହିମାଂଶୁ ହୋତା, ସଚିନ ପୁରୋହିତ, ଲୁନା ହୋତା, ସତ୍ୟଜିତ ପୁରୋହିତ ଦିଲୀପ ଭୋସାଗର ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

### ଅମ୍ବାଭୋନାରେ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର

ଅମ୍ବାଭୋନା, ୨୭।୧୨ (ଡି.ଏନ.ଏ) ଅମ୍ବାଭୋନା ବ୍ଲକ ସଭା ଗୃହରେ ଶୁକ୍ରବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପ୍ରକଳ୍ପ, ଖର୍ଚ୍ଚ ହୋଇଥିବା ଅନୁଦାନ ଉପରେ ଜନଶୁଣାଣି ହୋଇଥିଲା। ଏହି ଶିବିରରେ ବରଗଡ ଏପିଡି ଦୌଲତ ଚନ୍ଦ୍ରକାର, ଜିଲା ସମାଜ ମଙ୍ଗଳ ଅଧିକାରୀ ଆନନ୍ଦ ପଧାନ, ସହକାରୀ ଯନ୍ତ୍ରୀ ସୁଶ୍ରୀ ରଶ୍ମିତା ନାୟକ, ପ୍ରୋଗ୍ରାମ ଅଫିସର ମହିମା ସାହୁ, ବ୍ଲକ ପ୍ରକଳ୍ପ ସଂଯୋଜକ ସରୋଜ ପାତ୍ର ପ୍ରମୁଖ ଅଭିଯୋଗ ଉପରେ ଆଲୋଚନା କରିଥିଲେ। ବ୍ଲକ ପ୍ରକଳ୍ପ ସଂଯୋଜକ ୨୦୧୮-୧୯ ଆର୍ଥିକ ବର୍ଷର ଏମଜିଏନଆରଇଜିଏସ୍ ଯୋଜନାର ଖର୍ଚ୍ଚ ବିବରଣୀ ପଠନ କରିଥିଲେ । ଶେଷରେ ମହିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।





ବରଗଡ଼ ଜିଲା ଅତାବିରା ବ୍ଲକ ଲହଣ୍ଡା ମଣ୍ଡିରେ ଖୋଲା ଆକାଶ ତଳେ ରହିଥିବା ଧାନ (ବାମ) । ଚାଷୀ ପ୍ରତିନିଧିମାନେ ସିଏସଓଙ୍କୁ ଭେଟି ଦାବି ଉପସ୍ଥାପନ କରୁଛନ୍ତି।

# ମଣ୍ଡିରୁ ଉଠୁନି ଧାନ, ମିଲର୍ସଙ୍କୁ ଅନୁକମ୍ପା

ବରଗଡ଼ ଅଫିସ୍,୨୭।୧୨

ବରଗଡ଼ ଜିଲାରେ ଧାନ କିଣାବିକା ଅନିୟମିତତା ସାଧାରଣରେ ପରିଣତ ହୋଇଛି। ଧାନର ଅଭାବୀ ବିକ୍ରି, ମଲର୍ସଙ୍କ ମର୍ଜିରେ ଧାନକିଣା, ମଣ୍ଡିରେ କଟନୀଛଟନୀ ଭଳି ଅଭିଯୋଗ ନିତିଦିନିଆ ଘଟଣା ହୋଇପଡ଼ିଛି। ହେଲେ ସେଭଳି ଅଭିଯୋଗ ଉପରେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅନ୍ୟପଟେ ଧାନ କିଣାବିକାରେ ଚାଷୀଙ୍କ ବଦଳରେ ମିଲର୍ସଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି। ବରଗଡ଼ ଜିଲାର ଧାନ କିଣାବିକା ସରି ନ ଥିବବେଳେ ଜିଲାର ମିଲର୍ସମାନଙ୍କୁ ଧାନ ଉଠାଇବା ପାଇଁ ବାହ୍ୟଜିଲାରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଜିଲାର ଏକ ଚାଷୀ ପ୍ରତିନିଧି ଦଳ ସିଏସ୍‌ଓ ଦୁର୍ଗାଚରଣ ଭେସ୍ରାଙ୍କୁ ଭେଟି ଫେରାଦ ହୋଇଥିଲେ । ଏ ସମ୍ପର୍କରେ ସିଏସଓ ଭେସ୍ରାଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୧୨୭୭୪୬ରେ ଯୋଗାଯୋଗ କରାଯାଇଥିଲା, ମାତ୍ର ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା ।

ବରଗଡ଼ ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ୧୧୪ ମିଲର୍ସଙ୍କୁ ସାମିଲ କରାଯାଇ ଥିବାବେଳେ ୧୧୨ ମିଲର୍ସଙ୍କ ଚୁକ୍ତିନାମା ସମ୍ପୂର୍ଣ୍ଣ ହୋଇଛି। ଧାନ କିଣାବିକାରେ ଜିଲାର ଏତେ ସଂଖ୍ୟକ ମିଲର୍ସଙ୍କୁ ନିୟୋଜିତ କରାଯାଇ ଥିଲେ ସୁଦ୍ଧା ସ୍ଥାନୀୟ ମଣ୍ଡି ଗୁଡ଼ିକରୁ ଆଶାନୁରୂପ ଧାନ ଉଠାଯାଉନାହିଁ । ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି । ଏପରିକି ପଦ୍ମପୁର ଉପଖଣ୍ଡ ଅଧୀନ ମଣ୍ଡି ଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି । ଫଳେ ସେହି ଅଞ୍ଚଳର ମଣ୍ଡି ଗୁଡ଼ିକରେ ୮ଲକ୍ଷରୁ ଉର୍ଦ୍ଧ୍ୱ ପ୍ୟାକେଟ୍ ଧାନ ଖୋଲା ଆକାଶତଳେ ପଡ଼ି ରହିଛି । ସେହିପରି ବରଗଡ଼ ଉପଖଣ୍ଡ ମଣ୍ଡି ଗୁଡ଼ିକରେ ଅନୁରୂପ ଭାବେ ବିକ୍ରି ଅପେକ୍ଷାରେ ଧାନ ପଡ଼ି ରହିଛି । ଦୂରତା ଆଳ ଦେଖାଇ ପଦ୍ମପୁର ଉପଖଣ୍ଡ ମଣ୍ଡି ଗୁଡ଼ିକୁ ମିଲର୍ସ ଯାଉ ନ ଥିବାବେଳେ କଟନୀଛଟନୀ ଆଳ ଦେଖାଇ ବରଗଡ଼ ଉପଖଣ୍ଡର ମଣ୍ଡି ଗୁଡ଼ିକରୁ ସେମାନେ ଧାନ ଉଠାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଆଉ ୪ଦିନ ପରେ ଜିଲାର ଧାନ କିଣାବିକା ପ୍ରକ୍ରିୟାକୁ ୨ମାସ ବିତିବାକୁ ଥିବାବେଳେ ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସ୍ୱାଭାବିକ ହୋଇପାରି ନାହିଁ। ଏଭଳିସ୍ଥଳେ ଏଠାକାର ମିଲର୍ସଙ୍କୁ ବାହ୍ୟ ଜିଲାର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଉଛି ।

- ଜିଲାରେ ସରିନାହିଁ ଧାନ କିଣାବିକା
- ବାହ୍ୟଜିଲାରୁ ଧାନ କିଣିବେ ମିଲର୍ସ
- ବଡ଼ ଧରଣର ଡିଲ୍‌କୁ ନେଇ ସନ୍ଦେହ
- ସିଏସଓଙ୍କୁ ଭେଟିଲେ ଚାଷୀ ପ୍ରତିନିଧି

ମିଳିଥିବା ଖବର ଅନୁଯାୟୀ, ବରଗଡ଼ ଜିଲାର ୧୫ ମିଲର୍ସଙ୍କୁ ଖୋର୍ଦ୍ଧା ଏବଂ ୮ ମିଲର୍ସଙ୍କୁ ବୌଦ୍ଧ ଜିଲାରୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେବାକୁ ମସୁଧା ଚାଲିଛି । ବରଗଡ଼ ଜିଲାରୁ ଆଶାନୁରୂପ ଭାବେ ଧାନ ଉଠାଯାଉ ନ ଥିବାବେଳେ କେଉଁ ସ୍ୱାର୍ଥରେ ସମ୍ପୃକ୍ତ ମିଲର୍ସଙ୍କୁ ବାହ୍ୟ ଜିଲାରେ ନିୟୋଜିତ କରାଯାଉଛି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କେବଳ ସେତିକି ନୁହେଁ, ଯେଉଁ ମିଲର୍ସଙ୍କୁ ସେହି ଧାନ କିଣାବିକାରେ ସାମିଲ କରାଯାଉଛି, ସେମାନଙ୍କ ମଧ୍ୟରୁ କେତେକ ଧାନ ସଂଗ୍ରହ ନୀତି ଅନୁଯାୟୀ ଏପର୍ଯ୍ୟନ୍ତ ପୂର୍ବରୁ ଉଠାଇଥିବା ଧାନ ବଦଳରେ ଚାଉଳ ଜମା ଦେଇ ପାରି ନ ଥିବା ଆଲୋଚନା ହେଉଛି । ଏଥିରେ ବିଭାଗୀୟ ସ୍ତରରେ ତଳୁ ଉପର ପର୍ଯ୍ୟନ୍ତ ଏକ ବଡ଼ ଧରଣର ଡିଲ୍ ହୋଇଛି ଏବଂ ଏହା ସରକାରଙ୍କ ୫-ଟି ଯୋଜନାକୁ ପଦାରେ ପକାଇ ଦେଇଛି ବୋଲି ଚର୍ଚ୍ଚା ଚାଲିଛି । ଏହା ଜଣାପଡ଼ିବା ପରେ ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ର, ହର ବଣିଆ, ସୁଶୀଲ ସାହୁ, ନିରଞ୍ଜନ ପ୍ରଧାନ, ବିଶ୍ୱ ସା ପ୍ରମୁଖ ସିଏସଓ ଭେସ୍ରାଙ୍କୁ ଶୁକ୍ରବାର ଭେଟିଛନ୍ତି। ଜିଲାରେ କଟନୀଛଟନୀ ପ୍ରକ୍ରିୟା ବନ୍ଦ କରିବା ସହିତ ବରଗଡ଼ ଜିଲାର ସମସ୍ତ ଧାନ ଉଠା ନ ଯିବା ପର୍ଯ୍ୟନ୍ତ ସ୍ଥାନୀୟ ମିଲର୍ସଙ୍କୁ ଅନ୍ୟ ଜିଲାରେ ନିୟୋଜିତ ନ କରିବା ପାଇଁ ସେମାନେ ଦାବି ଉପସ୍ଥାପନ କରିଛନ୍ତି । ଏହାର ଖିଲାପ କରାଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

### ଫାଇନାଲରେ ରାୟପୁର ରିଆଜ ଦଳ

ଭଟଲି,୨୭।୧୨(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ବ୍ଲକ ନୂଆଗଡ଼ସ୍ଥିତ ଲକ୍ଷ୍ମୀ ନାରାୟଣ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଚତୁର୍ଥ ରାଜା ବଲରାମ ଦେଓ କ୍ରିକେଟ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ରାୟପୁର ରିଆଜ ଏକାଡ଼େମୀ ପ୍ରତିପକ୍ଷ ସମ୍ବଲପୁରର ଜେସିସିକୁ ୩୬ରନ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛି । ସମ୍ବଲପୁର ଦଳ ଟସ ଜିଣି ରାୟପୁରକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ରାୟପୁର ଦଳ ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୦ରନ୍ ସଂଗ୍ରହ କରିଥିଲା । ଦଳର ତନ୍ମୟ ଶର୍ମା ସର୍ବାଧିକ ୪୯ରନ୍ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜବାବରେ ସମ୍ବଲପୁର ଦଳ ୧୮.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୪ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ରାୟପୁର ଦଳର ପ୍ରଭାସ ୨.୧ ଓଭର ବୋଲିଂ କରି ୮ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ । ମହମ୍ମଦ ଇସାକ୍, ପ୍ରଭଞ୍ଜନ ବଳ ମ୍ୟାଚ ପରିଚାଳନା କରିଥିବାବେଳେ ପବିତ୍ର ସା, ଅଶୋକ ବଘେଲ, ରାଜ କୁମାର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଅଶୋକ କୁମାର ସାହୁ ସ୍କୋରର ରହିଥିଲେ । ସୋହେଲା ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ସୁବ୍ରତ ବେହେରା, ଶିକ୍ଷକ ଉପେନ୍ଦ୍ର ଖମାରୀ, ଅମୀର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଶନିବାର ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏବଂ ରାୟପୁର ରିଆଜ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## କ୍ରିକେଟ: ବରଗଡ଼ ବ୍ଲୁ ଡାଇମଣ୍ଡ ବିଜୟୀ

ଭେଡ଼େନ, ୨୭।୧୨(ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ରେମଣ୍ଡାରେ ଚାଲିଥିବା ୨୫ତମ ଗ୍ରାମାଞ୍ଚଳ କ୍ରିକେଟ ପ୍ରତିଯୋଗିତାର ଶୁକ୍ରବାର ମ୍ୟାଚ୍‌ରେ ବରଗଡ଼ ବ୍ଲୁ ଡ଼ାଇମଣ୍ଡ ଲାଉମୁଣ୍ଡାକୁ ୧୨୫ ରନ ବ୍ୟବଧାନରେ ହରାଇ ବିଜୟୀ ହେବା ସହ ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୨୮ ରନ କରିଥିଲା। ଦଳର ପ୍ରବୀଣ ଲୁହା ୩୯ ବଲରେ ଅପରାଜିତ ୮୧ ରନ କରିଥିଲେ। ଜବାବରେ ଲାଉମୁଣ୍ଡା ଏକାଦଶ ୨୦ ଓଭରରେ ୭ ଉଇକେଟ ହରାଇ ୧୦୩ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ସୁମିତ ରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ଅମ୍ପାୟାର ଏକାଦଶିଆ ହଟେଇ ଓ ବିନାୟକ ମେହେର ପରିଚାଳନା କରିଥିବା ବେଳେ ଛାୟାକାନ୍ତ ମେହେର ସ୍କୋରର ଓ ଦୁଷ୍ମନ୍ତ ଶତପଥି, ପ୍ରଭଞ୍ଜନ ଶତପଥି ଧାରା ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ଖେଳାଳି ନେପାଳ ଦୁଆନ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଶନିବାର ଜେସିସିସି ସମ୍ବଲପୁର ଓ ଏସଏଏ ସୋହେଲା ମଧ୍ୟରେ ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଉଛି ।

### ସତଲମା ସ୍କୁଲର ଶତବାର୍ଷିକୀ ଉଦ୍‌ଘାଟିତ

ବରପାଲି, ୨୭।୧୨ (ଡି.ଏନ.ଏ)

ବରପାଲି ବ୍ଲକ ସତଲମା ସରକାରୀ ବାଳକ ବିଦ୍ୟାଳୟର ୩ ଦିନିଆ ଶତବାର୍ଷିକୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସକାଳେ ପୁରାତନ ଛାତ୍ରମାନେ ବରପାଲି ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ଏକ ମଶାଲ ଶୋଭାଯାତ୍ରାରେ ଯାଇ ଉତ୍ସବସ୍ଥଳରେ ପହଞ୍ଚିଥିଲେ। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ବରଗଡ ଏମପି ସୁରେଶ ପୂଜାରୀ ମୁଖ୍ୟଅତିଥି, ସରପଞ୍ଚ ସୁବଳ ସାହୁ, ସମିତି ସଭ୍ୟ କୁନାଲ ଭୋଇ ସମ୍ମାନିତ ଅତିଥି ଓ ପୁରାତନ ଛାତ୍ର ଡ. ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସତଲମା ସ୍କୁଲର ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିରେ କମିଟି ସଭାପତି ଶାନ୍ତନୁ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି ଦିନେଶ କୁମାର ସାହୁ ସ୍ୱାଗତ ଭାଷଣ ଓ ସୁନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଏସ୍‌ଏଚ୍‌ଜି ପ୍ରଶିକ୍ଷଣ ଶିବିରରେ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ

ଅମ୍ବାଭୋନା, ୨୭।୧୨ (ଡି.ଏନ.ଏ)

ବରଗଡ଼ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଅମ୍ବାଭୋନା ବ୍ଲକ ପରିସରରେ ମହିଳାମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଉଦଘାଟନୀ ଉତ୍ସବରେ ଜିଲାପାଳ ଜ୍ୟୋତିରଞ୍ଜନ ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଏବଂ ରାଜ୍ୟ ଯୋଜନା ମାଧ୍ୟମରେ ଡିପିଲିଟର ଜରିଆରେ ଅଣ୍ଡାଦିଆ କୁକୁଡା ଚାଷ ପାଇଁ ମହିଳାମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇ ପ୍ରୋଜେକ୍ଟର ଜରିଆରେ ତାଲିମ ନେଇଥିଲେ। ବରଗଡ ମୁଖ୍ୟ ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ନିତ୍ୟାନନ୍ଦ ଧଳ, ଅତିରିକ୍ତ ଜିଲା ପ୍ରାଣୀଧନ ଅଧିକାରୀ ଡା. ଦିଲୀପ ପଣ୍ଡା, ବ୍ଲକ ପ୍ରାଣୀଧନ ଅଧିକାରୀ ଶ୍ରୀକାନ୍ତ ପରିଡା, ଡୁଙ୍ଗୁରୀ ଭିଏଏସ ସସ୍ମିତା ବିଶ୍ୱାଳ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଅହଲ୍ୟା ଭୋଏ ପ୍ରମୁଖ ଯୋଗଦେଇ ମହିଳାମାନଙ୍କୁ ସ୍ୱାବଲମ୍ବୀ ଏବଂ ରୋଜଗାରକ୍ଷମ ହେବାକୁ ମତ ରଖିଥିଲେ।



ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି ।



ଉତ୍ତ୍ୟକ୍ତ ଲୋକଙ୍କ ସହିତ ପୋଲିସ, ତହସିଲଦାରଙ୍କ ଆଲୋଚନା।

## ଟ୍ରକ୍ ଚାପାରେ ଜଣେ ମୃତ
### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ବରଗଡ଼ ଅଫିସ୍,୨୭।୧୨

ବରଗଡ଼ ସହରର ବ୍ରହ୍ମବିହାର-ଗୋବିନ୍ଦପାଲି ରାସ୍ତାରେ ଶୁକ୍ରବାର ଏକ ଚାଉଳ ବୋଝେଇ ଟ୍ରକ୍ (ନଂ.ସିଜି୦୪ଇ/୨୭୭୮) ଚାପାରେ ଘଟଣାସ୍ଥଳରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋବିନ୍ଦପାଲିର ମକରଧ୍ୱଜ ନାଗ(୫୦)। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌ର କିଛି ଅଂଶ ଭଙ୍ଗାରୁଜା କରିବା ସହିତ ଗୁରୁଦ୍ୱାରା ଛକରେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଖବର ପାଇ ସେଠାକୁ ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ତହସିଲଦାର ସବ୍ୟସାଚୀ ପଣ୍ଡା, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କ ଦାବିକୁ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିବା ସହିତ ଘଟଣାସ୍ଥଳରୁ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା ।

ମକରଧ୍ୱଜ ଜଣେ ରିକ୍ସା ଚାଳକ ଏବଂ ହେମାଲି କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ସେ କୌଣସି କାମରେ ଏକ ସାଇକେଲ ଯୋଗେ ଗୋବିନ୍ଦପାଲି-ବ୍ରହ୍ମବିହାର ରାସ୍ତାରେ ଯାଉଥିବାବେଳେ ଉକ୍ତ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

■ ଛିନ୍ଦେଇକେଲା ସର୍ବଭାରତୀୟ କ୍ରିକେଟ

# ଜଗଦଲପୁରକୁ ହରାଇ ସେମିରେ ଜାମସେଦପୁର

ପାଇକମାଳ,୨୭।୧୨(ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ବ୍ଲକ ଛିନ୍ଦେଇକେଲା ମିନି ଷ୍ଟାଡିୟମରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ଗ୍ରୁପ-ବି ପର୍ଯ୍ୟାୟରେ ଶୁକ୍ରବାର ଷ୍ଟୁଡେଣ୍ଟ ୟୁନାଇଟେଡ କ୍ଲବ ଜାମସେଦପୁର ଓ ଲାଲବାଗ କ୍ରିକେଟ କ୍ଲବ ଜଗଦଲପୁର ମଧ୍ୟରେ ମ୍ୟାଚ ହୋଇଥିଲା। ଏଥିରେ ଜଗଦଲପୁରକୁ ହରାଇ ଜାମସେଦପୁର ସେମିଫାଇନାଲରେ ପ୍ରବେଶ କରିଛି। ଜାମସେଦପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ କରିଥିଲା। ଦଳର କୁନାଲ କୁମାର ୩୧ ରନ, ଓଜ୍ଜଲ ପାଲ ୧୮ ରନ କିଥିଲେ। ଜଗଦଲପୁର ଦଳରୁ ସାଗର ଶର୍ମା ୪ ଓଭରରେ ୩ ଉଇକେଟ, ଗୌରବ ଚୌହାନ ଓ ଜୟନ୍ତ ମଣ୍ଡଳ ୪ ଓଭର ବୋଲିଂ କରି ୨ ଉଇକେଟ ହାସଲ କରିଥିଲେ । ଜବାବରେ ଜଗଦଲପୁର ୫ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର କୌଶଳେନ୍ଦ୍ର ରାଠୋର ୪୪ ରନ, ଶୈଖ ଜହାନୁଦ୍ଦିନ ୨୫ ରନ, ବିକି ଠାକୁର ୧୦ ରନ କରିଥିଲେ। ଜାମସେଦପୁର ଦଳରୁ ବିକି ଶର୍ମା ୩ ଓଭରରେ ୨ ଉଇକେଟ, ଆସ୍ତିକ ମିଶ, ରାହୁଲ କୁମାର ୩ ଓଭର ଲେଖାଏଁ ବୋଲିଂ କରି ୧ ଉଇକେଟ ହାସଲ କରିଥିଲେ। ଟି-୧୦ ଫର୍ମାଟରେ ଜଗଦଲପୁର ଦଳ ବିକି ଠାକୁର ୨୧ ରନ, ଗୌରବ ଚୌହାନ ଓ ତେଜେନ୍ଦର ପାଲ ସିଂଙ୍କ ୧୧ ରନ ସହାୟତାରେ ୯ ଉଇକେଟ ହରାଇ ୭୦ ରନ ସଂଗ୍ରହ କରିଥିଲେ । ଜାମସେଦପୁର ଦଳରୁ ରବି ଯାଦବ, ଆସ୍ତିକ ମିଶ୍ର ୨ ଓଭରରେ ୩ ଉଇକେଟ ଓ କୁନାଲ କୁମାର ୨ ଓଭରରେ ୨ ଉଇକେଟ ନେଇଥିଲେ । ଜବାବ ଜାମସେଦପୁର ଦଳ ବିଶାଳ ସିଂଙ୍କ ୨୫ ରନ, କୁନାଲ କୁମାର ୨୨ରନ, ଅମିତ କଚ୍ଛପଙ୍କ ୧୦ ରନ ସହାୟତାରେ ୯ ଓଭରରେ ୭୪ ରନ କରି ବିଜୟୀ ହୋଇଥିଲା। ଦୁଇ ଖେଳ ଡ୍ର ହେବାରୁ ସୁପର ଓଭର ମ୍ୟାଚରେ ଜାମସେଦପୁର ଜଗଦଲପୁରକୁ ୩ ରନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଓସିଲ ପ୍ୟାନେଲ ଅମ୍ପାୟାର ସଚ୍ଚିଦାନନ୍ଦ ପଣ୍ଡା ଓ ସଞ୍ଜୟ ନାୟକ ଖେଳ ପରିଚାଳନା କରିଥିଲେ। ପ୍ରମୋଦ ଦାସ ଓ ସତ୍ୟବାନ ଧରୁଆ ସ୍କୋରର ଥିବା ବେଳେ ପତିତପାବନ ସାହୁ ଓ ରମେଶ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ମାମୁନ ପବ୍ଲିକ ସ୍କୁଲର ଏମଡି ପ୍ରଦୀପ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳର ଉଦଘାଟନ କରିଥିଲେ। ସେହିପରି ପୁରସ୍କାର ବିତରଣ ଉତ୍ସବରେ ହେମନ୍ତ ପ୍ରଧାନ ମୁଖ୍ୟଅତିଥି ଓ ସୁମିତ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୁନାଲ କୁମାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ସଚିନ ମାଝୀ ଓ ସୁପିନ ସାହୁ ସହଯୋଗ କରିଥିଲେ। ଶନିବାର କାକିନାଡା ଓ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ମଧ୍ୟରେ ମ୍ୟାଚ୍ ହେବ ବୋଲି କମିଟି ଉପଦେଷ୍ଟା ଗୋବିନ୍ଦ ଶଗଡିଆ ସୂଚନା ଦେଇଛନ୍ତି ।




କୃତୀ ଦଳକୁ ପୁରସ୍କୃତ କରାଯାଉଛି ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ



### ହାତୀପଲ ଭାଙ୍ଗିଲେ ଘର, ଜଣେ ଗୁରୁତର

ଉଲୁଣ୍ଡା, ୨୭।୧୨ (ଡି.ଏନ.ଏ.): ଉଲୁଣ୍ଡା ବନ ବିଭାଗ ଅଧିନ ଗୁଜାରେ ଗୁରୁବାର ରାତିରେ ଦେଖାଦେଇଛି ହାତୀ ଉପଦ୍ରବ। ହାତୀପଲ ଗ୍ରାମର ଅଶୋକ କେରକେଟାଙ୍କ ଘର ଭାଙ୍ଗି ଦେଇଛନ୍ତି। ଘରକାନ୍ଥ ପଡି ସେ ଗୁରୁତର ଆହତ ହୋଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରୁ ବନବିଭାଗ କର୍ମଚାରୀ ଅଶୋକଙ୍କୁ ଉଦ୍ଧାର କରି ଉଲୁଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ ଗୋଡ ଏବଂ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବାରୁ ଡାକ୍ତର ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଇଛି। ସୂଚନା ମୁତାବକ ଅଶୋକ ସ୍ତ୍ରୀ ଏବଂ ୨ ଛୁଆଙ୍କ ସହ ରାତିରେ ଶୋଇଥିବା ବେଳେ ହାତୀପଲ ତାଙ୍କ ଘରକୁ ଭାଙ୍ଗିଥିଲେ। ପରିବାରର ଅନ୍ୟ ସମସ୍ତେ କୌଣସିମତେ ବର୍ତ୍ତିଯାଇଛନ୍ତି। ହାତୀପଲ ଘର ଭିତରେ ଥିବା ଧାନ, ଚାଉଳ ଖାଇଦେବା ସହ ଆସବାବପତ୍ର ନଷ୍ଟ କରିଦେଇଛନ୍ତି। ସ୍ଥାନୀୟ ବନପାଳ ଉଦ୍ଧବ ରଥଙ୍କୁ ପଚାରିବାରୁ ଆହତ ଅଶୋକଙ୍କ ପରିବାରକୁ ତୁରନ୍ତ ଚିକିତ୍ସା ପାଇଁ ୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ଗୁରୁତର ଆହତ ହୋଇଥିଲେ। ସରକାରୀ ନିୟମ ଅନୁସାରେ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

### ଡୁଙ୍ଗୁରିପାଲି କଲେଜରେ ଜୀବନ ବିଦ୍ୟା କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି, ୨୭।୧୨(ଡି,ଏନ,ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପରିବେଶ ସୁରକ୍ଷା ନିମନ୍ତେ ପିଲାଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ପାଇଁ ଜୀବନ ବିଦ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ର ସାହୁ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ନୂତନ ଚାରା ରୋପଣ କରାଯାଇଥିଲା। ବିଦ୍ୟାର୍ଥୀମାନେ ପ୍ରତ୍ୟକ୍ଷ ଭାବେ ପରିବେଶ ସୁରକ୍ଷା ପାଇଁ କ'ଣ କରୁଛନ୍ତି ଏବଂ ଏଥିପାଇଁ ନିଜସ୍ୱ ସ୍ୱପ୍ନ କଣ ଅଛି ତାହା ଅନ୍ୟମାନଙ୍କ ସମ୍ମୁଖରେ ପ୍ରକାଶ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଛାତ୍ର ଭଗିରଥୀ ଜ୍ୟୋତିଷ ନିଜ ଗ୍ରାମରେ କିପରି ବନୀକରଣ କରିଛନ୍ତି ତାହା ପ୍ରକାଶ କରିଥିଲେ।

ପଏଁରୀ ତିହାର ୨୦୨୦

# ସାମିଲ ହେବେ ୭୦୦ କଳାକାର

## ପାର୍ବତୀ ଜେନା, ଭୂଷଣ ଦେହୁରୀ, ଜୟନ୍ତୀ ଦୀପଙ୍କୁ ପଏଁରୀ ସମ୍ମାନ

ସୋନପୁର,୨୭।୧୨(ନି.ପ୍ର.)



ଅନୁଷ୍ଠାନର କର୍ମକର୍ତ୍ତା ପଏଁରୀ ତିହାର ସମ୍ପର୍କରେ ସୂଚନା ଦେଉଛନ୍ତି।

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ଜାନୁୟାରୀ ୧ତାରିଖରୁ ୨୦ତମ ପଏଁରୀ ତିହାର-୨୦୨୦ ଆରମ୍ଭ ହେବ। ଭାରତ ସରକାରଙ୍କ ସାଂସ୍କୃତିକ ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଭୁବନେଶ୍ୱର ଏବଂ ଜିଲା ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ଏହି ଉତ୍ସବ ଆୟୋଜନରେ ସହଯୋଗ କରୁଛନ୍ତି। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ପଏଁରୀ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ତିହାର ସ୍ଥାନୀୟ ଭୀମଭୋଇ କଳା ମଣ୍ଡପରେ ଅନୁଷ୍ଠିତ ହେବ। ଏହି ଅବସରରେ ୧ ତାରିଖ ପୂର୍ବାହ୍ନ ସାଢେ ୯ଟାରେ ଅନୁଷ୍ଠାନର କଳାକାର, କର୍ମକର୍ତ୍ତା ବିଭିନ୍ନ ବ୍ଲକରୁ ଆସିଥିବା ୪୦୦ ଶବର ଶବରାନୀ କଳାକାରମାନଙ୍କୁ ନେଇ ଏକ ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିବ । ଶୋଭାଯାତ୍ରାରେ ଲୁଚି ଯାଇଥିବା ପ୍ରାଚୀନ ପାରମ୍ପରିକ ଲୋକକଳା ଶବର ଶବରାନୀ ଓ ଷୋହଳ ଶୁଆଙ୍ଗ ଦଣ୍ଡ ପ୍ରଦର୍ଶିତ ହେବ। ବରିଷ୍ଠ କଣ୍ଠଶିଳ୍ପୀ ନୁର ବିବି ବେଗମ ତିହାରକୁ ଉଦ୍‌ଘାଟନୀ କରିବେ। ପରେ ଜିଲାସ୍ତରୀୟ କଳାକାରମାନେ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିବେ। ସନ୍ଧ୍ୟାରେ ସୋନପୁର ପଏଁରୀ, ମେଣ୍ଡାମାଳ, ଡୁଷୁରାର କୃଷ୍ଣପ୍ରିୟା କଳା ପରିଷଦ, ହରିୟାନାର ଘୁମର ନୃତ୍ୟ ଓ ଲୋଇସିଂହା ସଙ୍ଗୀତ ସାଧନାର ଡାଲଖାଇ ନୃତ୍ୟ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ୨ତାରିଖ ପୂର୍ବାହ୍ନରେ ପତରସୌରା-ସୌରାଣୀ ସଙ୍ଗୀତ ଓ ନୃତ୍ୟ ସମ୍ପର୍କରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଲୋକବାଦ୍ୟ ଓ ପରେ ରାଜ୍ୟ ଓ ରାଜ୍ୟ ବାହାରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ୩ତାରିଖ ପୂର୍ବାହ୍ନରେ ପାରମ୍ପରିକ ଲୋକକଳାର ଦୃଶ୍ୟପଟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଲୋକଗୀତ ଓ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ୩ଦିନ ଧରି ହେବାକୁ ଥିବା ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର ୧୭ଟି ଦଳର ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ କଳାକାର ଯୋଗ ଦେବେ। ଏହି ଅବସରରେ କଣ୍ଠଶିଳ୍ପୀ କପାସିରାର ପାର୍ବତୀ ଜେନା, ଲୋକନୃତ୍ୟରେ ବୀରମହାରାଜପୁରର ଭୂଷଣ ଦେହୁରୀ ଓ ସଞ୍ଚାର ବାଦ୍ୟରେ ବରଗଡର ଜୟନ୍ତି ଦୀପଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରାଯିବ। ଗୌରବମୟ ଲୋକକଳାର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରସାର ଏହି ତିହାରର ଲକ୍ଷ୍ୟ ବୋଲି ପଏଁରୀର ସମ୍ପାଦକ ଚୌଧୁରୀ ବିଭାର, ସଭାପତି ଲଡୁକିଶୋର ମଲ୍ଲିକ, ଅନୁଷ୍ଠାନର ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ, ଅଭିମନ୍ୟୁ କୁଶଳ, ସାମାଜିକକର୍ମୀ ଲକ୍ଷ୍ମୀନାରାୟଣ ମେହେର, ସନ୍ତୋଷ ମିଶ୍ର ପ୍ରମୁଖ ସୂଚନା ଦେଇଛନ୍ତି।



ବକୁଳ ଯାତ୍ରା ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବାଘପାଲି ବକୁଳ ଯାତ୍ରା ମହୋତ୍ସବ ଉଦ୍‌ଯାପିତ

ଅମରପାଲି/ଉଲୁଣ୍ଡା, ୨୭।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ବାଘପାଲିଠାରେ ଚାଲିଥିବା ପ୍ରସିଦ୍ଧ ବକୁଳ ଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉଲୁଣ୍ଡା କଲେଜ ଅଧ୍ୟକ୍ଷ ଦେବାଶିଷ ପାଣ୍ଡିଆ ମୁଖ୍ୟବକ୍ତା ଏବଂ ପୂର୍ବତନ ଜିଲା ପରିଷଦ ଉତ୍ତର କୁମାର ପାତ୍ର ଓ ଝସକେତନ ବଘାର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚନ୍ଦ୍ରମଣୀ ଦାଶଙ୍କ ଭାଷା ସାହିତ୍ୟକୁ ଲୋକାଲୋଚନକୁ ଆଣିବା ସହିତ ବକୁଳ ଯାତ୍ରାକୁ ଆଗକୁ ଆହୁରି ଆକର୍ଷଣୀୟ କରିବାକୁ ମତପ୍ରକାଶ ପାଇଥିଲା। ବିଶେଷ କରି ଦାଶଙ୍କ ସ୍ୱରଚିତ ପୁସ୍ତକକୁ ନେଇ ଏକ ଗ୍ରନ୍ଥାବଳୀ ପ୍ରକାଶ କରି ପ୍ରଚାର ପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉକ୍ତ ମହୋତ୍ସବରେ ସପ୍ତାହବ୍ୟାପୀ ଭାଗବତ ସପ୍ତାହ ପାରାୟଣ, ଭଜନ ସମାରୋହ, ପ୍ରବଚନ, ଧର୍ମସଭା, ଆଲୋଚନା ଚକ୍ର ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ତିମ ଦିବସ କାର୍ଯ୍ୟକ୍ରମରେ ରାଜେନ୍ଦ୍ର ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ମକୁନ୍ଦ ଧରୁଆ ସଭା ପରିଚାଳନା କରିଥିଲେ।

ଦିଗସିରା ଆଞ୍ଚଳିକ ଧନୁଯାତ୍ରା

## କୃଷ୍ଣ ନିଧନ ପାଇଁ ପୁତନା ପ୍ରେରଣ

ଡୁଙ୍ଗୁରିପାଲି, ୨୭।୧୨(ଡି,ଏନ,ଏ,)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗସିରା ୧୧ତମ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଦିବସ କାର୍ଯ୍ୟକ୍ରମରେ କୃଷ୍ଣ ଜନ୍ମ ପରେ ଗୋପପୁରରେ ନନ୍ଦୋତ୍ସବ ପାଳିତ ହୋଇଛି। ଅପରପକ୍ଷରେ ମଥୁରା ନରେଶ କଂସ କୃଷ୍ଣ ନିଧନ ପାଇଁ ପୁତନା ରାକ୍ଷସୀକୁ ପଠାଇବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ସେହିପରି ଗୁରୁବାର ଦ୍ୱିତୀୟ ରଜନୀରେ କଂସ ମହାରାଜାଙ୍କ ବିବାହ ଅନୁଷ୍ଠିତ ହୋଇଛି। ପାତ୍ରମନ୍ତ୍ରୀ ଆନନ୍ଦ ଉଲ୍ଲାସରେ ମାତିଛନ୍ତି। ଅପରପକ୍ଷରେ ଭଉଣୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କଂସ କାରାଗାରରେ ବନ୍ଦୀ କରିଛନ୍ତି। କାରାଗାରରେ ଦେବକୀଙ୍କ ଗର୍ଭରୁ କୃଷ୍ଣ ଜନ୍ମ ହୋଇଛନ୍ତି। ବସୁଦେବ କୃଷ୍ଣଙ୍କୁ ନେଇ ଗୋପପୁରକୁ ଯାଉଥିବା ବେଳେ କଟୁଆଳ ଉଗ୍ରସେନ ସହିତ ଭେଟ ହୋଇଛି। ପରେ ବସୁଦେବ କୃଷ୍ଣଙ୍କୁ ନେଇ ଗୋପପୁର ଯିବା ବିଜୁଳି କନ୍ୟାକୁ ନେଇ ପ୍ରତ୍ୟାବର୍ତ୍ତନ ଦୃଶ୍ୟ ଅଭିନୀତ ହୋଇଥିଲା। ଏହାକୁ ଦର୍ଶକମାନେ ବେଶ ଉପଭୋଗ କରିଥିଲେ। ପେଟେ ଦେବକୀ-ବସୁଦେବଙ୍କ କନ୍ୟା ଜନ୍ମ ହୋଇଥିବା ଶୁଣି କାରାଗାରକୁ ଯାଇ ଶିଶୁକନ୍ୟାକୁ କଂସ ଶିଳାରେ କଚାଡି ମାରିବାକୁ ଉଦ୍ୟତ ହେବାରୁ ଶିଶୁ କନ୍ୟା ହାତରୁ ଖସିଯାଇ ଶୂନ୍ୟବାଣୀ କରିଥିଲା। ଶୂନ୍ୟବାଣୀ ଶୁଣି କଂସ ମର୍ମାହତ ହୋଇ କୃଷ୍ଣ ବଳରାମଙ୍କୁ ମାୟାରେ ମାରିବା ପାଇଁ ନିଜ ଭଉଣୀ ପୁତନାକୁ ଗୋପପୁରକୁ ପ୍ରେରଣା କରିବା ପାଇଁ ଡକାଇଥିବା ଦୃଶ୍ୟ ଅଭିନୀତ ହୋଇଥିଲା।

## ବୀରମହାରାଜପୁର ପଞ୍ଚାୟତ ସମିତି ବୈଠକ

ଅମରପାଲି, ୨୭।୧୨(ଡି.ଏନ.ଏ)


ବୀରମହାରାଜପୁର ପଞ୍ଚାୟତ ସମିତିର ଦଶମ ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଲୋକ ପ୍ରତିନିଧି।

- ଠିକ୍‌ରେ ମିଳୁନି ଆବାସ ଯୋଜନାର ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା
- ହିତାଧିକାରୀଙ୍କୁ ମିଳୁନି ଗୋରୁ ଗୁହାଳ, ଛେଳି ଗୁହାଳ, ଫାର୍ମ ପଣ୍ଡ
- ୪୬ ସ୍କୁଲରେ ଶୌଚାଳୟ ତିଆରି ପାଇଁ ମିଳିବ ଟଙ୍କା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତିର ଦଶମ ବୈଠକ ବ୍ଲକ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିରଞ୍ଜନ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିପିଓ ଗଗନ ବିହାରୀ ଭୋଇ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ସରପଞ୍ଚ ସଂଘ ସଭାପତି ସରୋଜ ବାରିକ, ଲୁତୁରପଙ୍କ ସମିତି ସଭ୍ୟ ଲବ କୁମାର ସାହୁ, ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ ପ୍ରମୁଖ ଅଂଶଗ୍ରହଣ କରି ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଜିଲା ପରିଷଦ ସଭ୍ୟା ପାଣିଗ୍ରାହୀ ବିଜୁ କେବିକେ ଯୋଜନାରୁ ବିଭିନ୍ନ ଗ୍ରାମ ପାଇଁ ପ୍ରସ୍ତାବ ଦିଆଯାଇଥିବା ହାଇମାଷ୍ଟ ଲାଇଟ ଓ ଅମୃତଧାରା ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ କାମ ଆରମ୍ଭ ହୋଇ ପାରୁ ନ ଥିବା ଅଭିଯୋଗ କରିଥିଲେ। ଲୁତୁରପଙ୍କ ସମିତି ସଭ୍ୟ ସାହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନ ଠିକରେ ହେଉ ନ ଥିବା ଅଭିଯୋଗ କରିଥିଲେ। ଏଥିସହିତ ଆବାସ ଯୋଜନାର ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ହିତାଧିକାରୀ ଠିକ୍‌ରେ ପାଉ ନ ଥିବା ଅଭିଯୋଗ କରିଥିଲେ। ଗୋରୁ ଗୁହାଳ, ଛେଳି ଗୁହାଳ, ଫାର୍ମ ପଣ୍ଡ କୌଣସି ହିତାଧିକାରୀଙ୍କୁ ଦିଆଯାଉ ନ ଥିବାରୁ ଗୃହରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଣୁ ଗ୍ରାମସଭାରେ ଏଗୁଡିକୁ ସାମିଲ କରାଯାଇ ହିତାଧିକାରୀଙ୍କୁ ଏହା ଦିଆଯିବ ବୋଲି କୁହାଯାଇଥିଲା। ଅଧ୍ୟକ୍ଷ ସନ୍ତୋଷ ଭୋଇ ବ୍ଲକର ୪୬ଟି ସ୍କୁଲରେ ଶୌଚାଳୟ ତିଆରି ପାଇଁ ୪ଲକ୍ଷ ଟଙ୍କା ଲେଖାଏ ଦିଆଯିବ ବୋଲି ପ୍ରକାଶ କରିଥିଲେ । ସମ୍ପ୍ରତି ବିଭିନ୍ନ ମଣ୍ଡିରେ ଧାନ କିଣାରେ କଟନି ଛଟନି ହେଉଥଇବାରୁ ଏଥିପ୍ରତି ଧ୍ୟାନ ଦେବାକୁ ଅଧ୍ୟକ୍ଷ ଭୋଇ କହିଥିଲେ। ପୀତାମହୁଲ ସରପଞ୍ଚ ସରୋଜ ବାରିକ ଟେଭାପଦର ପାଇଁ ସ୍ୱତନ୍ତ୍ର ଇନଟେକ ୱେଲ କରି ଜଳଯୋଗାଣ କରିବା ପାଇଁ ଦାବି କରିଥିଲେ। ଉକ୍ତ ବୈଠକରେ ସ୍ୱାସ୍ଥ୍ୟ, ପଶୁସମ୍ପଦ, ଜଳଯୋଗାଣ, ସମନ୍ୱିତ ଶିଶୁ ବିକାଶ, ଜଙ୍ଗଲ, ଶିକ୍ଷା ଆଦି ବିଭାଗର ଅଧିକାରୀଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦେଇଥିଲେ।

## ବିଡିସିସି ବ୍ୟାଙ୍କର ନୂତନ ଗୃହ, ଏଟିଏମ୍ ଉଦ୍‌ଘାଟିତ

ଡୁଙ୍ଗୁରିପାଲି, ୨୭।୧୨(ଡି.ଏନ.ଏ.)


ଡୁଙ୍ଗୁରିପାଲିରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ଗୃହ ଓ ଏଟିଏମ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ବଲାଙ୍ଗୀର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ନୂତନ ଗୃହ ଓ ଏଟିଏମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅର୍ଥମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ବଲାଙ୍ଗୀର ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରଶାନ୍ତ କୁମାର ମହାନ୍ତି ଓ ବ୍ୟାଙ୍କର ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ । ବ୍ୟାଙ୍କର ନୂତନ ଗୃହ ଉଦ୍‌ଘାଟନ ପରେ ଶାଖା ଏଟିଏମ ଉଦ୍‌ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ପୂଜାରୀ ତାଙ୍କ ବକ୍ତବ୍ୟରେ ଚାଷୀମାନେ ଯେପରି ଉପଯୁକ୍ତ ମୂଲ୍ୟରେ ଧାନ ବିକ୍ରି କରି ପ୍ରାପ୍ୟ ପାଇ ପାରିବା ଉପରେ ଗୁରୁତ୍ୱ ଦେଇଥିଲେ। ବିଡିସିସି ମୁଖ୍ୟ ଶାଖାର ଆସିଷ୍ଟାଣ୍ଟ ମ୍ୟାନେଜର ରବିନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ନିର୍ବାହୀ ଅଧିକାରୀ ବାଙ୍କାନିଧି ରାୟଗୁରୁ, ହିମାଂଶୁ ଶେଖର ବିଶ୍ୱାଳ, ସୁଶୀଲ ଚାନ୍ଦ, ଡୁଙ୍ଗୁରିପାଲି ବ୍ରାଞ୍ଚ ମ୍ୟାନେଜର ସଚ୍ଚିଦାନନ୍ଦ ନାଏକ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ବିଡିସିସି ବ୍ୟାଙ୍କ ଅଧିନରେ ଥିବା ସମସ୍ତ ପ୍ୟାକ୍ସର ସମ୍ପାଦକ ଓ ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ । ଶେଷରେ ବିଭିନ୍ନ ଚାଷୀ ଓ ମହିଳା ଏସ୍‌ଏଚ୍‌ଜିଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ୟାଙ୍କରୁ ଜିଏଲଜି ଋଣ ଓ ବିଭିନ୍ନ ଯୋଜନାରେ ୧ ପ୍ରତିଶତ ସୁଧରେ ହିତାଧିକାରୀ ଋଣ ପାଇପାରିବେ ବୋଲି ମୁଖ୍ୟ ନିର୍ବାହୀ ଅଧିକାରୀ ରାୟଗୁରୁ ପ୍ରକାଶ କରିଥିଲେ।

## ଜିଲା ବ୍ୟାଙ୍କର୍ସ ପରାମର୍ଶଦାତା କମିଟି ବୈଠକ

ସୋନପୁର,୨୭।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବ୍ୟାଙ୍କର୍ସ ପରାମର୍ଶଦାତା କମିଟି ବୈଠକ ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନାବାର୍ଡ ପକ୍ଷରୁ ପ୍ରସ୍ତୁତ ଜିଲା ଆର୍ଥିକ ଯୋଜନା ୨୦୨୦-୨୧ ଆର୍ଥିକ ବର୍ଷର ପୁସ୍ତିକାକୁ ଜିଲାପାଳ ଉନ୍ମୋଚନ କରିଥିଲେ। ଏଲଡିଏମ ସରୋଜ କୁମାର ଦାଶ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ବ୍ୟାଙ୍କର୍ସମାନେ ଋଣ ଆବେଦନ ପତ୍ରକୁ ଅଗ୍ରାଧିକାର ଭିତ୍ତିରେ ମଞ୍ଜୁର କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ନାବାର୍ଡର ଡିଡିଏମ ତାପସ ଶଙ୍କର ରାଉତ ଓ ଭାରତୀୟ ରିଜର୍ଭ ବ୍ୟାଙ୍କର ଏଲଡିଓ ସଞ୍ଜିବ ମହାପାତ୍ର ଯୋଗଦେଇ ଆର୍ଥିକ ବ୍ୟବସ୍ଥାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାର ସମସ୍ତ ବ୍ୟାଙ୍କର୍ସ ଓ ଅଧିକାରୀ ବୃନ୍ଦ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୋମନାଥ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ ।

ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଝାରସୁଗୁଡ଼ା ଯୁବି କ୍ଲବ ବିଜୟୀ

ସୋନପୁର,୨୭।୧୨(ନି.ପ୍ର.)

ସୋନପୁର ରୟାଲ ପଡିଆରେ ଚାଲିଥିବା ୮ମ ସୁଜନ ନାଗ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ମ୍ୟାଚ୍‌ରେ ଝାରସୁଗୁଡା ଯୁବି କ୍ଲବ ବିଜୟୀ ହୋଇଛି। ବଲାଙ୍ଗୀର ସାଇଟ ସ୍ପୋର୍ଟ୍ସ ସୋସାଇଟି ଓ ଝାରସୁଗୁଡା ଯୁବି କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡା ୨-୧ ଗୋଲରେ ବିଜୟୀ ହୋଇଥିଲା। ଚୂଡାମଣି ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଇଂ ଜଗଦୀଶ ବୁଡଲା, ରମେଶ ମୁର୍ମୁ, ସିଦ୍ଧେଶ୍ୱର ମିଶ୍ର, ସଞ୍ଜିବ ମହାରଣା ଓ ଶ୍ରୀରାମ ଚରଣ ସୁନା ଯୋଗଦାନ କରିଥିଲେ। ସୁଦାମ ଜଗଦଲା, ସିଦ୍ଧାର୍ଥ ପାତ୍ର, ରାଜେଶ ଥନାପତି, ଜିତୁ ଥନାପତି, ସବ୍ୟସାଚୀ ମିଶ୍ର ଓ ପ୍ରଶାନ୍ତ ସେଠୀ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ। ରାକେଶ ନାଗ ସଭାରେ ଅଧ୍ୟକ୍ଷତା କରିଥିଲେ। ବେଷ୍ଟ ଡିଫେନ୍ସ ଭାବେ ଝାରସୁଗୁଡାର ଶୁଭମ ବୁଡା, ବେଷ୍ଟ ଗୋଲକିପର ଗୌରବ ଭୋଇ, ବେଷ୍ଟ ମିଡ ଫିଲଡର ରମଣି ନାଏକ, ବେଷ୍ଟ ଫରୱାର୍ଡ ବଲାଙ୍ଗୀରର ଶାନ୍ତନୁ ବେରିହା ଓ ହିରୋ ଅଫ ଦି ମ୍ୟାଚ୍ ଭାବେ ଝାରସୁଗୁଡାର ରୋହିତ ରାବ୍ରାଙ୍କୁ ପୁରସ୍କୃତ କରା ଯାଇଥିଲା । ଶୁକ୍ରବାର ସାଇଟ ବଲାଙ୍ଗୀର ଓ ଝାରସୁଗୁଡାର ଜେବି କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।


ଅତିଥି ଓ ରେଫେରିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ସର୍ବଭାରତୀୟ ଲୁତୁରପଙ୍କ କପ୍ କ୍ରିକେଟ

## ନିମପୁର ସ୍ପୋର୍ଟିଂ କଟକ ସେମିରେ

ଅମରପାଲି, ୨୭।୧୨(ଡି.ଏନ.ଏ.)



କଟକ ଏମଡି ଡାନିସଙ୍କୁ ଅତିଥିମାନେ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ହାଇସ୍କୁଲ ପଡିଆରେ ଚାଲିଥିବା ୨୪ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କପ୍ କ୍ରିକେଟର ପୁଲ-ବିର ପ୍ରଥମ କ୍ୱାର୍ଟର ଫାଇନାଲରେ ଏସଡିସିଏ ସୋନପୁରକୁ ହରାଇ ନିମପୁର ସ୍ପୋର୍ଟିଂ କଟକ ସେମିରେ ପ୍ରବେଶ କରିଛି। ମ୍ୟାଚ ଟି-୨୦, ଟି-୧୦ ଫର୍ମାଟରେ ହୋଇଥିଲା । ଟସ୍ ଜିଣି ସୋନପୁର ଦଳ କଟକକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ନିମପୁର ସ୍ପୋର୍ଟିଂ କଟକ ୧୫୧ ରନ କରିଥିଲା। ଦଳର ଏମଡି ଡାନିସ ୧୩ ବଲରୁ ୩୮ ରନ ଓ ସୁମିତ ସେଖର ୩୮ ରନ କରିଥିଲେ। ସୋନପୁରର ପୁରୁଷୋତ୍ତମ ପାତ୍ର ୩ଟି ଓ ଉମାଶଙ୍କର ହୋତା ୨ଟି ଉଇକେଟ ନେଇଥିଲେ। ଜବାବରେ ସୋନପୁର ଦଳ ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ କରିଥିଲା। ଦଳର ଅଭିଲାଷ ନାଏକ ୩୧ ରନ ଓ ଆଶିଷ ମଲ୍ଲିକ ୧୫ ରନ କରିଥିଲେ । କଟକର ଏମଡି ଡାନିସ, ଅଭିଷେକ ନାଏକ ଓ ଅଭିଷେକ ଗିରି ୨ଟି ଲେଖାଏ ଉଇକେଟ ନେଇଥିଲେ ।

ପରେ ଖେଳାଯାଇଥିବା ଟି-୧୦ ମ୍ୟାଚରେ କଟକ ନିର୍ଦ୍ଧାରିତ ୧୦ଓଭରରେ ୮ ଉଇକେଟ ହରାଇ ୮୧ରନ କରିଥିଲା। ଦଳର ଦିବ୍ୟଜ୍ୟୋତି ଓ ଅନୁରାଗ ୨୫ରନ ଲେଖାଏ କରିଥିଲେ। ସୋନପୁର ଉମାଶଙ୍କର, ଆକାଶ ପାତ୍ର ଓ ରାକେଶ ସାହୁ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସୋନପୁର ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୮୦ରନ କରି ୧ରନରେ ପରାସ୍ତ ହୋଇଥିଲା। ସୋନପୁରର ଉମାଶଙ୍କର ହୋତା ୨୮ରନ କରିଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ କଟକ ସେମିଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ଅଜୟ ସିଂ, ସୁବଳୟା ଇଣ୍ଡେନ ଗ୍ୟାସର ସଞ୍ଜିବ ମେହେର ଏବଂ ଭୁଡିଆପାଲି ଇମଡେଲ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ସୁଶୀଲ ଅମାତ ଅତିଥି ଭାବେ ଯୋଗଦେଇ କଟକର ଏମଡି ଡାନିସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚଭାବେ ପୁରସ୍କୃତ କରିଥିଲେ। ଖେଳକୁ ଓସିଏ ପ୍ୟାନେଲ ଅମ୍ପାୟାର ଚୂଡାମଣୀ ପାଢ଼ୀ ଓ ଶ୍ୟାମସୁନ୍ଦର ପଣ୍ଡା ପରିଚାଳନା କରିଥିଲେ। ବାଙ୍କା ବିହାରୀ ମହାକୁର ସ୍କୋରର, ଚମାରୁ ମହାକୁର ଅନଲାଇନ ସ୍କୋରର, ସୁଶିଲ ପଧାନ ମ୍ୟାଚ ରେଫରୀ ଏବଂ ମ୍ୟାକମିଲନ ମହାକୁର ଓ ବୁବୁନ ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ସେଲ ରାଞ୍ଚି (ଝାଡଖଣ୍ଡ) ଓ କରିମ ଏକାଡେମୀ ନାଗପୁର (ମହାରାଷ୍ଟ୍ର) ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ ଟୁଟୁ ମହାକୁର ପ୍ରକାଶ କରିଛନ୍ତି । ଜୟଜଗନ୍ନାଥ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ

## ସଂକ୍ଷେପରେ

### ଫାଇନାଲରେ ବରଗଡ଼ ଓ ବିଲାସପୁର

**ଖଡିଆଳ,୨୭।୧୨ (ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳସ୍ଥିତ ରାଜା ଏଟି ହାଇସ୍କୁଲ ଖେଳ ପଡିଆରେ ଚାଲିଥିବା ୧୮ତମ କେସିଏସଏ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ବିଲାସପୁର ଓ ଭିଲାଇ ମଧରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିଲାଇ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା । ବିଲାସପୁର ଦଳ ୧୮.୨ ଓଭରରେ ୨ ଉଇକେଟ ହରାଇ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଛି। ବିଲାସପୁର ଦଳର ପରବେଶ ଧ୍ରୁବ ୪୧ ବଲରେ ୭୬ ରନ ଏବଂ ୪ ଓଭରରେ ୨ ଉଇକେଟ ହାସଲ କରି ୨୦ ରନ ଦେଇ ମ୍ୟାନ ଅଫ୍ ଦି ମ୍ୟାଚ ହୋଇପାରିଥିଲେ। ଶନିବାର ଫାଇନାଲ ଖେଳ ବରଗଡ ଓ ବିଲାସପୁର ମଧରେ ଅନୁଷ୍ଠିତ ହେବ । କ୍ରିକେଟ ସ୍ପୋର୍ଟ୍ସ ଆସୋସିଏଶନ୍ ସଭାପତି ତଥା ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଲମ୍ବୋଧର ନିଆଲ, ସମ୍ମାନିତ ଅତିଥି ଉଜ୍ଜଳ ଗୁପ୍ତା, ବିନୋଦ ବିହାରୀ ପାଢ଼ୀ ଯୋଗଦେଇଥିବା ବେଳେ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ, କୋଷାଧକ୍ଷ ଜିତେନ୍ଦ୍ର ନାଏକ, ଅଶ୍ୱିନୀ ପାଢ଼ୀ, ଗିରଧାରୀ ବିଭାର, ମନୋଜ ଦୀପ, ଦୟା ଥପା, ରିତେଶ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ । ମହେଶ ମୁନସୀ ଓ ଚୁଡାମଣୀ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ । ତାପସ ପତି, ସରୋଜ ପଣ୍ଡା ସ୍କୋରର କରିଥିବା ବେଳେ ଆଶିଷ ତ୍ରିବେଦୀ ଧାରା ବିବରଣୀ ଦେଇଥିଲେ ।

## କୋକସରା ବ୍ଲକ ସମିତି ବୈଠକ
# ୬ ମାସ ପରେ ବୈଠକ ହେବାକୁ ନେଇ ଉଦ୍‌ବେଗ

■ ତହସିଲ ଅଫିସ ପକ୍ଷରୁ ଜନସଚେତନତା ଶିବିର

**କୋକସରା,୨୭।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତିସଭା ଗୃହରେ ଶୁକ୍ରବାର କୋକସରା ବ୍ଲକ ଅଧକ୍ଷା ସବ୍ୟାରାଣୀ ବାଗଙ୍କ ସଭାପତିତ୍ୱରେ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ୨୨ଟି ପଞ୍ଚାୟତର ସମିତିସଭ୍ୟ, ସରପଞ୍ଚ ସମେତ ବ୍ଲକ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କୋକସରା ତହସିଲ ଅଫିସ ପକ୍ଷରୁ ଜନସଚେତନ ଶିବିର ଓଡିଶା ଲୋକ ସେବା ଆଇନ ୨୦୧୨ ଓ ଲୋକ ସେବା ଅଧିକାର ଅଧିନୀୟମ ୨୦୧୨ ଦ୍ୱାରା ହୋଇଥିବା ନିୟମ ଓ ତାର କାର୍ଯ୍ୟକାରିଣୀ ବିଷୟରେ ତହସିଲଦାର ମୌଷୁମୀ ନାୟକ ଉପସ୍ଥିତ ଜନ ପ୍ରତିନିଧିମାନଙ୍କୁ ବୁଝାଇଥିଲେ। ପରେ କୋକସରା ବ୍ଲକ ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ୟା ଓ ତାର ସମାଧାନକୁ ନେଇ ସମିତିସଭ୍ୟମାନେ ଅଭିଯୋଗ ଆଣିଥିଲେ। ବ୍ଲକ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ସମିତିସଭ୍ୟମାନଙ୍କୁ ଅଣଦେଖା କରାଯାଉଛି। ପ୍ରତି ୨ ମାସରେ ସମିତି ବୈଠକ ହେବା ନିୟମ ରହିଥିଲେ ମଧ ୬ ମାସ ପରେ ସମିତି ବୈଠକ ହେଉଥିବାରୁ ସମିତିସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ବ୍ଲକରେ ୧ ଲକ୍ଷ ୧୯ ହଜାର ପାଖାପଖି ଲୋକ ସଂଖ୍ୟା ରହିଥିବା ବେଳେ ସ୍ୱାସ୍ଥ୍ୟ ସମସ୍ୟା ଜଟିଳ ହୋଇପଡିଛି। ବ୍ଲକରେ ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ମାତ୍ର ୨ ଜଣ ଡାକ୍ତରଙ୍କ ଭରସାରେ ରୋଗୀ ସେବା ଚାଲିଛି। ଆମପାଣି, ଲଡୁଗାଁ ଓ ପୋଡଗୁଡାଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଫାର୍ମାସିଷ୍ଟ ଭରସାରେ ଚାଲିଥିବା ବେଳେ ରୋଗୀ ସେବ ବିପର୍ଯ୍ୟସ୍ଥ ହୋଇ ପଡିଛି । କୋକସରାରେ ଥିବା ୨ ଜଣ ଡାକ୍ତରଙ୍କୁ ଡେପୁଟେଶନରେ ଅନ୍ୟତ୍ର ବଦଳି ହୋଇଥିବା ବେଳେ ସେମାନଙ୍କୁ ପୁଣିଥିରେ ଅବସ୍ଥାପିତ କରିବା, ନଚେତ ରିଲିଫ କରିବା ପାଇଁ କୋକସରା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ତତ୍ତ୍ୱଦର୍ଶୀ ଦାସଙ୍କ ନିକଟରେ ଜନପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଏହାବ୍ୟତିତ ପାନୀୟ ଜଳ ଯୋଗାଣ ସମସ୍ୟା ସମାଧାନ କରିବାକୁ ଦାବି କରିଥିଲେ । ସମିତି ବୈଠକରେ କୋକସରା ବ୍ଲକ ସମିତିସଭ୍ୟ ସଭାପତି ତ୍ରିଭୁବନ ନାଏକ, ଉପ ସଭାପତି ଭୁବନେଶ୍ୱର ମାଝି, କୋଷାଧକ୍ଷ ରାଜେନ୍ଦ୍ର ନାଏକ, ସମ୍ପାଦକ ଆମପାଣି ସମିତିସଭ୍ୟା ମାଧୁରୀ ନାଏକ, କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡାମାଝି, କନ୍ଦାବୁଟୁରା ସମିତିସଭ୍ୟା ଅଶୋକା ନାଏକ, ଗମ୍ଭାରୀଗୁଡା ସମିତିସଭ୍ୟ ଟିକେଶ୍ୱର ନାଗ, ମୁଷାପାଳି ସରପଞ୍ଚ ରଶ୍ମିରେଖା ରାଉତ, ମାଝିଗୁଡା ସରପଞ୍ଚ କୈକୟୀ ନାଏକ, କାଉଡୋଳା ସରପଞ୍ଚ ଜମ୍ମୁବତୀ ସାହୁ, ଗମ୍ଭାରୀଗୁଡା ସରପଞ୍ଚ ନନ୍ଦିତା ସାହୁ, ଟେମରା ସରପଞ୍ଚ ଗୌରୀ ଦଳପତି, ମହିମା ସରପଞ୍ଚ ଜୟସିଂ ମାଝି, ଖୁଣ୍ଟିଆ ସରପଞ୍ଚ ଧର୍ମବ୍ରତ ପଣ୍ଡା, ଗୋଡୋମୁଣ୍ଡା ଜବାହାର ଗୋପାଳ ପ୍ରମୁଖଙ୍କ ସମେତ ଅନ୍ୟ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ। କୋକସରା ବ୍ଲକ ଜିପିଓ ଦାମୋଦର ବିଶ୍ୱାଳ, ସାମିଜିକ ସୁରକ୍ଷା ଅଧିକାରୀ ଦିପକ କୁମାର ବେହେରା ବୈଠକରେ ସହଯୋଗ କରିଥିଲେ।



ପଞ୍ଚାୟତ ସମିତିସଭା ଗୃହରେ ଅନୁଷ୍ଠିତ ବୈଠକ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ଭଧାରିଣୀ ଆଉ କ୍ଷୀର ଦିଆ**
**ଗୁରୁପତ୍ନୀ ଆଉ ସାବତ ମାଆ**
**ମାଈ, ବ୍ରାହ୍ମଣୀ ଧାଈ ଆଉ ଗାଈ**
**ଶାସ୍ତ୍ରେ ଏମାନଙ୍କୁ ଜନନୀ କହି ।**

ଯିଏ ସନ୍ତାନଙ୍କୁ ଗର୍ଭରେ ଧାରଣ କରିଥାଏ, କ୍ଷୀରପାନ କରାଇଥାଏ ସେ ମା' ହୋଇଥାଏ। ଗୁରୁଙ୍କ ପତ୍ନୀ, ସାବତ ମାଆ, ମାଈଁ ତଥା ଧାଈ ଏ ସମସ୍ତେ ମାତୃତୁଲ୍ୟ ହୋଇଥାନ୍ତି। ସେହିପରି ଗାଈକୁ ଗୋମାତା ଭାବେ ପୂଜା କରାଯାଇଥାଏ। ଶାସ୍ତ୍ର ମତରେ ଏମାନେ ଜନନୀ ପଦବାଚ୍ୟ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଠ ସୁସାର ଥିଲେ**
**ଗାଈ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ରହିଥାଏ ସେଇଠି ମନ ଅକ୍ଲେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଅନାବିଳ ସ୍ନେହ ଶ୍ରଦ୍ଧା ପାଶେ ମନ ବନ୍ଧା ପଡ଼ିଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର ।

# ଯୁବ ପିଢ଼ି ହେଉଛନ୍ତି ସମାଜର ମୂଳଦୁଆ

**ନୂଆପଡା ଅଫିସ,୨୭।୧୨**

ଆଗାମୀ ଦିନର ଯୁବ ସମାଜକୁ ଭଲ ଭାବେ ଗଢବାକୁ ହେଲେ ବର୍ତ୍ତମାନ ଯୁବ ସମାଜକୁ ମୂଲ୍ୟନିଷ୍ଠ ଏବଂ ଶକ୍ତିଶାଳୀ କରିବାକୁ ହେବ ବୋଲି ମାଉଣ୍ଟ ଆବୁରୁ ଆସିଥିବା ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗୀ ବ୍ରହ୍ମକୁମାରୀ ଭଗବାନ ଭାଇ କହିଛନ୍ତି। ସ୍ଥାନୀୟ ନ୍ୟାଶନାଲ କଲେଜରେ ଅନୁଷ୍ଠିତ ଆଧ୍ୟାତ୍ମିକ ଅଧିବେଶନରେ ଯୋଗଦେଇ ଏହା କହିଛନ୍ତି। କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ଭଗବାନ ଭାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଦ୍‌ବୋଧନ ଦେବା ଅବସରରେ କହିଥିଲେ ଯେ, ବର୍ତ୍ତମାନ ଯୁବପିଢୀ ଆଗାମୀ ସମାଜକୁ ସଶକ୍ତ କରିପାରିବ । ସଶକ୍ତି ଯୁବା ଅର୍ଥାତ ଯିଏ ବ୍ୟସନ, ନିଶା, କୁସଂଗ ଓ ଅବଗୁଣରୁ ମୁକ୍ତ ହୋଇଥିବେ ସେମାନେ ହିଁ ସମାଜର ସେବା କରିପାରିବେ। ଚରିତ୍ର ହେଉଛି ଆମର ପ୍ରକୃତ ସମ୍ପତି। ଚରିତ୍ରବାନ ଯୁବ ପିଢୀ ସମାଜ ଓ ଦେଶ ପାଇଁ ଆବଶ୍ୟକ ରହିଛି । ସେହିଭଳି ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ସଂଚାଳିକା ସୁମତି ଭଉଣୀ ବ୍ୟସନ ମୁକ୍ତ ଏବଂ ଗୁଣବାନ ଯୁବ ସମାଜ, ସମାଜରେ କିଛି ବିଶେଷ କାର୍ଯ୍ୟ କରିପାରିବେ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷ ଦାସ ଯେକୌଣସି କ୍ଷେତ୍ରରେ ସଫଳତା ପ୍ରାପ୍ତ କରିବାକୁ ଏକାଗ୍ରତା ଓ ଦୃଢତାର ନିତାନ୍ତ ଆବଶ୍ୟକତା ରହିଛି। ଶରୀର ସହ ମନ ଠିକ ରହିଲେ ଆମେ ଜୀବନକୁ ମହାନ କରିପାରିବା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମକୁମାରୀ ଅନୀତା ଭଉଣୀ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ରହ୍ମକୁମାରୀ ପବନ ଭାଇ, ଛବି ଭାଇ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର କଲେଜ ଛାତ୍ରୀଛାତ୍ର ସମେତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସଚିନ ବାବୁ, ଈଶ୍ୱର ପଟେଲ, କବିତା ରଥ, ପ୍ରଣତି ପଣ୍ଡା, ଗୀତା ସେଠ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଦୁଲ୍ଲଭ ଚରଣ ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଉଦନ୍ତୀ ମହୋତ୍ସବ ଫେବୃୟାରୀ ୫ରୁ

**ସିନାପାଲି,୨୭।୧୨ (ଡି.ଏନ.ଏ.)**




କଳା, ସାହିତ୍ୟ ଓ ସଂସ୍କୃତିର ପର୍ବ ଉଦନ୍ତୀ ମହୋତ୍ସବ-୨୦୨୦ ପାଇଁ ସିନାପାଲି ପଞ୍ଚାୟତ ସମିତି ସଭାଗୃହରେ ପୂର୍ବତନ ସଭାପତି ବୈଶମ୍ପାୟନ ମେହେରଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଫେବୃୟାରୀ ୫, ୬ ଓ ୭ ତାରିଖ ୩ ଦିନ ଧରି ଏହି ମହୋତ୍ସବ ପାଳନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା କମିଟି ସୂତ୍ରରୁ ପ୍ରକାଶ। ଏଥିପାଇଁ ମହୋତ୍ସବ ପାଳନ କମିଟି ଗଠନ କରାଯାଇଛି। ସଭାପତି ଭାବେ ସୁବାସ ଚନ୍ଦ୍ର ଅଗ୍ରୱାଲ, ଉପସଭାପତି ଶଶୀଭୂଷଣ ମାଝି, ଅରିଗଞ୍ଜନ ଯୋଷୀ ଓ ଲିଙ୍ଗରାଜ ଘିଭେଲା, ସାଧାରଣ ସମ୍ପାଦକ ପ୍ରିୟରଞ୍ଜନ ମେହେର, ଯୁଗ୍ମସମ୍ପାଦକ ସୁରଜ ମେହେର, ରଜନୀ ମାଝି, ତରୁଣ କୁମାର ମେହେର ଓ କୋଷାଧକ୍ଷ ଭାବେ ଦିବ୍ୟରଞ୍ଜନ ନାଏକଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ପୂର୍ବତନ ସଭାପତି ବୈଶମ୍ପାୟନ ମେହେର, ଡମ୍ବରୁଧର ମେହେର, ନୀଳମଣି ମେହେର, ମଧୁକୁମାର ଜୈନ, ତପସ୍ୱିନୀ ମାଝି, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ପ୍ରମୁଖ ମନୋନୀତ ହୋଇଛନ୍ତି। ପରବର୍ତ୍ତୀ ବୈଠକରେ ବିଭିନ୍ନ ଉପକମିଟି କର୍ମକର୍ତ୍ତା ଚୟନ କରାଯିବ ବୋଲି କମିଟି ସୂତ୍ରରୁ ସୂଚନା ମିଳିଛି । ବୈଠକରେ ସିନାପାଲି ବ୍ଲକ୍ ଅଞ୍ଚଳର ବିଭିନ୍ନ ଯୁବ ଅନୁଷ୍ଠାନ ସଦସ୍ୟ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ତଥା ବହୁସଂଖ୍ୟାରେ ଜନସାଧାରଣ ସାମିଲ ଥିଲେ।



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

# ମହାମାୟା କଲେଜର ବାର୍ଷିକ ଉତ୍ସବ

**ନୂଆପଡା ଅଫିସ,୨୭।୧୨**

ମହାମାୟା କଲେଜର ବାର୍ଷିକ ଉତ୍ସବ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଉତ୍ସବର ଉଦ୍‌ଯାପନୀରେ ମହାବିଦ୍ୟାଳୟ ପରଚାଳନା ନିର୍ଦ୍ଦେଶକ ସତ୍ୟଭୂଷଣ ସାହୁ ସଭାପତିତ୍ୱ କରିଥିବା ବେଳେ ଜିଲାପାଳ ମଧୁସ୍ମିତା ସାହୁ ମୁଖ୍ୟଅତିଥି, ନ୍ୟାଶନାଲ କଲେଜ ଅଧ୍ୟକ୍ଷ ସମରେନ୍ଦ୍ର ନାରାୟଣ ଦାସ ମୁଖ୍ୟବକ୍ତା, ଡିଗ୍ରୀ କଲେଜ ଅଧ୍ୟକ୍ଷ ଛବି ମେହେର, ସମ୍ପାଦକ ଟଙ୍କଧର ସାହୁ, କୋମନା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧେଶ୍ୱର ସାହୁ, ଖଡିଆଳ କଲେଜ ଅଧ୍ୟାପକ ଡ. ତରୁଣ କୁମାର ପ୍ରଧାନ, ଜ୍ୟୋତିର୍ମୟୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କଲେଜ ସଂଯୋଜକ ଆଶିକ ରେହମାନ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକ୍ରମରେ ଅଧ୍ୟାପକ ରମେଶ, ଶ୍ରଦ୍ଧା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜିଲାପାଳ ସାହୁ ଛାତ୍ରୀଛାତ୍ରମାନଙ୍କ ଧୀଶକ୍ତିର ବିକାଶ କରିବା ସହ ଯୁଗ ସହ ତାଳ ଦେଇ ନିଜକୁ ଆଗକୁ ନେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ କଲେଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏପରି କି କଲେଜର ବିକାଶ ପାଇଁ ନିଜକୁ ଉତ୍ସର୍ଗୀକୃତ ସେବା କରିଥିବା ଅଧ୍ୟାପିକା ଅଧ୍ୟାପକମାନଙ୍କୁ ମଧ୍ୟ ଉତ୍ସାହିତ କରିବାକୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ କଲେଜ ସମସ୍ତ ଛାତ୍ରୀଛାତ୍ର, ଅଭିଭାବକମାନେ ମନଭରି ଉପଭୋଗ କରିଥିଲେ।

# ଦାଦାବଟି ପାଇଁ ଶ୍ରମିକଙ୍କୁ ଆକ୍ରମଣ

## ୨ ବିହାରୀ ଯୁବକ ଗୁରୁତର, ବୁର୍ଲା ସ୍ଥାନାନ୍ତର

**ଭବାନୀପାଟଣା,୨୭।୧୨(ଡି.ଏନ.ଏ.)**

ଦାଦା ବଟି ପାଇଁ କଳାହାଣ୍ଡି ଜିଲା ଜୟପାଟଣା ଥାନା ବଡକୁଟରୁ ଫାଣ୍ଡି ଅନ୍ତର୍ଗତ ବର୍ଚ୍ଛିଛକ ନିକଟରେ ଏକ କ୍ୟାମ୍ପରେ ରହୁଥିବା ବିହାରୀ ଶ୍ରମିକଙ୍କ ଉପରେ ଗତ ମଙ୍ଗଳବାର ସ୍ଥାନୀୟ ଯୁବକମାନେ ଆକ୍ରମଣ କରିଛନ୍ତି। ଫଳରେ ୨ ଜଣ ଗୁରୁତର ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିବା ବେଳେ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଏ ବିଷୟରେ ବଡକୁଟରୁ ଫାଣ୍ଡିରେ ବୁଧବାର ଶ୍ରମିକ ବୈଦ୍ୟନାଥ ମୁଖିଆ (୫୫) ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ବର୍ଚ୍ଛିଛକ ନିକଟ ହନୁମାନ ମନ୍ଦିର ଡଙ୍ଗାରୀ ନିକଟରେ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ ପାଇଁ ଏକ ଓଭରହେଡ ଟ୍ୟାଙ୍କ କାମ ଆରମ୍ଭ କାରଯାଇଛି। ଏହି ପ୍ରକଳ୍ପରେ ବିହାରର ଶ୍ରମିକମାନେ କାମ କରିବା ସହ ସେଠାରେ ୮ ଜଣ କ୍ୟାମ୍ପ କରି ରହୁଛନ୍ତି। ମଙ୍ଗଳବାର କେତେକ ସ୍ଥାନୀୟ ଯୁବକ ସେମାନଙ୍କୁ ୧୦ ହଜାର ଟଙ୍କା ଦେବାକୁ ଧମକ ଦେଇଥିଲେ। ଏପରିକି ବଟି ନ ଦେଲେ ଜୀବନରେ ମାରିଦେବୁ ବୋଲି କହିଥିଲେ। ଶ୍ରମିକମାନେ ମନା କରିବାରୁ ରାତି ୧୦ଟାରେ ବାଇକରେ କିଛି ଯୁବକ ଆସିଥିଲେ। ଶ୍ରମିକମାନେ ରୋଷେଇରେ ବ୍ୟସ୍ତ ଥିବା ବେଳେ ଲୁହା ଓ ଟିଣ ବାଲ୍‌ଟିରେ ଆକ୍ରମଣ କରିଥିଲେ। ଭୟରେ କିଛି ଯୁବକ ଲୁଚି ପଳାଇ ଯାଇଥିଲେ। ହେଲେ ମାଡ ଖାଇଥିବା ୨ ଜଣକ ଚେତା ହରାଇଥିଲେ। ଖବର ପାଇ ସ୍ଥାନୀୟ ଲୋକେ ବିକାଶ କୁମାର (୨୪) ଏବଂ ବବଲୁ ମୁଖିଆ (୨୩)ଙ୍କୁ ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଜୟପାଟଣା ଡାକ୍ତରଖାନାକୁ ନେଇଥିଲେ। ସେମାନଙ୍କ ପରିସ୍ଥିତି ସଙ୍କଟାପନ୍ନ ଥିବାରୁ ସେଠାରୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ମେଡିକାଲକୁ ନିଆଯାଇଥିବା ପୋଲିସ ପ୍ରକାଶ କରିଛି। ଲୁହା ରଡ ମାଡ ଯୋଗୁ ବିକାଶଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅନ୍ୟପକ୍ଷେ ବର୍ଚ୍ଛି ଗ୍ରାମର ବନମାଳୀ କଣ୍ଟା (୩୬) ସେଠାରୁ ମାଡ ମାରି ପଳାଉଥିବା ବେଳେ କେତେକ ବିହାରୀ ତାଙ୍କ ଗାଡିକୁ ଅଟକାଇବାରୁ ସେ ତଳେ ପଡି ଆହତ ହୋଇଥିବା ଜଣାଯାଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ଜଣେ ସ୍ଥାନୀୟ ଯୁବକ ଦୁର୍ଯ୍ୟୋଧନ ମାଝି (୨୪)ଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପୋଲିସ ଆକ୍ରମଣ କାରୀମାନେ ଛାଡି ଯାଇଥିବା ଏକ ବାଇକକୁ ଜବତ କରିଛି। ଏ ନେଇ ବଡକୁଟରୁ ଫାଣ୍ଡିରେ ଏକ ମାମଲା (ନଂ. ୩୨୪/୧୯) ରୁଜୁ ହୋଇଛି। ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ କୃତିବାସ ପୂଝାରୀ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ମହଶ୍ୱେରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କେଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485 8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now 9453480851

ASTROLOGY ASTROLOGY

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍ଚର, ଦୁଇ ଚକିଆ, ଗ୍ରୁପ୍ ଋଣ ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

FINANCE
ସରକାରୀ ଯୋଜନା ଦ୍ୱାରା All Odisha ଋଣ ନିଜର ମାର୍କସିଟ, ଆଧାରକାର୍ଡ, କୃଷି ଋଣ ମାତ୍ର ୦% ସୁଧ ୫୦% ଛାଡ (ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ + Bike Free ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ । ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରିମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

SUCCESS
DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday



ଭୁଲ୍ କରିବାଟା ମନୁଷ୍ୟର ପ୍ରକୃତି,
ତେଣୁ ସେ କ୍ଷମା ପାଇପାରିବ ।
- ଯୋସେଫ୍



## ସଂକ୍ଷେପରେ

### କେନ୍ଦୁଉଡାର ଫୁଟବଲ ଟୁର୍ନାମେଣ୍ଟ : ଚୂଡାପାଲି ବିଜୟୀ

**ଟିକ୍ରାପଡା, ୨୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧିନ କେନ୍ଦୁଉଡାରଠାରେ ଲାଙ୍କେଶ୍ୱର ସ୍ପୋର୍ଟସ ଏଆଣ୍ଡ କଲଚରାଲ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚମ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଚତୁର୍ଥ ଦିବସ । ଅନୁଷ୍ଠିତ ମ୍ୟାଚରେ ଖର୍ସେଲବାଞ୍ଜି ଦଳକୁ ୨-୦ ଗୋଲରେ ହରାଇ ଚୂଡାପାଲି ବିଜୟୀ ହୋଇଥିଲା । ଦେବରାଜ ନାହାକଙ୍କୁ ଖେଳ ପରିଚାଳନାରେ ମଣ୍ଟୁ ବେହେରା, ଲଳିତ ମୋହନ ମାଝୀ ସହାୟତା କରିଥିଲେ। ଚୂଡାମଣି ବଗର୍ତ୍ତା, ଜ୍ଞାନେଶ୍ୱର ପ୍ରଧାନୀ ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍ଥାନୀୟ ସମିତି ସଭ୍ୟ ଅନନ୍ତ କାଲସାଏ, ୱାର୍ଡ ସଭ୍ୟ ଅର୍ଜୁନ ମହାକୁର, ବରିଷ୍ଠ ଫୁଟବଲ ଖେଳାଳି ବଳଦେବ ମାଝୀ, ପରେଶ ମାଝୀ, ଜିତୁ ବାଗ ଅତିଥିଭାବେ ଯୋଗ ଦେଇଥିଲେ । ଶନିବାର ଚଲକି ବନାମ ମୁରିବାହାଲ ପ୍ରଥମ ସେମି ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

### ନେତ୍ରଭାନୁ ହାଇସ୍କୁଲ: ୨୦୧୩ ମାଟ୍ରିକ ବ୍ୟାଚ ବନ୍ଧୁମିଳନ

**ଦେଓଗାଁ,୨୭।୧୨(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୨୦୧୩ ମାଟ୍ରିକ ବ୍ୟାଚର ତୃତୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଲକ୍ଷ୍ମଣ ଝୁଲାଠାରେ ଅନୁଷ୍ଠିତ ହୋଇଯାଇଛି। ରଞ୍ଜିତ ନାଗଙ୍କ ସଭାପତିତ୍ୱ ଏବଂ ମନିଷ କୁମାର ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ବଭିନ୍ନ ସଚେତନତା କାର୍ଯ୍ୟକ୍ରମ କରିବାକୁ ମତପ୍ରକାଶ ପାଇଥିଲା। ଏପରି କି ଆଗାମୀ ବର୍ଷରେ ବ୍ୟାଚର ଶତପ୍ରତିଶତ ବନ୍ଧୁଙ୍କୁ ଉତ୍ସବରେ ଯୋଗଦେବାକୁ ଆହ୍ୱାନ କରାଯିବ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ ଦଣ୍ଡସେନା, ବୁବୁନ ପୁଟେଲ, ଜଗା କୁଦେଇ, ଠନ ନାଗ ପ୍ରମୁଖ ସହଯୋଗ କରିଥିଲେ।

### ବୁରୋମୁଣ୍ଡା ଗାଁରେ ସରକାରୀ ଜମି ଜବରଦଖଲ: ଉନ୍ନୟନମୂଳକ କାମ ବାଧାପ୍ରାପ୍ତ

**ଲୋଇସିଂହା,୨୭।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତଲିଉଡାର ପଞ୍ଚାୟତ ଅଧୀନ ବୁରୋମୁଣ୍ଡା ହାଟପଦାଠାରେ ପଞ୍ଚାୟତ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ହୋଇଛି । ହେଲେ ଜାଗା ଅଭାବ ଯୋଗୁ ନିର୍ମାଣ କାମ ଆଗେଇ ପାରୁନାହିଁ ପଞ୍ଚାୟତ ପ୍ରତିନିଧି ସରକାରୀ ଜମିଚିହ୍ନଟ ପାଇଁ ତହସିଲଦାରଙ୍କ ନିକଟରେ ଚଳିତ ମାସ ୧୧ ତାରିଖରେ ଫେରାଦ ହୋଇଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଯୋଗ୍ୟ, ବୁରୋମୁଣ୍ଡା ହାଟପଦାରେ କେତେକ ଦୋକାନ ଗୃହ ନିର୍ମାଣ ପାଇଁ ତଲିଉଡାର ପଞ୍ଚାୟତ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ହେଲେ ଉପଯୁକ୍ତ ସରକାରୀ ଜମି ମିଳୁ ନ ଥିବାରୁ ନିର୍ମାଣ କାମ ସମ୍ଭବ ହୋଇପାରୁ ନାହିଁ। ଉପଯୁକ୍ତ ଜମି ଯୋଗାଇ ଦେବାକୁ ପଞ୍ଚାୟତ ପକ୍ଷରୁ ପତ୍ରସଂଖ୍ୟା ୧୩୭ରେ ତହସିଲଦାରଙ୍କ ନିକଟରେ ଜନପ୍ରତିନିଧିମାନେ ଦାବି କରିଛନ୍ତି। ଏପରି କି ବୁରୋମୁଣ୍ଡା ଗ୍ରାମବାସୀ ସ୍ଥାନୀୟ ସ୍କୁଲ ଜମିକୁ କେତେକ ଅସାମାଜିକ ଲୋକେ ଜବରଦଖଲ କରିଥିବା ଅଭିଯୋଗ କରିଛନ୍ତି। ଜବରଦଖଲ ଜମି ଉଚ୍ଛେଦ ଦାବି ନେଇ ଗ୍ରାମବାସୀ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଫେରାଦ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ୧୯୯୧ରେ ଗାଁରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ବିଦ୍ୟାଳୟ ସରକାରୀ ଅନୁଦାନ ପ୍ରାପ୍ତ। ବର୍ତ୍ତମାନ ସ୍କୁଲର ପରିସୀମା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଏପରି କି କେତେକ ବ୍ୟକ୍ତି ସ୍କୁଲ ସୀମାକୁ ମାଡି ବସିଥିବାରୁ ଭବିଷ୍ୟତରେ ସ୍କୁଲରେ ହେବାକୁ ଥିବା ସରକାରୀ କାମଗୁଡିକରେ ବାଧା ସୃଷ୍ଟି ହେବା ନେଇ ଗ୍ରାମବସୀ ଆଶଙ୍କା ପ୍ରକାଶ କରିଛନ୍ତି। ଏହି ସମ୍ପର୍କରେ ତହସିଲଦାର ଆରତୀ ଭୋଇଙ୍କୁ ପଚାରିବାକୁ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପଞ୍ଚାୟତ ପ୍ରତିନିଧି ଓ ଗ୍ରାମବାସୀ ଦାବି କରିଛନ୍ତି।

> **ଆଜି କ'ଣ କେଉଁଠି** ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅଦିନିଆ ବର୍ଷା: ମଣ୍ଡିରେ ଭିଜିଲା ଧାନ

**ଲୋଇସିଂହା,୨୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଞ୍ଚଳରେ ଗୁରୁବାର ସକାଳେ ମେଘୁଆ ପାଗ ହୋଇ ଝିପିଝିପି ବର୍ଷା ଲାଗି ରହିଥିଲା। ଫଳରେ ଖୋଲା ଆକାଶ ତଳେ ବ୍ଲକର ବିଭିନ୍ନ ମଣ୍ଡିରେ ପଡିଥିବା ହଜାରହଜାର ଧାନ ବସ୍ତା ଓଦା ହୋଇଯାଇଥିବା ଚାଷୀମାନେ ଅଭିଯୋଗ ହୋଇଛି। ଏ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଲୋଇସିଂହା ବ୍ଲକର ୧୦ଟି ପ୍ୟାକ୍ସରେ ଧାନ କିଣା ଆରମ୍ଭ ହୋଇଛି । ହେଲେ ଚଳିତ ସପ୍ତାହରୁ ମଣ୍ଡିରେ ଧାନ ବୋହିବାକୁ ନିୟୋଜିତ ଥିବା ଶ୍ରମିକମାନେ ପାଉଣା ପାଇବାକୁ ନେଇ କାର୍ଯ୍ୟ ବନ୍ଦ କରିଥିଲେ। ଏପରି କି ୪ ଦିନ ପ୍ୟାକ୍ସ କର୍ମଚାରୀ ଓ ଶ୍ରମିକଙ୍କ ମଧ୍ୟରେ ପାଉଣାକୁ ନେଇ ବିବାଦ ଲାଗିରହିଥିଲା। ସରକାରୀ ଧାର୍ଯ୍ୟ ମତେ ପାଉଣା ଦେବାକୁ ପ୍ୟାକ୍ସ କର୍ମଚାରୀ କହୁଥିବା ବେଳେ ଶ୍ରମିକମାନେ ବସ୍ତା ପିଛା ୧୩ଟଙ୍କା ଦରରେ କାମ କରିବାକୁ ଜିଦ ଧରିଥିଲେ। ଏଭଳି ପରିସ୍ଥିତିରେ ଟୋକନ ପାଇ ମଣ୍ଡିକୁ ଧାନ ଆଣିଥିବା ଚାଷୀ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବର୍ତ୍ତମାନ ଅଦିନିଆ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଲୋଇସିଂହା, ବୁର୍ଡା, ଯୋଗୀସର୍ଡା, କନ୍ଧାକୁରୀ, ବାଦିମୁଣ୍ଡା, କୁଶଙ୍ଗ, କୁଶମେଲ, ସରଗାଡ, ଗଡଶଙ୍କର, ଡୁଙ୍ଗରିପାଲି, ରେଙ୍ଗାଲି ପ୍ୟାକ୍ସରେ ଆନୁଷଙ୍ଗିକ ସୁବିଧା ସୁଯୋଗ ନ ଥିବାରୁ ଶତାଧିକ ଧାନ ବସ୍ତା ବାହାରେ ପଡି ବର୍ଷାରେ ଓଦା ହୋଇଛି। ଫଳରେ ଚାଷୀ ଧାନ ବିକ୍ରି କରିବା ନେଇ ହତାଶ ହୋଇପଡିଛନ୍ତି। ଯୋଗୀସର୍ଡା ସମିତି ସଭ୍ୟ ତଥା ଛେଲବାହାଲଗାଁର ଚାଷୀ ହେମାଳ ମେସଯଡ଼ା ତୁରନ୍ତ ଚାଷୀଙ୍କ ଧାନ କିଣି ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ଚାଷୀ କ୍ଷତିର ସମ୍ମୁଖୀନ ହେଉଥିଲେ ସୁଦ୍ଧା ଚାଷୀ ସଂଗଠନ କିମ୍ବା ରାଜନୈତିକ ଦଳର ହସ୍ତକ୍ଷେପ ନ ହେବା ସାଧାରଣରେ ବିଡମ୍ବନାର ବିଷୟ ବୋଲି ସାମାଜିକ କର୍ମୀ ସରୋଜ ବିଶ୍ୱାଳ କହିଛନ୍ତି। ଜିଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସେ ଦାବି କରିଛନ୍ତି।


ଯୋଗୀସର୍ଡା ମଣ୍ଡିରେ ଓଦା ହୋଇପଡିଥିବା ଧାନ ବସ୍ତା।


ଟିକ୍ରାପଡାଠାରେ ସମ୍ବଲପୁରୀ ନୃତ୍ୟ ମାଧମରେ ମାତୃସ୍ୱାସ୍ଥ୍ୟ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଉଛି ।

## ମାତୃ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଟିକ୍ରାପଡା, ୨୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଝରବାହାଲି ଓ ଟିକ୍ରାପଡା ପଞ୍ଚାୟତ ଟିକ୍ରାପଡାଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଇଁତଲା ଓ ସ୍ୱାଗତ ସେବା ସଂଘ କୁମ୍ଭାରୀର ମିଳିତ ଆନୁକୂଲ୍ୟରେ ମାତୃ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସେବା ସଂଘ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ମାଧ୍ୟମରେ ମାତୃ ସ୍ୱାସ୍ଥ୍ୟ, ବିଭିନ୍ନ ରୋଗ, ପ୍ରତିଷେଧକ ବ୍ୟବସ୍ଥା ଓ ପ୍ରତିକାର ପଦ୍ଧତି ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଇଥିଲା । ଝସକେତନ ରଣା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ବେବି କୁମ୍ଭାର, ବିଭୂତି ଚରଣ ପୋଢ, ଫକିର ଚରଣ ବଗର୍ତ୍ତୀ, ଲିଙ୍ଗରାଜ ରଣା, ଦଶରଥ ମହାକୁର, ସୁଧାଂଶୁ ପ୍ରଧାନ ପ୍ରମୁଖ କଳାକାର ଏଥିରେ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ଆଶା କର୍ମୀଗଣ ଉପସ୍ଥିତ ରହିଥିଲେ ।

## ଧଣ୍ଡାମୁଣ୍ଡାରେ ସାମାଜିକ ସମୀକ୍ଷା ଗ୍ରାମସଭା

**ଖପ୍ରାଖୋଲ,୨୭।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତିରାଜ, ସାମାଜିକ ସଶକ୍ତୀକରଣ ବିଭାଗ ଏବଂ ଓସାଟ୍ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା ଯୋଜନାର ସାମାଜିକ ସମୀକ୍ଷା ଗ୍ରାମସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ଶ୍ରମିକ ପ୍ରତିନିଧି ଦେବାର ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀ କୁମ୍ଭାର, ସମିତି ସଭ୍ୟ ଶୋଭନମୟ ମିଶ୍ର, ବିଏସ୍ଏ ଅଭୟ ତ୍ରିପାଠୀ, ଜିଆର୍ଏସ୍ ନୀଳମଣି ଜାଲ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ବିଗତ ୬ ମାସର ବ୍ୟୟ ସମ୍ପର୍କିତ ଆଲୋଚନା ହୋଇଥିଲା। ଅନ୍ୟପକ୍ଷେ ସଭାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପକ୍ଷରୁ ୯୫ ଦିନର ମଜୁରି ବାବଦ ଟଙ୍କା ହିତାଧିକାରୀଙ୍କୁ ଠିକ୍ ସମୟରେ ମିଳି ନ ଥିବା ଅଭିଯୋଗ ହୋଇଥିଲା। ସେହିପରି ଜାତୀୟ ସାମାଜିକ ସହାୟତା ଯୋଜନା ସମ୍ପର୍କରେ ଆଲୋଚନା ହେବା ସହ ପ୍ରକୃତ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ସଭାରେ ତୁରନ୍ତ ସମସ୍ୟାର ସାମଧାନ କରାଯିବ ବୋଲି କୁହାଯାଇଥିଲା। ଏପରି କି ସଭା ଆରମ୍ଭରେ ଭିଆରପି ରୁବି ବାରିକ, ମମତା ମହାକୁଡ ପ୍ରମୁଖ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁନନ୍ଦ ପୁଟେଲ, ଭାଗବତିଆ ସାହୁ, ଶେଷଦେବ ପଟେଲ, ପଞ୍ଚାନନ କୁମ୍ଭାରଙ୍କ ସମେତ ଶତାଧିକ ମହିଳା ପୁରୁଷ ଉପସ୍ଥିତ ଥିଲେ।


ସାମାଜିକ ସମୀକ୍ଷା ଗ୍ରାମସଭାରେ ଉପସ୍ଥିତ ଜନପ୍ରତିନିଧିଙ୍କ ସହ ଅନ୍ୟମାନେ।

## ଦେଓଗାଁ କଲେଜର ଜାତୀୟ ସେବା ଶିବିର ଉଦ୍‌ଯାପିତ

**ଦେଓଗାଁ,୨୭।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ଯୁକ୍ତ ଦୁଇ କଲେଜର ଶିତକାଳିନ ଜାତୀୟ ସେବା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ଅଧିକାରୀ ଦେବଦତ୍ତ ଗୁରୁଙ୍କ ପରିଚାଳନାରେ ଗାଇବାହାଲ ପଞ୍ଚାୟତ ଅଧୀନ ଜୁର୍ଲାକାନୀରେ ଶିବିରର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୀବ କୁମାର କର୍ତ୍ତି, ମୁଖ୍ୟବକ୍ତା ଅଧ୍ୟାପକ ସନ୍ତୋଷ କୁମାର ଜାନୀ, ଅଧ୍ୟାପକ ସୁଶାନ୍ତ କୁମାର ସାହୁ, କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୨୫ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇ ୭ଦିନ ଧରି ଗାଁରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ ଅଭିଯାନ, ପରିବେଶ ସୁରକ୍ଷା, ଚାରା ରୋପଣ, ନିଶା ନିବାରଣ, ଆତ୍ମସୁରକ୍ଷା, ବର୍ଜ୍ୟବସ୍ତୁ ପରିଚାଳନା ଦିଗରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କ୍ରୀଡ଼ା ଶିକ୍ଷକ ଗିରିଗୋବର୍ଦ୍ଧନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଟିଟିଲାଗଡ଼ ଫୁଟବଲ ପ୍ରତିଯୋଗିତା

## ଘୁସୁରାମୁଣ୍ଡା ଚାମ୍ପିୟନ

**ଟିଟିଲାଗଡ଼,୨୭।୧୨(ଡି.ଏନ୍.ଏ.)**

ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲ ପଡ଼ିଆରେ ଟିଟିଲାଗଡ ଫୁଟବଲ ଆସୋସିଏଶନ ପକ୍ଷରୁ ଚାଲିଥିବା ସପ୍ତମ ବାର୍ଷିକୀ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଫାଇନାଲ ଖେଳରେ ଘୁସୁରାମୁଣ୍ଡା ଦଳ ଚାମ୍ପିୟନ ହୋଇଛି।

ଘୁସୁରାମୁଣ୍ଡା ଏବଂ ନାରିକେଟା ଦଳ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ ପ୍ରଥମରୁ ଜୋର୍‌ଦାର ସଂଘର୍ଷ ହୋଇ ଶେଷ ପର୍ଯ୍ୟନ୍ତ ମ୍ୟାଚ ୧-୧ରେ ଡ୍ର ରହିଥିଲା। ପରେ ପେନାଲଟି ସୁଟ୍‌ଆଉଟରେ ଘୁସୁରାମୁଣ୍ଡା ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ସାମାଜିକ କର୍ମୀ ହିଫଜୁଲ ରେହମାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ କୁମାର ଗୌରବ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳଙ୍କୁ ପୁରସ୍କୃତ କରିଥିଲେ। ଟିଟିଲାଗଡ଼ ସବ୍‌ଟ୍ରେଜେରି ଅଧିକାରୀ ତଥା ବରିଷ୍ଠ କ୍ରୀଡ଼ାବିତ ଉମ୍ଭରୁ କୁଅଁର, ରବି ବାଗ, ସନତ ପାଢୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରି ପାଣ୍ଡବ ବିଶି, ରିଙ୍କୁ ବିଶି, ଲୋକନାଥ ବିଶି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଆୟୋଜକଙ୍କ ପକ୍ଷରୁ ସେକ୍ ରଫିକ, ବି. ଶୁଣ୍ଡି, କୃଷ୍ଣ ପାତ୍ର, ବଲରାମ ନାଗ, ବିକ୍ରମ ବଚ୍ଛା, ରିଙ୍କୁ ଘିବେଲା, ସତ୍ୟନାରାୟଣ ବାଗ, ଯଶବିର ନାଏକ, କେଶବ ଜାନୀ, ଦଳ ବଗର୍ତ୍ତୀ, ରୋଷନ ଶର୍ମା, ମଧୁସୂଦନ ବଗର୍ତ୍ତୀ ପ୍ରମୁଖ ପ୍ରତିଯୋଗିତାରେ ସହଯୋଗ କରିଥିଲେ।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

## ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

**ଖପ୍ରାଖୋଲ,୨୭।୧୨(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜେ.ଏନ୍. ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଚାଲିଥିବା ଏକ ସ୍ୱତନ୍ତ୍ର ଶିବିର ମାଲପଡ଼ା ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ମରାରୀ ପ୍ରସାଦ ମେହେର ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ମହାବିଦ୍ୟାଳୟ ଅଧ୍ୟକ୍ଷ ଭୁବନେଶ୍ୱର ପୁରୋହିତ, ଅଧ୍ୟାପକ ରବୀନ୍ଦ୍ର କୁମାର ବାରିକ, ଶଙ୍କରର୍ଷଣ ପଣ୍ଡା, ସାମାଜିକ କର୍ମୀ ଅଭୟ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିବିରାର୍ଥିମାନେ ସପ୍ତାହ ଧରି କରିଥିବା ବିଭିନ୍ନ ସଚେତନତା କାର୍ଯ୍ୟର ଉପସ୍ଥାପନା କରିଥିଲେ। ୨୫ଜଣ ଶିବିରାର୍ଥୀଙ୍କୁ ମୁଖ୍ୟଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

## ଡୁଙ୍ଗୁରିପାଲି କଲେଜରେ ଜୀବନ ବିଦ୍ୟା କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୨୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ପରିବେଶ ସୁରକ୍ଷା ନିମନ୍ତେ ପିଲାଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ପାଇଁ ଜୀବନ ବିଦ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସାମନ୍ତ ଚନ୍ଦ୍ରସାହୁ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ପରେ ନୂତନ ଚାରା ରୋପଣ କରାଯାଇଥିଲା। ବିଦ୍ୟାର୍ଥୀମାନେ ପ୍ରତ୍ୟକ୍ଷ ଭାବେ ପରିବେଶ ସୁରକ୍ଷା ପାଇଁ କ'ଣ କରୁଛନ୍ତି ଏବଂ ଏଥିପାଇଁ ନିଜସ୍ୱ ସ୍ୱପ୍ନ କଣ ଅଛି ତାହା ଅନ୍ୟମାନଙ୍କ ସମ୍ମୁଖରେ ପ୍ରକାଶ କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ । କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଛାତ୍ର ଭଗିରଥୀ ଜ୍ୟୋତିଷ ନିଜ ଗ୍ରାମରେ କିପରି ବନୀକରଣ କରିଛନ୍ତି ତାହା ପ୍ରକାଶ କରିଥିଲେ ।

## ଫୁଟବଲ ଟୁର୍ନାମେଣ୍ଟ: ଜରାସିଂହା ଚାମ୍ପିୟନ

**ଦେଓଗାଁ,୨୭।୧୨ (ଡି.ଏନ୍.ଏ.)**

ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଚନ୍ଦ୍ରପୁର ଖେଳପଡ଼ିଆରେ ଶୁକ୍ରବାର ୧୪ବର୍ଷରୁ କମ୍ ବୟସ ପିଲାଙ୍କ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଚନ୍ଦ୍ରପୁର ଏବଂ ଜରାସିଂହା ମଧରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଜରାସିଂହା ବିଏନ୍ଏଏ ଦଳ ୩-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୀଲ ନନ୍ଦ, ପ୍ରିତେଶ ନନ୍ଦ, ବିଷ୍ଣୁ ନାଏକ ପ୍ରମୁଖ ଖଳ ପରିଚାଳନା କରିଥିଲେ। ଓଁକାର ନାଗଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଶରତ କୁମାର ପୁଟେଲ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ସୁଜିତ କୁଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଟୁର୍ନାମେଣ୍ଟରେ ହାତୀସରା, କୁଲିଆବାହାଲ, ଉଡାର, ଶିରାବାହାଲ, ବରକାନୀ, ଚନ୍ଦ୍ରପୁର, ଦେଓଗାଁ ଓ ଜରାସିଂହା ଆଦି ୮ଟି ଦଳ ଅଂଶଗ୍ରହଣ କରିଥିଲେ।


ଚନ୍ଦ୍ରପୁର ଖେଳପଡ଼ିଆରେ ୧୪ବର୍ଷରୁ କମ୍ ବୟସ ପିଲାଙ୍କ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଅବସରରେ ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

### ଭତା, ପୋରଛାହନ୍‌ରୁ ବଁଚିତ୍ ଗଣ୍ଡାବଜା କଳାକାର

# ବିପଦ୍‌ରେ ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି

**ଲାଠୋର, ୨୭।୧୨ (ଡି.ଏନ୍.ଏ.)**

ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ବହୁତ୍ ପ୍ରାଚୀନ। ସେନ୍‌ତା ଇଠାନର ଜାନିଯାତ୍‌ରା, ପରବ୍, ଉଛବ୍, ବିହାବରୁ ସଂଗେ ଯୁଡ଼ି ହେଇରହିଛେ ଢୋଲ, ଲିସାନ, ତାସା, ମୁହୁରୀ ଲେଖେଁ ପ୍ରାଚୀନ ବାଦ୍ୟଯନ୍ତ୍ର। ଇ ବଜାମାନ ଆଗରୁ ପୁରଖାପାତିନୁ ପିଢ଼ିଧରି ପିଢ଼ି ଦଳିତ୍ ସମାଜର କଳାକାରମାନେ ବଜେଇ ଆସୁଥିଲେ। ଇ ବଜାମାନକୁ ସମାଜରେ ଶୁଭ ବଜା ବଲି ଗନ୍ତି କରାଯାଏସି। କେହେନ୍‌ସି ବିହାବରପନ୍ ହେଉକି ଜାନିଯାତ୍‌ରା ସବୁଥି ଗଁଡ଼ାବଜା ମୂଳ ଆଏ। ପୁରାତନକାଲୁ ଇ ସମାଜର କଳାକାରମାନେ ବଜା ବଜେଇ ନିଜର କୁଟୁମ ପୁଷୁଥିଲେ। ହେଲେ ଆଏଜ୍‌କାଲି ଆଧୁନିକତାର ଛାପ୍‌ରେ ଆମର ସମାଜରେ ଅନେକ ପରିବରତନ୍ ହେବାର ସଂଗେ ସରକାରୀ ପୋରଛାହନ୍ ଅଭାବୁ କଳାକାରମାନେ ଇ ବୁର୍‌ତିରୁ ମୁହୁଁ ଫିରେଇ ନେଉଛନ୍। ଇଆଡ଼େ ଯେ ସରକାର କଳାକାରମାନକୁ ଭତା ପୋରଛାହନ୍ ଯୁଗେଇ ଦେବାର କଥା କହୁଛନ୍।

ସୂଚନା ହିସାବେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଁଚେତ୍ ଅଧୀନ ଜଲପାଙ୍କେଲ ଗାଁର ଗଁଡ଼ାବଜାର କଳାକାର ବିନୋଦ ସୁନା, ମୀନକେତନ ସୁନା, ବନା ସୁନା, ମକାରୁ ବିଭାର, ହରି ସୁନା, ପୁରନ୍ଦର ତାଣ୍ଡି, ହେରନା ସୁନା ଦୁଇ ଦୁଇଥର ଦରକାରୀ କାଗଜପତର ଦେଇ କଳାକାର ଭତାର ଲାଗି ପଁଚେତ୍‌ରେ ଆବେଦନ କରି ନିରାଶ ହେଇଥିବାର ଅଭିଯୋଗ କରିଛନ୍। ଇ କଳାକାରମାନେ ନିଜର ବାପ୍‌ଅଜା ଅମଲରୁ କଳାକେ ବଁଚେଇ ରଖିବାର ସଂଗେ ନିଜର କୁଟୁମ ପୁଷିଆସୁଛନ୍। ଅଂଚଲର ଆସରପାସର ଗାଁଗଁଡ଼ାରେ ହେଉଥିବାର ବିହାବରପନ, ବରୁଘର, ଜାନିଯାତ୍‌ରାରେ ନିଜର କଳାର ପରଦରଶନ କରି ଦୁଇପଏସା ରୁଜଗାର କରୁଛନ୍। ହେଲେ ଆଏଜ୍‌କାଲି ଇ ଆଧୁନିକ ଯୁଗେ ଲୋକ୍ ଗଁଡ଼ାବଜା ବଦ୍‌ଲା ଡିଜେ, ବ୍ୟାଣ୍ଡପାର୍ଟିକେ ବେଶି ପସନ୍ କରୁଛନ୍। ଯେନ୍‌ଥିରଲାଗି ଇ ପ୍ରାଚୀନ କଳା ଦିନୁଦିନ୍‌କେ ବୁଡ଼ବାକେ ବସଲାନ ବଲି କଳାକାରମାନେ କହିଛନ୍। ଏନ୍‌ତାଥି ସରକାରୀ ପୋରଛାହନ୍ ଅଭାବୁ ଅନେକ କଳାକାର ଇ କୁଲବୁରତିରୁ ମୁହୁଁ ମୁରି ଉନିଆଁ କାମ୍‌ଧଁଦା କଲାବେଲେ ଆରକେତେ ଉପେ ଶୁଇନ୍ ହେଇ କଳାକେ ବଁଚେଇ ରଖିଛନ୍। ଆଏଜ୍‌କାଲି ଇ ବୁର୍‌ତିରୁ ଯାହା କମାନି ହେଉଛେ ସେଥିରେ ଛୁଆପିଲାକୁ ପାଠ୍ ଦୁଇଅଖର ପଢ଼ାବାର ତ ଦୂରେ ଥାଉ, ଦୁଇବେଲା ଦୁଇମୁଠା ଖାଏବାରଟା ବି ଯୁଟାବାରଟା ଭିଡ଼ ହେଇଯାଉଛେ ବଲି କଳାକାରମାନେ କହିଛନ୍। ଅତି କମ୍‌ରେ ସରକାର ଆମକୁ କଳାକାର ଭତା ଦେଲେ ହେଲେ ଇ କଳାଟାକେ ବଁଚେଇ ରଖିହେତା ବଲି କଳାକାରମାନେ ମନ୍‌ଦୁଖ କରି କହିଛନ୍। ଇ ସମସିଆଟା ଖାଲି ଜଲପାଙ୍କେଲ ଗାଁର ନୁହେଁ ପଶ୍ଚିମ ଓଡ଼ିଶାର ଅନେକ ଜାଗାରେ ରହିଛେ। ଇ ଦିଗେ ରାଏଜ୍ ସରକାର, ଜିଲା ପରଶାସନ କଳାକାରମାନକୁ ଚିହ୍ନହଁଟ୍ କରି ତାହାକୁ ଭତା ଯୁଗେଇ ଦେବାର ବେବସ୍‌ତା କରବାର କଥା ବଲି କଳାକାରମାନେ ଦାବି କରିଛନ୍।


କଳାକାର ଭତାରୁ ବଁଚିତ୍ ଜଲପାଙ୍କେଲ ଗାଁର କଳାକାରମାନେ।



"ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ

# ଅଦିନିଆ ବର୍ଷା, ଚିନ୍ତାରେ ଚାଷୀ

## ■ ଖୋଲା ଆକାଶ ତଳେ ପଡ଼ିଛି ଧାନ

**ଭବାନୀପାଟଣା,୨୭।୧୨ (ଡି.ଏନ.ଏ.)**

କୋହଲା ପାଗ ସାଙ୍ଗକୁ ଗତ ୨୫ ତାରିଖଠାରୁ ଜିଲାର ବିଭିନ୍ନ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଛି। ଅନ୍ୟପଟେ ଖୋଲା ଆକାଶ ତଳେ ମଣ୍ଡିରେ ପଡିରହିଛି ହଜାର ହଜାର କୁଇଣ୍ଟାଲ ଧାନବସ୍ତା। ଧାନ ଉଠାଣରେ ମିଲର୍ସଙ୍କ ଅବହେଳା ଯୋଗୁ ଧାର୍ଯ୍ୟ ସମୟରେ ଚାଷୀଙ୍କ ଧାନ ଉଠାଣକୁ ଚିନ୍ତା ଦ୍ୱିଗୁଣିତ କରିଛି। କଳାହାଣ୍ଡି ଜିଲାର ୧୩ଟି ବ୍ଲକ୍‌ର ୭୮ଟି ପ୍ୟାକ୍ସ ଓ ୧୭ଟି ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ରେ ଚାଲିଥିବା ୧୭୮ଟି ମଣ୍ଡି ଓ ଉପମଣ୍ଡିର ସମାନ ଅବସ୍ଥା। ମଣ୍ଡିରେ କୌଣସି ଶେଡ୍ ବ୍ୟବସ୍ଥା ନାହିଁ କି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀମାନଙ୍କୁ ଆବଶ୍ୟକ ପଲିଥିନ ଯୋଗାଇ ଦିଆଯାଇନାହିଁ। ଫଳରେ ଖୋଲା ଆକାଶ ତଳେ ପଡି ରହିଛି ହଜାର ହଜାର ବସ୍ତା ଧାନ। ଅନ୍ୟପକ୍ଷରେ ଚାଷୀଙ୍କ ସମସ୍ୟା ବୁଝିବାକୁ କୌଣସି ଯୋଗାଣ ଅଧିକାରୀ କିମ୍ବା ପ୍ରଶାସନ ଅଧିକାରୀ ଆସୁ ନ ଥିବା ବେଳେ ପ୍ୟାକ୍ସ କର୍ମଚାରୀ ଓ ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଚାଷୀ ଶୋଷଣର ଶିକାର ହେଉଛନ୍ତି। ଅନ୍ୟପଟେ ନିର୍ବାଚିତ ଲୋକପ୍ରତିନିଧିମାନେ ମଧ୍ୟ ଚାଷୀଙ୍କ ପ୍ରତି ଦରଦ ନାହିଁ। ଦିନକୁ ଦିନ ଚାଷୀ ସମସ୍ୟା ବୃଦ୍ଧିପାଉଥିଲେ ସୁଦ୍ଧା ସରକାରୀସ୍ତରରେ କୌଣସି ପ୍ରତିକାର କରାଯାଉ ନ ଥିବାରୁ ଚାଷୀମାନେ ଦିନକୁ ଦିନ ଚାଷ କାର୍ଯ୍ୟରୁ ମୁହଁ ଫେରାଇବାକୁ ବସିଲେଣି। ଏଭଳି ପରିସ୍ଥିତିରେ ସମସ୍ୟା ବୁଝିବାକୁ କେହି ନ ଥିବା ବେଳେ ଆଶା ଓ ଆକାଂକ୍ଷାରେ ଦିନ କାଟୁଥିବା ଚାଷୀ ପ୍ରଶାସନର ଆଗାମୀ ପଦକ୍ଷେପକୁ ଚାହିଁ ବସିଛି। କଳାହାଣ୍ଡି ଜିଲାରେ ଧାନକିଣା ବ୍ୟବସ୍ଥା ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗୋଟିଏପଟେ ନୂତନ ଡିଜିଟାଲ ପ୍ରଣାଳୀରେ ଧାନ କିଣାରେ ଅସୁବିଧା, ଅନ୍ୟପଟେ ଧାନକିଣା କେନ୍ଦ୍ରୀୟ ଭାବେ ହେବା ପରେ ଚାଷୀ ପ୍ରାପ୍ୟ ପାଇବା ଏବଂ ଧାନକିଣାରେ ବିଳମ୍ବ ହେଉଛି। ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ଆସିବାରେ ବିଳମ୍ବ ଯୋଗୁ ଧାନକିଣା ମନ୍ଥର ହୋଇଥିଲା। ଏବେ ପୁଣି ଏଫ୍‌ସିଆଇରେ ସ୍ଥାନ ନ ଥିବାରୁ ଚାଉଳ ସଂଗ୍ରହ ନ ହେଲେ ଆଉ ଧାନ ଉଠାଇ ହେବ ନାହିଁ ବୋଲି ପ୍ରଶାସନ, ଏଫ୍‌ସିଆଇ ଓ ଯୋଗାଣ ସଚିବଙ୍କୁ ଚିଠି ଲେଖାଯାଇଛି। ଫଳରେ ପୁଣି ନୂଆ ବିବାଦ ସୃଷ୍ଟି ହୋଇଛି। ଜିଲାରେ ଆରମ୍ଭରୁ ଧାନ କିଣା ଅବ୍ୟବସ୍ଥା ଦେଖାଦେଇଛି। ତାର ଦୁର୍ଦ୍ଦଶା ଚାଷୀଙ୍କୁ ଭୋଗିବାକୁ ପଡୁଛି। ଫଳରେ ଚାଷୀ ଲଗାତର ଅଭାବୀ ବିକ୍ରିର ଶିକାର ହୋଇଆସୁଛି। ଅଧିକାଂଶ ମଣ୍ଡି ମିଲର ଓ ଦଲାଲଙ୍କ କବ୍‌ଜାରେ ରହିଥିବା ଦେଖିବାକୁ ମିଳୁଛି। ଜିଲାରେ ଏବର୍ଷ ପ୍ରଥମେ ୨୫ ଲକ୍ଷ କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଥିଲା। ବର୍ତ୍ତମାନ ଆହୁରି ୭ ଲକ୍ଷ କୁଇଣ୍ଟାଲ ଧାନ କିଣିବାକୁ ଆସିଛି। ୯୭ ଲକ୍ଷ କୁଇଣ୍ଟାଲ ଉତ୍ପାଦନରେ ମାତ୍ର ୩୨ ଲକ୍ଷ ଟାର୍ଗେଟ ସମୁଦ୍ରକୁ ଶଙ୍ଖେ ଭଳି। ଚାଷୀ ଧାନ କିଣବା ସର୍ବାଧିକ ୭୩ ଘଣ୍ଟାରେ ପ୍ରାପ୍ୟ ପଡିବା କଥା ମାତ୍ର ଟଙ୍କା ଆସିବାରେ ବିଳମ୍ବ ଘଟୁଛି। ସରକାରଙ୍କ ପାଖରେ ଟଙ୍କା ଅଭାବ। ଏଥିପାଇଁ ଚାଷୀଙ୍କୁ ପ୍ରାପ୍ୟ ଦେବାରେ ବିଳମ୍ବ ହେଉଛି ଏବଂ ଏହା ଚାଷୀମାରଣ ନୀତିର ନମୁନା ବୋଲି ରିସିଗାଁର ଚାଷୀ ଶାନ୍ତନୁ କୁମାର ବେହେରା, ଅଟାଙ୍ଗଗୁଡାର ଚାଷୀ ସୁନିଲ କୁମାର ବେହେରା ଅଭିଯୋଗ କରିଛନ୍ତି। ଅବ୍ୟବସ୍ଥା ହେଲେ ମଧ ଜନ ପ୍ରତିନିଧିମାନେ ମୁହଁ ଖୋଲୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ଶିବପ୍ରସାଦ ଦୋରାଙ୍କୁ ପଚାରିବାରୁ ଅଦିନିଆ ବର୍ଷା କାଳ ସାଜିଛି। ତେବେ ପାରୁପର୍ଯ୍ୟନ୍ତ ଧାନ ଉଠାଇବା ପାଇଁ ଚେଷ୍ଟା ଚାଲିଛି ବୋଲି ପ୍ରକାଶ କରିଛନ୍ତି।



ଖୋଲା ଆକାଶ ତଳେ ଅଦିନିଆ ବର୍ଷାରେ ଧାନ ଭିଜୁଛି।

## ସଂକ୍ଷେପରେ

### ବାଇକ୍ ଚୋରାଇବାକୁ ଆସି ନିଜ ବାଇକ୍ ଛାଡି ଚାଲିଗଲେ ଦୁର୍ବୃତ୍ତ

**ଜୁନାଗଡ,୨୭।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ କେନ୍ଦୁପାଟି ଗ୍ରାମକୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ବାଇକ ଚୋରାଇବାକୁ ଆସି ଧରାପଡିଯିବା ଭୟରେ ନିଜ ବାଇକ ମଧ ଛାଡି ଚାଲିଯାଇଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କେନ୍ଦୁପାଟି ଗ୍ରାମର ବିନୟ ସାହୁଙ୍କ ବାଇକ୍ ଚୋରି କରିବାକୁ ତାଙ୍କ ଘର ପରିସରକୁ ଆସିଥିଲେ। ଚୋରି କରିବା ପାଇଁ ସଜବାଜ ହେଉଥିବାବେଳେ ବିନୟଙ୍କ କାକା ନନ୍ଦି କିଶୋର ସାହୁ ହଠାତ ଘର ବାହାରକୁ ଚାଲିଆସିଥିଲେ। ଏହା ଜାଣିପାରି ଦୁର୍ବୃତ୍ତମାନେ ଧରାପଡିଯିବା ଭୟରେ ସାଙ୍ଗରେ ଆଣିଥିବା ଏକ ବାଇକ୍‌କୁ ମଧ ସେଠାରୁ ଛାଡିଦେଇ ଚମ୍ପଟ ମାରିଥିଲେ। ଏହି ବାଇକ ହିରୋହୋଣ୍ଡା ସିଡି ଡିଲକ୍ସ ହୋଇଥିବାବେଳେ ଏହାର ନମ୍ବର ପ୍ଲେଟ ମଧ ନ ଥିଲା। ଶୁକ୍ରବାର ସକାଳେ କେନ୍ଦୁପାଟି ସରପଞ୍ଚ ରେବତୀ ବାଗଙ୍କ ଘରେ ଉକ୍ତ ବାଇକକୁ ନନ୍ଦି କିଶୋର ଜମାଦେଇ ଜୁନାଗଡ ପୋଲିସକୁ ଖବର ଦିଆଯାଇଥିଲା। ଅପରାହ୍ଣରେ ଜୁନାଗଡ ପୋଲିସ ପହଞ୍ଚି ଦୁର୍ବୃତ୍ତ ଛାଡିଥିବା ଉକ୍ତ ନମ୍ବର ବିହୀନ ବାଇକକୁ ନିଜ ଅକ୍ତିଆରକୁ ଆଣିଥିଲେ। ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି।

### ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଭିଜିତ ମିଶ୍ର ବିଜେଡିରେ ଯୋଗଦାନ

**ଭବାନୀପାଟଣା,୨୭।୧୨ (ଡି.ଏନ.ଏ.):** ସ୍ଥାନୀୟ ବିଜୁକଲ୍ୟାଣ ମଣ୍ଡପରେ ବିଜେଡିର ୨୩ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଭିଜିତ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଥିଲେ। ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନାମ ନାଏକ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଜିଲା ଉପସଭାପତି ଭବାନୀଶଙ୍କର ମିଶ୍ର, ଜାକିର ହୁସେନ, ଅଶେଶ୍ୱର ବାଗ, ଯୁବ ସାଧାରଣ ସମ୍ପାଦକ ମନିନ୍ଦ୍ର ମହାନ୍ତି, ଛାତ୍ର ସଭାପତି ଅଭିନାସ ଠାକୁର, ମଣ୍ଟୁ ନାଏକ, ନୂତନ ଭାବରେ ସମ୍ମିଳୀତ ଭାଜପା କର୍ମୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଭାଜପାର ପ୍ରଦୀପ ନାଏକ, ଚନ୍ଦ୍ରକାନ୍ତ ମେହେର, ମାନସ ମାଝୀ, ସିଧୁ ତାଣ୍ଡି, ଉଦ୍ଧବ ନାଏକ, କାର୍ତ୍ତିକ ସାମଲ, କୁମରମଣୀ ଚୋଉଧୁରି, ଚୂଡାମଣୀ ମେହେର ପ୍ରମୁଖ ବିଜେଡି ସଦସ୍ୟତା ଗ୍ରହଣ କରିଥିବା କହିଛନ୍ତି।



ଏନ୍.ଏସ୍.ଏନ୍ ଏଣ୍ଟରପ୍ରାଇଜେସ ପ୍ରାଇଭେଟ ଲିମିଟେଡ ଉଦ୍‌ଘାଟନ ଅବସରରେ ଅତିଥିବୃନ୍ଦ।

# ଏନ୍‌ଏସ୍‌ଏନ୍ ଏଣ୍ଟରପ୍ରାଇଜେସ ପ୍ରାଇଭେଟ ଲିମିଟେଡ ଉଦ୍‌ଘାଟିତ

**କେସିଙ୍ଗା,୨୭।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ଦୁର୍ଗା ମଣ୍ଡପସ୍ଥିତ ଜଗନ୍ନାଥ କମ୍ପ୍ଲେକ୍ସରେ ପଶ୍ଚିମ ଓଡିଶାର ପ୍ରସିଦ୍ଧ ଏନଏସଏନ ଏଣ୍ଟରପ୍ରାଇଜେସ ପ୍ରାଇଭେଟ ଲିମିଟେଡ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ହ୍ୟାଣ୍ଡଲୁମ ବ୍ରାଣ୍ଡର ଭୁଲିଆସ ନାମରେ ଉଦ୍‌ଘାଟନ କରିଛନ୍ତି। ଆଗାମୀ ଦିନରେ ସମ୍ବଲପୁରୀ ବସ୍ତ୍ରକୁ ଅନ୍ତର୍ଜାତୀୟ ବଜାରରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଫଳରେ ପଶ୍ଚିମ ଓଡିଶାର ବୁଣାକାରମାନଙ୍କୁ ରୋଜଗାର ମିଳିବା ସହ ସମ୍ବଲପୁରୀ ବସ୍ତ୍ରର ପ୍ରଚାର ପ୍ରସାର ହେବ। ଶାଢିର ବିଭିନ୍ନ ପ୍ରକାର, ହ୍ୟାଣ୍ଡଲୁମ ଡିଜାଇନ ବ୍ରାଣ୍ଡ, ଲୋଗୋ ପ୍ରଭୃତି ଶାଢି, ଲୁଗାପଟା ଏଠାରେ ଉତ୍ପାଦନ କରାଯିବ। ଉଦ୍‌ଘାଟନ ଉତ୍ସବରେ ପଦ୍ମଶ୍ରୀ ଜିତେନ୍ଦ୍ର ହରପାଲ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁଙ୍କ ସମେତ ଏନ୍.ଏସ୍.ଏନ୍ ଏଣ୍ଟରପ୍ରାଇଜେସ ପ୍ରାଇଭେଟ ଲିମିଟେଡ ପ୍ରତିଷ୍ଠାତା ନେତ୍ରାନନ୍ଦ ବୁଡେକ ସହ ପ୍ରତିଷ୍ଠାତା ନବୀନ ପ୍ରଧାନ, ଅମିତ ଅଗ୍ରୱାଲ ଡିଜାଇନର ସୁନିତା ମେହେର ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ।

# ବିଷପିଇ ଯୁବକଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୨୭।୧୨ (ଡି.ଏନ.ଏ.):** ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ରାଇସିଂପୁର ନିକଟରୁ ଗତ ୨୬ ତାରିଖ ସକାଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ମନ୍ଦାରବଗିଚାରପଡାର ଦିନେଶ କୁମାର ଦାଶ (୪୨)। ସେ ୨ ଦିନ ହେବ ନିଖୋଜ ଥିଲେ। ଭବାନୀପାଟଣା ସଦର ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ କରୁଥିବା ବେଳେ କୌଣସି କାରଣ ଯୋଗୁ ସେ କିଟନାଶକ ପିଇ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପୋଲିସ ମୃତଦେହ ନିକଟରୁ କୀଟନାଶକ ବୋତଲ ଓ ଗୋଟିଏ ପଲସର ବାଇକ୍ ଉଦ୍ଧାର କରିଛି।

# ଦଣ୍ଡପାଟ ଧନୁଯାତ୍ରା ଉପଲକ୍ଷେ ଜିଲାସ୍ତରୀୟ କବି ସମ୍ମିଳନୀ

**ପର୍ଲା,୨୭।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ କଲେଜରେ ଦଣ୍ଡପାଟ ଧନୁଯାତ୍ରା ଉପଲକ୍ଷେ ଜିଲାସ୍ତରୀୟ କବି ସମ୍ମିଳନୀ ଗୁରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାହିତ୍ୟକଥା ସମ୍ପାଦକ ସଙ୍କିତ ରତେ, ମୁଖ୍ୟବକ୍ତା ଧର୍ମଗଡ ପଞ୍ଚାୟତ କଲେଜ ଅଧ୍ୟାପକ ଲିଙ୍ଗରାଜ ପାତ୍ର, ଦଣ୍ଡପାଟ ଧନୁଯାତ୍ରା କଂସ ମହାରାଜ ଗୋପାଳ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ସୁଧିର ମେହେର, ସଞ୍ଜୟ କୁମାର ପୁରୋହିତ, ରେଡ୍‌କ୍ରସ୍ ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡା, ଡ. ମେହେର ପଟ୍ଟନାୟକ, ନିଳ ଲୋହିତ ସିଂ ଦେଓ ଖଡିଆର, ଅଧ୍ୟାପକ ରାଜେଶ କୁମାର ମୁଣ୍ଡ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ସୁରେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ତଥା ଜିଲା ବାହାରୁ କବି, କବୟତ୍ରୀମାନେ ନିଜ ରଚିତ କବିତା ପାଠ କରିଥିଲେ। କବିତା ମାଧ୍ୟମରେ ସମାଜକୁ ପରିବର୍ତ୍ତନ ଆଣିବା ଭିନ୍ନ ଏକ ପ୍ରୟାସ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା ଅର୍ଜୁନ ଗୋପାଳ, ଦିଲେଶ୍ୱର ରଣା, ଦୀପ୍ତି ମୁଣ୍ଡା, ସ୍ୱର୍ଣ୍ଣ କାନ୍ତି ବୈକାର କରିଥିବା ବେଳେ କଲେଜ ଇଂଲିଶ ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। କଲେଜ ଅଧ୍ୟାପକ ମୋହନ ଚରଣ ବିଶି, ରଞ୍ଜନ କୁମାର ପଣ୍ଡା ସହଯୋଗ କରିଥିବାବେଳେ କବି ରଜତ ବଂଶଳ ପ୍ରମୁଖ ଥିଲେ। ଅଲେଖ ଗୋପାଳ କାର୍ଯ୍ୟକ୍ରମ ବିବରଣୀ ଉପସ୍ଥାପନ କରିଥିଲେ।

### ଜିଲାସ୍ତରୀୟ ଉତ୍ସବ ଘୁମୁରା-୨୦୨୦
# ୧୬ରେ କବି ସମ୍ମିଳନୀ

**ଭବାନୀପାଟଣା,୨୭।୧୨ (ଡି.ଏନ.ଏ.)**

କଳାହାଣ୍ଡି ଉତ୍ସବ ଘୁମୁରା–୨୦୨୦ ଅବସରରେ ଆଗାମୀ ୧୬ ତାରିଖରେ ଆୟୋଜିତ ହେବ ଜିଲାସ୍ତରୀୟ କବି ସମ୍ମିଳନୀ। ଏଥିପାଇଁ ସଂସ୍କୃତି ଭବନ ପରିସରରେ ଶୁକ୍ରବାର କବି ସମ୍ମିଳନୀ ଉପସମିତି ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଉପସମିତି ଆବାହକ ସତ୍ୟନାରାୟଣ ମୁଣ୍ଡଛିନାଙ୍କ ଆବାହନରେ ଆୟୋଜିତ ବୈଠକରେ ଅଧକ୍ଷ ଡ.ତପନ କୁମାର ରଥ ସଭାପତିତ୍ୱ କରିଥିବା ବେଳେ ସଦସ୍ୟ ସନ୍ତୋଷ କୁମାର ରଥ, ବିଶ୍ୱରଂଜନ ପଣ୍ଡା, ଜୟଦ୍ରଥ ସୁନା, ସୁଧୀର କୁମାର ଧଙ୍ଗଡ଼ାମାଝି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାର ସମସ୍ତ ସାହିତ୍ୟ ଅନୁଷ୍ଠାନକୁ ଚିଠି ସହ କବିମାନଙ୍କଠାରୁ କବିତା ଆହ୍ୱାନ କରାଯିବାକୁ ସ୍ଥିର ହୋଇଥିଲା। ଅଧିକ ସଂଖ୍ୟାରେ ଲେଖା ଆସୁଥିବାରୁ କେବଳ ଚୟନିତ କବିତା ପାଠ ପାଇଁ କବିମାନଙ୍କୁ ମଞ୍ଚରେ ସୁଯୋଗ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

### ଜୁନିୟର ଆସିଷ୍ଟାଣ୍ଟ/ଜୁନିୟର କ୍ଲର୍କ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ
# ଓଏସ୍‌ଏସ୍‌ଏସ୍‌ସି ପରୀକ୍ଷା ବାତିଲ ଦାବି

## ■ ନୂତନ ଭାବେ ପରୀକ୍ଷା ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା,୨୭।୧୨ (ଡି.ଏନ.ଏ.)**

ଓଏସ୍‌ଏସ୍‌ଏସ୍‌ସି (ଓଡିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସସନ୍ କମିଶନ) ଅଧୀନରେ ହୋଇଥିବା ଜୁନିୟର ଆସିଷ୍ଟାଣ୍ଟ/ଜୁନିୟର କ୍ଲର୍କ ପରୀକ୍ଷା ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଛାତ୍ର କଂଗ୍ରେସ ସଭାପତି ମହମ୍ମଦ୍ ସାହେବଙ୍କ ନେତୃତ୍ୱରେ ଏକ ଛାତ୍ର ପ୍ରତିନିଧି ମଣ୍ଡଳି ଉକ୍ତ ପରୀକ୍ଷା ବାତିଲ କରିବା ଦାବି କରି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଗତ କିଛି ଦିନ ତଳେ ଓଏସ୍‌ଏସ୍‌ଏସ୍‌ସି ଜୁନିୟର ଆସିଷ୍ଟାଣ୍ଟ/ଜୁନିୟର କ୍ଲର୍କ ପରୀକ୍ଷା ପୂର୍ବରୁ ଭବାନୀପାଟଣାରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଯାହାକି ପରବର୍ତ୍ତୀ ସମୟରେ ସାରା ଓଡିଶାକୁ ମୋବାଇଲରୁ ମୋବାଇଲକୁ ଘୁରି ବୁଲିଥିଲା। ଏହି ପରୀକ୍ଷାକୁ ବାତିଲ କରି ତୁରନ୍ତ ନୂତନ ଭାବେ ପୁନଃ ପରୀକ୍ଷା କରିବା ସହିତ ଦୋଷୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି।




ଛାତ୍ର ପ୍ରତିନିଧି ମଣ୍ଡଳି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଆସିଛନ୍ତି।

### କୃଷକଙ୍କ ସମସ୍ୟା ଅଣଦେଖାକୁ ନେଇ ଚାଷୀ ସଙ୍ଗଠନର ପ୍ରତିବାଦ
# ଥାନା ସମ୍ମୁଖରେ ଚାଷୀଙ୍କ ବିକ୍ଷୋଭ

**କୋକସରା,୨୭।୧୨ (ଡି.ଏନ.ଏ.)**

■ ସରକାରଙ୍କ କୃଷକ ମାରଣ ନୀତି ବିରୋଧରେ ନାରାବାଜି
■ ସରକାରଙ୍କ ବିରୋଧରେ ଥାନାରେ ଏତଲା

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଲାଗି ରହିଥିବା ଚାଷୀମାନଙ୍କ ସମସ୍ୟାକୁ ନେଇ କୃଷକ ସଚେତନ ମଞ୍ଚ ପକ୍ଷରୁ ଶୁକ୍ରବାର ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ଚାଷୀ ସଙ୍ଗଠନ ଆବାହକ ତଥା ଚାଷୀନେତା ଶିବ ପ୍ରସାଦ ପ୍ରଧାନୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏକତ୍ରିତ ହୋଇ କୋକସରା ଜଗନ୍ନାଥ ମନ୍ଦିରରୁ ରାଲିରେ ବାହରି ସହର ପରିକ୍ରମା କରି କୋକସରା ଥାନା ନିକଟରେ ପହଞ୍ଚି ବିକ୍ଷୋଭ କରିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରି ରାଜ୍ୟ ସରକାରଙ୍କ କୃଷକ ମାରଣା ନିତୀ ବିରୋଧରେ ନାରାବାଜି କରିଥିଲେ। ରାଜ୍ୟ ସରକାର କୃଷକମାନଙ୍କୁ ଅଣଦେଖା କରିବା ସହ ଗତବର୍ଷର ଶଷ୍ୟବୀମା ଦାବି, ଧାନ ମଣ୍ଡିରେ କଟନି ଛଟନି ଆଳରେ ଚାଷୀଙ୍କୁ ଶୋଷଣ, ଏଲଏନଣ୍ଟି କମ୍ପାନୀ ଦ୍ୱାରା କୋକସରା ବ୍ଲକରେ ଚାଲିଥିବା ଉଠା ଜଳସେଚନ କେନାଲ ଖନନରେ ଅନିୟମିତା ବିରୋଧରେ ବର୍ଷିଥିଲେ। ଗଭିର ନଳକୂପ ଖନନ ପାଇଁ ଚାଷୀମାନେ ଜମାନତ ରାଶି ପୈଠ କରିବା ସତ୍ତ୍ୱେ ଦୀର୍ଘ ଦିନ ହେଲା କାର୍ଯ୍ୟକ୍ଷମ ନ ହେବା କୋକସରା କୃଷିଋଣ ବିମା ରାଶି ଅବଧି ସେପ୍ଟେମ୍ବର ୩୦ରୁ କୋହଳ କରିବା, ମଣ୍ଡିରେ ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩୦୦୦, ରିହାତି ଦରରେ ମିଳୁଥିବା କୃଷି ଯନ୍ତ୍ରପାତି ସବସିଡି ପ୍ରଦାନରେ ପାତରଅନ୍ତର, କ୍ଷୀର ଉତ୍ପାଦନ ଚାଷୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ, କାଳିଆ ଯୋଜନା କେବଳ ନିର୍ବାଚନ ଲଡୁ ବୋଲି ପ୍ରତିବାଦ କରିବା ସହ ଅନ୍ୟାନ୍ୟ ଦାବିକୁ ନେଇ ଚାଷୀମାନେ ନିନ୍ଦା କରିଥିଲେ। ପ୍ରତିବାଦ ସଭାରେ ଗରୁଡଧ୍ୱଜ ମାଝି ସଭାପତିତ୍ୱ କରିଥିବା ବେଳେ ମାର୍କଣ୍ଡ ବେମାଲ, ଘନଶ୍ୟାମ ନାଏକ, ମିନିକେତନ ପ୍ରଧାନୀ, ଜଗବନ୍ଧୁ ମାଝି, ଜୟଲାଲ ନାଏକ, ନିମାଇ ଚରଣ ଧଙ୍ଗଡାମାଝି, ନବୀନ କୁମାର ପ୍ରଧାନୀ, ନରେନ୍ଦ୍ର ପ୍ରଧାନୀ, ନରହରି ରାଉତ, ଯୁଧିଷ୍ଠିର ପଟେଲ, ପ୍ରକାଶ ଚୌଧୁରୀ, ଧନେଶ୍ୱର ପଣ୍ଡା, ମନିଜର ପୋଡ, କମଳାକାନ୍ତ ପଣ୍ଡାଙ୍କ ସମେତ ବ୍ଲକର ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଚାଷୀଙ୍କ ସମସ୍ୟାକୁ ନେଇ କୋକସରା ଥାନା ଅଧିକାରୀଙ୍କୁ ଏକ ଏତଲା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଶନିବାର କୋକସରା ବ୍ଲକ ଆମପାଣି ଥାନାରେ ସଚେତନ କୃଷକ ମଞ୍ଚ ଦ୍ୱାରା ପ୍ରତିବାଦ ସହ ଏତଲା ଆମପାଣି ଥାନା ଅଧିକାରୀଙ୍କୁ ଦେବା ନେଇ ସୂଚନା ମିଳିଛି।




କୃଷକ ସଚେତନ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବିଭିନ୍ନ ଦାବି ନେଇ ଧର୍ମଘଟ ଆସନ୍ତା ୮ରେ

**ଭବାନୀପାଟଣା,୨୭।୧୨(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ଆସନ୍ତା ୮ ତାରିଖରେ କଳାହାଣ୍ଡି ନିର୍ମାଣ ଶ୍ରମିକ ସମନ୍ୱୟ କମିଟି ପକ୍ଷରୁ ଜିଲାରେ ଧର୍ମଘଟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧି ବନ୍ଦ କରିବା, ଶ୍ରମିକମାନଙ୍କୁ ମାସିକ ସର୍ବନିମ୍ନ ମଜୁରୀ ୨୧ ହଜାର ଟଙ୍କା ପ୍ରଦାନ, ସମାନ କାମକୁ ସମାନ ଦରମା, ମାସିକ ପେନସନ ୧୦ ହଜାର ଟଙ୍କା ପ୍ରଦାନ ଆଦି ଦାବି ପୂରଣ ପାଇଁ ଏହି ଧର୍ମଘଟ କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଭବାନୀପାଟଣା ସହରସ୍ଥିତ ଏକ ହୋଟେଲଠାରେ କଳାହାଣ୍ଡି ନିର୍ମାଣ ଶ୍ରମିକ ସମନ୍ୱୟ କମିଟି ଆବାହକ ଗୌରଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଂଘ ମୁଖ୍ୟ ଉପଦେଷ୍ଟା ଦାମୋଦର ବେହେରା, ଯଶୋବନ୍ତ ନାଏକ, ରିକ୍ସା ୟୁନିୟନ ସୁଧୀର ପଟ୍ଟନାୟକ, ପୋଷ୍ଟ ଅଫିସର ୟୁନିୟନ ଉପେନ୍ଦ୍ର ସାହୁ, ସବ୍ୟସାଚୀ ନାଏକ, ପୀତାମ୍ବର ଦଣ୍ଡସେନା, ଟ୍ୟାକ୍ସି ୟୁନିୟନ ପ୍ରଦୀପ କୁମାର ଦାସ, ଏଆଇଟିୟୁସିର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବାନାମ୍ବର ମେହେର, ସିଟୁର ବିଶ୍ୱଜିତ ଚଟାର୍ଜି, ରାଜମିସ୍ତ୍ରି ୟୁନିୟନର ରମେଶଚନ୍ଦ୍ର ଦୁର୍ଗା, ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ସଭାପତି ଶିଶିର ପଟ୍ଟନାୟକ, ସମ୍ପାଦକ ବିଦ୍ୟାଧର ଦୀପ, ଲୋକ ଅଧିକାର ସାମୁଖ୍ୟର ପ୍ରଭାତ ବ୍ରହ୍ମା, ସୁରେଶ ମାଝି ପ୍ରମୁଖ ଉଦବୋଧନ ଦେଇଥିଲେ। ଜନକଲ୍ୟାଣ ଶ୍ରମିକ ସଂଘ ସଭାପତି ତ୍ରୈଲୋକ୍ୟ ଜ୍ୟୋତି ବାଗ ସଭା ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।

# ଜାତୀୟ ଖାଉଟି ସପ୍ତାହ ଦିବସ ପାଳିତ

**ଜୁନାଗଡ,୨୭।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଶୁକ୍ରବାର ଜାତୀୟ ଖାଉଟି ସପ୍ତାହ ଦିବସ ପାଳିତ ହୋଇଯାଇଛି। ଖାଉଟି ଅଦାଲତର ଭାରପ୍ରାପ୍ତ ଜିଲା ସଭାପତି ଭବାନୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବ୍ଲକ ଅଧ୍ୟକ୍ଷା ନୂର୍ଯ୍ୟ ମାଝି, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଅଜୟ କୁମାର ମିଶ୍ର, ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ ରୁପେଶ କୁମାର ହୋତା, ଡିସିପିସି ସଦସ୍ୟା ବସନ୍ତ କୁମାରୀ ପଟ୍ଟନାୟକ, ମନିଷା ସାହୁ, କଲ୍ୟାଣୀ ନାଏକ, ଜୁନାଗଡ ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ବିଜୟଲକ୍ଷ୍ମୀ କନ୍ଦପାନ ପ୍ରମୁଖ ଯୋଗଦେଇ ଖାଉଟି ସୁରକ୍ଷା ଆଇନ ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଖାଉଟି ରନ୍ଧନ ଗ୍ୟାସ ଉପରେ ଡେମୋ ଷ୍ଟ୍ରେଶନ କରାଯିବା ସହ ଏହାରି ଉପରେ ମହିଳାମାନଙ୍କୁ ସଚେତନତା କରାଯାଇଥିଲା। ପରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ କାଉନସିଲର ଦିଲୀପ ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଏଏନଏମ୍, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନେ ଯୋଗଦେଇଥିଲେ। ସ୍ଥାନୀୟ ବ୍ଲକ ସଂଯୋଜକ ସେହଜାଦ ଖାନ ଧନ୍ୟବାଦ ଦେଇଥିଲେ।




ଖାଉଟି ସପ୍ତାହ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।



ପ୍ରିୟ ଓ ମିଠାକଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ

## ସଂକ୍ଷେପରେ

### ମୋ କଲେଜ ଅଭିଯାନ ନେଇ ବୈଠକ

**ରାଉରକେଲା ଅଫିସ, ୨୭। ୧୨-** ସେକ୍ଟର-୪ ଠାରେ ଥିବା ରାଉରକେଲା ମହାବିଦ୍ୟାଳୟ ପକ୍ଷରୁ ମୋ କଲେଜ ଅଭିଯାନକୁ ସଫଳ କରିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟ ଅଧକ୍ଷା ସୁଜାତା ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ଅଭିଯାନ ସଫଳ କରିବା ନେଇ ଏହି ଅବସରରେ ଏକ ୫ ଜଣିଆ କମିଟି ଗଠନ କରାଯାଇ ଥିଲା। କମିଟି ପରାମର୍ଶ କ୍ରମେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆସନ୍ତା ୧୨ ଜାନୁୟାରୀରେ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା। ଏହାକୁ ସଫଳ କରିବାକୁ ମହାବିଦ୍ୟାଳୟ ଛାତ୍ରୀଛାତ୍ର ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ଏଥିରେ ସଦସ୍ୟ ରହିଥିବା ଡ. ରମଣିରଞ୍ଜନ ପାଣିଗ୍ରାହୀ, ଡ. ରବୀନ୍ଦ୍ର ଜେନା, ସଂଯୋଜିକା ତପସ୍ୱିନୀ ମିଶ୍ରଙ୍କ ସମେତ ଅନ୍ୟମାନେ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଗତ ୧୯୬୬ରୁ ଏହି ମହାବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା।

# ବ୍ୟାଙ୍କ ଶାଖା ମିଶ୍ରଣ ବିରୋଧରେ ବିକ୍ଷୋଭ

**ରାଉରକେଲା ଅଫିସ, ୨୭।୧୨**

ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଡେଲି ମାର୍କେଟ ଶାଖା ବନ୍ଦ ନିଷ୍ପତି ନେଇ ଶୁକ୍ରବାର କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ତଥା ଖାତାଧାରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ୟାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇ ନିଷ୍ପତିର ପ୍ରତିବାଦ କରିଥିଲେ। ଏମାନଙ୍କ ଅଭିଯୋଗ ଥିଲା ଯେ, ଦୀର୍ଘ ବର୍ଷ ଧରି ଏହି ଶାଖା ସବୁବର୍ଗର ଲୋକଙ୍କୁ ସେବା ଯୋଗାଇ ଆସୁଛି। ଏହା ଏକ ଜନବହୁଳ ତଥା ବ୍ୟବସାୟିକ କେନ୍ଦ୍ରସ୍ଥଳ ହୋଇଥିବାରୁ ଏଠାରେ ବ୍ୟାଙ୍କ ଶାଖାର ବହୁ ଆବଶ୍ୟକତା ରହିଛି। ଏହି ଶାଖା ଜରିଆରେ ବରିଷ୍ଠ ନାଗରିକ, ମହିଳା, ସ୍ୱୟଂସହାୟକ ଗୋଷ୍ଠୀ ଓ ଦିବ୍ୟାଙ୍ଗ ଶ୍ରେଣୀର ଉପଭୋକ୍ତା ଉପକୃତ ହେଉଥିଲେ। ଶାଖା ପରିଚାଳନା ନେଇ କେବେ କାହାର ଆପତ୍ତି ନ ଥିଲା। ଏମିତି ଅବସ୍ଥାରେ ବ୍ୟାଙ୍କ ବନ୍ଦକରି ଏହାକୁ ବାସନ୍ତୀ କଲୋନୀ ଶାଖାରେ ମିଶ୍ରଣ କରିବା ଆଦୌ ସମୀଚୀନ ନୁହେଁ ବୋଲି ସଂଘ ସାଧାରଣ ସମ୍ପାଦକ ପୁଲିନ ମିଶ୍ର ପ୍ରକାଶ କରିଛନ୍ତି। ଗତ ୨୦।୧୨।୨୦୧୯ରେ ସମସ୍ତ ଗ୍ରାହକଙ୍କୁ ଅବଗତ କରାଯିବା ପରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବ୍ୟାଙ୍କ କର୍ମଚାରୀ ମହଲରେ ମଧ ଅସନ୍ତୋଷ ସୃଷ୍ଟି ହୋଇଛି। ସରକାର ବ୍ୟାଙ୍କ ସେବା ସମସ୍ତଙ୍କ ନିକଟରେ ପହଞ୍ଚାଇବାକୁ ବହୁବିଧ ଯୋଜନା କରୁଥିବା ବେଳେ ଶାଖା ବନ୍ଦ ନିଷ୍ପତି ଗ୍ରହଣୀୟ ନୁହେଁ ବୋଲି କୁହାଯାଇଛି। ଏନେଇ ଖାତାଧାରୀଙ୍କୁ ଅନ୍ଧାରରେ ରଖାଯାଇଛି। ଏଣୁ ପ୍ରତିବାଦ କରାଯାଇଛି। ତୁରନ୍ତ କର୍ତ୍ତୃପକ୍ଷ ତାଙ୍କ ନିଷ୍ପତିରୁ ଓହରି ଯିବାକୁ ଏଥିରେ ଦାବି କରାଯାଇଥିଲା।



ବ୍ୟାଙ୍କ ଶାଖା ବନ୍ଦ ବିରୋଧରେ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗର୍ଭଧାରିଣୀ ଆଉ କ୍ଷୀର ଦିଆ**
**ଗୁରୁପତ୍ନୀ ଆଉ ସାବତ ମାଆ**
**ମାଈଁ, ବ୍ରାହ୍ମଣୀ ଧାଈ ଆଉ ଗାଈ**
**ଶାସ୍ତ୍ରେ ଏମାନଙ୍କୁ ଜନନୀ କହି।**

ଯିଏ ସନ୍ତାନଙ୍କୁ ଗର୍ଭରେ ଧାରଣ କରିଥାଏ, କ୍ଷୀରପାନ କରାଇଥାଏ ସେ ମା' ହୋଇଥାଏ। ଗୁରୁଙ୍କ ପତ୍ନୀ, ସାବତ ମାଆ, ମାଈଁ ତଥା ଧାଈ ଏ ସମସ୍ତେ ମାତୃତୁଲ୍ୟ ହୋଇଥାନ୍ତି। ସେହିପରି ଗାଈକୁ ଗୋମାତା ଭାବେ ପୂଜା କରାଯାଇଥାଏ। ଶାସ୍ତ୍ର ମତରେ ଏମାନେ ଜନନୀ ପଦବାଚ୍ୟ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଠ ସୁସାର ଥିଲେ**
**ଗାଈ ହମାଳି ପଶେ।**

ଯେଉଁଠି ସ୍ନେହ ଆଦର ଭାବ ରହିଥାଏ ସେଇଠି ମନ ଅକ୍ଲେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଅନାବିଳ ସ୍ନେହ ଶ୍ରଦ୍ଧା ପାଶେ ମନ ବନ୍ଧା ପଡ଼ିଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ରଙ୍ଗୋଲି ଓ ମେହେନ୍ଦି ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳା।

# ମିଠା ତିଆରି ବେଳେ ସିଲିଣ୍ଡର ଫାଟି ୨ ଆହତ

**ରାଉରକେଲା ଅଫିସ, ୨୭।୧୨**

ଟିମ୍ବର କଲୋନୀ ଅନ୍ତର୍ଗତ ବୈଷ୍ଣୋଦେବୀ ମନ୍ଦିର ନିକଟ ବସ୍ତିରେ ଶୁକ୍ରବାର ଅପରାହ୍ନରେ ଗ୍ୟାସ ସିଲିଣ୍ଡର ଫାଟିବାରୁ ଦୁଇ ଜଣ ଆହତ ହୋଇଛନ୍ତି। ଦୁଇଟି ଘର କ୍ଷତିଗ୍ରସ୍ତ ହୋଇଛି। ଆସବାପତ୍ର ନଷ୍ଟ ହୋଇଛି। ଅଗ୍ନିଶମ କର୍ମଚାରୀ ଖବର ପାଇ ନିଆଁ ଆୟତ କରିଥିଲେ। ଘଟଣା ନେଇ ସ୍ଥାନୀୟ ଥାନା ପକ୍ଷରୁ ତଦନ୍ତ ଜାରି ରହିଛି। ଆହତଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଗ୍ନିଶମ ସହକାରୀ ଅଧିକାରୀ କମଲ ଗୌଡଙ୍କ ସୂଚନାନୁସାରେ ଦିଲ୍ଲୀପ ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଏହି ସିଲିଣ୍ଡର ଫାଟିବାରୁ ଏହା ଅନ୍ୟ ଏକ ସିଲିଣ୍ଡରକୁ ବ୍ୟାପି ଅଣାୟତ ପରିସ୍ଥିତି ସୃଷ୍ଟି କରିଥିଲା। ସର୍ଟ ସର୍କିଟ ଯୋଗୁ ଏଭଳି କାଣ୍ଡ ଘଟିଥିବା କୁହାଯାଇଛି। ଘର ଭିତରେ ମିଠା ତିଆରି କରୁଥିବା ବେଳେ ଏଭଳି କାଣ୍ଡ ଘଟିଥିବା କୁହାଯାଇଛି।



ଗ୍ୟାସ ସିଲିଣ୍ଡର ଫାଟିବା ପରେ ଘଟଣାସ୍ଥଳରେ ଭିଡ଼।



ବାର୍ଷିକ କ୍ରୀଡା ଉତ୍ସବରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ଲହୁଣିପଡ଼ା ଯୁକ୍ତ ୨ ମହାବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ଲହୁଣୀପଡା, ୨୭।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଯୁକ୍ତ ଦୁଇ କନିଷ୍ଠ ମହାବିଦ୍ୟାଳୟର ୩୭ତମ ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ ଉତ୍ସବରେ ଅବସରପ୍ରାପ୍ତ ଅଧକ୍ଷ ଧନେଶ୍ୱର ମାହାନ୍ତ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣାଇ ଡାକ୍ତରଖାନାର ଡା. ନେପାଳ ମୁର୍ମୁ, ମୁଖ୍ୟବକ୍ତା ଭାବେ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ହୃଷିକେଶ ମାହାନ୍ତ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷା ହେମଲତା ଗିହାଲ ଅଧକ୍ଷତା କରିଥିଲେ। ସୋମାଦତ୍ତା ପଟ୍ଟନାୟକ ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାଇବା ସହିତ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷା ସହିତ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡା ଆବଶ୍ୟକତା ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ମାହାନ୍ତ କ୍ରୀଡା ପରିଚାଳନା କରିଥିଲେ। ଲତିକା ବେସ୍ରା, ନିରଞ୍ଜନ ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ନେତ୍ରାନନ୍ଦ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।

### ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବର ଚତୁର୍ଥ ଦିବସ

# ରଙ୍ଗୋଲି, ମେହେନ୍ଦି ପ୍ରତିଯୋଗିତା

**ସୁନ୍ଦରଗଡ଼, ୨୭।୧୨ (ଡି.ଏନ୍.ଏ)**

ସ୍ଥାନୀୟ ରଙ୍ଗାଢିପା ଖେଳ ପଡିଆଠାରେ ଚାଲିଥିବା ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବର ଚତୁର୍ଥ ଦିବସରେ ଛୋଟ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହିତ ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି ଓ ମେହେନ୍ଦୀ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ରଙ୍ଗୋଲିରେ ପୂଜା ବେରିହା ପ୍ରଥମ, ବିଷ୍ଣୁପ୍ରିୟା କାଲୋ ଦ୍ୱିତୀୟ, ରାଜଲକ୍ଷ୍ମୀ ଦାଶ ଓ ନନ୍ଦିତା ପଟେଲ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। କ୍ରୀଡ଼ାଶିକ୍ଷକ ଦାମୋଦର ସା ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। କ୍ଲବର ସଭାପତି ଅଭୟ ପଟ୍ଟନାୟକ ଓ ସମ୍ପାଦକ ବଟକିଶୋର ମିଶ୍ରଙ୍କ ତତ୍ତ୍ୱାବଧାନରେ କ୍ଲବର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୂଆ ଏଡିଏମ୍ ପଦ ପୂରଣ ନେଇ ଆଶା ସଞ୍ଚାର

**ରାଉରକେଲା ଅଫିସ,୨୭।୧୨**

ନିକଟରେ ରାଉରକେଲା ଏଡିଏମ ଭାବେ ସ୍ୱାଧା ସିଂ ନିଯୁକ୍ତି ପାଇଥିବା ବେଳେ କାର୍ଯ୍ୟରେ ଯୋଗ ଦେବା ପୂର୍ବରୁ ତାଙ୍କର ଅନ୍ୟତ୍ର ବଦଳି ହୋଇଗଲା। ସହରବାସୀ ଜାଣିଲେନି ଯେ କିଏ ଆସିବାର ଥିଲା, କାହିଁକି ଆସିଲେନି। ମାସେ ଅତିକ୍ରାନ୍ତ ପରେ ପୁଣି ଅନ୍ୟ ଜଣେ ମୟୂରଭଞ୍ଜରୁ ଆସିବେ ବୋଲି କୁହାଗଲା। କୁହାଗଲା ଆବୋଲି ସୁନୀଲ ଆସୁଛନ୍ତି ରାଉରକେଲା ଏଡିଏମ ଭାବେ ବଦଳି ହୋଇ। ଏନେଇ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇ ସାରିଛି। ତେବେ ସେ କାର୍ଯ୍ୟରେ କେବେ ସୁଦ୍ଧ ଯୋଗ ଦେବେ ସେନେଇ ଠିକ ଭାବେ କିଛି ସୂଚନା ମିଳି ପାରିନି। ଏହା ଶୀଘ୍ର ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ଦୀର୍ଘ ଦିନ ଧରି ଡ. ଯେଦୁଲ୍ଲା ବିଜୟ ରାଉରକେଲା ଏଡିଏମ, ଆରଏମସି କମିଶନର ଓ ଆରଡିଏ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଜଣେ ଆଇଏଏସଙ୍କ ଉପରେ ଏକାଧିକ ଦାୟିତ୍ୱ ଲଦାଯିବା ଘଟଣାକୁ ସହରବାସୀ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି। ଗତ କିଛି ଦିନ ପୂର୍ବେ ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା ଯେ ୧୫ ବର୍ଷରେ ୧୨ ଏଡିଏମ ବଦଳି, ଆଣ୍ଠେଇଛି ବିକାଶ। ଏନେଇ ସେତେବେଳେ ପ୍ରମୁଖ ରାଜନୈତିକ ଦଳର ନେତୃମଣ୍ଡଳୀ ପ୍ରତିକ୍ରିୟା ବ୍ୟକ୍ତ କରି ସରକାରୀ ଅବହେଳାର କଡା ସମାଲୋଚନା କରିଥିଲେ। ଦୀର୍ଘ ଦିନ ଧରି ମହାନଗର ସ୍ମାର୍ଟ ସିଟିରେ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦ ଖାଲି ରହୁଥିବାରୁ ଉନ୍ନୟନ ଠପ ହୋଇ ଯାଇଛି ବୋଲି ଅଭିଯୋଗ ହୋଇ ଆସୁଛି। ଅନୁଦାନ ସତ୍ତ୍ୱେ ପ୍ରତ୍ୟେକ କାମ କଚ୍ଛପ ଗତିରେ ଆଗଉଛି। ତଦାରଖ କରିବାକୁ ଅଧିକାରୀ ନାହାଁନ୍ତି। ସରକାରଙ୍କ ଅନାଗ୍ରହ ଯୋଗୁ ଏଭଳି ଅବ୍ୟବସ୍ଥା ଲାଗି ରହିଥିବା ବିରୋଧି କଟାକ୍ଷ କରୁଛନ୍ତି। ଦୀର୍ଘ ବର୍ଷ ହେବ ଚାକିରି ଆଶାୟୀ ବିସ୍ଥାପିତଙ୍କ ସମସ୍ୟା ସମାଧାନ ହୋଇ ପାରୁନି। ବାରମ୍ବାର ଏଡିଏମ ବଦଳି ଓ ପଦଖାଲି ରହିବା କାରଣରୁ ସମସ୍ୟା ଲାଗି ରହୁଥିବା ମତ ପ୍ରକାଶ ପାଇଥିଲା। ଏସବୁକୁ ଦୃଷ୍ଟିରେ ରଖି ଏବେ ସରକାରଙ୍କ ଚେତା ପଶିଛି। ନୂଆ ଏଡିଏମ ଭାବେ ଆବୋଲି ସୁନୀଲ କେବେ ଯୋଗ ଦେଉଛନ୍ତି ଓ ସହରର ବିକାଶ ନେଇ ସେ କି ପଦକ୍ଷେପ ନେଉଛନ୍ତି ତାକୁ ଲୋକଙ୍କ ଅପେକ୍ଷା ରହିବ।




ରାଉରକେଲା ଏଡ଼ିଏମ୍‌ଙ୍କ କାର୍ଯ୍ୟାଳୟ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ମୁଦ୍ରା ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
ଗୃହ ଋଣ, ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ପଶୁପାଳନ, ବ୍ୟବସାୟ, ପ୍ରପର୍ଟି, ଏଗ୍ରିକଲ୍‌ଚର, ଦୁଇ ଚକିଆ, ଗ୍ରୁପ୍ ଋଣ
ସବୁ ପ୍ରକାର ଋଣ
2% ସୁଧ -40% ଛାଡ଼ରେ
ସହଜ କିସ୍ତିରେ ଘରେ ବସି ପାଆନ୍ତୁ
ମହିଳା ତଥା କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ମୁଦ୍ରା ଫାଇନାନ୍ସ
89291-25571
89296-19951
M.P. Nagar, Zone-1, Bhopal, Madhya Pradesh.

ମହେଶ୍ୱରୀ ଫାଇନାନ୍ସ
LOAN IN 7 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ
(2,00,000-10,00,000)
ଲକ୍ଷ ଋଣ ଉପଲବ୍ଧ।
Contact
9716825082

FINANCE
ସରକାରୀ ଯୋଜନା ଦ୍ୱାରା
All Odisha ଋଣ ନିକର
ମାର୍କସିଟ, ଆଧାରକାର୍ଡ, କୃଷି ଋଣ
ମାତ୍ର ୦% ସୁଧ ୫୦% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
Call / SMS Now
Aastha - 9685015052
Rupali - 8963951185
Manisha - 9753016278
Mona - 7509774004
Janvi - 7566888563
Priyanka- 7649016745
Vasundhara Mall, West Boring Canal Rd, Rajapur, Patna, Bihar 800001

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
8117802682
Salt Lake City, Kolkata-700091, Panditagaon, Khalikote, Ganjam

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 85,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ + Bike Free
ଆଜି ହିଁ ସଂମ୍ପର୍କ କରନ୍ତୁ
No. 751/3, Beleghata Main Road Kolkata - 700010, West Bengal, India
09433670261
09433670482

BUSINESS
ଖାଲିଥିବା ଜମି ଓ ଛାତ ଉପରେ Singhania Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Call / SMS Now
9453480851

Hindustan Tower ଗ୍ରୁପ୍ (ରେଜି.) କମ୍ପାନୀ ଦ୍ୱାରା ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦,୦୦,୦୦୦, ଭଡ଼ା ୬୦,୦୦୦ + କୋର୍ଟ ଏଗ୍ରୀମେଣ୍ଟ।
Helpline No.
7838639856
8929313996
Address- HNo.631, RANJIT ENCLAVE, VILL-NANGAL KARAR KHAN, JALANDHAR

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଅମ୍ବାଭୋନାରେ ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି ଶିବିର

**ଅମ୍ବାଭୋନା, ୨୭।୧୨ (ଡି.ଏନ.ଏ)**
ଅମ୍ବାଭୋନା ବ୍ଲକ ସଭା ଗୃହରେ ଶୁକ୍ରବାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପ୍ରକଳ୍ପ, ଖର୍ଚ୍ଚ ହୋଇଥିବା ଅନୁଦାନ ଉପରେ ଜନଶୁଣାଣି ହୋଇଥିଲା। ଏହି ଶିବିରରେ ବରଗଡ ଏପିଡି ଦୌଲତ ଚନ୍ଦ୍ରକାର, ଜିଲା ସମାଜ ମଙ୍ଗଳ ଅଧିକାରୀ ଆନନ୍ଦ ପଧାନ, ସହକାରୀ ଯନ୍ତ୍ରୀ ସୁଶ୍ରୀ ରଶ୍ମିତା ନାୟକ, ପ୍ରୋଗ୍ରାମ ଅଫିସର ମହିମା ସାହୁ, ବ୍ଲକ ପ୍ରକଳ୍ପ ସଂଯୋଜକ ସରୋଜ ପାତ୍ର ପ୍ରମୁଖ ଅଭିଯୋଗ ଉପରେ ଆଲୋଚନା କରିଥିଲେ। ବ୍ଲକ ପ୍ରକଳ୍ପ ସଂଯୋଜକ ୨୦୧୮-୧୯ ଆର୍ଥିକ ବର୍ଷର ଏମଜିଏନଆରଇଜିଏସ୍ ଯୋଜନାର ଖର୍ଚ୍ଚ ବିବରଣୀ ପଠନ କରିଥିଲେ । ଶେଷରେ ମହିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଇଲା ଖଣି ବିସ୍ଥାପିତ ସଂଗ୍ରାମ ସମିତିର ବିକ୍ଷୋଭ

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୨୭।୧୨(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ର ପକ୍ଷରୁ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଅବସରରେ ସମିତି ପକ୍ଷରୁ ୧୫ଦଫା ସମ୍ବଳିତ ଏକ ଦାବିପତ୍ର ଆର୍‌ଡିସିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ଶିବ ଟପ୍ପୋ ଆନ୍ଦୋଳନକାରୀଙ୍କ ନିକଟରୁ ଦାବିପତ୍ର ଗ୍ରହଣ କରିଥିଲେ। ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁଙ୍କ ନେତୃତ୍ୱରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକେ ଝାରସୁଗୁଡ଼ା ବେହେରାମାଲ ଛକରେ ଏକତ୍ରିତ ହୋଇଥିଲେ। ପରେ ଆନ୍ଦୋଳନକାରୀ ମାନେ ହାତରେ ବ୍ୟାନର, ପୋଷ୍ଟର ଧରି ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଆଦିବାସୀ ସଂଗଠନ ଆବାହକ ବୁନ୍ଦେ ଧୁରୁଆଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗ୍ରାମ ସମିତି ସଭାପତି ସାହୁ, ଉପସଭାପତି ଗଙ୍ଗା ପ୍ରସାଦ ଦୀପ, କୋଷାଧ୍ୟକ୍ଷ ସରୋଜ ଛଞ୍ଚାଣ, ଜିଲା କୃଷକ ସଂଘ ଆବାହକ ସୁରେନ୍ଦ୍ର ସାହୁ, ମଦମୁକ୍ତି ସଂଗଠନ ଆବାହକ ଅଜିତ ରଥ, ସାମାଜିକକର୍ମୀ ଅଶୋକ ମିଶ୍ର, ବିଜୟ ଦାସ, ମହମ୍ମଦ ରଉଫ୍, ଗୋବିନ୍ଦ କରାଳୀ, ଅମୋଦ ଓରାମ, ରାଜୁ ରୋହିଦାସ, କିଶୋର କରାଳୀ, ରବୀନ୍ଦ୍ର ସାହୁ ପ୍ରମୁଖ ନେତୃବୃନ୍ଦ କମ୍ପାନୀ ଓ ଜିଲାପ୍ରଶାସନର ଏକଛତ୍ରବାଦ ନୀତିକୁ ସମାଲୋଚନା କରିଥିଲେ। ଆନ୍ଦୋଳନରେ ଦର୍ଲିପାଲି, ଖଇରକୁନୀ, ଟିଙ୍ଗିସମାଲ, ସହାଜବାହାଲ, ଉବୁଡା, କର୍ଲାଯୋରୀ, କେରୁଆଲବାହାଲ ଆଦି ଗ୍ରାମର ୨ଶହରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଲୋକଙ୍କ ସମସ୍ୟା ସମାଧାନ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଂଗ୍ରାମ ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଭୂମିହୀନମାନଙ୍କୁ ଚାକିରି, ଆର୍‌ଆଣ୍ଡଆର୍ ପଲିସ୍‌ରେ କ୍ଷତିପୂରଣ, ଥଇଥାନ ଆଦି ଦାବି ରହିଛି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବେଲପାହାଡ଼ ଉତ୍ସବ ମଚାନ୍ ଉଦ୍‌ଘାଟିତ

**ବେଲପାହାଡ଼,୨୭।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ରତ୍ନମଣ୍ଡପରେ ଉତ୍ସବ ମଚାନ୍-୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ, ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡ. ତାରାପଦ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ପାରମ୍ପରିକ ରୀତରେ ଗିନି ବଜାଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। କଳା, ସଂସ୍କୃତିର ସୁରକ୍ଷା ତଥା ପ୍ରଚାର ପ୍ରସାର ପାଇଁ ଉତ୍ସବ ଏକ ଉତ୍ତମ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ସନ୍ଧ୍ୟାରେ ବଞ୍ଜାରୀ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନାଟକ 'ଦୃଷ୍ଟି' ଏବଂ ବେଲପାହାଡ଼ର ନାଟ୍ୟ ସଂସ୍ଥା ମିରର୍ ଥିଏଟରର କଳାକାରଙ୍କ ଦ୍ୱାରା ନାଟକ 'ସ୍ମାଇଲ୍ ପ୍ଲିଜ' ପରିବେଷଣ ହୋଇଥିଲା। ଉତ୍ସବ ସୋମବାର ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜିତଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିମାନେ ଗିନି ବଜାଇ ବେଲପାହାଡ଼ ଉତ୍ସବ ମଚାନ୍‌କୁ ଉଦ୍‌ଘାଟନ କରୁଛନ୍ତି।



ବନ୍ଧୁମିଳନ ଅବସରରେ ଶିକ୍ଷକଙ୍କ ଗହଣରେ ପ୍ରାକ୍ତନ ଛାତ୍ରମାନେ।

# ପଞ୍ଚାୟତ ସମିତି ହାଇସ୍କୁଲ ୧୯୭୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ

**କୋଲାବିରା,୨୭।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ପଞ୍ଚାୟତ ସମିତି ହାଇସ୍କୁଲର ୧୯୭୦ ମାଟ୍ରିକ ବ୍ୟାଚ୍‌ର ବାର୍ଷିକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରଘୁନାଥପାଲି ଅଯୋଧ୍ୟାନଗର ନିକଟସ୍ଥ ଶିବମନ୍ଦିର ଆମ୍ବ ବଗିଚାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁରଦୁରାନ୍ତରୁ ଆସିଥିବା ବନ୍ଧୁମାନେ ନିଜ ସ୍ମୃତି ଚାରଣ କରି ଭାବବିହ୍ୱଳ ହୋଇପଡିଥିଲେ। ଏପରି କି ପ୍ରତ୍ୟେକ ବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। ବ୍ୟାଚର ୩୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କାର୍ଯ୍ୟକ୍ରମରେ ୧୭ଜଣ ଛାତ୍ର ଯୋଗ ଦେଇଥିଲେ। ଇତିମଧ୍ୟରେ ବ୍ୟାଚର ୧୨ଜଣଙ୍କ ପରଲୋକ ହୋଇଯାଇଛି। ଏନେଇ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ନବ ବର୍ଷ ଉପଲକ୍ଷେ ବନ୍ଧୁ ମିଳନର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବନ୍ଧୁମାନେ ପରସ୍ପରକୁ ନବବର୍ଷର ଶୁଭେଚ୍ଛାଜଣେଇ ସମାଜ କଲ୍ୟାଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଶପଥ ନେଇଥିଲେ। ଏପରି କି ଅର୍ଥ ସଂଗ୍ରହ କରି ଅସହାୟ ଲୋକଙ୍କୁ ସାହାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶିକ୍ଷକ ଚିନ୍ତାମଣୀ ପଟେଲ, କ୍ଷେତ୍ରମୋହନ ନାଏକ, ଅଭିମନ୍ୟୁ ପଟେଲ ଏବଂ ସଚ୍ଚିଦାବନନ୍ଦ ପାଢୀଙ୍କ ସମେତ ଅର୍ଜୁନ ବଗାର ଏବଂ ଶଙ୍କର ବୁଦ୍ଧୁଲାଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ଅନନ୍ତରାମ ସାହୁ, ଦୁଲେଶ୍ୱର ପଟେଲ, ଉମ୍ବରୁଧର ନାଏକ, ରୁପାନନ୍ଦ ପଟେଲ, ବିନୋଦ ବିହାରୀ ନାଏକ, ଡୋଲାମଣୀ ପଧାନ, ହୃଦାନନ୍ଦ ମିଶ୍ର, ଗୋଲାପ ଚନ୍ଦ୍ର ପଟେଲ, ଟିକେଶ୍ୱର ସରାଫ, ଜୟନ୍ତ ହୋତା, ଗୌରାଙ୍ଗ ନାଏକ, ଧନୁର୍ଯ୍ୟ ପ୍ରଧାନ, ସାଧୁ ଚରଣ ପଧାନ, ଘନଶ୍ୟାମ ପଟେଲ, ସିତାରାମ ନାଏକ, ହରିଶ୍ଚନ୍ଦ୍ର ପଟେଲ, ତେଜରାଜ ସାହୁ, ସୁବାଷ ପଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ବ୍ୟାଚ୍‌ର ଅବସରପ୍ରାପ୍ତ ପୌରପାଳିକା ମୁଖ୍ୟ କିରାଣି ଉମ୍ବରୁଧର ନାଏକଙ୍କ ଉଦ୍ୟମରେ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ମୋହନ ନାଏକ, ମୀନକେତନ ନାଏକ, ନୃପଲାଲ ପସାୟତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଣ୍ଡିରୁ ଉଠୁନି ଧାନ, ମିଲର୍ସଙ୍କୁ ଅନୁକମ୍ପା

**ବରଗଡ଼ ଅଫିସ୍,୨୭।୧୨**

- ଜିଲାରେ ସରିନାହିଁ ଧାନ କିଣାବିକା
- ବାହ୍ୟ ଜିଲାରୁ ଧାନ କିଣିବେ ମିଲର୍ସ
- ବଡ଼ ଧରଣର ଡିଲ୍‌କୁ ନେଇ ସନ୍ଦେହ
- ସିଏସଓଙ୍କୁ ଭେଟିଲେ ଚାଷୀ ପ୍ରତିନିଧି

ବରଗଡ଼ ଜିଲାରେ ଧାନ କିଣାବିକା ଅନିୟମିତତା ସାଧାରଣରେ ପରିଣତ ହୋଇଛି। ଧାନର ଅଭାବୀ ବିକ୍ରି, ମଲର୍ସଙ୍କ ମର୍ଜିରେ ଧାନକିଣା, ମଣ୍ଡିରେ କଟନୀଛଟନୀ ଭଳି ଅଭିଯୋଗ ନିତିଦିନିଆ ଘଟଣା ହୋଇପଡ଼ିଛି। ହେଲେ ସେଭଳି ଅଭିଯୋଗ ଉପରେ ଆଶାନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅନ୍ୟପଟେ ଧାନ କିଣାବିକାରେ ଚାଷୀଙ୍କ ବଦଳରେ ମିଲର୍ସଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହୋଇଛି। ବରଗଡ଼ ଜିଲାର ଧାନ କିଣାବିକା ସରି ନ ଥିବବେଳେ ଜିଲାର ମିଲର୍ସମାନଙ୍କୁ ଧାନ ଉଠାଇବା ପାଇଁ ବାହ୍ୟଜିଲାରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଶୁକ୍ରବାର ଜିଲାର ଏକ ଚାଷୀ ପ୍ରତିନିଧି ଦଳ ସିଏସ୍‌ଓ ଦୁର୍ଗାଚରଣ ଭେସ୍ରାଙ୍କୁ ଭେଟି ଫେରାଦ ହୋଇଥିଲେ। ଏ ସମ୍ପର୍କରେ ସିଏସଓ ଭେସ୍ରାଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୩୭୧୨୭୭୪୬ରେ ଯୋଗାଯୋଗ କରାଯାଇଥିଲା, ମାତ୍ର ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା । ବରଗଡ଼ ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ୧୧୪ ମିଲର୍ସଙ୍କୁ ସାମିଲ କରାଯାଇ ଥିବାବେଳେ ୧୧୨ ମିଲର୍ସଙ୍କ ଚୁକ୍ତିନାମା ସମ୍ପୂର୍ଣ୍ଣ ହୋଇଛି। ଧାନ କିଣାବିକାରେ ଜିଲାର ଏତେ ସଂଖ୍ୟକ ମିଲର୍ସଙ୍କୁ ନିୟୋଜିତ କରାଯାଇ ଥିଲେ ସୁଦ୍ଧା ସ୍ଥାନୀୟ ମଣ୍ଡି ଗୁଡ଼ିକରୁ ଆଶାନୁରୂପ ଧାନ ଉଠାଯାଉନାହିଁ। ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ଖୋଲା ଆକାଶ ତଳେ ପଡ଼ି ରହିଛି। ଏପରିକି ପଦ୍ମପୁର ଉପଖଣ୍ଡ ଅଧୀନ ମଣ୍ଡି ଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ଫଳେ ସେହି ଅଞ୍ଚଳର ମଣ୍ଡି ଗୁଡ଼ିକରେ ୮ଲକ୍ଷରୁ ଊର୍ଦ୍ଧ୍ୱ ପ୍ୟାକେଟ୍ ଧାନ ଖୋଲା ଆକାଶତଳେ ପଡ଼ି ରହିଛି। ସେହିପରି ବରଗଡ଼ ଉପଖଣ୍ଡ ମଣ୍ଡି ଗୁଡ଼ିକରେ ଅନୁରୂପ ଭାବେ ବିକ୍ରି ଅପେକ୍ଷାରେ ଧାନ ପଡ଼ି ରହିଛି । ଦୂରତା ଆଳ ଦେଖାଇ ପଦ୍ମପୁର ଉପଖଣ୍ଡ ମଣ୍ଡି ଗୁଡ଼ିକୁ ମିଲର୍ସ ଯାଉ ନ ଥିବାବେଳେ କଟନୀଛଟନୀ ଆଳ ଦେଖାଇ ବରଗଡ଼ ଉପଖଣ୍ଡର ମଣ୍ଡି ଗୁଡ଼ିକରୁ ସେମାନେ ଧାନ ଉଠାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଆଉ ୪ଦିନ ପରେ ଜିଲାର ଧାନ କିଣାବିକା ପ୍ରକ୍ରିୟାକୁ ୨ମାସ ବିତିବାକୁ ଥିବାବେଳେ ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟା ସ୍ୱାଭାବିକ ହୋଇପାରି ନାହିଁ। ଏଭଳିସ୍ଥଳେ ଏଠାକାର ମିଲର୍ସଙ୍କୁ ବାହ୍ୟ ଜିଲାର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଉଛି। ମିଳିଥିବା ଖବର ଅନୁଯାୟୀ, ବରଗଡ଼ ଜିଲାର ୧୫ ମିଲର୍ସଙ୍କୁ ଖୋର୍ଦ୍ଧା ଏବଂ ୮ ମିଲର୍ସଙ୍କୁ ବୌଦ୍ଧ ଜିଲାରୁ ଧାନ ଉଠାଇବା ପାଇଁ ନିର୍ଦ୍ଦେଶ ଦେବାକୁ ମସୁଧା ଚାଲିଛି। ବରଗଡ଼ ଜିଲାରୁ ଆଶାନୁରୂପ ଭାବେ ଧାନ ଉଠାଯାଉ ନ ଥିବାବେଳେ କେଉଁ ସ୍ୱାର୍ଥରେ ସମ୍ପୃକ୍ତ ମିଲର୍ସଙ୍କୁ ବାହ୍ୟ ଜିଲାରେ ନିୟୋଜିତ କରାଯାଉଛି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ସେତିକି ନୁହେଁ, ଯେଉଁ ମିଲର୍ସଙ୍କୁ ସେହି ଧାନ କିଣାବିକାରେ ସାମିଲ କରାଯାଉଛି, ସେମାନଙ୍କ ମଧ୍ୟରୁ କେତେକ ଧାନ ସଂଗ୍ରହ ନୀତି ଅନୁଯାୟୀ ଏପର୍ଯ୍ୟନ୍ତ ପୂର୍ବରୁ ଉଠାଇଥିବା ଧାନ ବଦଳରେ ଚାଉଳ ଜମା ଦେଇ ପାରି ନ ଥିବା ଆଲୋଚନା ହେଉଛି । ଏଥିରେ ବିଭାଗୀୟ ସ୍ତରରେ ତଳୁ ଉପର ପର୍ଯ୍ୟନ୍ତ ଏକ ବଡ଼ ଧରଣର ଡିଲ୍ ହୋଇଛି ଏବଂ ଏହା ସରକାରଙ୍କ ୫-ଟି ଯୋଜନାକୁ ପଦାରେ ପକାଇ ଦେଇଛି ବୋଲି ଚର୍ଚ୍ଚା ଚାଲିଛି । ଏହା ଜଣାପଡ଼ିବା ପରେ ଜୟ କିଶାନ ଆନ୍ଦୋଳନର ରମେଶ ମହାପାତ୍ର, ହର ବଣିଆ, ସୁଶୀଲ ସାହୁ, ନିରଞ୍ଜନ ପ୍ରଧାନ, ବିଶ୍ୱ ସା ପ୍ରମୁଖ ସିଏସଓ ଭେସ୍ରାଙ୍କୁ ଶୁକ୍ରବାର ଭେଟିଛନ୍ତି। ଜିଲାରେ କଟନୀଛଟନୀ ପ୍ରକ୍ରିୟା ବନ୍ଦ କରିବା ସହିତ ବରଗଡ଼ ଜିଲାର ସମସ୍ତ ଧାନ ଉଠା ନ ଯିବା ପର୍ଯ୍ୟନ୍ତ ସ୍ଥାନୀୟ ମିଲର୍ସଙ୍କୁ ଅନ୍ୟ ଜିଲାରେ ନିୟୋଜିତ ନ କରିବା ପାଇଁ ସେମାନେ ଦାବି ଉପସ୍ଥାପନ କରିଛନ୍ତି। ଏହାର ଖିଲାପ କରାଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

■ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ

# ଶେଷରେ ଆଖି ବୁଜିଲେ କାର୍ତ୍ତିକ ମେହେର

**ବରଗଡ଼ ଅଫିସ୍, ୨୭।୧୨**

ନୂଆଦିଲ୍ଲୀ ଇଣ୍ଡିଆ ଗେଟ୍ ସମ୍ମୁଖରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୂତି ଉଦ୍ୟମ କରିଥିବା ବରଗଡ଼ ଜିଲା ପଦ୍ମପୁର ନିକଟ ବୁଧାପାଲି ଗାଁର କାର୍ତ୍ତିକ ମେହେରଙ୍କ ମୃତ୍ୟୁ ଘଟିଛି । ଖବର ପାଇ ତାଙ୍କ ଭାଇ କେଶବ ମେହେର ଦିଲ୍ଲୀ ଯାଇ ମୃତଦେହକୁ ସେଠାରେ ସଂସ୍କାର କରିଥିବା ପରିବାର ଲୋକେ କହିଛନ୍ତି। ତେବେ କାର୍ତ୍ତିକଙ୍କ ମୃତ୍ୟୁ ସମ୍ପର୍କରେ ଦିଲ୍ଲୀ ପୋଲିସ ବିଧିବଦ୍ଧ ଭାବେ ଯୋଗାଯୋଗ କରି ନ ଥିବା ପଦ୍ମପୁର ଏସଡିପିଓ ପ୍ରଦୀପ ସାହୁ କହିଛନ୍ତି । ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ଇଣ୍ଡିଆ ଗେଟ୍‌ଠାରେ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ଆନ୍ଦୋଳନ ଚାଲିଥିବା ବେଳେ କାର୍ତ୍ତିକ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଫଳରେ ତାଙ୍କ ଶରୀରର ନବେ ଭାଗ ପୋଡି ଯାଇଥିଲା। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଲ୍ଲୀ ସ୍ଥିତ ରାମ ମନୋହର ଲୋହିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପୂର୍ବରୁ ୨୦୧୮ ବିଜେପୁର ଉପନିର୍ବାଚନ ସମୟରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବରପାଲି ସଭାରେ ଚପଲ ଫିଙ୍ଗି ଚର୍ଚ୍ଚାକୁ ଆସିଥିଲେ।

# ଟ୍ରକ୍ ଚାପାରେ ଜଣେ ମୃତ

**ବରଗଡ଼ ଅଫିସ୍,୨୭।୧୨**

ବରଗଡ଼ ସହରର ବ୍ରହ୍ମବିହାର-ଗୋବିନ୍ଦପାଲି ରାସ୍ତାରେ ଶୁକ୍ରବାର ଏକ ଚାଉଳ ବୋଝେଇ ଟ୍ରକ୍ (ନଂ.ସିଜି୦୪ଇ/୨୭୭୮) ଚାପାରେ ଘଟଣାସ୍ଥଳରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗୋବିନ୍ଦପାଲିର ମକରଧ୍ୱଜ ନାଗ(୫୦)। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଟ୍ରକ୍‌ର କିଛି ଅଂଶ ଭଙ୍ଗାରୁଜା କରିବା ସହିତ ଗୁରୁଦ୍ୱାରା ଛକରେ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଖବର ପାଇ ସେଠାକୁ ଅତିରିକ୍ତ ଏସପି ଅମରେନ୍ଦ୍ର ରଣା, ତହସିଲଦାର ସବ୍ୟସାଚୀ ପଣ୍ଡା, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ସେମାନଙ୍କ ଦାବିକୁ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିବା ସହିତ ଘଟଣାସ୍ଥଳରୁ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ମକରଧ୍ୱଜ ଜଣେ ରିକ୍ସା ଚାଳକ ଏବଂ ହେମାଲି କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ସେ କୌଣସି କାମରେ ଏକ ସାଇକେଲ ଯୋଗେ ଗୋବିନ୍ଦପାଲି-ବ୍ରହ୍ମବିହାର ରାସ୍ତାରେ ଯାଉଥିବାବେଳେ ଉକ୍ତ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

■ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସାଂଗଠନିକ ସମ୍ମିଳନୀ

# ଅର୍ଥନୈତିକ ମାନ୍ଦାବସ୍ଥା ରୋକିବାରେ ସରକାର ବିଫଳ

**ଝାରସୁଗୁଡ଼ା ଅଫିସ୍/ଲଖନପୁର, ୨୭।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଢାପଡ଼ା ଗ୍ରାମର ପ୍ରସନ୍ନ ଭବନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ଜିଲା ପରିଷଦ ପକ୍ଷରୁ ରମେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଦୁଇ ଦିନିଆ ସାଂଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ଗୁରୁବାର ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସମ୍ମାନିତ ଅତିଥି ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାସ, ଜିଲା ସମ୍ପାଦକ ଅନିତ ଚକ୍ରବର୍ତ୍ତୀ, ସହସମ୍ପାଦକ ସାରଙ୍ଗଧର ମିଶ୍ର, ବାସୁଦେବ ଭୋଇ, ପୁରନ୍ଦର ପାଟଯୋଶୀ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତଥିଲେ। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କର୍ମୀ ଯୋଗଦେଇଥିଲେ। ସମ୍ମିଳନୀରେ ସଂଗଠନର ଅଭିବୃଦ୍ଧି ଉପରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ନୂଆ ସଭ୍ୟ ସଂଗ୍ରହ ସାଙ୍ଗକୁ ଦଳର ପାଣ୍ଠି ସଂଗ୍ରହ କରିବାକୁ କୁହାଯାଇଥିଲା। ଦଳର ମୁଖପତ୍ର 'ନୂଆଦୁନିଆଁ' ପ୍ରସାରଣ ଦିଗରେ ଗୁରୁତ୍ୱ ଦେବା ସହ ପ୍ରସ୍ତାବିତ ସାଂଗଠନିକ କାର୍ଯ୍ୟ ଆସନ୍ତା ମାଚ୍ଚ ମଧ୍ୟରେ ଶେଷ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ସିପିଆଇ ପକ୍ଷରୁ ଅଢାପଡ଼ା ପ୍ରସନ୍ନ ଭବନରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ କାନୁନଗୋ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଦେଶରେ ଭୟଙ୍କର ଆର୍ଥନୈତିକ ମାନ୍ଦାବସ୍ଥା ଦେଖାଦେଇଛି। ଏହାର ପ୍ରଭାବ ବିଭିନ୍ନ କଳକାରଖାନା ଉପରେ ପଡୁଛି। ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇ କରାଯାଉଛି। ଫଳରେ ବେକାରୀ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦେଶରେ ଦିନକୁ ଦିନ କ୍ରୟଶକ୍ତି କମିବାରେ ଲାଗିଛି। ଏଭଳି ସ୍ଥିତିବସ୍ଥା ଦେଖାଦେବା ଫଳରେ ଦେଶ ବିପର୍ଯ୍ୟସ୍ତ ଆଡକୁ ଠେଲି ହୋଇଯାଉଛି। ଗତ ୪୫ବର୍ଷ ମଧ୍ୟରେ ଦେଶରେ ଏଭଳି ଅବସ୍ଥା କେବେ ଦେଖାଦେଇ ନ ଥିଲା । ଏହାକୁ ସୁଧାରିବାରେ କେନ୍ଦ୍ରର ଭାଜପା ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ରାଜ୍ୟ ସମ୍ପାଦକ କାନୁନଗୋ କହିଥିଲେ। ଏପରି କି କୋଇଲା କମ୍ପାନୀ, ବ୍ୟାଙ୍କ, ବୀମା, ରେଳବିଭାଗ, ପ୍ରତିରକ୍ଷା, ପେଟ୍ରୋଲିୟମ ଆଦି ରାଷ୍ଟ୍ରାୟତ ଉଦ୍ୟୋଗକୁ ସରକାର ଘରୋଇକରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କର୍ପୋରେଟ୍ ହାଉସ୍‌ମାନଙ୍କୁ ୩ଲକ୍ଷ ୧୬ହଜାର କୋଟି ଟଙ୍କା ଋଣ ଦେଇ ପରେ ଅସୁଲ ନ କରି ସରକାର ଛାଡିଦେଇଛନ୍ତି। ଏହା ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛି। ରିଜର୍ଭ ବ୍ୟାଙ୍କରେ ଗଚ୍ଛିତ ଥିବା ୧ଲକ୍ଷ ୭୬ହଜାର କୋଟି ଟଙ୍କା ଜରୁରୀ କାଳୀନ ପାଣ୍ଠିକୁ ସରକାର ଉଠାଇ ଦଳୀୟ କାର୍ଯ୍ୟରେ ବିନିଯୋଗ କରିଥିବା ସିପିଆଇ ରାଜ୍ୟ ସମ୍ପାଦକ କାନୁନଗୋ ଅଭିଯୋଗ କରିଛନ୍ତି। ନାଗରିକ ସଂଶୋଧନ ଆଇନ୍(ସିଏଏ) ଓ ଜାତୀୟ ନାଗରିକ ପଞ୍ଜୀକରଣ ଆଇନ୍(ଏନ୍‌ଆର୍‌ସି) ଲାଗୁ କରି ସରକାର ସମ୍ପ୍ରଦାୟୀକ ବିଭେଦ ସୃଷ୍ଟିକରି ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଏ ନେଇ ଦେଶରେ ଜନଆନ୍ଦୋଳ ମୁଣ୍ଡ ଟେକିଛି। ରାଜ୍ୟ ସରକାର କର୍ପୋରେଟ ପ୍ରୀତି ଦେଖାଇ ସେସୁ ଭଳି ଲାଭଦାୟକ ସରକାରୀ ଉଦ୍ୟୋଗକୁ ଟାଟା ପାୱାରଙ୍କୁ ବିକ୍ରି କରି ଲୋକଙ୍କ ଉପରେ ଟିକସ୍ ଭାର ଲଦି ଦେବାପାଇଁ ବସିଛନ୍ତି। ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା ଜିଲାରେ ଖଣି, ଖାଦାନ ଆଦି ବହୁ ଶିଳ୍ପାନୁଷ୍ଠାନ ଗଢି ଉଠିଛି। ଅଞ୍ଚଳର ଲୋକେ ଜମିବାଡି, ବାସଗୃହ ଆଦି ସର୍ବସ୍ୱ ହରାଉଛନ୍ତି। ହେଲେ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ, ନିଯୁକ୍ତି ଓ ଥଇଥାନ ଆଦି ସୁବିଧା ସୁଯୋଗ ମିଳିପାରୁ ନାହିଁ। ଏଭଳି ସଙ୍ଗିନୀ ସ୍ଥିତି ଦେଖାଦେଇଛି ଏମ୍‌ସିଏଲ୍ କମ୍ପାନୀରେ। ଏଥିରେ ଲୋକେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇଛନ୍ତି। ହେଲେ ହକ୍‌ପାଇବା ପାଇଁ ସେମାନଙ୍କୁ ଲଢେଇ କରିବାକୁ ପଡୁଛି। ଜିଲାରେ ଖଣିଜ ପାଣ୍ଠି ଓ ସିଏସ୍‌ଆର୍ ପାଣ୍ଠି ରହିଛି। ଏହି ପାଣ୍ଠି ଜିଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ବ୍ୟବହାର କରିବା ନିୟମ ରହିଥିବା ବେଳେ କମ୍ପାନୀ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ହିସାବରେ ଏହି ପାଣ୍ଠିରୁ ସହାୟତା ପ୍ରଦାନ କରୁଛନ୍ତି। କମ୍ପାନୀଗୁଡିକ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରିଚାଲିଛି। ଜିଲାବାସୀଙ୍କ ଅର୍ଥକୁ ବେଆଇନ୍‌ଭାବେ ବ୍ୟୟ କରାଯାଉଛି ବୋଲି ରାଜ୍ୟ ସମ୍ପାଦକ କାନୁନଗୋ କହିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୮ତାରିଖରେ ଶ୍ରମିକ ସଂଗଠନ ପକ୍ଷରୁ ହରତାଳ କରିବାକୁ ଆହ୍ୱାନ ଦିଆଯାଇଛି। ଏହାକୁ ରାଜ୍ୟ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) ସମର୍ଥନ ଜଣାଇଛି ବୋଲି ଜିଲା ସମ୍ପାଦକ କାନୁନଗୋ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଉପସ୍ଥିତଥିବା ସିପିଆଇ ନେତୃବୃନ୍ଦ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୮ ଡିସେମ୍ବର, ୨୦୧୯



ସମ୍ମାନ ପାଇବାକୁ ନୁହେଁ, ଆମେ ସମ୍ମାନ ପାଇବାକୁ ହକ୍‌ଦାର, ଏହି ଚେତନା ଆମକୁ ଗୌରବର ଅଧିକାରୀ କରାଏ।
- ଆରିଷ୍ଟଟଲ



## ସଂକ୍ଷେପରେ

### ବାଇକ୍ ଚୋରାଇବାକୁ ଆସି ନିଜ ବାଇକ୍ ଛାଡି ଚାଲିଗଲେ ଦୁର୍ବୃତ୍ତ

**ଜୁନାଗଡ,୨୭।୧୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ଥାନା କେନ୍ଦୁପାଟି ଗ୍ରାମକୁ ଗୁରୁବାର ରାତିରେ ଦୁର୍ବୃତ୍ତମାନେ ବାଇକ ଚୋରାଇବାକୁ ଆସି ଧରାପଡିଯିବା ଭୟରେ ନିଜ ବାଇକ ମଧ ଛାଡି ଚାଲିଯାଇଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଏବେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାପ୍ତ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କେନ୍ଦୁପାଟି ଗ୍ରାମର ବିନୟ ସାହୁଙ୍କ ବାଇକ୍ ଚୋରି କରିବାକୁ ତାଙ୍କ ଘର ପରିସରକୁ ଆସିଥିଲେ। ଚୋରି କରିବା ପାଇଁ ସଜବାଜ ହେଉଥିବାବେଳେ ବିନୟଙ୍କ କାକା ନନ୍ଦି କିଶୋର ସାହୁ ହଟାତ ଘର ବାହାରକୁ ଚାଲିଆସିଥିଲେ। ଏହା ଜାଣିପାରି ଦୁର୍ବୃତ୍ତମାନେ ଧରାପଡିଯିବା ଭୟରେ ସାଙ୍ଗରେ ଆଣିଥିବା ଏକ ବାଇକ୍‌କୁ ମଧ ସେଠାରୁ ଛାଡିଦେଇ ଚମ୍ପଟ ମାରିଥିଲେ। ଏହି ବାଇକ ହିରୋହୋଣ୍ଡା ସିଡି ଡିଲକ୍ସ ହୋଇଥିବାବେଳେ ଏହାର ନମ୍ବର ପ୍ଲେଟ ମଧ ନ ଥିଲା। ଶୁକ୍ରବାର ସକାଳେ କେନ୍ଦୁପାଟି ସରପଞ୍ଚ ରେବତୀ ବାଗଙ୍କ ଘରେ ଉକ୍ତ ବାଇକକୁ ନନ୍ଦି କିଶୋର ଜମାଦେଇ ଜୁନାଗଡ ପୋଲିସକୁ ଖବର ଦିଆଯାଇଥିଲା। ଅପରାହ୍ନରେ ଜୁନାଗଡ ପୋଲିସ ପହଞ୍ଚି ଦୁର୍ବୃତ୍ତ ଛାଡିଥିବା ଉକ୍ତ ନମ୍ବର ବିହୀନ ବାଇକକୁ ନିଜ ଅକ୍ତିଆରକୁ ଆଣିଥିଲେ।

# ରାସ୍ତାଘାଟ, ପାଣି, ଶିକ୍ଷା ସମସ୍ୟା ନେଇ ଆଲୋଚନା

**ସୁନ୍ଦରଗଡ଼, ୨୭।୧୨ (ଡି.ଏନ୍.ଏ)**



ବିଜେଡିର ପ୍ରତିନିଧି ଦଳ ଜିଲାପାଳଙ୍କୁ ସାକ୍ଷାତକରି ଆଲୋଚନା କରୁଛନ୍ତି।

- ଜିଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ
- ପୂର୍ବତନ ବିଧାୟକ ମଙ୍ଗଳା କିଷାନ ନେଇଥିଲେ ନେତୃତ୍ୱ
- ସୁନ୍ଦରଗଡ଼, ରାଜଗାଙ୍ଗପୁର, ତଳସରା ନିର୍ବାଚନମଣ୍ଡଳୀ ସମ୍ପର୍କରେ ଆଲୋଚନା

ଶୁକ୍ରବାର ବିଜେଡିର ଏକ ପ୍ରତିନିଧି ଦଳ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରରେ ସାକ୍ଷାତକରି ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ତଳସରା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଏହି ୩ଟି ନିର୍ବାଚନମଣ୍ଡଳୀର ରାସ୍ତାଘାଟ, ପାଣି, ବିଜୁଳି, ଶିକ୍ଷା ସମସ୍ୟା ସହିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସୁପରିଚାଳନା ଉପରେ ବିସ୍ତୃତ ଭାବେ ଏହି ପ୍ରତିନିଧି ଦଳ ଆଲୋଚନା କରିଥିଲେ। ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ତଥା ସୁନ୍ଦରଗଡ ସାଙ୍ଗଠନିକ ଜିଲା ବିଜେଡି ସଭାପତି ମଙ୍ଗଳା କିଷାନ ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ।

ସରକାରଙ୍କ ଦ୍ୱାରା ପରିଚାଳିତ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଗୁଡିକରେ କିପରି ଭାବେ ଅଧିକରୁ ଅଧିକ ଛାତ୍ରୀଛାତ୍ର ନାମ ଲେଖାଇ ପଢି ପାରିବେ, ବିଦ୍ୟାଳୟରେ ଥିବା ସମସ୍ୟାଗୁଡିକ କିପରି ସମାଧାନ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। କୁତ୍ରା ବ୍ଲକରେ ନିର୍ମାଣ ହେବାକୁ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ଯେତେ ଶୀଘ୍ର ହେବ ସରକାରୀ ଜାଗା ଯୋଗାଇ ଦିଆଯିବା ସହ ନିର୍ମାଣ କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବା, ପ୍ରତ୍ୟେକ ପଞ୍ଚାୟତରେ କଂକ୍ରିଟ ରାସ୍ତା ନିର୍ମାଣ, ପିଇବା ପାଣି ଓ ବିଜୁଳିର ସମାଧାନ କରିବା ଉପରେ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଏତଦ୍ ବ୍ୟତୀତ ସୁନ୍ଦରଗଡରେ ପାନୀୟ ଜଳ ଯୋଗାଣ ପାଇଁ ସହରର ସବୁ ରାସ୍ତା ପାଇପ୍ ବିଛାଇବା ପାଇଁ ଖୋଳିବା ପରେ ତାର ଠିକ ଭାବେ ମରାମତି କରା ଯାଉ ନ ଥିବା ଯୋଗୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମିତ ରାସ୍ତାଗୁଡିକ ଶୋଚନୀୟ ହୋଇ ପଡିଛି। ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହାର ମରାମତି କରାଯିବାକୁ ଏହି ପ୍ରତିନିଧି ଦଳ ଦାବି କରିଥିଲେ। ଅନେକ ରସ୍ତାରେ ମ୍ୟୁନିସିପାଲିଟି ଦ୍ୱାରା ପରିଚାଳିତ ଆଲୋକ ବ୍ୟବସ୍ଥା ନ ଥିବାରୁ ଓ କେତେକ ଜାଗାରେ ଷ୍ଟ୍ରିଟ ଲାଇଟଗୁଡିକ ଜଳୁ ନ ଥିବାରୁ ଏହାର ପ୍ରତିକାର କରାଯିବା, କୋର୍ଟ ପାଖରେ ଦୋକାନ ଗୃହ ପାଇଁ ପୁରୁଣା ଦୋକାନକୁ ଯଥାଶୀଘ୍ର ଯୋଗାଇ ଦେବାକୁ ଦାବି କରିଥିଲେ। ଜିଲାପାଳ ଯଥାଶୀଘ୍ର ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ବିଜେଡିର କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ଦାସ, ଜୟନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ସଞ୍ଜୟ ବହିଦାର, ତ୍ରିଲୋଚନ କାକ, ରୋଶନ ବାର୍ଲା ପ୍ରମୁଖ ସାମିଲ ଥିଲେ।

### ହେଉନି ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ

**କୁଆଁରମୁଣ୍ଡା,୨୭।୧୨(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଇଲାକାରେ ଦିନକୁ ଦିନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ବିଶେଷକରି ସନ୍ଧ୍ୟା ନ ହେଉଣୁ ମଦୁଆମାନେ ଖୋଲା ସ୍ଥାନ ଦେଖି ମଦ୍ୟପାନ କରୁଛନ୍ତି। ଅନେକ ଅସାମାଜିକ କାର୍ଯ୍ୟକଳାପ ସନ୍ଧ୍ୟା ହେଲେ କୁଆଁରମୁଣ୍ଡାର ଅବହେଳିତ ଭାବେ ପଡ଼ିଥିବା ଆଧୁନିକ ମେଟାଲିକ୍ସ ଚିଲ୍‌ଡ୍ରେନ ପାର୍କରେ ଘଟୁଛି। ସନ୍ଧ୍ୟା ହେଲେ ପାର୍କ ଭିତରେ ଯୁବତୀଯୁବକମାନେ ପଶି ମଦ୍ୟପାନ କରିବା ସହ ଅନୈତିକ କାର୍ଯ୍ୟକଳାପ କରୁଥିବା ଅଭିଯୋଗ ହେଉଛି। ଏପରିସ୍ଥଳେ ଏହି ଅଞ୍ଚଳରେ ରାତି ହେଲାମାନେ ପୋଲିସ ପାଟ୍ରୋଲିଂ ଜରୁରୀ ଥିବା ବେଳେ ତାହା ହେଉନାହିଁ। ଫଳରେ ଅନାୟାସରେ ପାର୍କ ଭିତରେ ଅନୈତିକ କାର୍ଯ୍ୟକଳାପ ବଢି ଚାଲିଛି। ସେହିପରି କୁଆଁରମୁଣ୍ଡାର ସରବେର୍ଣ୍ଣୀ,ବ୍ଲକ କଲୋନୀ ଇତ୍ୟାଦି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ଆଦୌ ହେଉ ନ ଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୋଲିସ କେବଳ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦୃଢ ଦାବି ହେଉଛି।

# ପୋଲିସକୁ ଭୋଜି ଖୁଆଇ ଗଣ୍ଡଗୋଳ



ପୋଲିସ୍‌କୁ ଭେଟିବାକୁ ଆସିଥିବା ଲୋକେ।

**ବଡଗାଁ, ୨୭।୧୨ (ଡି.ଏନ.ଏ)**

ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ବ୍ଲକ ଅଧ୍ୟକ୍ଷା, ସରପଞ୍ଚ, ବଡଗାଁର କେତେକ ବାସନ ଦୋକାନୀ ଓ ଥାନା ଆଇଆଇସିଙ୍କ ସହିତ ପୋଲିସ ଷ୍ଟାପ ଭୋଜି କରି ଖାଇଲା ପରେ ଅଧ୍ୟକ୍ଷାଙ୍କ ସହିତ ଜଣେ ସରପଞ୍ଚ ଏବଂ କେତେକ ବାସନ (ବର୍ତ୍ତନ) ବ୍ୟବସାୟୀ ଅନ୍ୟ ଏକ ଗ୍ରାମରେ ବାସନ ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କ ଦୋକାନରେ ଫିଙ୍ଗାଫୋପଡା କରିବା ସହ ଅସଭ୍ୟ ଗାଳି ଦେବା ଭଳି ଏକ ଅଶୋଭନୀୟ ଘଟଣା ବଡଗାଁ ଥାନା ଅଞ୍ଚଳରେ ଘଟିଛି। ସୂଚନାନୁଯାୟୀ, ଡିସେମ୍ବର ୨୫ ତାରିଖ ବଡଗାଁ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ, ଫୁଲବାରୀ ସରପଞ୍ଚ ଅହଲ୍ୟା ଲାକ୍ରା ଓ ବଡଗାଁର କେତେକ ବାସନ ବ୍ୟବସାୟୀ ଡାକବଙ୍ଗଳାରେ ଭୋଜି କରିଥିଲେ। ଏହି ଭୋଜିରେ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସ ଓ ପୋଲିସ ଷ୍ଟାପ ସାମିଲ ହୋଇଥିଲେ । ଭୋଜି ଖାଇଲା ପରେ ପୋଲିସ ଥାନାକୁ ଫେରି ଆସିଥିଲାବେଳେ ବ୍ଲକ ଅଧ୍ୟକ୍ଷା ମିଞ୍ଜ, ସରପଞ୍ଚ ଅହଲ୍ୟା ଲାକ୍ରା ଓ ବଡଗାଁର କେତେକ ବାସବ ବ୍ୟବସାୟୀ ବରଙ୍ଗାକଛାର ଗ୍ରାମକୁ ଯାଇ ଜଣେ ବାସନ ବ୍ୟବସାୟୀଙ୍କ ଦୋକାନରେ ବାସନକୁସନ ଫିଙ୍ଗାଫୋପଡା କରିବା ସହିତ ଗାଳିଗୁଲଜ କରି ବ୍ୟବସାୟ ବନ୍ଦ କରି ଢେଙ୍କାନାଳ ଚାଲିଯିବାକୁ ଧମକ, ଚେତାବନୀ ଦେଇଥିଲେ । ଏ ନେଇ ଥାନାରେ ଅଭିଯୋଗକାରୀ ବାସନ ବ୍ୟବସାୟୀ ଢେଙ୍କାନାଳ ଜିଲା ଭୁବନ ଗ୍ରାମର ହୃଦାନନ୍ଦ ସାହୁ ଓ ବରଙ୍ଗାକଛାର ଗ୍ରାମବାସୀମାନେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକାରୀ ସାହୁଙ୍କୁ ପଚାରିବାରେ ଘଟଣାର ୨ ଦିନ ପୂର୍ବରୁ ବ୍ଲକ ଅଧ୍ୟକ୍ଷା ଏଠାରେ ବ୍ୟବସାୟ କରନାହିଁ, ତମ ଗାଁକୁ ଯାଇ କର ବୋଲି କହିଥିଲେ । ଡିସେମ୍ବର ୨୫ ତାରିଖ ଅଧ୍ୟକ୍ଷାଙ୍କ ସହିତ ୧୨ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୋ ଦୋକାନକୁ ଯାଇ ବାସନ ଫିଙ୍ଗାଫୋପଡା କରିଥିଲେ ଓ ବ୍ୟବସାୟ ବନ୍ଦ କରି ଚାଲିଯିବାକୁ ଧମକ ଓ ଗାଳି ଦେଇଥିଲେ। ଏମାନଙ୍କ ସହିତ ବଡଗାଁର କେତେ ଜଣ ବାସନ ବ୍ୟବସାୟୀ ମଧ ଥିଲେ। ଏହି ଘଟଣା ପରେ ବରଙ୍ଗାକଛାର ସରପଞ୍ଚ ରାଜେଶ୍ୱରୀ କାଲୋ, ସମିତି ସଭ୍ୟ ରବୀନ୍ଦ୍ର ଲୁଗୁନ, ନାଏବ ସରପଞ୍ଚ ଦଶରଥ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ବାଗଙ୍କ ସହିତ ଶତାଧିକ ବ୍ୟକ୍ତି ଗୁରୁବାର ଥାନାରେ ଲିଖିତ ଜଣାଇଛନ୍ତି । ସେମାନେ ଜନ ପ୍ରତିନିଧିଙ୍କ ଗଣ୍ଡଗୋଳ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଜନପ୍ରତିନିଧିମାନେ ଗୁଣ୍ଡା ବଦମାସଙ୍କ ଭଳି ଯେଭଳି କଲେ ତାକୁ ନିନ୍ଦା କରିବା ସହିତ ଜନପ୍ରତିନିଧିମାନେ କେଉଁ କ୍ଷମତା ବଳରେ ବଡଗାଁର ବାସନ ବ୍ୟବସାୟୀଙ୍କ ସପକ୍ଷରେ ଯାଇ ଅନ୍ୟ ଜଣେ ବ୍ୟବସାୟୀଙ୍କୁ ବ୍ୟବସାୟ ବନ୍ଦ କରି ଚାଲିଯିବାକୁ ଧମକ ଦେଲେ ପ୍ରଶ୍ନ ଉଠାଇ ତୀବ୍ର ଭତ୍ସନା କରିଥିଲେ । ତେବେ ବଡଗାଁ ଥାନା ଆଇଆଇସି ଓ ଷ୍ଟାପ, ବ୍ଲକ ଅଧ୍ୟକ୍ଷା ଓ ବଡଗାଁ ବାସନ ବ୍ୟବସାୟୀମାନେ କରିଥିବା ଭୋଜି ଖାଇବାକୁ ଯାଇଥିବା ସମ୍ପର୍କରେ ପଚାରିବାରେ ଭୋଜି ଖାଇବାକୁ ଯାଇଥିବା ସ୍ୱିକାର କରି ଏଭଳି କରିବେ ବୋଲି ପୂର୍ବରୁ ଜାଣି ନ ଥିଲେ କହିଥିଲା ବେଳେ ବ୍ଲକ ଅଧ୍ୟକ୍ଷା ମିଞ୍ଜ ଓ ଫୁଲବାରୀ ସରପଞ୍ଚ ଲାକ୍ରା ବରଙ୍ଗାକଛାରର ବାସନ ଦୋକାନୀଙ୍କ ପାଖକୁ ଯାଇଥିବା ସ୍ୱୀକାର କରିଛନ୍ତି । ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

### ଥରାଇଲା ଶୀତ ସୁନ୍ଦରଗଡରେ ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ୍

ସୁନ୍ଦରଗଡ, ୨୭।୧୨ (ଡି.ଏନ୍.ଏ) – ଅଦିନିଆ ବର୍ଷା ପରେ ସୁନ୍ଦରଗଡରେ ଶୀତର ପ୍ରକୋପ ବୃଦ୍ଧି ପାଇଛି। ସୁନ୍ଦରଗଡରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ଶୁକ୍ରବାର ୧୦.୫ଡିଗ୍ରୀ ସେଲସିୟସ ଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ରାଜ୍ୟରେ ଥିବା ୨୩ଟି ତାପମାନ କେନ୍ଦ୍ର ମଧ୍ୟରୁ ଗୋପାଳପୁରରେ ୨୦.୪, ମାଲକାନଗିରିରେ ୧୯.୨, ଭବାନୀପାଟଣାରେ ୧୯, ତାଳଚେରରେ ୧୮.୩, ହୀରାକୁଦରେ ୧୮.୩, ବଲାଙ୍ଗୀରରେ ୧୮.୨, ପାରାଦ୍ୱୀପରେ ୧୭.୬, ସମ୍ବଲପୁରରେ ୧୭.୧, ଝାରସୁଗୁଡାରେ ୧୭, ଭୁବନେଶ୍ୱରରେ ୧୬.୮, ପୁରୀରେ ୧୬.୬, ଟିଟିଲାଗଡରେ ୧୫.୫, ଫୁଲବାଣୀରେ ୧୫.୩, ସୋନପୁରରେ ୧୫.୨, କୋରାପୁଟରେ ୧୫, ବାରିପଦାରେ ୧୫, ଚାନ୍ଦବାଲିରେ ୧୫, କଟକରେ ୧୪.୫, କେଉଁଝରରେ ୧୪, ବାଲେଶ୍ୱରରେ ୧୩.୬, ଦାରିଙ୍ଗିବାଡିରେ ୧୩.୫, ଅନୁଗୋଳରେ ୧୩ ଓ ସୁନ୍ଦରଗଡରେ ୧୦.୫ଡିଗ୍ରୀ ସେଲସିୟସ ରହିଛି। ସନ୍ଧ୍ୟାପରଠୁ ରାତିରେ ପ୍ରବଳ ଶୀତଲହରୀ ପ୍ରବାହିତ ହେଉଛି। ହାଡଭଙ୍ଗା ଶୀତ ଯୋଗୁ ଥରୁଛି ସୁନ୍ଦରଗଡ଼। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଦିନବେଳା ମଧ୍ୟ ଗରମ ପୋଷାକ ପିନ୍ଧିବାକୁ ବାଧ୍ୟ ହେଉଛନ୍ତି। ଜନଜୀବନ ପ୍ରଭାବିତ ହୋଇଛି। ଶୀତର ପ୍ରକୋପ ବୃଦ୍ଧିପାଇବ ବୋଲି କୁହାଯାଇଛି।

### ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଫୁଟ୍‌ବଲ ଟୁର୍ନାମେଣ୍ଟ

# ଗଜଲକ୍ଷ୍ମୀ ୟୁଥ୍ କ୍ଲବ ଚାମ୍ପିୟନ,ଗମ୍ଭାରୀଡିହି ରନର୍ସ ଅପ୍

**ଲେଫ୍ରିପଡା, ୨୭।୧୨(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ପଟୁଆଡିହିର ଜଟିପଡା ଗଜଲକ୍ଷ୍ମୀ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀ ଅବସରରେ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୬ଟି ଫୁଟ୍‌ବଲ ଦଳ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଏହାର ଉଦ୍‌ଯାପନୀ ଦିବସରେ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲାର ପୂର୍ବତନ ଭାଜପା ସଭାପତି ବଟକିଶୋର ମିଶ୍ର ମୁଖ୍ୟଅତିଥି, ଲେଫ୍ରିପଡା ବ୍ଲକ୍‌ର ଜିଲା ପରିଷଦ ସଭ୍ୟା ବାସନ୍ତୀ ବାରିକ, ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ,ବଡ଼ଗାଁ ବ୍ଲକ୍ ଜିଲା ପରିଷଦ ସଭ୍ୟା ପଟୁଆଡିହି ଗ୍ରାମର ଜୟମଙ୍ଗଳ ପଟେଲ, ଜୀବଧନ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟରେ ଫାଇନାଲ ଖେଳ ଗଜଲକ୍ଷ୍ମୀ ୟୁଥ୍ କ୍ଲବ୍ ଏବଂ ଗମ୍ଭାରୀଡିହି ଫୁଟ୍‌ବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜଲକ୍ଷ୍ମୀ ୟୁଥକ୍ଲବ୍ ଚାମ୍ପିୟନ ଏବଂ ଗମ୍ଭାରୀଡିହି ଫୁଟ୍‌ବଲ ଦଳ ରନର୍ସ ଅପ୍ ହୋଇଥିଲା। ଆୟୋଜିତ କମିଟି ପକ୍ଷରୁ ଚାମ୍ପିୟନ ଦଳକୁ ନଅ ହଜାର ଟଙ୍କା ସମେତ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ସାତ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଥିଲା। ଗଜଲକ୍ଷ୍ମୀ ୟୁଥ୍ କ୍ଲବ୍‌ର ଖେଳାଳି ଦିବ୍ୟ ନାଏକଙ୍କୁ ଶ୍ରେଷ୍ଠ ଗୋଲକିପର ଏବଂ ବେଷ୍ଟ ସ୍କୋରର ଭାବେ ରୋଶନ ଲାକ୍ରାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ବେଷ୍ଟ ଡିଫେଣ୍ଡର ଭାବେ ଗମ୍ଭାରୀଡିହି ଫୁଟ୍‌ବଲ ଦଳର ଖେଳାଳି ଅଜୟ ଖଡିଆଙ୍କୁ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ରେଫରୀ ଭାବେ ଲକ୍ଷ୍ମଣ ସେଠ୍, କୁନୁ କୁମାର ନାଏକ, ହୃଦାନନ୍ଦ ଭୋଏ, ସଞ୍ଜୟ କିଷାନ ଖେଳ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ନୀଳମଣି ମଗର ଉଦ୍‌ଘୋଷକ ଭାବେ ପରିଚାଳନା କରିଥିଲେ। ଆୟୋଜିତ ଟୁର୍ନାମେଣ୍ଟକୁ ଗଜଲକ୍ଷ୍ମୀ ୟୁଥ୍ କ୍ଲବ୍‌ର ରାଜେଶ ସୋରେଙ୍ଗ, ଦୀପକ ମେହେର, ବୁଲୁନାଗବଂଶୀ, ଅଶୋକ ପ୍ରଧାନ, ରିତ ବେହେରା, କୁନା ପଟେଲ, ଗିରିଙ୍ଗକେଲା ମାଲିପଡାର କବିଚରଣ ପଟେଲ, ଦୁର୍ଯ୍ୟୋଧନ କଉଡି, ତ୍ରିନାଥ ଓରାମ, ମହାଦେବ ପଡାର ସଞ୍ଜୟ ମିଞ୍ଜ,ରାଜୀବ ଲାକ୍ରା ପ୍ରମୁଖ ଯୁବବନ୍ଧୁ ଗଣ ଆୟୋଜନ କରିଥିଲେ।



ଫାଇନାଲ ଖେଳରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କ ସହ ଆୟୋଜକ ଯୁବକ।

### ଅଠରଗଡ ଫୁଲମାଲୀ ସମାଜର ବାର୍ଷିକ ମହୋତ୍ସବ ଉଦ୍‌ଯାପିତ

# ସମାଜ ଗଠନରେ ଯୁବପଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଲେଫ୍ରିପଡା, ୨୭।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ୍ ଅନ୍ତର୍ଗତ ଅବନକେଲା ଠାରେ ଦୁଇ ଦିନ ଧରି ଚାଲିଥିବା ଅଠରଗଡ ଫୁଲମାଲୀ ସମାଜର ବାର୍ଷିକ ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଫୁଲମାଲୀ ସମାଜର ସୁନ୍ଦରଗଡ ମଣ୍ଡଳ ଉପସଭାପତି ରାଜୁ ପଟେଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଶାସନିକ ସେବାରେ କାର୍ଯ୍ୟରତ ରେଢାଖୋଲ ଉପଜିଲାପାଳ ଡୋଲାମଣୀ ପଟେଲ ଯୋଗଦେଇ ସମାଜ ଗଠନ ଦିଗରେ ଯୁବପିଢୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତାମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୁଲମାଲୀ ସମାଜର ଓଡିଶା ପ୍ରାନ୍ତର ସାହାଯ୍ୟକାରୀ ସଭାପତି ଟଙ୍କଧର ମାଝି, ଛତିଶଗଡ ରାଜ୍ୟର ସାରଙ୍ଗଗଡ ମଣ୍ଡଳର ଉପସଭାପତି ପାରସରାମ ପଟେଲ ଏବଂ ସମାଜର ସମ୍ପାଦକ କମଲ ପଟେଲ ପ୍ରମୁଖ ଯୋଗଦାନ କରି ସମାଜର ଏକତା ଦିଗରେ ଭିନ୍ନ ଭିନ୍ନ ଭାବେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜର ପୂର୍ବତନ ସାହାଯ୍ୟକାରୀ ସଭାପତି ରଘୁବୀର ପାଣ୍ଡେ, ସୁନ୍ଦରଗଡ ମଣ୍ଡଳ ଅଞ୍ଚଳାଧିକାରୀ ବନମାଳୀ ପଟେଲ, ଅନନ୍ତରାମ ପଟେଲ, ଗାଦୀ ସରପଞ୍ଚ ପବିତ୍ରମୋହନ ପଟେଲ, ସଂକୀର୍ତ୍ତନ ପଟେଲ, ରାମଜୀ ପଟେଲ, ଅଶୋକ ପଟେଲ, ଚୂଡାମଣି ପଟେଲ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ଛାତ୍ରୀଛାତ୍ର ଏବଂ ମହିଳା ମାନଙ୍କ ମଧ୍ୟରେ ସବ୍‌ଜୁନିୟର, ଜୁନିୟର, ସିନିୟର ଏବଂ ମୁକ୍ତ ଭାବେ ଭାଗ କରାଯାଇ ଡ୍ରଇଂ, ସାଧାରଣଜ୍ଞାନ, ଆମେ କେତେ ଦୁଷ୍ଟ, ପ୍ରବନ୍ଧ, ନୃତ୍ୟ, ଫୁଲତୋଡା ତିଆରି, ବଲପାସ୍, ଲକ୍ଷ୍ମୀ ପୁରାଣ ପଠନ, ଶ୍ରୀମତୀ କମ୍ ନୁହଁନ୍ତି, ଫେନସୀ ଡ୍ରେସ୍, ଗୀତ, ଅଙ୍କ ଦୌଡ, ଶଙ୍ଖବାଦନ, ରଙ୍ଗୋଲି, ଝୋଟି, ହୁଲହୁଲି, କଲେଜସ୍ତରୀୟ ବିତର୍କ ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀମାନଙ୍କୁ ସମାଜ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସମାଜର ବାର୍ଷିକ ମହୋତ୍ସବ ସକାଶେ ଆୟୋଜିତ ଲଟେରୀ ଉଠାଣ କରାଯାଇ ଭାଗ୍ୟଶାଳୀ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏଥିରେ ଅନନ୍ତ ରାମ ପାଣ୍ଡେ, ରାଧାରମଣ ପଟେଲ, ଲଳିତ ପଟେଲ, ଜଗନ୍ନାଥ ଠାକୁର, ଅହଲ୍ୟା ପଟେଲ, ଟଙ୍କଧର ପଟେଲ, ଫିରୋଜ କୁମାର ପଟେଲ, ଉଦିତ କୁମାର ପଟେଲ, ଗୌରବ ପାଣ୍ଡେ ପ୍ରମୁଖ ଯୁବବନ୍ଧୁ ଏବଂ ସମାଜର ଜାତିଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ ଜିଲା ସମେତ ଛତିଶଗଡ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟାରେ ମହିଳା ଏବଂ ପୁରୁଷ ଯୋଗଦାନ କରିଥିଲେ।



ସୁନ୍ଦରଗଡ଼ ରଙ୍ଗାଡିପା ଖେଳ ପଡିଆଠାରେ ଚାଲିଥିବା ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବର ୪ର୍ଥ ଦିବସ ଶୁକ୍ରବାର ଯୁବତୀମାନେ ଚିତ୍ର ଆଙ୍କୁଛନ୍ତି।



ଫୁଲମାଲୀ ସମାଜର ବାର୍ଷିକ ମହୋତ୍ସବ ଉଦ୍‌ଯାପନୀ ମୁହୂର୍ତ୍ତ।